

ବିସିସିଆଇ ଚୟନ କମିଟିରେ ସ୍ଥାନ ପାଇବେ ପ୍ରଜ୍ଞାନ ଓଝା

ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 154 | ଭାଗ ୩୩ | ସଂଖ୍ୟା ୧୫୪ Monday 25 August 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୨୫ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବିପଦସଂକେତ ଉପରେ ସୁବର୍ଣ୍ଣରେଖା, ବୈତରଣୀ

- ଅନେକ ଗାଁ ଜଳବନ୍ଦୀ, ଯମଯନ୍ତ୍ରଣା ଭୋଗୁଛନ୍ତି ଲୋକେ
- କୋଚିଲା, ଗେଙ୍ଗୁଟି ନଦୀରେ ବନ୍ୟା ଯୋଗୁଁ ବଢ଼ୁଛି ଦୁର୍ଦ୍ଦଶା
- ଶହଶହ ଏକର ଚାଷଜମି ପାଣିରେ ବୁଡ଼ି ରହିଛି
- ଘଳିଆରେ ବାଲିବସ୍ତା ପକାଇ ଚାଲିଛି ମରାମତି
- ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ
- ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତରେ ସ୍କୁଲ ଛୁଟି



ବାଲେଶ୍ୱର/ଭଦ୍ରକ, ୨୪।୮ (ସଂଚାର ବ୍ୟୁରୋ): ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା ଓ ବୈତରଣୀ ନଦୀର ଜଳ ସ୍ତର ବୃଦ୍ଧି ପାଇଛି। ରାଜଘାଟ ଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଂକେତ ୧୦.୩୬ ମିଟର ରହିଥିବା ବେଳେ ଆଜି ସକାଳ ୮ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୦.୬୨ ମିଟରରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖାର ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଚଳିତ ବର୍ଷ ସୁବର୍ଣ୍ଣରେଖାରେ ପଞ୍ଚମ ବନ୍ୟା ହୋଇଛି। ହୀରାକୁଦ ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇ ଜଳସ୍ତର ବଢ଼ିଛି। ସେପଟେ ଫୁଲୁଛି ବୈତରଣୀ। ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଆଖୁଆପଦା ଠାରେ ବିପଦ ସଂକେତ ଉପରେ ରହିଛି ବୈତରଣୀ ନଦୀର ଜଳସ୍ତର। ଏଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ଆଜି ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୮.୪୮ ମିଟରରେ ପ୍ରବାହିତ ହେଉଛି। ଅନ୍ୟପକ୍ଷରେ ନଦୀରେ ଜଳ ସ୍ତର ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବୈତରଣୀର ବନ୍ୟାଜଳ କଣ୍ଟିଘାଇ ନିକଟରେ ପ୍ରବାହିତ ହୋଇ ଧାମନଗରର ତଳିଆ ➪ପୃଷ୍ଠା-୬



## ଆଇଏଡିଡବ୍ଲ୍ୟୁଏସ୍‌ର ପ୍ରଥମ ପରୀକ୍ଷଣ ସଫଳ

- ଏକକାଳୀନ ୩ ଲକ୍ଷ୍ୟଭେଦ
- ତ୍ରିସ୍ତରୀୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପଲବ୍ଧ
- ବଧେଇ ଜଣାଇଲେ ପ୍ରତିରକ୍ଷା ମନ୍ତ୍ରୀ

ବାଲେଶ୍ୱର,୨୪।୮(ସଂଚାର ବ୍ୟୁରୋ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ସମନ୍ୱିତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀ (ଆଇଏଡିଡବ୍ଲୁଏସ)ର ପ୍ରଥମ ସଫଳ ପରୀକ୍ଷଣ ସମ୍ପନ୍ନ କରିଛି। ଓଡ଼ିଶା ଉପକୂଳରୁ ଶନିବାର ଅପରାହ୍ନ ସାଢ଼େ ୧୨ଟାରେ ଏହି ପରୀକ୍ଷଣ କରାଯାଇଥିଲା। ଏହା ଏକ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଯେଉଁଥିରେ ସମସ୍ତ ସ୍ୱଦେଶୀ ତ୍ୱରିତ ମୁକାବିଲା କ୍ଷମତାସମ୍ପନ୍ନ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛି। ଏହାଛଡ଼ା ଏଥିରେ ଉନ୍ନତ ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସଏଚଓଆରଏଡିଏସ) ➪ପୃଷ୍ଠା-୬

## ହୀରାକୁଦର ୮ ଗେଟ୍ ଖୋଲା



ସମ୍ବଲପୁର: ହୀରାକୁଦ ଡ୍ୟାମ୍‌ର ଜଳସ୍ତର ବଢ଼ିବାରେ ଲାଗିଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୫ ତାରିଖ ଦିନ ଉପର ମୁଣ୍ଡରେ ପୁଣି ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯିବା ପରେ ଶନିବାର ଦୁଇଟି ପର୍ଯ୍ୟାୟରେ ୮ଟି ଗେଟ୍ ଖୋଲାଯାଇଛି। ସେଥିରୁ ବାମ ପାର୍ଶ୍ୱରେ ୫ଟି ଗେଟ୍ ଓ ଡାହାଣ ପାର୍ଶ୍ୱର ୩ଟି ଗେଟ୍ ଖୋଲାଯାଇଛି। ଆଜି ପୂର୍ବାହ୍ଣରେ ୪ଟି ଗେଟ୍ ଖୋଲାଯାଇଥିଲା। ➪ପୃଷ୍ଠା-୬

## ଜାମୁଗଛ ଧରି ବଞ୍ଚିଗଲେ ଯୁବକ

ସୁବର୍ଣ୍ଣପୁର: ସାନକିରାଶିରା ନିକଟସ୍ଥ ସୁରୁବାଲି ଯୋରରେ ଜଣେ ଯୁବକ ଗାଧୋଇବାକୁ ଯାଇଥିବା ବେଳେ ଅଚାନକ ବନ୍ୟା ପାଣି ମାଡି ଆସିଥିଲା। ନଦୀର ଭୟଙ୍କର ସ୍ରୋତ ଭିତରେ ଯୁବକଙ୍କ ଜୀବନ ଦେଲା ଜାମୁଗଛ। ନଦୀ ଭିତରେ ଜାମୁଗଛ ଧରି ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଥିବା ଜଣେ ଯୁବକଙ୍କୁ ଉଦ୍ଧାର କରି କୂଳକୁ ଆଣିଛନ୍ତି ଅଗ୍ନିଶମ ବାହିନୀର କର୍ମଚାରୀମାନେ। ଏଭଳି ଏକ ଘଟଣା ଆଜି ସୁବର୍ଣ୍ଣପୁର ଜିଲ୍ଲା ସଂଗ୍ରାମପୁର ପଞ୍ଚାୟତ ଅନ୍ତର୍ଗତ ସାନକିରାଶିରା ନିକଟସ୍ଥ ➪ପୃଷ୍ଠା-୬

### ବଢୁଛି ବାଲି ମାଫିଆଙ୍କ ଉତ୍ପାତ

## ପୁଲିସ୍ କର୍ମୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ

କଟକ,୨୪।୮(ସଂଚାର ବ୍ୟୁରୋ): ଦିନକୁ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବାଲି ମାଫିଆଙ୍କ ଉତ୍ପାତ ବଢ଼ିଚାଲିଛି। ଲାଭଖୋର ମନୋବୃତ୍ତି ଏହି ମାଫିଆମାନଙ୍କୁ ଏତେଦୂର କବଳିତ କରିଛି ଯେ ସେମାନେ ଆଇନକାନୁନ୍‌କୁ ତ ଡରୁନାହାନ୍ତି, ବରଂ ସେମାନଙ୍କୁ ରୋକିବାକୁ ଉଦ୍ୟମ କରୁଥିବା ସରକାରୀ ଅଧିକାରୀ କି

### ଅଳ୍ପକେ ବର୍ତ୍ତିଲେ, ଅନ୍ୟ କେତେକ ଆହତ
### ଟ୍ରାକ୍ଟର ଜବତ, ଚାଳକ ଫେରାର୍

କର୍ମଚାରୀଙ୍କୁ ବି ଖାତିର୍ କରୁନାହାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ବେଶ୍ ସହଜରେ ବାଲି ମିଳିଯାଉଥିବାରୁ ମାଫିଆମାନେ ଏହା ମାଧ୍ୟମରେ ବେଶ୍ ମୋଟା ଅଙ୍କର ଲାଭ ଅର୍ଜନ କରୁଛନ୍ତି। ତେଣୁ ଏହି ଟଙ୍କା ଲୋଭରେ ସେମାନେ ଏକରକମ ଅନ୍ଧ ପାଲଟିଯାଇଛନ୍ତି ବୋଲି କହିଲେ ଚଳେ। ଏପରି ସ୍ଥିତିରେ ଆଜି କଟକ ଜିଲ୍ଲାରେ ଏପରି ➪ପୃଷ୍ଠା-୬

# ମୁକ୍ତିକାନ୍ତଙ୍କ ନୂଆ କେଳେଙ୍କାରୀ



- ରାତି ଅଧରେ ଅଫିସରଙ୍କୁ ଧମକ ଦିଅନ୍ତି
- ଖୁବ୍‌ଶୀଘ୍ର ସଂଘରେ ଅଭିଯୋଗ କରିବେ ଇଞ୍ଜିନିୟର

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ବିଜେପିର କୁଜି ନେତା ମୁକ୍ତିକାନ୍ତ ମହାପାତ୍ରଙ୍କ ନୂଆ କେଳେଙ୍କାରୀ ସାମ୍ନାକୁ ଆସିଛି। ରାତି ଅଧରେ ନିଶା ଖାଇ ଇଞ୍ଜିନିୟରଙ୍କୁ ଧମକ ଦିଅନ୍ତି। ଏକଥା ଆମେ କହୁନୁ, ଖୋଦ ଜଣେ ଇଞ୍ଜିନିୟର ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଖୁବଶୀଘ୍ର ସଂଘରେ ମଧ୍ୟ ଏନେଇ ଅଭିଯୋଗ କରିବେ ବୋଲି ମଧ୍ୟ ସମ୍ପୃକ୍ତ ଇଞ୍ଜିନିୟର କହିଛନ୍ତି।

ରାଜ୍ୟ ବିଜେପିର କୁଜି ନେତା ମୁକ୍ତିକାନ୍ତ ଖାଲି ସାମ୍ବାଦିକଙ୍କୁ ଧମକ ଦେଉନାହାନ୍ତି। ଇଞ୍ଜିନିୟରଙ୍କୁ ବି ନାଲିଆଖି ଦେଖାଇବାକୁ ପଛାଉନାହାନ୍ତି। ମୁକ୍ତିକାନ୍ତ ଓପିଟିସିଏଲ ଓ ଜନସ୍ୱାସ୍ଥ୍ୟ ବିଭାଗରେ ଠିକାଦାରୀ କରନ୍ତି। କିନ୍ତୁ କୋଉଠି ବି ତାଙ୍କର କ୍ରିଡେନସିଆଲ ଭଲ ନାହିଁ। ଯୋଗ୍ୟତା ଭିତ୍ତିରେ କାମ ପାଇବାକୁ ସେ ହକଦାର ନୁହନ୍ତି। କିନ୍ତୁ ସରକାର ବଦଳିଯିବା ପରେ ବାରବୁଲା ପରି ବିଧାୟକ ଓ ନେତାଙ୍କ ଘର ବୁଲି ବୁଲି ଯନ୍ତ୍ରୀଙ୍କୁ ଫୋନ୍ କରାଇବାରେ ବ୍ୟସ୍ତ। ଏମିତି ବିଧାୟକ ଓ ମନ୍ତ୍ରୀଙ୍କ ଘର ବୁଲିବା ବେଳେ ବହୁ ସ୍ଥାନରେ ସେ ଅପମାନିତ ବି ହେଉଛନ୍ତି। ଅଧିକାଂଶ ସ୍ଥାନରେ ନେତାମାନେ ତାଙ୍କୁ ଚିହ୍ନି ନ ପାରି ଘଉଡ଼ାଇଦେଉଛନ୍ତି। କିନ୍ତୁ ଅଲାଜୁକଙ୍କ ପରି ଦୁଆର ଛାଡ଼ି ଆସୁନାହାନ୍ତି। କାଳେ କୋଉ ଯନ୍ତ୍ରୀ ଆସିଲେ କାମ ହୋଇଯିବ ବୋଲି ଆଶା କରି ଗଳାଧକା ଖାଇବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ମୁକ୍ତିକାନ୍ତ।

ବାବୁଙ୍କ କାରନାମା ଜଣାଥିବାରୁ ବହୁ ସ୍ଥାନରେ ଡିଭିଜନଗୁଡ଼ିକରେ ଯନ୍ତ୍ରୀମାନେ ଦେଖା ବି ଦିଅନ୍ତିନି। ଯେଉଁଠି ଯନ୍ତ୍ରୀଙ୍କଠୁ କାମ ମିଳୁନି, ସେଠି ରାତିରେ ମୁକ୍ତିକାନ୍ତ ଆରମ୍ଭ କରିଦିଅନ୍ତି ଧମକଚମକ। ରାତି ୯ଟା ପରେ ନିଶା ଖାଇ ଯନ୍ତ୍ରୀଙ୍କୁ ଆରମ୍ଭ କରିଦିଅନ୍ତି ଭାଷା ଅଭାଷାରେ ଗାଳି କରିବା ସହ ବଦଳି ଧମକ। ମନ୍ତ୍ରୀ, ରାଜ୍ୟ ସଭାପତି ଏପରିକି ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଧମକାଉଛନ୍ତି ଏହି କରିତକର୍ମା କୁଜି ନେତା ଜଣଙ୍କ। ଦୁଇ ତିନି ଜଣ ଯନ୍ତ୍ରୀ ତାଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇଗଲେଣି।

ସେମାନଙ୍କ ମଧ୍ୟରୁ ଜଣେ ଯନ୍ତ୍ରୀ ନିଜ ନାମ ଗୋପନ ରଖି ଏଭଳି ସାଂଘାତିକ ➪ପୃଷ୍ଠା-୬

### ୬୪ତମ ପ୍ରତିଷ୍ଠା ଦିବସରେ କୃଷି ମନ୍ତ୍ରୀଙ୍କ ଘୋଷଣା

## ଖୁବ୍‌ଶୀଘ୍ର ସମ୍ବଲପୁରରେ ଓୟୁଏଟି କ୍ୟାମ୍ପସ୍




- ମୟୂରଭଞ୍ଜ ଓ ବ୍ରହ୍ମପୁରରେ କୃଷି ମହାବିଦ୍ୟାଳୟ
- ସୋନପୁରରେ ମତ୍ସ୍ୟ ଓ ପଶୁସମ୍ପଦ ମହାବିଦ୍ୟାଳୟ ଖୋଲିବ
- ଦେଶରେ କୃଷି ବୃତ୍ତି ନୁହେଁ, ସଂସ୍କୃତିର ଅଂଶ: ରାଜ୍ୟପାଳ

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଆଜି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିବା ବେଳେ ଏହାର ଏକ କ୍ୟାମ୍ପସ୍ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁରରେ ପ୍ରତିଷ୍ଠା ହେବ। ଏନେଇ ଆଜି ଉକ୍ତ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଇ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି କ୍ୟାମ୍ପସ୍ ସକାଶେ ➪ପୃଷ୍ଠା-୬

# ଟାଟା ପାୱାରର ମାନମାନୀ ଆଉ କେତେଦିନ ?

### ଷ୍ଟାଣ୍ଡିଂ କମିଟି ବୈଠକରେ ଶାସକ-ବିରୋଧୀ ସ୍ୱର ଏକ




ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଗତ ବିଜେଡି ସରକାର କେଉଁ ଅଜଣା ସ୍ୱାର୍ଥରେ ଟାଟା ପାୱାରକୁ ବିଜୁଳି ବିତରଣ ଦାୟିତ୍ୱ ଦେଲେ ତାହା ଏବେବି ଏକ ବଡ଼ ରହସ୍ୟ। ସେତେବେଳର ସରକାର କେଉଁ ସ୍ୱାର୍ଥରେ ଗ୍ରୀଡ୍‌କୋର ୫୧ ପ୍ରତିଶତ ସେୟାର ଟାଟା ପାୱାରକୁ ହସ୍ତାନ୍ତର କରାଯାଇଥିଲା ତାହା ଏବେବି ଏକ ବଡ଼ ପ୍ରଶ୍ନବାଚୀ। ତେବେ ଟାଟା ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରେ ସାଧାରଣ ଖାଉଟି କିଛିଟା ଲାଭ ପାଇବା ପରିବର୍ତ୍ତେ ବରଂ ଅଧିକ ଠକାମିର ଶିକାର ହେଉଛନ୍ତି। କେତେବେଳେ ସ୍ମାର୍ଟମିଟର ନାଁରେ ଖାଉଟିଙ୍କୁ ଶୋଷଣ କରାଯାଉଛି ତ ଆଉ କେତେବେଳେ ବିଦ୍ୟୁତ ବିଲରେ। ସ୍ମାର୍ଟମିଟର ପରେ ରାଜ୍ୟର ୯୫ ପ୍ରତିଶତ ଖାଉଟିଙ୍କ ବିଦ୍ୟୁତ ଉପଯୋଗ ବଢ଼ିନଥିଲେ ବି ଆଶାନୁପାତରେ ବେଶ୍ ମୋଟା ଅଙ୍କର ବିଲ୍ ଆସୁଛି। ଆଉ ସବୁଠୁ ଉଦ୍‌ବେଗର କଥା ହେଉଛି ଯେ ଅଭିଯୋଗ କଲେ ବି କମ୍ପାନୀବାଲା ଲାଇନ କାଟିଦେବାର ନାଲିଆଖି ଦେଖାଉଛନ୍ତି।

ଟାଟା ପାୱାର ୪ଟିଯାକ କମ୍ପାନୀ ବିରୋଧରେ ଏମିତି ମାଳ ମାଳ ଅଭିଯୋଗ। କିନ୍ତୁ ଅଭିଯୋଗ ଆସିଲେ ବି ଶୁଣିବାକୁ କେହି ନାହାନ୍ତି। ସରକାରରେ ଯାହାକୁ ଖାଉଟି ଫେରାଦ ହେଉଛନ୍ତି ସେ ଓଲଟି ଟାଟାର ତରଫଦାରୀ କରୁଛନ୍ତି। ନିକଟରେ ଶକ୍ତି ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ମଧ୍ୟ ବିଧାୟକମାନେ ଏନେଇ ଅସନ୍ତୋଷ ଝାଡ଼ିଛନ୍ତି। କମିଟିର ପରବର୍ତ୍ତୀ ବୈଠକକୁ ଟାଟା କମ୍ପାନୀ ଅଧିକାରୀଙ୍କୁ ଡାକିବାକୁ ବି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି। ଖୋଦ ଶାସକ ଦଳର ବିଧାୟକମାନେ ମଧ୍ୟ ଟାଟାର ମାନମାନୀକୁ ନେଇ ଚିନ୍ତିତ। ବିଜେଡି ସରକାରରେ ଟାଟା ହାତକୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଟେକି ଦିଆଯାଇଥିଲେ ବି ବିରୋଧୀ ଦଳ ବିଧାୟକମାନେ ମଧ୍ୟ ଟାଟା ପାୱାରର ଦାଦାଗିରି ଆଗରେ ହାର ମାନିସାରିଲେଣି। ତେଣୁ ସେମାନେ ବି ଟାଟା ହାତରୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ କାଢ଼ି ଆଣିବାକୁ ଦାବି କରୁଛନ୍ତି। ସରକାର ଏନେଇ ବିକଳ୍ପ ଚିନ୍ତା କରିବାକୁ ଦଳମତ ନିର୍ବିଶେଷରେ ଦାବି ହୋଇଥିବା ଜଣାପଡ଼ିଛି।

### ହାଇକୋର୍ଟରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଫି' ବୃଦ୍ଧି ମାମଲା

## ଓଜେଇଇ ସେଲ୍ ଓ ଡିଏମ୍‌ଇଟି ନିର୍ଦ୍ଦେଶକଙ୍କୁ ନୋଟିସ

କଟକ,୨୪।୮(ସଂଚାର ବ୍ୟୁରୋ): ରାଜ୍ୟର ଏକ ଘରୋଇ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଫି' ବୃଦ୍ଧି ନେଇ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ବିଚାରାଧୀନ ରହିଛି। ଏହି ମାମଲାର ଶୁଣାଣି କରି ଆଜି ହାଇକୋର୍ଟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା (ଏସ୍‌ଡିଟିଇ) ବିଭାଗର ଓଜେଇଇ ସେଲ୍ ଏବଂ ଡାକ୍ତରୀ ଶିକ୍ଷା ଓ ତାଲିମ (ଡିଏମ୍‌ଇଟି) ନିର୍ଦ୍ଦେଶକଙ୍କୁ



ନୋଟିସ୍ ଜାରି କରିଛନ୍ତି। ଭୁବନେଶ୍ୱର ଓ ରାଉରକେଲାର ହାଇ-ଟେକ୍ ଗ୍ରୁପ୍ କଲେଜରେ ଓଜେଇଇ ର୍‍ୟାଙ୍କ ଆଧାରରେ ପ୍ରବେଶ କରିବାକୁ ଚାହୁଁଥିବା ପ୍ରାର୍ଥୀମାନେ ଗତ ୧୬ ତାରିଖରେ ବର୍ଦ୍ଧିତ ଫି' ଘୋଷଣାକୁ ବିରୋଧ କରିଥିଲେ। ଏନେଇ ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ହଠାତ୍ ଫି' ବୃଦ୍ଧି ଆର୍ଥିକ ସମସ୍ୟାର କାରଣ ହୋଇଛି ବୋଲି ଯୁକ୍ତି ଦର୍ଶାଇବା ସହ ଏହାକୁ ଅନ୍ୟାୟ ବୋଲି କହିଛନ୍ତି। ମାମଲାର ବିଚାର କରୁଥିବା ➪ପୃଷ୍ଠା-୬

### ପୁଣି ବଲାଙ୍ଗୀରରେ କୁକୁର ଆତଙ୍କ

## ଆକ୍ରମଣରେ ୩ ଗୁରୁତର



ଦୁଇ ସପ୍ତାହ ତଳେ ଯାଇଛି ୨ ଜୀବନ

ବଲାଙ୍ଗୀର,୨୪।୮(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲାରେ ପୁଣିଥରେ କୁକୁର ଆତଙ୍କ ଖେଳିଯାଇଛି। ଗତ ମାସରେ ବୁଲା କୁକୁରଙ୍କ କାମୁଡ଼ାରେ ୨ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଥିବା ବେଳେଚଳିତ ମାସର ୯ ତାରିଖରେ ମୃତ୍ୟୁବରଣ କରିଥିବା ବେଳେ ୪ରୁ ଊର୍ଦ୍ଧ୍ୱ ଲୋକ ଆହତ ମଧ୍ୟ ହୋଇଥିଲେ। ବୁଲା କୁକୁରଙ୍କ ଦୌରାତ୍ମ୍ୟ ନେଇ ନିକଟରେ ସୁପ୍ରିମ୍‌କୋର୍ଟ ମଧ୍ୟ ଏକାଧିକ ରାୟ ଦେଇଛନ୍ତି। ଯଦିଓ ପଶୁପ୍ରେମୀମାନେ ଏପରି ରାୟକୁ ବିରୋଧ କରିଛନ୍ତି, କିନ୍ତୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ବୁଲା କୁକୁରଙ୍କ ଆତଙ୍କ ସାଧାରଣ ଜନତା ପାଇଁ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏପରି ସ୍ଥିତିରେ ଆଜି ବଲାଙ୍ଗିରରେ କୁକୁର କାମୁଡ଼ାରେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ଏକ ପାଗଳା କୁକୁର କୁକୁର ଆକ୍ରମଣ କରିବା ଫଳରେ ସେମାନେ ଏବେ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇ ଜଣ ତୁଷୁରା ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସ ୨୩ ତାରିଖରେ ତୁଷୁରା ନିକଟସ୍ଥ ଚିଞ୍ଚେଡ ଗାଁରେ ପାଗଳା କୁକୁର କାମୁଡ଼ାରେ ଜାତୀୟ ସ୍ତରର ପାରା ଆଥଲେଟ୍ ଯୋଗେନ୍ଦ୍ର ଛତ୍ରିଆ ଓ ଋଷିକେଶ ରଣା ଗୁରୁତର ଭାବେ ଆହତ ହୋଇଥିଲେ। ପରେ ଗତ ୯ ତାରିଖରେ ସେମାନଙ୍କ ଜୀବନ ➪ପୃଷ୍ଠା-୬



### କାନ ଡେରିଆ

ପାଣ୍ଡିଆନ ସିନା ତାମିଲ ଲୋକଟା
ସୁଜାତା ତ ଓଡ଼ିଶାର
ଓଡ଼ିଆ ଅସ୍ମିତା ଆଉ କହିବେନି
କରିଦେବେ ଏବେ ଖେଳ
ଏବେ ତାଙ୍କ ହାତେ ଦଳ...
ମହିଳାଙ୍କୁ ସିଏ ପରଖି ପରଖି
କରିଦେବେ ସବୁ ଖୋଳ ।

■ ଦେବାଶିଷ

# ପୂଜା ପରେ ତିନି ଦଳର ନବକଳେବର



- କର୍ମୀ ଦେଖିବେ ନୂଆ ନେତା
- ଏବେଠାରୁ ଚାଲିଲାଣି ଲବି

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଦଶହରା ପରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସର ନବକଳେବର ହେବ। ତିନି ଦଳର କର୍ମୀମାନେ ଅନେକ ନୂଆ ନେତାଙ୍କୁ ଦେଖିବେ। ଏଥିପାଇଁ ଏବେଠାରୁ କସରତ ଆରମ୍ଭ ହୋଇଥିବାବେଳେ ପଦପଦବୀ ପାଇବା ପାଇଁ ଲବି ବି ଆରମ୍ଭ ହୋଇଗଲାଣି।

କ୍ଷମତାସୀନ ବିଜେପିରେ ରାଜ୍ୟ ସଭାପତି ନିଯୁକ୍ତି ସରିଛି। ସମସ୍ତଙ୍କ ନଜର ଏବେ ମନ୍ତ୍ରିମଣ୍ଡଳ ଅଦଳ ବଦଳ ସହିତ ନିଗମ ବୋର୍ଡ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାରେ ନିଯୁକ୍ତି ଉପରେ। ଇତିମଧ୍ୟରେ ବିଧାନସଭା ଅଧିବେଶନ ଘୋଷଣା ହୋଇସାରିଥିବାରୁ ଏହା ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଆଶା କ୍ଷୀଣ। ସେହିଭଳି ନିଗମ ଓ ବୋର୍ଡ ନିଯୁକ୍ତି ପଦ୍ମ ବି ଘୁଞ୍ଚି ଘୁଞ୍ଚି ଯାଉଥିବାରୁ ତାହା ମଧ୍ୟ ପୂଜା ପରକୁ ରହିପାରେ ବୋଲି ଦଳୀୟ ମହଲରେ ଆଲୋଚନା ଚାଲିଛି। ଆହୁରି ଦଳର ସାଂଗଠନିକ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ବି ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ତେଣୁ ପୂଜା ପରେ ସରକାର ଓ ଦଳରେ ବଡ଼ ଧରଣର ପରିବର୍ତ୍ତନ ହେବ ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି।

ଅନୁରୂପ ଭାବେ ମୁଖ୍ୟ ବିରୋଧିଦଳ ବିଜେଡିର ତିନି ଛାମୁଆ ସଂଗଠନ ଯୁବ, ମହିଳା ଓ ଛାତ୍ରଙ୍କ ନୂଆ ମୁଖିଆ ନିଯୁକ୍ତି ଦୀର୍ଘଦିନ ହେଲା ଝୁଲି ରହିଛି। ଏଥିସହିତ ଦଳ ଏପର୍ଯ୍ୟନ୍ତ କିଛି ଜିଲ୍ଲା ସଭାପତି ଚୟନ ଚୂଡ଼ାନ୍ତ କରିପାରୁନାହିଁ। ଏବେ ବି ୫ଟି ସାଂଗଠନିକ ଜିଲ୍ଲା ନୂଆ ସଭାପତି ପାଇବା ଅପେକ୍ଷାରେ ରହିଛନ୍ତି। ଏଥସହିତ ନବୀନଙ୍କ ଅସୁସ୍ଥତା ମଧ୍ୟ ଅନ୍ୟଏକ କାରଣ ପାଲଟିଛି। ଅନ୍ୟ ଜଣେ କେହି ଦଳ କାର୍ଯ୍ୟ ସମ୍ଭାଳିବା ନେଇ ଚର୍ଚ୍ଚା ବି ଜୋର ଧରିଛି। ନବୀନ ଯଦିଓ ଦଳର ମୁଖ୍ୟ ରହିବେ, କିନ୍ତୁ ସବୁ ବଡ଼ ନିଷ୍ପତ୍ତି ନେବା ପାଇଁ ଦଳରେ ନୂତନ ପଦପଦବୀ ସୃଷ୍ଟି ହୋଇପାରେ। ଯେହେତୁ ସମସ୍ତ ଜିଲ୍ଲା ସଭାପତି ଓ ଛାମୁଆ ସଂଗଠନ ମୁଖ୍ୟ ବଛା ହୋଇନାହାନ୍ତି, ତେଣୁ ନୂଆ ପଦପଦବୀ ଘୋଷଣା ଏତେ ସହଜ ହେଉନାହିଁ। ପୂଜାର ଅବ୍ୟବହିତ ପୂର୍ବରୁ କିମ୍ବା ପରେ ପରେ ଦଳରେ ବଡ଼ ଧରଣର ହଲଚଲ ହୋଇପାରେ ବୋଲି କର୍ମୀ ମହଲରେ ଆକଳନ ଚାଲିଛି।

କଂଗ୍ରେସ ଦଳରେ ମଧ୍ୟ ସମାନ ସ୍ଥିତି। ଯଦିଓ ଦଳରେ ସଭାପତି ଚୟନ ଦୀର୍ଘଦିନ ହେଲା ସରିଛି, କିନ୍ତୁ ଜିଲ୍ଲା ଓ ବ୍ଲକ ସ୍ତରରେ ନେତା ତାଲିକା ଚୂଡ଼ାନ୍ତ ହୋଇପାରୁନାହିଁ। ରାଜ୍ୟ ସ୍ତରରେ ମଧ୍ୟ ବିଭିନ୍ନ ଶାଖାର ପଦପଦବୀ ଖାଲି ପଡ଼ିଛି। ଯେଉଁମାନେ ପୂର୍ବରୁ ରହିଛନ୍ତି, ସେମାନଙ୍କୁ ପରବର୍ତ୍ତନ ପାଇଁ ଦଳ ସଭାପତି ବିଚାରୁଛନ୍ତି। କାରଣ ନୂଆ ନିଯୁକ୍ତି ନଦେଲେ ଦଳକୁ ଆଗକୁ ନେବା ସମ୍ଭବପର ହେବନାହିଁ ବୋଲି ଆଲୋଚନା ଜୋର ଧରିଛି। ସେହିଭଳି କଂଗ୍ରେସ ଏବେ ବି ତା'ର ପୁରୁଣା ନେତାଙ୍କୁ ଅପେକ୍ଷା କରିଛନ୍ତି। ବିଭିନ୍ନ ଦଳରେ ଓ ରାଜନୀତିରେ ସୁପ୍ତ ଅବସ୍ଥାରେ ଥିବା ନେତାଙ୍କ ସହ ଦଳ ଯୋଗାଯୋଗ କରୁଥିବାରୁ ସେମାନଙ୍କ ମଧ୍ୟରୁ କେତେକ ପୂଜା ପରେ ଫେରିବେ ବୋଲି ସୂଚନା ଦେଇଛନ୍ତି। ତେଣୁ ଦଳ ପକ୍ଷରୁ ସେମାନଙ୍କୁ ଅପେକ୍ଷା କରାଯାଇଛି। ନୂତନ କର୍ମକର୍ତ୍ତା ନିର୍ବାଚନ ସମୟରେ ସେମାନଙ୍କୁ ଅଣଦେଖା କରାଯାଇପାରିବ ➪ପୃଷ୍ଠା-୬

## ନନ୍ଦନକାନନରେ ଧଳା ବାଘ ଛୁଆର ମୃତ୍ୟୁ

- ଜୁନ୍ ୧୧ରୁ ଚିକିତ୍ସାଧୀନ ଥିଲା
- ୨୮କୁ ଖସିଲା ସଂଖ୍ୟା



ବାରଙ୍ଗ, ୨୪।୮ (ସଂଚାର ବ୍ୟୁରୋ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଜି ଧଳା ବାଘୁଣୀ 'ମୌସୁମୀ'ର ଏକ ଅଢେଇ ମାସର ଅଣ୍ଡିରା ଧଳା ଶାବକର ମୃତ୍ୟୁ ହୋଇଛି। ଗତ ଜୁନ ୭ ତାରିଖରେ ଜନ୍ମ ହୋଇଥିବା ଏହି ଶାବକଟି ଗତ ଜୁନ୍ ୧୧ ତାରିଖରେ ଅସୁସ୍ଥ ହୋଇପଡ଼ିଥିଲା। ଶିଶୁ ଯତ୍ନ ଗୃହରେ ପ୍ରାଣୀ ଚିକିତ୍ସକଙ୍କ ଅଧୀନରେ ତା'ର ଚିକିତ୍ସା ଚାଲିଥିଲା। ତେବେ ଶନିବାର ସକାଳେ ତା'ର ହଠାତ ମୃତ୍ୟୁ ହୋଇଥିବା ନେଇ ଆଜି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି। ଫଳସ୍ୱରୂପ ଏବେ ପ୍ରାଣୀ ଉଦ୍ୟାନରେ ମୋଟ ବାଘ ସଂଖ୍ୟା ➪ପୃଷ୍ଠା-୬

## ପିକଅପ ଭ୍ୟାନ୍ ଧକ୍କାରେ ଅଟୋଚାଳକ ଗୁରୁତର



ଆଳି, ୨୪।୮ (ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ମାନପୁର ସେତୁ ଉପରେ ଭୂଇଁପୁରର ଅଟୋଚାଳକ ଗୋକୁଳା ନନ୍ଦ ମଳିକ ନିଜର ଅଟୋ ପ୍ରେସର ଚେକ କରୁଥିବା ବେଳେ ତାଙ୍କୁ ଏକ ମହିନ୍ଦ୍ରା ପିକଅପ ଭ୍ୟାନ ଜୋରରେ ଧକ୍କାଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ କିଛି ବାଟରେ ଗାଡ଼ିଟି ଭାରସ୍ୟମ ହରାଇ ଗଛରେ ବାଡେଇ ଦେବାରୁ ଲୋକେ ପିକଅପ ଭ୍ୟାନ ଚାଳକ କୁ କାବୁ କରି ଥାନାରେ ଜୀମା ଦେଇଥିଲେ। ଅନ୍ୟପଟେ ଗୋକୁଳ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ଆଜି ଅପରାହ୍ନରେ ଭୂଇଁପୁରର ଗୋକୁଳାନନ୍ଦ ମଳିକ (୫୮)ମାନପୁର ସେତୁ ଉପରେ ଅଟୋ ସାଇଡ କରି ଅଟୋର ପ୍ରେସର ଚେକ କରୁଥିଲେ । ଏହି ସମୟରେ ଆଳି ପଟରୁ ଗୋବିନ୍ଦପୁର ଆଡ଼କୁ କ୍ଷିପ୍ର ଗତିରେ ଯାଉଥିବା ମହିନ୍ଦ୍ରା ପିକଅପ (ଓଡି-୦୨ଓସି୧୫୫୫) ଗାଡିଟି ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢି ଯାଇଥିଲା। ପିକଅପ ଭ୍ୟାନଟି ସେଠାରେ ଥିବା ଦୁଇଟି କୁକୁର ଓ ଏକ ଷଣ୍ଢକୁ ମଧ ଧକ୍କା ଦେଇ ଘଟଣା ସ୍ଥଳରୁ ପଳାଇ ଯାଇଥିଲା। ଗୋକୁଳଙ୍କ ଦୁଇ ଗୋଡ଼, ଅଣ୍ଟା ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।ଏ ନେଇ ଅଭିରାମ ମଳିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ମହିଳାଙ୍କୁ କନଷ୍ଟେବଲଙ୍କ ପ୍ରେମ ନିବେଦନ

## ଏସ୍‌ପିଙ୍କୁ ଅଭିଯୋଗ କଲେ ପୀଡ଼ିତା



କେନ୍ଦ୍ରାପଡ଼ା, ୨୪।୮ (ସଂଚାର ବ୍ୟୁରୋ): ମୁଁ ପ୍ରେମ କାଙ୍ଗାଳ ମୋତେ ପ୍ରେମ ଦରକାର । ମୁଁ ପୁଲିସ୍ ଚାକିରି କରିଛି, ଲକ୍ଷେ ଟଙ୍କା ଦରମା ମଧ ପାଉଛି। ହେଲେ ମନରେ ଟିକିଏ ଶାନ୍ତି ନାହିଁ । ଜୀବନଟା ଖାଁ ଖାଁ ଲାଗୁଛି। ମୋର ମନ ଡୁଟିଗଲାଣି। ଆଜି ଚାଲ ଟିକେ କେଉଁଆଡ଼େ ଯିବା। ତୁମର ଯାହା ଦରକାର ମୁଁ ଦେବି। ଚିକେନ, ମଟନ୍, ଚିଙ୍ଗୁଡ଼ି, ଅଣ୍ଡା ଭୁଜିଆ-କ'ଣ ଖାଇବ କୁହ । ଯାହା କହିବ ସେୟା ଦେବି। ତୋତେ ଆଜି ଟିକେ ଦେଖିବି । ଏଭଳି ଢଙ୍ଗରେ ମହିଳାଙ୍କୁ ପ୍ରେମ ନିବେଦନ କରି ଅଡୁଆରେ ପଡ଼ିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ରଙ୍ଗିଲା ପୁଲିସ କନଷ୍ଟେବଲ। ଏହି ଅଡିଓ ସଂଳାପ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ମଧ ଅଭିଯୋଗ ନେଇ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ପାଖରେ ପହଞ୍ଚିଛନ୍ତି। ରସିକିଆ କନେଷ୍ଟବଲଙ୍କ ଯୌନ ନିର୍ଯାତନା, ବ୍ଲାକ୍‌ମେଲ୍ ଓ ଅତ୍ୟାଚାର ବାବଦରେ ଗୋଟି ଗୋଟି କରି କହିଛନ୍ତି। ସମ୍ପୃକ୍ତ କନେଷ୍ଟବଳ ଏବେ କୁଦାନଗରୀ ଥାନାରେ କାମ କରୁଛନ୍ତି। ପୀଡ଼ିତା ମହିଳା ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କୁଦାନଗରୀ ଥାନାରେ ନିଯୁକ୍ତ କନଷ୍ଟେବଳ ଅପରାଜେୟ ସାହୁ (ଛଦ୍ମନାମ) ତାଙ୍କୁ ବାରମ୍ବାର ଫୋନ୍‌ରେ ପ୍ରେମ ନିବେଦନ କରୁଛନ୍ତି। ବଦଳରେ ଅର୍ଥ ଲାଳସା ମଧ ଦେଖାଉଛନ୍ତି। ଏଥିରେ ଅରାଜି ହେଲେ ଜୀବନରେ ମାରି ଦେବାକୁ ଧମକ ଦେଉଛନ୍ତି। ଏଥିସହ ତାଙ୍କ ସହ ବାର୍ତ୍ତାଳାପର ଅଡିଓ ରେକର୍ଡିଂ ମଧ ସେ ଦାଖଲ କରିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କୁ ଅଭିଯୋଗ ସଂପର୍କରେ ପଚାରିବାରେ ସେ କହିଛନ୍ତି ଯେ ଅଭିଯୋଗ ଆସିଛି। ଆଇନ ଅନୁସାରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଠାକୁରହାଟ ବଜାରରୁ ସିରିଜ ଚୋରି

● ତାଲା ଭାଙ୍ଗି ଚାରୋଟି ଦୋକାନରୁ ଲୁଟିନେଲେ

କେନ୍ଦ୍ରାପଡ଼ା, ୨୪।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସଦର ଥାନା ଅଞ୍ଚଳରେ ଲୁଟ୍ ପାଟ କରିଛନ୍ତି ଦୁର୍ବୃତ୍ତ। ଉକ୍ତ ଥାନା ଅନ୍ତର୍ଗତ ଠାକୁରପାଟଣାରେ ଶନିବାର ରାତିରେ ସିରିଜ ଚୋରି ହୋଇଛି । ଚୋର ଦଳ ଗୋଟିଏ ରାତିରେ ୪ଟି ଦୋନରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ଲୁଟି ନେଇଛନ୍ତି । ଏ ନେଇ ବ୍ୟବସାୟୀମାନେ ରବିବାର କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ କରିଛନ୍ତି। ପହଲ୍ଲାଦ ଗେରୁଙ୍କ ମେସିନ ସାମଗ୍ରୀ ଦୋକାନ, ଲକ୍ଷ୍ମୀଧର ବେହେରାଙ୍କ ପାନ ଦୋକାନ, ଗୋବିନ୍ଦ ଚନ୍ଦ୍ର ଗେରୁଙ୍କ ରାସନ ଦୋକାନ, ଦାମୋଦର ବାରିକଙ୍କ ଜଳଖିଆ ଦୋକାନ ପ୍ରଭୃତିରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପୋଲିସ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହି ତଦନ୍ତ ଆରମ୍ଭ କରିଛି । ପୋଲିସର ସୂଚନା ଅନୁଯାୟୀ ଚୋର ଦଳ ଠାକୁରହାଟ ବଜାରରୁ ଚୋରି କରିବା ପାଇଁ ଯୋଜନା କରିଥିଲେ । ଶନିବାର ରାତିରେ ପ୍ରବଳ ବର୍ଷା ହୋଇଥିବାରୁ ବ୍ୟବସାୟୀମାନେ ଶୀଘ୍ର ଦୋକାନ ବନ୍ଦ କରି ପଳାଇଥିଲେ । ଯାହା ଫଳରେ ଚୋରଙ୍କୁ ମୌକା ମିଳିଲା ଦୋକାନ ତାଲା ଭାଙ୍ଗି ଲୁଟିବା ପାଇଁ । ତଥାପି ଏ ନେଇ ଆମେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛୁ । ଖୁବଶୀଘ୍ର ଚୋରମାନେ ଗିରଫ ହେବ ବୋଲି ସଦର ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି ।

### ସରକାରଙ୍କ ନିୟମକୁ ବେଖାତିର

# ସକାଳ ୭ଟା ନବାଜୁଣୁ ଖୋଲାଯାଉଛି ମଦ ଦୋକାନ



ସାଲେପୁର, ୨୪।୮ (ସଂଚାର ବ୍ୟୁରୋ): ସାଲେପୁର ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ମଦଦୋକାନୀମାନେ ସରକାରଙ୍କ ନିୟମକୁ ବେଖାତିର କରି ମନଇଚ୍ଛା ମଦ ବିକ୍ରୟ କରୁଥିବାରୁ ରାତି ପାହୁ ପାହୁ ବହୁ ବ୍ୟକ୍ତି ନିଶା ସେବନ କରି ରାସ୍ତାରେ ଗଡୁଥିବାବେଳେ କେତେକ ମଧ ଏହି ନିଶା ସେବନ କରି ଛୋଟବଡ଼ ଅପରାଧ ଘଟାଉଥିବା ଅଭିଯୋଗ ହେଉଛି।

ସରକାରଙ୍କ ନିୟମ ଅନୁଯାୟୀ ଦେଶୀ ଓ ବିଦେଶୀ ମଦ ଦୋକାନ ସକାଳ ୧୦.୩୦ଟାରୁ ରାତ୍ରି ୧୦.୩୦ ପର୍ଯ୍ୟନ୍ତ ଖୋଲିବାର ନିୟମ ଥିଲାବେଳେ ସାଲେପୁରରେ ଥିବା ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ସକାଳ ୬ଟାରୁ ଦୋକାନ ସଟର ଅଧା ଖୋଲି ମଦ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ଫଳରେ ମଦ ଦୋକାନ ଖୋଲିବାର ନିୟମ କାନୁନ ଠିକ୍ ଭାବେ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉନଥିବାରୁ ନିଶାଡ଼ିମାନେ ବିଭିନ୍ନ ସମୟରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ରାସ୍ତାକଡ଼ରେ ପଡୁଥିବାବେଳେ ବହୁ ଅସାମାଜିକ ବ୍ୟକ୍ତି ନିଶା ସେବନ କରି ଦିନ ଦ୍ୱିପ୍ରହରରେ ଅସାମାଜିକ କାର୍ଯ୍ୟ ଘଟାଇଚାଲିଥିବା ଅଭିଯୋଗ ହେଉଛି।

ସେହିପରି ସାଲେପୁର ସହର ଅପେକ୍ଷା ଗ୍ରାମାଞ୍ଚଳରେ ବ୍ୟାପକ ମାତ୍ରାରେ ଚୋରା ଦେଶୀ ଓ ବିଦେଶୀ ମଦ ପ୍ରତି ଛକ ମାନଙ୍କରେ ବିକ୍ରୟ ହେଉଛି। ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ମାଲିକଙ୍କ ଜାଣତରେ ଭୋର ସମୟରେ ସ୍କୁଟର ଓ ମୋଟର ସାଇକେଲ ଯୋଗେ ଗ୍ରାମାଞ୍ଚଳକୁ ମଦ ଚାଲାଣ ହେଉଛି। ସେହିପରି ସାଲେପୁରରେ ଥିବା ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ଆଗରେ ସକାଳୁ ରାତି ପର୍ଯ୍ୟନ୍ତ ବାର ଭଳି ଖୁଲମଖୁଲା ମଦ୍ୟପାନ କରୁଛନ୍ତି। ସାଲେପୁର ଅବକାରୀ ବିଭାଗ ଏ ସମ୍ପର୍କରେ ଅବଗତ ଥାଇ ମଧ ଏହି ବେଆଇନ୍ କାର୍ଯ୍ୟ ଚଳାଇଥିବା ମଦ ଦୋକାନ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଫଳରେ ସାଲେପୁରରେ ଏକାଧିକ ଠିପିବନ୍ଦ ମଦ ଦୋକାନରେ ଖୁଲମଖୁଲା ବାର ଭଳି ମଦ ବିକ୍ରୟ ଚାଲିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ମନ୍ତ୍ରୀଙ୍କୁ ଭେଟିଲେ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଆଶାୟୀ

● ଉଚ୍ଚ ନ୍ୟାୟାଳୟ ଆଦେଶ କାର୍ଯ୍ୟକାରୀ କରିବାକୁ ଦାବି

କେନ୍ଦ୍ରାପଡ଼ା, ୨୪।୮ (ସଂଚାର ବ୍ୟୁରୋ): ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ଅପେକ୍ଷାରେ ଥିବା ଆଶାୟୀମାନେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ଭେଟି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି । ମାର୍ଶାଘାଇ ଏବଂ ମହାକାଳପଡ଼ା ଅଞ୍ଚଳର ଆଶାୟୀ ଯୁବକ ଅକ୍ଷୟ କୁମାର ସୁତାର, ମଳୟ କୁମାର ଜେନା, ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କୁ



ସାକ୍ଷାତ କରିଛନ୍ତି। ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇଁ ୨୦୦୪ ମସିହାରେ ସରକାର ବିଜ୍ଞାପନ ଦେଇଥିବା ବେଳେ ଅନେକ ବେକାର ଯୁବକ ଯୁବତୀ ଆବେଦନ କରିଥିଲେ। ସରକାରଙ୍କ ଜିଓ ନମ୍ବର ୬୬୭ ୪/ଏଫ ଆଣ୍ଡ ଏଆରଡି,୨୦- ୫ -୨୦୦୬ ତାରିଖ ଅନୁଯାୟୀ ୪୬ ଗୋଟି ପଦବୀ ସଂରକ୍ଷଣ ରଖାଯାଇଥିଲା । ଅଦ୍ୟାବଧି ଉଚ୍ଚ ନ୍ୟାୟାଳୟର ଆଦେଶ ଅନୁସାରେ ୪ ଗୋଟି ପଦବୀ ସଂରକ୍ଷିତ ରହିଛି ବୋଲି ଏହି ଆଶାୟୀ ମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ୨୦୨୨ ମସିହାରେ ବି ଏହି ବିଜ୍ଞାପନରେ ଆବେଦନ କରିଥିବା କିଛି ଆଶାୟୀଙ୍କୁ ନିଯୁକ୍ତି ଦିଆଯାଇସାରିଛି । ସରକାରୀ ଅର୍ଥରେ ତାଲିମ ପାଇଥିଲେ ସୁଦ୍ଧା ନିଯୁକ୍ତ ନପାଇ ଆଇନର ଫାଶରେ ଛନ୍ଦି ହୋଇ ୩୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ନିଯୁକ୍ତି ଆଶାରେ ପଡ଼ି ରହିଛନ୍ତି। ଏହି ଆଶାୟୀ ମାନଙ୍କୁ ନିଯୁକ୍ତି ଦେବାପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଜାରି କରିଥିବା ଏକ ଆଦେଶନାମା ଅନୁଯାୟୀ ପ୍ରାଣୀଧନ ନିରୀକ୍ଷକ ପଦରେ ନିଯୁକ୍ତି ଦେବାକୁ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଆଶାୟୀ।

## ନଦୀବନ୍ଧର ଘାଇ ମରାମତି କଲେ ଯୁବକ



ମହାକାଳପଡ଼ା, ୨୪।୮ (ସଂଚାର ବ୍ୟୁରୋ): କିଛି ଦିନ ହେବ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ପଞ୍ଚାୟତର ଦକ୍ଷିଣ ଜମ୍ବୁ ପୁରୁଣା ଘାଟ ନିକଟର ନଦୀବନ୍ଧ ରାସ୍ତାରେ ଏକ ଘଳିଆ ପଡ଼ି ୧୫ ମିଟର ଲମ୍ବାର ବଡ଼ ଘାଇ ସୃଷ୍ଟି ହୋଇଥିଲା। ଏଥି ଯୋଗୁଁ ଉକ୍ତ ରାସ୍ତାରେ ଯିବା ଆସିବା ଯାତାୟାତ ଠପ୍ ହୋଇଯାଇଥିଲା। ଏ ସମ୍ପର୍କରେ ପ୍ରଶାସନକୁ ଜାଣାଇବା ପରେ ମଧ ପ୍ରଶାସନ ତତ୍ପରତା ନଦେଖାଇବାରୁ ଦୁର୍ଗା ପୂଜା କମିଟିର କାର୍ଯ୍ୟକର୍ତ୍ତା ମାନଙ୍କ ମିଳିତ ଉଦ୍ୟମରେ ବାଲି ବସ୍ତା ପକାଇ ରାସ୍ତାରେ ସୃଷ୍ଟି ହୋଇଥିବା ଘଳିଆ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଯାହା ପ୍ରଶାସନିକ ବ୍ୟବସ୍ଥା କଲାନି ତାହା ଅଞ୍ଚଳର ଯୁବକଙ୍କ ପ୍ରୟାସ ଦ୍ୱାରା ସଫଳ ହେଲା।

## ରମାକାନ୍ତ ଫାଉଣ୍ଡେସନ ପକ୍ଷରୁ ଦୁର୍ଘଟଣା ପୀଡ଼ିତଙ୍କୁ ସହାୟତା



ରାଜକନିକା, ୨୪।୮ (ସଂଚାର ବ୍ୟୁରୋ): ରାଜକନିକା ବ୍ଲକ ଭରିଗଦା ପଞ୍ଚାୟତର ଅଚ୍ୟୁତପୁର ଗାଁର ବି. ବିବେକ ବିଶ୍ୱାଳ ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାମକରି ନିଜପରିବାର ପ୍ରତିପୋଷଣ କରୁଥିଲେ। ଚଳିତମାସ ୧୯ତାରିଖ ବିବେକ କମ୍ପାନୀରୁ କାମ ସାରି ନିଜ ଭଡା ଘରକୁ ଫେରୁଥିବା ବେଳେ ତାଙ୍କୁ ପଛପଟୁ ଏକ ଗାଡି ଧକା ଦେଇଥିଲା ଯାହା ଫଳରେ ସେ ଗୁରୁତର ହୋଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇଥିଲେ ସେଠାରେ ତାଙ୍କର ବ୍ରେନ ହାମରେଜ ହୋଇଥିବା ଜଣାପଡିଥିଲା। କିନ୍ତୁ ଆର୍ଥିକ ଅନାଟନ ତାଙ୍କ ଚିକିତ୍ସାରେ ବାଧକ ସାଜିଥିବା ବେଳେ ସୋସିଆଲ ମିଡ଼ିଆରୁ ଖବରପାଇ ରାଜକନିକାର ଅର୍ଗଣୀ ଅନୁଷ୍ଠାନ ରମାକାନ୍ତ ଫାଉଣ୍ଡେସନର ଟ୍ରଷ୍ଟି ରତିକାନ୍ତ ପ୍ରଧାନ ତାଙ୍କ ଅଚ୍ୟୁତପୁର ସ୍ଥିତ ବାସଭବନାରେ ପହଁଚି କିଛି ଶୁଖିଲା ଖାଦ୍ୟ ସହିତ ୫୦୦୦ଟଙ୍କା ଆର୍ଥିକ ସହାୟତାର ହାତ ବଢ଼ାଇଥିବା ସୂଚନା ମିଳିଛି। ତେବେ ରମାକାନ୍ତ ଫାଉଣ୍ଡେସନର ଏମିତି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଆଇକ୍ୟୁଏସି ବୈଠକ




କେନ୍ଦ୍ରାପଡ଼ା, ୨୪।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇ.କ୍ୟୁ.ଏ.ସି.ର ଚଳିତ ଶିକ୍ଷାବର୍ଷର ପ୍ରଥମ ତ୍ରୈମାସିକ ବୈଠକ ଶନିବାର କଲେଜ ମିନି କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସଭାପତିତ୍ୱ କରି ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ। ସଂଯୋଜକ ଡ. ଦିପ୍ତୀ ରାୟ ବିଗତ ଶିକ୍ଷାବର୍ଷର ସ୍ଥିରିକୃତ କାର୍ଯ୍ୟପନ୍ଥା ଓ କାର୍ଯ୍ୟନିର୍ବାହ ବିବରଣୀ ଏବଂ ଚଳିତବର୍ଷ ନିମନ୍ତେ ସ୍ଥିରିକୃତ କାର୍ଯ୍ୟପନ୍ଥାର ସମସ୍ତ ବିବରଣୀ ଉପସ୍ଥାପନା କରିଥିଲେ।

ଏହି ବୈଠକରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରାଧାପକ ନନ୍ଦକିଶୋର ପରିଡା ମହାବିଦ୍ୟାଳୟର ଭିତ୍ତିଭୂମି, ବିକାଶ ଓ ଶୈକ୍ଷିକ ବାତାବରଣର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ । ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ମହାବିଦ୍ୟାଳୟରେ କିଭଳି ଭାବରେ ମୌଳିକ ଶ୍ରେଣୀଗୃହର ଆବଶ୍ୟକତା ଏବଂ ନୂତନ ପିଢିର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସୁଦୃଢ ଶିକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇ ପାରିବ ସେ ସମ୍ପର୍କରେ ଆଭିମୁଖ୍ୟ ରଖିଥିଲେ। ନୂଆ ଶିକ୍ଷାନୀତିର ଆବଶ୍ୟକତା ଓ ତତ୍ ସମ୍ବନ୍ଧୀୟ କାର୍ଯ୍ୟ କରିବା ପାଇଁ କଲେଜର ସମ୍ବଳକୁ କିଭଳି ଭାବରେ ସୁବିନିଯୋଗ କରାଯାଇପାରିବ ସେ ସମ୍ପର୍କରେ ପ୍ରାକ୍ତନ ରାଜନୀତିବିଜ୍ଞାନ ବିଭାଗର ପ୍ରାଧାପକ ଡ. ପ୍ରଦୀପ୍ତ କିଶୋର ଦାଶ, ନିଜର ମତପୋଷଣ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧାପକ ଡ. ପ୍ରମୋଦ କୁମାର ଦାସ ନାକ୍ ସମ୍ବନ୍ଧୀୟ କର୍ମଶାଳା ତଥା ବିଭିନ୍ନ ଆଲୋଚନାଚକ୍ର ବିଷୟରେ ପ୍ରସ୍ତାବ ଆଗତ କରିଥିଲେ। ଏଥିସହିତ ଅନ୍ୟାନ୍ୟ ବିଭାଗର ପ୍ରାଧାପକମାନେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଛାତ୍ରୀ ଅର୍ଚ୍ଚିତା ସ୍ୱାଇଁ ଛାତ୍ରଛାତ୍ରୀମାନଙ୍କ ମୌଳିକ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ୨ ଗୋରୁ ଜୀବନ୍ତ ଦଗ୍ଧ

### ସରକାରୀ ସହାୟତା ଦାବି

ମହାକାଳପଡ଼ା, ୨୪।୮ (ସଂଚାର ବ୍ୟୁରୋ): ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳରେ ଥିବା ଦୁଇଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ଗୋରୁଟି ନିଆଁରେ ଗୁରତର ହୋଇ ଚିକିତ୍ସିତ ହେଉଛି। ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ଅଧୀନ ରାମକଣୀ ଗ୍ରାମର ଗିରିଧାରୀ ବେହେରାଙ୍କ ଗୁହାଳେ ଗତକାଲି ରାତି ପ୍ରାୟ ୧୧.୩୦ ମିନିଟ ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ଗୁହାଳେ ଗୋରୁଙ୍କ ପାଇଁ ଦିଆଯାଇଥିବା ଧୂଆଁରୁ ନିଆଁ ଲାଗି ସମ୍ପୂର୍ଣ୍ଣ ଗୁହାଳକୁ ନିଆଁ ବ୍ୟାପିଥିଲା। ସମଗ୍ର ଗୁହାଳ ଜଳୁଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ନଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଯିବା ସହିତ ଗୋଟିଏ ଗାଈ ଗୁରୁତର ଆହତ ହୋଇଛି। ଖବର



ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ଚିତ୍ତରଞ୍ଜନ ରାଉଳ ଓ ମମତା ପ୍ରତିହାରୀ ରାଜସ୍ୱ ନୀରିକ୍ଷକ,ପ୍ରାଣୀଧନ ନୀରିକ୍ଷକଙ୍କୁ ଅବଗତ କରାଇଥିଲେ,ପୂର୍ବତନ ସରପଞ୍ଚ ନିଗମାନନ୍ଦ ବେଉରା ଘଟଣା ସ୍ଥଳରେ ପହଞ୍ଚି ସମବେଦନା ଜଣାଇଥିଲେ, ମହାକାଳପଡ଼ା ବିଧାୟକ ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ କାର୍ଯ୍ୟକର୍ତ୍ତା ରୁଦ୍ରନାରାୟଣ ମୁଦୁଲିଙ୍କୁ ଘଟଣା ସ୍ଥଳକୁ ପଠାଇ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ତୁରନ୍ତ ପ୍ରଶାସନ ତରଫରୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଦୁଇଦିନ ହେବ ଅନ୍ଧାରରେ ଗାଁ

ଗରଦପୁର, ୨୪।୮ (ସଂଚାର ବ୍ୟୁରୋ): ଦୁଇଦିନ ହେଲା ପୁରା ଗାଁ ଅନ୍ଧାରରେ ଦିନ କାଟୁଛନ୍ତି । ବିଦ୍ୟୁତ୍ ସେବା ପୁରା ଠପ୍ ହୋଇଯିବା କାରଣରୁ ପାନୀୟ ଜଳ ଠୁ ଆରମ୍ଭ କରି ଅନ୍ୟାନ୍ୟ ସେବାରୁ ବଞ୍ଚିତ ହେଉଛନ୍ତି । ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କ ଉପସ୍ଥିତି ସମୟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲେ ମଧ ବିଭାଗୀୟ ଯନ୍ତ୍ରୀ କୌଣସି ପଦକ୍ଷେପ ନେଉନାହାନ୍ତି । ଯାହା ଫଳରେ ଗାଁର ୮୦ରୁ ଉର୍ଦ୍ଧ୍ୱ ପରିବାର ଅନ୍ଧାର ଘେରରେ। ଅଭିଯୋଗ ଅନୁଯାୟୀ ଗରଦପୁର ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ବିଦ୍ୟୁତ୍ ସେକ୍ସନ ଅଧୀନ ଦଳୁଆଣି ଗ୍ରାମରେ ବସବାସ କରୁଥିବା ୮୦ରୁ ଉର୍ଦ୍ଧ୍ୱ ପରିବାର ଏକ ମାତ୍ର ୬୩-କେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ନିର୍ଭର କରିଆସୁଛନ୍ତି। ଗତ କିଛିଦିନ ହେବ ବିଦ୍ୟୁତ୍ ସମସ୍ୟା ଏବଂ ବାରମ୍ବାର ଟ୍ରାନ୍ସଫର୍ମର ତ୍ରୁଟି ପାଇଁ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ । ଏହା ପରେ ବିଦ୍ୟୁତ୍ ବିତରର ସଂସ୍ଥା ଟାଟା ପାୱାରର କର୍ମଚାରୀ ପହଞ୍ଚି ଶନିବାର ଦିନ ଅନ୍ୟ ଏକ ଟ୍ରାନ୍ସଫର୍ମର ଲଗାଇଥିଲେ। କିନ୍ତୁ ବିଦ୍ୟୁତ୍ କର୍ମଚାରୀ ଏବଂ ଯନ୍ତ୍ରୀ ଉପସ୍ଥିତ ଥିବା ସମୟରେ ଲାଗିଥିବା ଟ୍ରାନ୍ସଫର୍ମରଟି ବ୍ଲାଷ୍ଟ ହୋଇଥିଲା । ଟ୍ରାନ୍ସଫର୍ମରଟି ପୋଡ଼ିଯିବାର ଦୁଇଦିନ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ନେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବର୍ଷା ଲାଗିରହିଥିବା ବେଳେ ସରୀସୃପ ବା ଅନ୍ୟାନ୍ୟ ଜୀବଜନ୍ତୁ ଭୟରେ ରହିଛନ୍ତି । ଏନେଇ ନୂଆପଡ଼ା ବିଦ୍ୟୁତ୍ ସେକ୍ସନର ଥିବା ଯନ୍ତ୍ରୀ ଙ୍କ ସହ ଯୋଗାଯୋଗ କରିବାରୁ ପ୍ରତିକ୍ରିୟା ରେ କହିଛନ୍ତି କି ଟ୍ରାନ୍ସଫର୍ମର ପୋଡ଼ିଯିବା ଫଳରେ ନୂତନ ଟ୍ରାନ୍ସଫର୍ମର ଗଚ୍ଛିତ ନଥିବାରୁ ତାହା କରାଯାଇ ନାହିଁ । ଆସନ୍ତା କାଲି ନୂତନ ଟ୍ରାନ୍ସଫର୍ମର ଆସିବା ସହ ବିଦ୍ୟୁତ୍ ସଂଯୋଗ କରିଦିଆଯିବ ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୨୪।୮ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ପାଟଣା ନିକଟସ୍ଥ ଏକ ଫ୍ଲାୟଆସ ଇଟାଭାଟି ନିକଟରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ଜଣାପଡିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଯୋଧା ଗ୍ରାମର ଶଶଧର ମହାପାତ୍ରଙ୍କ ପୁଅ ସିଦ୍ଧିରଞ୍ଜନ ମହାପାତ୍ର(୩୭)ଶନିବାର ସକାଳେ ଏକ ବାଇକ୍ ଯୋଗେ ମିତ୍ରପୁର ଅଭିମୁଖେ ଯାଉଥିବା ବେଳେ ହଠାତ୍ ପାଟଣା ଇଟାଭାଟି ନିକଟରେ ଖାଦ୍ୟ ଅନ୍ୱେଷଣରେ ଆସିଥିବା ତିନୋଟି ଭାଲୁ ହାବୁଡ଼ରେ ପଡ଼ିଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ପଠାଇଥିଲେ।ଭାଲୁ ଆକ୍ରମଣରେ ଯୁବକଙ୍କ ମୁଣ୍ଡ, ବାହୁ, ଛାତି, ଜଙ୍ଘ ଏପରିକି ଅଣ୍ଡକୋଷରେ ଗଭୀର ଆଘାତ ଲାଗିଥିବା ବେଳେ ଯୁବକ ଜଣକ ଗୁରୁତର ଥିବା ସୂଚନା ମିଳିଛି।

## ଓଡ଼ିଶା ଅବସରପ୍ରାପ୍ତ ରାଜସ୍ୱ ଅମଲା ସଙ୍ଘ ଜିଲ୍ଲା ଶାଖାର ସାଂଗଠନିକ ବୈଠକ

କେନ୍ଦ୍ରାପଡ଼ା, ୨୪।୮ (ସଂଚାର ବ୍ୟୁରୋ): ଓଡିଶା ଅବସରପ୍ରାପ୍ତ ରାଜସ୍ୱ ଅମଲା ସଙ୍ଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ପ୍ରଥମ ସାଂଗଠନିକ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅମଲାସଙ୍ଘ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ନିତ୍ୟାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାଂଗଠିକ ବୈଠକରେ ଅବସର ପରେ ମୃତ୍ୟୁବରଣ କରିଥିବା କିଶୋର ଚନ୍ଦ୍ର କରଙ୍କ ସମେତ ଅନ୍ୟ ୩୦ଜଣ କର୍ମଚାରୀଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବର୍ତ୍ତମାନ ରାଜ୍ୟରେ ଚାଲୁ ରହିଥିବା ରାଜସ୍ୱ ଅମଲା ସଙ୍ଘର ଅନିର୍ଦ୍ଦିଷ୍ଟକାଳ ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯାଇଥିଲା । ଏହି ଜିଲ୍ଲାର ବାସିନ୍ଦା ଥାଇ ଅନ୍ୟ ଜିଲ୍ଲାର ରାଜସ୍ୱ ବିଭାଗରେ କାମକରି ଅବସର ନେଇଥିବା କର୍ମଚାରୀମାନଙ୍କୁ ଏହି ସଙ୍ଘରେ ସାମିଲ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା। କେନ୍ଦ୍ରାପଡା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ସହିତ ସମସ୍ତ ସଭ୍ୟ ଅନୁବନ୍ଧିତ ହେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସଂଗନର କର୍ମକର୍ତ୍ତା ଚୟନ କରାଯାଇ ସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ତ୍ରିପାଠୀ, ସମ୍ପାଦକ ଗୌରାଙ୍ଗ ଚରଣ ବେହେରା, ଉପସଭାପତି ଅକ୍ଷୟ କୁମାର ନାୟକ, ସଂଗଠନ ସମ୍ପାଦକ ବଳରାମ ବରାଳ, ଅର୍ଥ ସମ୍ପାଦକ ନରୋମ ପରିଡା, ଯୁଗ୍ମସମ୍ପାଦକ ବସନ୍ତ କୁମାର ଓଝା, ଆଳିକ ସମ୍ପାଦକ ପଟ୍ଟାମୁଣ୍ଡାଇ ଅଜୟ କୁମାର ଦାସ, ମାର୍ଶାଘାଇ ପ୍ରଶାନ୍ତ କୁମାର ସ୍ୱାଇଁ, କେନ୍ଦ୍ରୀୟ ଜୋନର ନିର୍ମଳ କୁମାର ଦାସ, ମହିଳା ମୋର୍ଚ୍ଚା ସମ୍ପାଦିକା ଅନୁପମା ପଣ୍ଡା, କାର୍ଯ୍ୟକାରୀ ସଦସ୍ୟ ଭାବେ ଉମାକାନ୍ତ ବିଶ୍ୱାଳ, ପ୍ରକାଶ ଚନ୍ଦ୍ର ମହାନ୍ତି, ସୁଦର୍ଶନ ବେହେରା, ନମିତା ବିଶ୍ୱାଳ, ଭାଗବତ ନାୟକ ଓ ଅକ୍ଷୟ ପ୍ରଧାନ ଏବଂ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ପ୍ରହଲ୍ଲାଦ ଲେଙ୍କା, ହରେକୃଷ୍ଣ ବରାଳ ଓ ଶରତ ଚନ୍ଦ୍ର ଧଳଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା । ପରବର୍ତ୍ତୀ ବୈଠକ ଆସନ୍ତା ସେପ୍ଟେମ୍ବରମାସ ୧୦ତାରିଖରେ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଶେଷରେ ପ୍ରହଲ୍ଲାଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଳଭଦ୍ରପୁର ଆଦର୍ଶ ଶିଳ୍ପାଞ୍ଚଳ ପୁନରୁଦ୍ଧାର ପାଇଁ ପ୍ରୟାସ

### ଶିଳ୍ପ ମନ୍ତ୍ରୀଙ୍କ ସହ ଆଲୋଚନା କଲେ ତେଜେଶ୍ୱର



ଡେରାବିଶ, ୨୪।୮ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଶିଳ୍ପାଞ୍ଚଳର ପୁନଃଉଦ୍ଧାର ପାଇଁ ବିଜେପି ରାଜ୍ୟ ପ୍ରବକ୍ତା ତେଜେଶ୍ୱର ପରିଡ଼ାଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଥମ ଶିଳ୍ପାଞ୍ଚଳ ଯାହା ୫୩ ନଂ ଜାତୀୟ ରାଜପଥ ସଂଲଗ୍ନ ବଳଭଦ୍ରପୁର ଶିଳ୍ପାଞ୍ଚଳ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି । ୨୦୧୩ ମସିହାରେ ଏହିଠାରେ ଆନୁଷ୍ଠାନିକ ଭାବେ କରତକଳ କ୍ଲଷ୍ଟର ଆରମ୍ଭ ହୋଇଥିଲା । ଏବେ ୨୩ ଗୋଟି କରତ ଶିଳ୍ପ ପ୍ରାୟ ୧୫ ଏକର ଇଡକୋ ଜମି ଉପରେ ରହିଛି। ପୁନର୍ବାର ୫ ଏକର ଜମି ଇଡକୋ ଅଧିଗ୍ରହଣ କରିଛି। ଏହି କରତକଳ କ୍ଲଷ୍ଟରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୨୦୦୦ରୁ ଅଧିକ କର୍ମଚାରୀ କର୍ମ ସଂସ୍ଥାନ ପାଇଛନ୍ତି । ମାତ୍ର ଏହି କରତକଳ କ୍ଲଷ୍ଟରକୁ ଯିବା ପାଇଁ ଜାତୀୟ ରାଜପଥ ଠାରୁ ଯାଇଥିବା ରାସ୍ତା ଅତ୍ୟନ୍ତ ଖରାପ ହୋଇପଡ଼ିଛି । ଯାତାୟାତ ପାଇଁ ଏହି ରାସ୍ତାକୁ ପୁନଃ ଉଦ୍ଧାର କରାଯିବାର ଆବଶ୍ୟକତା ରହିଛି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବାରୁ ଏହାର ସ୍ଥାୟୀ ପ୍ରତିକାର, ପାନୀୟ ଜଳ ସମସ୍ୟା ଦୂର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସମ୍ପୂର୍ଣ୍ଣ ଅନ୍ଧାରରେ ଥିବା ଏହି ଶିଳ୍ପାଞ୍ଚଳ ପାଇଁ ଆଲୋକୀକରଣ ବ୍ୟବସ୍ଥା ଓ ପଞ୍ଚାୟତିରାଜ ଓ ଅନ୍ୟ ବିଭାଗ ଅଧୀନରେ ଥିବା ରାସ୍ତାକୁ ଇଡକୋକୁ ହସ୍ତାନ୍ତର କରି ଶିଳ୍ପାଞ୍ଚଳ ପରିସରକୁ ସୁଦୃଢ କରିବା ସମ୍ପର୍କରେ ଶ୍ରୀ ପରିଡ଼ା କରତକଳ ମାଲିକମାନଙ୍କ ସହ ଆଲୋଚନା କରିଥିଲେ ।

ସେହିପରି କାଠ ଶିଳ୍ପ ବ୍ୟତୀତ ଅନ୍ୟ ପ୍ରକାର ଉତ୍ପାଦନ ଓ ସେବା ଭିତିକ ଶିଳ୍ପକୁ ଏଠାକୁ ଆଣିବା ଓ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସହ ଭାରତ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ମଧମ ଓ କ୍ଷୁଦ୍ର ଶିଳ୍ପାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଏହାକୁ ସାମିଲ କରିବା ସମ୍ପର୍କରେ ଶ୍ରୀ ପରିଡ଼ା ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଆଲୋଚନା କରିଥିବା ଘୋଷଣା କରିଥିଲେ । ଏଥି ସହିତ ଇଡକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ, କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟାର ଓ ଇଡକୋ ଡିଭିଜନ ମୁଖ୍ୟଙ୍କ ସମେତ ଜିଲ୍ଲା ଶିଳ୍ପ ବିଭାଗୀୟ ଅଧିକାରୀ ସହ ଆଲୋଚନା କରି ଖୁବଶୀଘ୍ର ଏହି ଅଞ୍ଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ବଳଭଦ୍ରପୁର ଶିଳ୍ପାଞ୍ଚଳକୁ ରାଜ୍ୟର ଅନ୍ୟତମ ଆଦର୍ଶ ଶିଳ୍ପାଞ୍ଚଳ ଭାବେ ପରିଗଣିତ କରାଯିବ ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର: ଜେଲ୍‌ଗଲେ ନର୍ସିଂହୋମ୍ ମାଲିକ



ଦିଗପହଣ୍ଡି,୨୪।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ସାହାରା ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଗତ ମେ' ୧୧ରେ ଜଣେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ନର୍ସିଂ ହୋମ୍ ମାଲିକ ମଙ୍ଗୁଲୁ ଚରଣ ପ୍ରଧାନଙ୍କୁ ରବିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଡେଙ୍ଗାଓସ୍ତା ଗ୍ରାମ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରୁଥିବା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ବୈକୁଣ୍ଠ ନଗର ୪ର୍ଥ ଲେନ୍‌ରେ ରହୁଥିବା ମଧୁ ଓରଫ ମଧୁସ୍ମିତା ପଟ୍ଟନାୟକଙ୍କୁ ଗତ ମେ' ୧୯ରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେହିପରି ନର୍ସିଂ ହୋମ୍‌ରେ କାମକରୁଥିବା ଗଜପତି ଜିଲା ମୋହନା ଥାନା ଲୁହାଗୁଡ଼ି ଗ୍ରାମ ନିକଟସ୍ଥ ବାଲିବଡ଼ ଗ୍ରାମର ଅନ୍ୟତମ ଅଭିଯୁକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ(ଏଏନ୍ଏମ) ପ୍ରମୋଦିନୀ ଗମାଙ୍ଗ (୨୨) ଙ୍କୁ ଗତ ୧୦ ତାରିଖରେ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲେ। ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ଗ୍ରାମ ନିକଟ ସିଙ୍ଗପୁରର ମାଗୁଣି ନାୟକଙ୍କ ଝିଅ ରୋଜି ପ୍ରାୟ ବର୍ଷେକ ପୂର୍ବେ ପାଟପୁର ଥାନା କରାଖଣ୍ଡି ଗ୍ରାମର ଉଦୟ ନାୟକଙ୍କ ପୁଅବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜରାଟ ବରୋଦାସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବା ପରେ ସିଙ୍ଗପୁର ଗ୍ରାମର ବାପଘରେ ରହୁଥିଲେ। ସେ ପ୍ରାୟ ୯ ମାସର ଗର୍ଭବତୀ ଥିଲେ। ମେ' ୧୧ ମଧ୍ୟାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ବାପଘର ଲୋକେ ତାଙ୍କୁ ଉକ୍ତ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମାମଲା ନଂ.୨୮୪/୨୫ ଅନୁଯାୟୀ ମୋକଦ୍ଦମା ରୁଜୁ କରି ତଦନ୍ତ ନିମନ୍ତେ ଏସ.ଆଇ ସୋଫିଆ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ଗତ ୮ରେ ସାନଖେମୁଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ଗଞ୍ଜାମ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ, ଡ୍ରଗସ ଇନ୍ସପେକ୍ଟର,ଦିଗପହଣ୍ଡି ପୋଲିସ ଟିମ୍ ଉପସ୍ଥିତିରେ ଉକ୍ତ ନର୍ସିଂହୋମକୁ ସିଲ୍ କରାଯାଇଥିବା ଜଣାପଡିଛି। ଗତ ୨୦୧୩ ଅକ୍ଟୋବର ୭ରେ ଉକ୍ତ ନର୍ସିଂହୋମରେ ତ୍ରୁଟି ପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିଲା। ଏନେଇ ନର୍ସିଂହୋମ ମାଲିକ ମଙ୍ଗୁଲୁଙ୍କ ନାଁରେ ଦିଗପହଣ୍ଡି ଥାନା ମାମଲା ନଂ.୧୦୧/୧୩ ଅନୁଯାୟୀ ମାମଲା ପଞ୍ଜୀକୃତ କରାଯାଇଥିଲା ବୋଲି ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# ଅନୁଗୋଳ ବନଖଣ୍ଡକୁ ଆସିଲା 'ଐରାବତ'

■ ହାତୀ ସ୍ଥାନାନ୍ତରରେ ହେବ ସହାୟକ

■ ଟ୍ରକ୍‌ର ଦାମ୍ ଏକ କୋଟି




ଅନୁଗୋଳ,୨୪।୮(ସଂଚାର ବ୍ୟୁରୋ): ଅନୁଗୁଳ ଜଙ୍ଗଲ ବିଭାଗକୁ ଆସିଛି ସ୍ୱତନ୍ତ୍ର ଟ୍ରକ୍ 'ଐରାବତ'। ଏହାକୁ ଅନୁଗୁଳ ତଥା ରାଜ୍ୟର ଅନ୍ୟ ଜିଲ୍ଲାରେ ହାତୀ ସ୍ଥାନାନ୍ତର ପାଇଁ ବ୍ୟବହାର କରାଯିବ। ଝାଡ଼ଖଣ୍ଡରେ ଟ୍ରକ୍‌ଟି ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ବେଳେ ଏଥିରେ ହାତୀ ସ୍ଥାନାନ୍ତର ପାଇଁ ଆବଶ୍ୟକ ସବୁ ଯନ୍ତ୍ରପାତି ଉପଲବ୍ଧ ରହିଛି। 'ଐରାବତ' ଟ୍ରକରେ ହାତୀ ଉଠିବାକୁ ସ୍ୱତନ୍ତ୍ର ଲିଫଟ ଲାଗିଛି। ଟ୍ରକରେ ୧୫ ଶହ ଲିଟର ଜଳଧାରଣ କ୍ଷମତାବିଶିଷ୍ଟ ଟ୍ୟାଙ୍କ୍ ରହିଛି। ଦୂର ସ୍ଥାନକୁ ହାତୀ ସ୍ଥାନାନ୍ତର ସମୟରେ ହାତୀର ସ୍ନାନ ଓ ପିଇବା ପାଇଁ ଯେପରି ପାଣିର ଅଭାବ ନହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ସେହିପରି ଜଳାଶୟରୁ ପାଣି ଭର୍ତ୍ତି କରାଯିବା ସକାଶେ ଉକ୍ତ ଟ୍ରକ୍‌ରେ ଏକ ପାଣିପମ୍ପ ବି ରହିଛି। ହାତୀ ଶରୀରର ତାପମାତ୍ରା ମାପିବାକୁ ଅଟୋମେମେଟିକ୍ ମେସିନ୍ ଓ ଫାଷ୍ଟଏଡ୍ ବକ୍ସ ଖଞ୍ଜାଯାଇଛି। ସେଥିରେ ୨ ହଜାର ୱାଟ୍‌ର ଜେନେରେଟର ଲାଗିବା ସହ ଆଲୋକୀକରଣ ପାଇଁ ଉଜ୍ଜ୍ୱଳ ଲାଇଟ୍ ବ୍ୟବସ୍ଥା ବି ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ସେଥିରେ ୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ଅସୁସ୍ଥ ଓ ସୁସ୍ଥ ହାତୀଙ୍କ ଖାଇବା ପାଇଁ ସେଥିରେ ସ୍ୱତନ୍ତ୍ର ପାତ୍ର ରଖାଯାଇଛି। ଗାଡ଼ିଟି ହାତୀକୁ ଅନ୍ୟ ସ୍ଥାନକୁ ନେଇ ଯାଉଥିବା ବେଳେ ସାଇରନ୍ ବାଜିବ। ଫଳରେ ଟ୍ରାଫିକ୍ ଭିଡ଼ରେ 'ଐରାବତ' ଫସିବନାହିଁ। ଏହି ଟ୍ରକ୍‌ର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ବୋଲି ଜଣାପଡ଼ିଛି।

## କେନ୍ଦୁଝର କାଞ୍ଜିପାଣି ଘାଟିରେ ଭୂସ୍ଖଳନ

**ଅଟକିଛି ଶହ ଶହ ଗାଡ଼ି**



କେନ୍ଦୁଝର,୨୪।୮(ସଂଚାର ବ୍ୟୁରୋ): କେନ୍ଦୁଝର କାଞ୍ଜିପାଣି ଘାଟିରେ ଆଜି ଭୂସ୍ଖଳନ ଘଟିବା ଫଳରେ ଶହ ଶହ ସଂଖ୍ୟାରେ ଗାଡ଼ି ମଟର ରାସ୍ତାର ଦୁଇ ପଟେ ଅଟକି ରହିଛି। ଲଗାଣ ବର୍ଷାରେ ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିରେ ଏହି ଭୂସ୍ଖଳନ ହୋଇଛି। ପାହାଡ଼ରୁ ପଥର ଧସି ରାସ୍ତା ଅବରୋଧ ହୋଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଯାନବାହନ ଆଗକୁ ଯାଇପାରିନାହାନ୍ତି। ଏପରିକି କାଞ୍ଜିପାଣିରୁ କୁଆଁର ଗାଁ ପର୍ଯ୍ୟନ୍ତ ଯାନବାହନର ଲମ୍ବା ଧାଡ଼ି ଲାଗିଥିବା ଦେଖିବାକୁ ମିଳିଛି।

● ଚାଲାଣ ବେଳେ କାର୍ ଜବତ, ଚାଳକ ଫେରାର୍

## ୨ କ୍ୱିଣ୍ଟାଲ ୧୪ କେଜି ଗଞ୍ଜେଇ ମିଳିଲା

ବଲାଙ୍ଗିର, ୨୪।୮ (ସଂଚାର ବ୍ୟୁରୋ): ଗଞ୍ଜେଇ ଚାଲାଣ ବେଳେ ମାଡ଼ି ବସିଲା ପୋଲିସ। ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହରେ ଏକ କାର୍ (ଓଡି ୩୩ଏଏଲ୍-୭୨୨୩)କୁ ସାଲେଭ-କୁଟାସିଂହା ରାସ୍ତାର ରେଳ ଫାଟକ ନିକଟରେ ପୁଲିସ ଜବତ କରିଛି। ବଲାଙ୍ଗିର -ବରଗଡ଼ ରାଜପଥରେ ଗଞ୍ଜେଇ ଚାଲାଣ ହେଉଥିବା ପୁଲିସ ସୂଚନା ପାଇଥିଲା। ସାଲେଭଟା ଫାଣ୍ଡି ସମ୍ମୁଖରେ ପୁଲିସ ବ୍ୟାରିକେଡ ଲଗାଇ ଗାଡ଼ି ତନଖି ଚାଲିଥିଲା। ଏକ କାର୍ ଦ୍ରୁତଗତିରେ ଆସି ପୁଲିସ ଯାଞ୍ଚ୍ କରୁଥିବା ଦେଖି ସାଲେଭଟା - କୁଟାସିଂହା ରାସ୍ତାରେ ଚାଲିଯାଇଥିଲା। ଲୋଇସିଂହା ଓ ସାଲେଭଟା ପୁଲିସ ପିଛା କରି ରେଳ ଫାଟକ ନିକଟରେ ଗାଡ଼ିକୁ କାବୁ କରିଥିଲେ। ଗାଡ଼ି ଛାଡ଼ି ଡ୍ରାଇଭର ଫେରାର ମାରିଥିଲା। ଗାଡ଼ିରୁ ବିପୁଳ ପରିମାଣର ଗଞ୍ଜେଇ ପ୍ୟାକେଟ୍ ବାହାରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇର ଓଜନ କରାଯିବାରୁ ୨ କ୍ୱିଣ୍ଟାଲ ୧୪ କେଜି ରହିଥିବା ଆଇଆଇସି ଯାଜ୍ଞସେନୀ ନାୟକ ଓ ସାଲେଭଟା ଫାଣ୍ଡି ଅଧିକାରୀ ଭରତ ସାହୁ ସୂଚନା ଦେଇଛନ୍ତି।

# ପିଜି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ

**ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ଅବଧି**

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ସ୍ନାତକୋତ୍ତର (ପିଜି) ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଗତକାଲିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ସାମ୍ସ ୱେବସାଇଟ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନାମଲେଖା ପାଇଁ ଆବେଦନ କରିପାରିବେ। ଏଥିସହ ଆସନ୍ତା ୯ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୦ରୁ ୧୩ ତାରିଖ ମଧ୍ୟରେ ନାମ ଲେଖାଇବେ। ଆଗାମୀ ୧୩ରୁ ୧୫ ତାରିଖ ମଧ୍ୟରେ ବଳକା ଥିବା ସିଟ୍‌ରେ ନାମଲେଖା ପାଇଁ ଆବେଦନ ହେବ। ୱେଟିଂ ଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ସିଧା ନିଜ ଡକ୍ୟୁମେଣ୍ଟ ଦେଇ ଆବେଦନ କରିପାରିବେ। ୧୬ ତାରିଖରେ ଏହାର ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ସୂଚନାଯୋଗ୍ୟ ଯେ ରାଜ୍ୟର ୧୨୫ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ମୋଟ ୩୧ ହଜାର ୬୦୮ ସିଟ୍ ରହିଥିବା ବେଳେ ଏଥିରୁ ପ୍ରଥମ ପର୍ଯ୍ୟାୟ ସୁଦ୍ଧା ୨୧ ହଜାର ୭୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଏବେ ବି ଆହୁରି ୧୦ ହଜାର ୫୦୦ଟି ସିଟ୍ ଖାଲି ପଡ଼ିଛି।

# ୟୁରିଆ କଳାବଜାରୀ ନେଇ କୃଷି କାର୍ଯ୍ୟାଳୟ ଘେରିବ କଂଗ୍ରେସ



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ଯୋଗୁଁ ଚାଷ ଭଲ ହେବା ନେଇ ରାଜ୍ୟର ଚାଷୀକୁଳ ଆଶା ବାନ୍ଧିଥିଲେ ହେଁ ସରକାରୀ ଅପାରଗତା ଏଥିରେ ବାଧକ ସାଜୁଛି। ପ୍ରଥମେ ଇ-କେୱାଇସି ପାଇଁ ଚାଷୀଙ୍କୁ ଧାଡ଼ିରେ ରହିବାକୁ ପଡ଼ିଲା।ଏବେ ରୁଆ ବେଉଷଣ ଚାଲିଥିବା ବେଳେ ୟୁରିଆ ସାରର କଳାବଜାର ଓ ସଙ୍କଟ ସେମାନଙ୍କୁ ଦୁର୍ଦ୍ଦଶାକୁ ଠେଲିଦେଉଛି ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଏବେ ଓଡ଼ିଶାରେ ୟୁରିଆ ସଙ୍କଟ ତୀବ୍ର ଆକାର ନେଇଛି। ପୂର୍ବରୁ ସରକାର କହିଥିଲେ ଯେ ୪.୫ ଲକ୍ଷ ଟନ୍ ଖରିଫ ଫସଲ ପାଇଁ ୭.୯୪ ଲକ୍ଷ ଟନ୍ ସାର ଉପଲବ୍ଧ ରହିଛି। କିନ୍ତୁ ଏହା ସତ୍ତ୍ୱେ ଚାଷୀମାନେ ସାର ପାଉନାହାନ୍ତି। ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗିର, ସୁନ୍ଦରଗଡ଼, କଟକ (ନିଶିନ୍ତକୋଇଲି) ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଦୁଇଗୁଣା ଦରରେ ସାର ବିକ୍ରି ହେଉଛି। ଏପରିକି ନୂଆପଡ଼ାରେ ଚାଷୀମାନଙ୍କୁ ୟୁରିଆ ବ୍ୟାଗ ପିଛା ୯୦୦ ଟଙ୍କା ଦେବାକୁ ପଡୁଛି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ମାର୍କଫେଡ୍ ଦ୍ୱାରା ସରକାରୀ ସବସିଡି ୟୁରିଆକୁ ଘରୋଇ ବେପାରୀଙ୍କୁ ବାଣ୍ଟି ଦିଆଯାଉଥିବାରୁ ସାର କଳାବଜାର ବଢ଼ୁଛି ବୋଲି କୃଷକମାନେ ଅଭିଯୋଗ କରୁଥିବା ବେଳେ ସେମାନଙ୍କୁ ସରକାରଙ୍କ ଲାଇସେନ୍ସ ରଦ୍ଦ ଯୋଜନାର ସୁଫଳ ମିଳିପାରୁନାହିଁ ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏପରି କ୍ଷେତ୍ରରେ ତୁରନ୍ତ କଳାବଜାରୀ, ଡିଲର୍‌ମାନଙ୍କୁ ଗିରଫ କରିବା ସକାଶେ ପିସିସି ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ଦାବି କରିଛନ୍ତି। ସେହିପରି ସମବାୟ ମାଧ୍ୟମରେ ସାର ବଣ୍ଟନ ସହ ପ୍ରତି ଜିଲ୍ଲାରେ ବଫର ଷ୍ଟକ୍ ଗଠନ ଓ କ୍ଷତିଗ୍ରସ୍ତ କୃଷକଙ୍କ ପାଇଁ ସ୍ୱତନ୍ତ୍ର ଅନୁକମ୍ପା ରାଶି ଘୋଷଣା କରିବା ସକାଶେ ସେ ଦାବି କରିଛନ୍ତି। ଏଥିସହ ତୁରନ୍ତ ସାର ସଙ୍କଟ ଦୂର କରିବା ସକାଶେ ସରକାର ପଦକ୍ଷେପ ନ ନେଲେ, ଏହା ପ୍ରତିବାଦରେ କଂଗ୍ରେସ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀଙ୍କ ସହ ମିଶି କୃଷି କାର୍ଯ୍ୟାଳୟ ଘେରାଉ କରିବ ବୋଲି ମୁଖପାତ୍ର ଅଶୋକ ସ୍ୱାଇଁ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର, ପ୍ରଦେଶ କଂଗ୍ରେସ କୃଷକ ବିଭାଗର ସୂର୍ଯ୍ୟକାନ୍ତ ମହାନ୍ତି ଓ ଶୀତିକଣ୍ଠ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

# ବିଜେପି ପ୍ରତି ବଢ଼ୁଛି ଜନସମର୍ଥନ: ମନମୋହନ

**ସାମିଲ ହେଲେ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ**



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ବିକାଶ ପଥେ ଆଗେଇ ଚାଲିଛି ଓଡ଼ିଶା। ଦେଶର ୧ ନମ୍ବର ରାଜ୍ୟ ଭାବେ ଓଡ଼ିଶାକୁ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ସରକାରଙ୍କ ନିଷ୍ଠାପର ଓ ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ ଉପରେ ଭରସା ରଖି ବିଜେଡି ଏବଂ ଅନ୍ୟ ଦଳର ନେତା ଓ କର୍ମୀମାନେ ସେମାନଙ୍କ ଦଳ ଛାଡ଼ି ବିଜେପିରେ ସାମିଲ ହେବାରେ ଲାଗିଛନ୍ତି ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ, ବଡ଼ଚଣା ବ୍ଲକ ବିଜେଡିର ପୂର୍ବତନ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି ନେତା ଓ କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

ବିଧାୟକ ଅମର କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବଡ଼ଚଣା ବ୍ଲକର ପୂର୍ବତନ ଛାତ୍ର ସଭାପତି ଜିତେନ୍ଦ୍ର କୁମାର ନାୟକ, ଦର୍ପଣ ସରପଞ୍ଚ ତଥା ବଡ଼ଚଣା ସରପଞ୍ଚ ସଂଘ ସଭାପତି ରଞ୍ଜନ କୁମାର ଦାସ, ବଡ଼ଚଣା ସମିତି ସଭ୍ୟ ତଥା ସଂଘ ସଭାପତି ମଧୁସୂଦନ ବଳ, ଭୂଷଣ୍ଡପୁର ସରପଞ୍ଚ ଯଯାତି କେଶରୀ ରାଉତ, ସିହା ସରପଞ୍ଚ ସୁଶ୍ରୀ ମିଶ୍ର, ଧାନମଣ୍ଡଳ ସରପଞ୍ଚ ନବଦ୍ୱୀପ ନାୟକ, ବଡ଼ଘୁମୁରି ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଅଣକା ସରପଞ୍ଚ ଦେବଯାନୀ ମହାପାତ୍ର, ସମିତି ସଭ୍ୟା ରଶ୍ମିତା ସ୍ୱାଇଁ, ମାଣ୍ଡୁକା ସମିତି ସଭ୍ୟା ମିନତୀ ଦଳେଇ, ଚାରିନଙ୍ଗଳ ପଞ୍ଚାୟତ ସମିତିସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରପଞ୍ଚ ସେକ୍ ଗନି, ପତରାଜପୁର ସରପଞ୍ଚ ତନୁଶ୍ରୀ ଦାସ, ଭରତପର ସରପଞ୍ଚ ବିଭୁତି ଭୂଷଣ ସାମଲ, ସମିତିସଭ୍ୟା ଦୁର୍ଗାବତୀ ସାମଲ, ବାଲିପଡ଼ିଆ ସମିତିସଭ୍ୟା ମନୋରମା ଭଞ୍ଜ, ବଡ଼ବାଲିକୁଦା ସମିତି ସଭ୍ୟା କାମିନୀ ନାୟକ, ବରପଦା ପଞ୍ଚାୟତ ସମିତିସଭ୍ୟା ସ୍ମରଣିକା ବଳ, ମାଣ୍ଡୁକ ସରପଞ୍ଚ ପ୍ରଭାସିନୀ ମଲିକ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ରାଜ୍ୟ ସମ୍ପାଦକ ସରୋଜ କର ଓ ଯାଜପୁର ଜିଲ୍ଲା ସଭାନେତ୍ରୀ ଦେବଯାନୀ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

# 'ବିଜ୍ଞାନ ଅଭିମୁଖୀ ଜନଯାତ୍ରା'ରେ ୩ ହଜାର ବିଦ୍ୟାର୍ଥୀ ସାମିଲ୍




କଟକ,୨୪।୮(ସଂଚାର ବ୍ୟୁରୋ): ଆଜି କଟକ ସମେତ ଦେଶ ତଥା ରାଜ୍ୟର ବହୁ ଛୋଟ-ବଡ ସହରରେ ହଜାର ହଜାର ସଂଖ୍ୟାରେ ବୈଜ୍ଞାନିକ, ଗବେଷକ ତଥା ବିଜ୍ଞାନପ୍ରେମୀ ଜନଗଣ ସମାଜରେ ବୈଜ୍ଞାନିକ ଚିନ୍ତାର ପ୍ରଚାର-ପ୍ରସାର କରିବା ଏବଂ ପ୍ରଚଳିତ ବହୁ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ 'ବିଜ୍ଞାନ ଅଭିମୁଖି ଜନଯାତ୍ରା'ରେ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ର-ଶିକ୍ଷକ ତଥା ବୁଦ୍ଧିଜୀବୀ ସ୍ଥାନୀୟ ଗୌରୀଶଙ୍କର ପାର୍କ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବିଶିଷ୍ଟ ବୈଜ୍ଞାନିକଙ୍କ ଫଟୋଚିତ୍ର ଓ ଉଦ୍ଧୃତି ସମ୍ବଳିତ ପୋଷ୍ଟର ଧରି ବିଭିନ୍ନ ବିଦ୍ୟାଳୟର ପ୍ରାୟ ୩ ହଜାର ପିଲା ବିଜ୍ଞାନକୁ ଉତ୍ସବ ଭାବେ ପାଳନ କରିଥିଲେ। ରଙ୍ଗବେରଙ୍ଗ ପୋଷ୍ଟରରେ 'କେନ୍ଦ୍ର ସରକାର ବଜେଟରେ ୧୦ ପ୍ରତିଶତ ସହ ରାଜ୍ୟ ସରକାର ଶିକ୍ଷା ପାଇଁ ୩୦ ପ୍ରତିଶତ ବ୍ୟୟ ଏବଂ ବୈଜ୍ଞାନିକ ଗବେଷଣା ପାଇଁ ଜିଡିପିର ୩ ପ୍ରତିଶତ ଖର୍ଚ୍ଚ କରିବା ସକାଶେ ସେମାନେ ଦାବି କରିଥିଲେ। ଶୋଭାଯାତ୍ରାଟି ନେତାଜୀ ମେମୋରିଆଲରେ ପହଞ୍ଚିବା ପରେ ସେଠାରେ ଏକ ସଭା ଆୟୋଜିତ ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ପ୍ରଫେସର ପଦନ କୁମାର ଜେନା କହିଥିଲେ ଯେ ବିଜ୍ଞାନ କେବଳ ପରୀକ୍ଷିତ ସତ୍ୟକୁ ହିଁ ଆଧାର କରି ଆଜି ଏହି ବିରାଟ ଜ୍ଞାନ ଜଗତ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି। କିନ୍ତୁ ବିଭିନ୍ନ ମନଗଢ଼ା ଧ୍ୟାନଧାରଣାକୁ ବିଜ୍ଞାନ ବୋଲି ଅପପ୍ରଚାର କରାଯାଉଛି। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନର ପ୍ରାଧ୍ୟାପକ ଜୟ ପ୍ରକାଶ ଦାସ, ଗୁରୁ ନାନକ ପବ୍ଲିକ ସ୍କୁଲର ଶିକ୍ଷକ ପ୍ରଦୀପ୍ତ କୁମାର ସ୍ୱାଇଁ, ବାଦାମବାଡ଼ି ନ୍ୟୁ କଲୋନୀ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭିକାରୀ ଚରଣ ମହାନ୍ତି, ରେଭେନ୍ସା ବାଳିକା ବିଦ୍ୟାଳୟର ଅବିଭାବକ ପରିଚାଳନା କମିଟିର ସଭାପତି ହୃଷୀକେଶ ବଳ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଅମରେନ୍ଦ୍ର ନାୟକ, ଆଦିତ୍ୟ ଘୋଷ, ଚନ୍ଦନ ସାହୁ, ବି ଦିବ୍ୟଜ୍ୟୋତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଏଏସ୍‌ଆଇଙ୍କ ମୃତ୍ୟୁ



କାମାକ୍ଷାନଗର,୨୪।୮(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଭାଲୁମୁଣ୍ଡାଠାରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ଏଥିରେ ଜଣେ ଏଏସଆଇଙ୍କ ମୃତ୍ୟୁ ଘଟିଛି। ଉକ୍ତ ଏଏସ୍‌ଆଇ ଜଣଙ୍କ ହେଲେ କଙ୍କଡାହାଡ଼ ଥାନା ପାଟବେଡା ଗାଁର ମାନସ ସିଂ। ମିଳିଥିବା ସୂଚନାନୁସାରେ, ମାନସ ଅନୁଗୁଳ ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟରତ ଥିବା ବେଳେ ଛୁଟିନେଇ ଗତକାଲି ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ତେବେ ଏହି ସମୟରେ ଭାଲୁମୁଣ୍ଡାଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଖବର ପାଇ ମାନସଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏଏସ୍‌ଆଇଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ପୁଲିସ୍ ଏହି ମାମଲାର ଅଧିକ ତଦନ୍ତ ମଧ୍ୟ ଜାରି ରଖିଛି। ମାନସଙ୍କ ପରିବାର ଓ ବନ୍ଧୁପରିଜନଙ୍କ କାନ୍ଦବୋବାଳିରେ ମେଡିକାଲ ପରିସରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

● ବହୁତଳ ପାର୍କିଂରେ ଅଘଟଣ

## ଖସିପଡ଼ିଲା କାର୍, ଡ୍ରାଇଭର୍ ଗୁରୁତର



ପୁରୀ,୨୪।୮(ସଂଚାର ବ୍ୟୁରୋ): ପୁରୀ ଜଗନ୍ନାଥ ବଲ୍ଲଭସ୍ଥିତ ଏକ ବହୁତଳପ୍ରାସାଦ ପାର୍କିଂରେ ଆଜି ଘଟିଛି ଏକ ଅଘଟଣ। ଗାଡ଼ି ପାର୍କିଂ ସମୟରେ ତଳକୁ ଖସିପଡିଲା କାର୍। ତେବେ ଏତେ ଉପରୁ ଗାଡ଼ି ଖସିବା ଫଳରେ ଡ୍ରାଇଭର ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ପୁରୀ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତର କହିଛନ୍ତି। ତେବେ ଡ୍ରାଇଭର୍ ଜଣଙ୍କ ଭଦ୍ରକ ଧାମରା ଅଞ୍ଚଳର ବୋଲି ଜଣାପଡ଼ିଥିଲେ ହେଁ ତାଙ୍କର ପରିଚୟ ମିଳିପାରିନାହିଁ।ମିଳିଥିବା ସୂଚନାନୁସାରେ, ଆଜି ଜଗନ୍ନାଥ ବଲ୍ଲଭ ପାର୍କିଂରେ ଡ୍ରାଇଭର୍ ଜଣଙ୍କ ଓଡି୦୧ଏସି ୪୫୧୬ ନମ୍ବରବିଶିଷ୍ଟ ଉକ୍ତ ଏସୟୁଭିକୁ ପାର୍କିଂ କରୁଥିବା ସମୟରେ ହଠାତ୍ ଭାରସାମ୍ୟ ହରାଇବାରୁ ତାହା ତଳକୁ ଖସିପଡ଼ିଥିଲା। ଛାତ ଉପରୁ ତଳ ପର୍ଯ୍ୟନ୍ତ ପ୍ରାୟ ୧୦ ଫୁଟ୍ ଉଚ୍ଚତା ହୋଇଥିବାରୁ ଏଥିରେ ଡ୍ରାଇଭର୍ ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ଉକ୍ତ ଦୁଇ ମହଲା ବିଶିଷ୍ଟ ପାର୍କିଂ ଧାରରେ କୌଣସି କାନ୍ଥ ନ ଥିବାରୁ ଏପରି ଅଘଟଣ ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଏହି ବହୁତଳ ପାର୍କିଂ ବ୍ୟବସ୍ଥା ପୁରୀକୁ ଆସୁଥିବା ଯାତ୍ରୀଙ୍କ ଭିଡ଼ ପରିଚାଳନା କରିବା ସକାଶେ ହୋଇଥିଲେ ମଧ୍ୟ ଏବେ ଏହାର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହାନଦୀକୁ ଡେଇଁଲେ ଛାତ୍ରୀ

● ଖୋଜାଖୋଜି ପରେ ଉଦ୍ଧାର ହେଲେ

ସମ୍ବଲପୁର,୨୪।୮(ସଂଚାର ବ୍ୟୁରୋ): ମହାନଦୀକୁ ଜଣେକା ନାବାଳିକା ଛାତ୍ରୀ ଡେଇଁ ପଡ଼ିଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଫଳସ୍ୱରୂପ ଉକ୍ତ ଛାତ୍ରୀଙ୍କ ଜୀବନ ବଞ୍ଚିଯାଇଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳୁ ସମ୍ବଲପୁର ଚାଉଁର ବ୍ରିଜ ଉପରୁ ଅଚାନକ ଉକ୍ତ ଛାତ୍ରୀ ଜଣଙ୍କ ନଦୀକୁ ଡେଇଁପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ନିକଟସ୍ଥ ଟାଉନ୍ ଥାନା ଓ ଦମକଳ ବାହିନୀକୁ ଫୋନ୍ କରିଥିଲେ। ସେତେବେଳେ ପୋଲ ଉପରେ ତାଙ୍କ ମୋବାଇଲ, ବ୍ୟାଗ, ସାଇକେଲ ଓ ଏକ ଫିନାଇଲ୍ ବୋତଲ ପଡ଼ିଥିଲା। ସ୍ଥାନୀୟ ପୁଲିସ୍ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପରେ ପୁଲିସ୍ ତାଙ୍କ ସାମଗ୍ରୀକୁ ଜବତ କରିଥିବା ବେଳେ ଦମକଳ ବାହିନୀ କର୍ମଚାରୀମାନେ ଖୋଜାଖୋଜି ଆରମ୍ଭ କରି କିଛି ସମୟ ପରେ ତାଙ୍କୁ ଉଦ୍ଧାର କରିଥିଲେ। ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀ ଜଣଙ୍କ ବୁଢ଼ାରାଜ ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଜଣାପଡ଼ିଛି। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ତେବେ କୌଣସି କାରଣବଶତଃ ସେ ଆଜି ସକାଳ ପ୍ରାୟ ୬ଟା ସମୟରେ ବ୍ରିଜ୍ ଉପରୁ ନଦୀକୁ ଡେଇଁ ପଡିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ତାଙ୍କ ବ୍ୟାଗ୍‌ରୁ ନବମ ଶ୍ରେଣୀ ପ୍ରଶ୍ନପତ୍ର ମିଳିବା ପରେ ସେ ଉକ୍ତ ଶ୍ରେଣୀରେ ପଢୁଥିବା ଲୋକେ ଅନୁମାନ କରିଛନ୍ତି। ସେହିପରି ତାଙ୍କ ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି ଯେ ଛାତ୍ରୀ ଜଣଙ୍କ ପିତାମାତାଙ୍କୁ ହରାଇଛନ୍ତି। ତାଙ୍କୁ ସ୍କୁଲ୍ ପକ୍ଷରୁ ପାଠ୍ୟପୁସ୍ତକ ଓ ପୋଷାକ ଯୋଗାଇ ଦିଆଯାଇଛି। ତେବେ ସେ ସ୍କୁଲ୍‌କୁ ନିୟମିତ ଭାବେ ଆସୁନଥିବା ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି। ତେଣୁ ସେ କୌଣସି ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଥିବା ଓ ଏହି ଆତ୍ମହତ୍ୟା ଉଦ୍ୟମ ତଜ୍ଜନିତ ବୋଲି ଅନୁମାନ କରାଯାଉଛି। ତେବେ ଟାଉନ୍ ପୁଲିସ୍ ଏହି ମାମଲାର ତଦନ୍ତ ଚଳାଇଥିବାରୁ ଏହା ଶେଷ ହେବା ପରେ କାରଣ ଜଣାପଡ଼ିବ।



● ଶିଶୁ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ

# ଶିଶୁ ସାହିତ୍ୟିକମାନେ ଓଡ଼ିଆ ଜାତିକୁ ଏକ ସୂତ୍ରରେ ବାନ୍ଧିପାରିଛନ୍ତି



ଭୁବନେଶ୍ୱର, ୨୪।୮: ଶିଶୁ ସାହିତ୍ୟ ସ୍ରଷ୍ଟାମାନଙ୍କ ସାରସ୍ୱତ ଅବଦାନ ଓଡ଼ିଆ ଜନଜୀବନରେ ଯେଉଁ ନୂତନ ଆଶା ସଞ୍ଚାର କରିପାରିଛି, ତାହା ଓଡ଼ିଆ ଜାତିକୁ ଏକସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ-କିଶୋର ସାହିତ୍ୟ ଏକାଡେମୀ ସହଯୋଗରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଦିନିକିଆ ଶିଶୁସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଯୋଗଦେଇ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ଓଡ଼ିଆ ଭାଷା, ଶିଶୁ ସାହିତ୍ୟ ଓ ସଂସ୍କୃତିର ଶ୍ରୀବୃଦ୍ଧି କ୍ଷେତ୍ରରେ ଶିଶୁସାହିତ୍ୟ ପ୍ରମୁଖ ଭୂମିକା ନେଇଥିବା କହିଛନ୍ତି। ଶିଶୁ-କିଶୋର ସାହିତ୍ୟ ଏକାଡେମୀ ସଭାପତି ପ୍ରଫେସର ଦାଶ ବେନହୁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ-କିଶୋର ସାହିତ୍ୟ ଏକାଡେମୀ ସମ୍ପାଦକ ବୀରେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି, ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଶିଶୁସାହିତ୍ୟ ସ୍ରଷ୍ଟାମାନେ ନିଜ ଲେଖନୀ ମାଧ୍ୟମରେ ଓଡ଼ିଆ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିଥିବା କହିଛନ୍ତି। ସେହିପରି ଶ୍ରୀ ଦାଶ ବେନହୁର ଶିଶୁସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ 'କୋଣାର୍କ' ପତ୍ରିକା ସହ ସହଯୋଗୀ ଅନୁଷ୍ଠାନ ଶିଶୁ-କିଶୋର ସାହିତ୍ୟ ଏକାଡେମୀ ପକ୍ଷରୁ ବିଭିନ୍ନ ପୁସ୍ତକ ଲୋକାର୍ପିତ ହୋଇଛି। ବିଶିଷ୍ଟ ଶିଶୁସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଉଦ୍‌ଘାଟନୀ ଅଧିବେଶନରେ ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ଅଭିଭାଷଣ ଦେଇଥିଲେ।

ସେହିପରି ପ୍ରଥମ ଅଧିବେଶନ ସଂପାଳରେ ଡକ୍ଟର ଅରବିନ୍ଦ ପଟ୍ଟନାୟକ ମୁଖ୍ୟଅତିଥି, ସମ୍ମାନନୀୟ ଅତିଥି ଭାବେ ଡ. ନରେନ୍ଦ୍ର ପ୍ରସାଦ ଦାସ, ଡ. ମନୀନ୍ଦ୍ର ମହାନ୍ତି ଓ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ସାମନ୍ତରାୟ, ସମ୍ମାନନୀୟ ଆଲୋଚକ ଭାବେ ଡ. ଆଶୁତୋଷ ଦେବତା, ଇଂ. ମାୟାଧର ସ୍ୱାଇଁ, ଶ୍ରୀଯୁକ୍ତ ଧନଞ୍ଜୟ ସ୍ୱାଇଁ, ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଶ୍ରୀଯୁକ୍ତ ପରେଶ କୁମାର ପଟ୍ଟନାୟକ, ଡ. ନମିତା ମହାନ୍ତି, ଡ. କମଳାକାନ୍ତ ଜେନା, ସଭାମୁଖ୍ୟ ଭାବେ ଶିଶୁ-କିଶୋର ସାହିତ୍ୟ ଏକାଡେମୀର ଉପ-ସଭାପତି ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ ଯୋଗଦାନ କରି ଆଲୋଚ୍ୟ ବିଷୟ - 'ଓଡ଼ିଆ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ଶିଶୁସାହିତ୍ୟର ଭୂମିକା' ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଶିଶୁ କବିତା ପାଠୋତ୍ସବରେ ସମ୍ମାନିତ ଅତିଥି ଭାବେ ଡ. ଲିଙ୍ଗରାଜ ରଥ, ହରିପ୍ରିୟା ପଟ୍ଟନାୟକ, ଡ. ବିଜୟା ପାତ୍ର, ଶରତ କୁମାର ନାୟକ, ସଂଯୋଜକ ଭାବେ ହରିହର ଶୁକ୍ଳ, ପ୍ରକାଶ ଚନ୍ଦ୍ର ଦାଶ, ଡ. ପ୍ରବୀଣା ପରିଡ଼ା, କଳ୍ପନା ମିଶ୍ର, ସଭାମୁଖ୍ୟ ଭାବେ ଡକ୍ଟର ଶରତ କୁମାର ବିଶ୍ୱାଳ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ପ୍ରାୟ ୮୪ ଜଣ ଶିଶୁ କବି ଓ କବୟିତ୍ରୀ ସ୍ୱରଚିତ ଶିଶୁ କବିତା ପାଠ କରିଥିଲେ। ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

# ସୁନା ଅଳଙ୍କାର ଦୋକାନରୁ ଲୁଟ୍

■ ଗୁଳିମାଡ଼ରେ ଯୁବକ ଗୁରୁତର

ଜଂକିଆ,୨୪।୮(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରିସ୍ଥିତ ସାଇ ସୋନୁ ଅଳଙ୍କାର ଦୋକାନରୁ ଆଜି ମଧ୍ୟାହ୍ନରେ ଲୁଟେରାମାନେ ଆସି ଦୋକାନରୁ ସର୍ବସ୍ୱ ଲୁଟି ଥିବା ଜଣାପଡ଼ିଛି। ୪ଟି ପଲସରରେ ୮ ଜଣ ଦୁର୍ବୃତ୍ତ ଗୁଳି ଓ ବୋମା ଫୁଟାଇ ଦୋକାନରେ ଥିବା କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ପରେ ଦୋକାନରେ ଥିବା ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିବା ସୂଚନା ମିଳିଛି। ଏହି ସମୟରେ ଦୋକାନରେ ନିକଟସ୍ଥ ସରପାରୀ ଗ୍ରାମର ରାଜା ପ୍ରଧାନ ନାମକ ଜଣେ ଯୁବକ ଦୋକାନରେ ଥିବାବେଳେ ଲୁଟେରାମାନେ ତାଙ୍କ ଦେହକୁ ଏକ ଗୁଳି ମାରିଥିବାରୁ ସେ ଗୁରୁତର ଆହତ ହୋଇ ପଡିଥିବାର ଜଣାପଡିଛି। ପରେ ଲୁଟେରାମାନେ ଦୋକାନ ବାହାରେ ଏକାଧିକ ବୋମା ଫୁଟାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନା ପାଇ ଘଟଣାସ୍ଥଳରେ ଜଙ୍କିଆ ପୋଲିସ ଓ ସାଇଣ୍ଟିଫିକ ଟିମର ତଦନ୍ତ ଜାରି ରଖିଛନ୍ତି। ଡକାୟତମାନେ ସମ୍ପୂର୍ଣ୍ଣ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଏହି ଡକାୟତି କରିଥିବା ଆଲୋଚନା ହେଉଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୨୫ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Monday 25 August 2025, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ରୁଷର ଆକ୍ରମଣ ଏବଂ ୟୁକ୍ରେନର ସଂଘର୍ଷ

ଫେବୃଆରୀ ୨୦୨୨ରେ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧ ଆଜି ୨୦୨୫ର ଅଗଷ୍ଟ ମାସରେ ମଧ ଚାଲୁ ରହିଛି। ଏହି ଯୁଦ୍ଧ କେବଳ ଦୁଇ ଦେଶର ମଧ୍ୟରେ ସୀମିତ ନୁହେଁ, ବରଂ ଏହା ବିଶ୍ୱବ୍ୟାପୀ ଅର୍ଥନୀତି, ରାଜନୀତି ଏବଂ ମାନବୀୟ ସଙ୍କଟର ଏକ ବଡ଼ କାରଣ ହୋଇଛି। ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଆକ୍ରମଣକୁ ବିଶ୍ୱର ଅନେକ ଦେଶ ନିନ୍ଦା କରିଛନ୍ତି, କିନ୍ତୁ ଏହାର ଅନ୍ତ ଦେଖାଯାଉନାହିଁ। ଅଗଷ୍ଟ ୨୪, ୨୦୨୫ରେ ୟୁକ୍ରେନର ସ୍ୱାଧୀନତା ଦିବସ ଅବସରରେ ରୁଷ ଦ୍ୱାରା ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣ ଏହି ଯୁଦ୍ଧର ନିର୍ମମତାକୁ ଆହୁରି ଉଜାଗର କରିଛି।



ରୁଷର ଆକ୍ରମଣର କାରଣ ଭାବରେ ପୁଟିନ ନାଟୋର ବିସ୍ତାର, ୟୁକ୍ରେନରେ ନାଜିବାଦର ଅଭିଯୋଗ ଏବଂ ରୁଷୀୟ ଭାଷୀ ଜନତାର ସୁରକ୍ଷାକୁ ଉଲ୍ଲେଖ କରିଛନ୍ତି କିନ୍ତୁ ଏହା କେବଳ ଏକ ବାହାନା ବୋଲି ବିଶ୍ୱ ସମୁଦାୟ ମାନେ। ବାସ୍ତବରେ, ଏହା ରୁଷର ସାମ୍ରାଜ୍ୟବାଦୀ ଆକାଂକ୍ଷାର ପ୍ରତିଫଳନ। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ଆକ୍ରମଣକୁ ସାହସର ସହ ମୁକାବିଲା କରିଛନ୍ତି। ସମ୍ପ୍ରତି ୟୁକ୍ରେନୀୟ ସେନା ରୁଷର କୁର୍ସ୍କ ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ କରି ପରମାଣୁ ବିଦ୍ୟୁତ୍ କେନ୍ଦ୍ରରେ ଅଗ୍ନିକାଣ୍ଡ ଘଟାଇଛନ୍ତି, ଯାହା ରୁଷର ଦୁର୍ବଳତାକୁ ପ୍ରକାଶ କରିଛି। ରୁଷ ସେନା ପୂର୍ବ ୟୁକ୍ରେନରେ ଗ୍ରାମ ଦଖଲ କରିବାର ଦାବି କରୁଛି, କିନ୍ତୁ ୟୁକ୍ରେନ ପ୍ରତିରୋଧ କରି କିଛି ଅଞ୍ଚଳ ପୁନରୁଦ୍ଧାର କରିଛି।

ଏହି ଯୁଦ୍ଧର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେଉଛି। ୟୁକ୍ରେନରେ ହଜାର ହଜାର ନାଗରିକ ମୃତ୍ୟୁବରଣ କରିଛନ୍ତି, ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇଛନ୍ତି। ରୁଷର ଅର୍ଥନୀତି ପ୍ରତିବନ୍ଧକରେ କ୍ଷତିଗ୍ରସ୍ତ ହୋଇଛି, କିନ୍ତୁ ପୁଟିନଙ୍କ ନେତୃତ୍ୱ ଏହାକୁ ଅଣଦେଖା କରୁଛି। ବିଶ୍ୱରେ ଖାଦ୍ୟ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇଛି, ଯାହା ଭାରତ ଭଳି ଦେଶଗୁଡ଼ିକୁ ପ୍ରଭାବିତ କରିଛି। ଓଡ଼ିଶାରେ ମଧ ଏହି ଯୁଦ୍ଧର ପ୍ରଭାବ ଦେଖାଯାଉଛି, ଯେପରିକି ଯନ୍ତ୍ରପାତି ଏବଂ ଖାଦ୍ୟ ମୂଲ୍ୟରେ ବୃଦ୍ଧି। ଆନ୍ତର୍ଜାତୀୟ ସମୁଦାୟରେ ଏହି ଯୁଦ୍ଧ ଏକ ବିଭାଜନ ସୃଷ୍ଟି କରିଛି। ପଶ୍ଚିମ ଦେଶଗୁଡ଼ିକ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଏବଂ ଅର୍ଥନୈତିକ ସହାୟତା ପ୍ରଦାନ କରୁଛନ୍ତି, ଯେପରିକି ନାଟୋର ମହାସଚିବଙ୍କ ସମ୍ପ୍ରତି କିଏଭ୍ ଯାତ୍ରା। କିନ୍ତୁ ରୁଷ ଏହି ସହାୟତାକୁ ଯୁଦ୍ଧର ବିସ୍ତାର ବୋଲି ଦାବି କରିଛି।

ଜେଲେନସ୍କି ଦକ୍ଷିଣ ବିଶ୍ୱର ଦେଶଗୁଡ଼ିକୁ ରୁଷ ଉପରେ ଚାପ ପକାଇବାକୁ ଆହ୍ୱାନ ଦେଇଛନ୍ତି। ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମାଫୋସାଙ୍କ ସହ ଆଲୋଚନା ଏହି ଦିଗରେ ଏକ ପଦକ୍ଷେପ। କିନ୍ତୁ ରୁଷର ବିଦେଶ ମନ୍ତ୍ରୀ ସର୍ଗେଇ ଲାଭ୍ରୋଭ କହିଛନ୍ତି ଯେ ପୁଟିନ ଏବଂ ଜେଲେନସ୍କିଙ୍କ ମଧ୍ୟରେ କୌଣସି ବୈଠକ ହେବ ନାହିଁ ଯାଏଁ ଏଜେଣ୍ଡା ନିର୍ଦ୍ଧାରିତ ନହୋଇଛି। ଏହା ଶାନ୍ତି ପ୍ରକ୍ରିୟାକୁ ବାଧା ଦେଉଛି। ବିଶ୍ୱ ସଂଘର ଭୂମିକା ଏଠାରେ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ଦେଶଗୁଡ଼ିକ ନିରପେକ୍ଷ ରହି ଶାନ୍ତି ଆଲୋଚନାକୁ ପ୍ରୋତ୍ସାହିତ କରିବା ଉଚିତ୍।

ଏହି ଯୁଦ୍ଧ ମାନବ ଅଧିକାରର ଉଲ୍ଲଂଘନ ଏବଂ ଆନ୍ତର୍ଜାତୀୟ ନିୟମର ଉଲ୍ଲଂଘନର ଏକ ଉଦାହରଣ। ରୁଷର ଆକ୍ରମଣକୁ ନିନ୍ଦା କରିବା ସହ ବିଶ୍ୱ ସମୁଦାୟ ୟୁକ୍ରେନକୁ ଅଧିକ ସହାୟତା ପ୍ରଦାନ କରିବା ଆବଶ୍ୟକ। ଯୁଦ୍ଧର ବଦଳରେ ଆଲୋଚନା ଏବଂ କୂଟନୀତି ହିଁ ସମାଧାନର ପଥ। ୟୁକ୍ରେନର ସ୍ୱାଧୀନତା ଦିବସରେ ଆମେ ଏହି ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ କାମନା କରୁଛୁ। ଯୁଦ୍ଧ କେବଳ ବିନାଶ ଆଣେ, ଶାନ୍ତି ହିଁ ଉନ୍ନତିର ଚାବି।

# ଶିବାନନ୍ଦ ସାହିତ୍ୟ: ବିଶ୍ୱ ମାନବତା ପାଇଁ ଏକ ଆଶୀର୍ବାଦ

**ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ**

ବ୍ୟକ୍ତି ହୃଦୟର ସୃଜନଶକ୍ତି, ସାହିତ୍ୟ ରୂପରେ ଅଭିବ୍ୟକ୍ତ ହୋଇଥାଏ। ଏହାପ୍ରତି ହୃଦୟରେ ଅଳ୍ପ ବହୁତ ଭାବ ଆକାରରେ ଥାଏ। ଏହାର ଶକ୍ତି ଅସୀମ। ଭାବ ରାଜ୍ୟକୁ ସ୍ପନ୍ଦିତ କରି ଇନ୍ଦ୍ରିୟମାନଙ୍କ ଦ୍ୱାରା ଭାଷା ରୂପରେ ସାହିତ୍ୟ ହୃଦକନ୍ଦରରୁ ଝରିଆସେ। ସାହିତ୍ୟ ପ୍ରଭାବରେ ଜଡ଼ ଚେତନ ସବୁ ପ୍ରଭାବିତ ହୁଅନ୍ତି। ବେଳେବେଳେ ବିଗଳିତ ମଧ ହୋଇଯାନ୍ତି। ଶାସ୍ତ୍ର, ଅନୁଭବ ଓ କିମ୍ବଦନ୍ତୀ ଏହାର ପ୍ରମାଣ। ପ୍ରେମଭକ୍ତିର ଭାବାବେଗରେ ପଥର ତରଳିବା, ତରୁ-ତୃଣ ଖଗ-ମୃଗ ବିମୋହିତ ହୋଇଯିବା, ହିଂସ୍ର ଜୀବଜନ୍ତୁମାନେ ନୀରବରେ ବୋଲ ମାନିବା ଆଦି ମଧ ଦେଖାଯାଏ। ଭାବପୂର୍ଣ୍ଣ ମେଘମଲ୍ଲାର ରାଗରେ ଆକାଶରୁ ବର୍ଷାଧାରା ଝରିଆସେ ବୋଲି ଶୁଣାଯାଏ। ଦୀପକ ରାଗରେ ଦୀପ ଜଳିଆସେ। ଦେବତାମାନେ ଆକର୍ଷିତ ହୋଇ ଧରାକୁ ଅବତରି ଆସନ୍ତି। ହିଂସ୍ର ପଶୁପକ୍ଷୀମାନେ ସ୍ନେହ ପ୍ରେମର ଆବେଶରେ ବଶ ହୋଇଯାଆନ୍ତି। ପ୍ରେରଣାପ୍ରଦ ଓଜସ୍ୱିନୀ ଭାଷଣ ପ୍ରଭାବରେ ପଙ୍ଗୁ ଗିରି ଲଙ୍ଘନ କରିବାର ଶକ୍ତି ଲାଭ କରେ, ମୂର୍ଖ ପଣ୍ଡିତ ହୋଇଯାଏ। ଏହା ସବୁ ସାହିତ୍ୟର ଅସୀମ ଶକ୍ତି। ଆଧୁନିକ ବିଶ୍ୱର ମହାନ ସନ୍ଥ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ସେହିଭଳି ଜଣେ ଅସୀମ ଶକ୍ତିଧର କଳାନୁରାଗୀ ମହାପୁରୁଷ। ଆପଣା ଜନ୍ମଗତ ସୃଜନଶୀଳ ଆବେଗ, କଠୋର ତପସ୍ୟାର ସାଧନା ଶକ୍ତି ତାଙ୍କ ଜୀବନକୁ ବିପୁଳ ଭାବେ ପ୍ରଭାବିତ କରିଛି। ଈଶ୍ୱରଙ୍କ କୃପାରେ, ଆତ୍ମପ୍ରେରଣାରେ ସେ ସୃଷ୍ଟି କରିଛନ୍ତି ବିପୁଳ ସାହିତ୍ୟ ସମ୍ଭାର ଯାହାକି ବିଶ୍ୱ ବାଣୀ ଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରିଛି। ତିନିଶହରୁ ଅଧିକ ପୁସ୍ତକ ଇଂରାଜୀ ଭାଷାରେ ରଚନା କରି ସେ ସାରା ମାନବ ସମାଜକୁ ଚମତ୍କୃତ କରିଦେଇଛନ୍ତି। ସ୍ୱାମୀ ଶିବାନନ୍ଦଙ୍କର ପୂର୍ବ ନାମ ଥିଲା କୁପ୍ପୁ ସ୍ୱାମୀ। ୧୮୮୭ ମସିହା ସେପ୍ଟେମ୍ବର ମାସ ୮ ତାରିଖ ଦିନ ଦକ୍ଷିଣ ଭାରତର ତାମିଲନାଡୁ ରାଜ୍ୟରେ ବିଶିଷ୍ଟ ବିଦ୍ୱାନ ଆପାୟ୍ୟା ଦକ୍ଷିତାରନଂ ବଂଶରେ ସେ ଧରାବତରଣ କରିଥିଲେ। ମାତା ପାର୍ବତୀ ଅମଲା ଓ ପିତା ଶ୍ରୀ ପି ଏସ୍ ଭେଙ୍ଗୁ ଆୟ୍ୟାର ଥିଲେ ଅତ୍ୟନ୍ତ ଭକ୍ତିପ୍ରାଣ କୁଳୀନ ବ୍ରାହ୍ମଣ। ପିଲାଟି ଦିନରୁ ଶିଶୁ କୁପ୍ପୁ ସ୍ୱାମୀ ମଧ୍ୟରେ ଅସାଧାରଣ ଧୀମତା ଓ ଦିବ୍ୟ ପ୍ରତିଭା ପ୍ରକାଶ ପାଇଥିଲା। ସେ ଥିଲେ ଜଣେ ମେଧାବୀ ଛାତ୍ର। ଖେଳ କୌତୁକ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସେ ଥିଲେ ଧୂରନ୍ଧର। ଡାକ୍ତରୀ ଶିକ୍ଷା ସମାପ୍ତ ପରେ ସେ ସୁଦୁର ମାଲେସିୟାରେ ଏକ ଡାକ୍ତର ଭାବେ ସେବା ପ୍ରଦାନ କରିଥିଲେ। ଡାକ୍ତର କୁପ୍ପୁ ସ୍ୱାମୀଙ୍କର ସେବାନୈପୁଣ୍ୟତା ତାଙ୍କୁ ଅଜସ୍ର ଖ୍ୟାତି ପ୍ରଦାନ କରିଥିଲା। ଛାତ୍ର ଜୀବନରେ ସେ 'ଆମ୍ବ୍ରୋସିୟା' ନାମକ ଏକ ସ୍ୱାସ୍ଥ୍ୟସେବା ପତ୍ରିକା ପ୍ରକାଶ କରିଥିଲେ। ତାହା ଖୁବ୍ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲା। ଗୋଟିଏ ସଂଖ୍ୟା ବନ୍ଦ ହୋଇଗଲେ ଅନେକ ଅନୁରୋଧ ପତ୍ର ତାଙ୍କ ପାଖକୁ ଆସୁଥିଲା। ତତ୍କାଳୀନ ଭାରତର ବହୁ ପ୍ରତିଷ୍ଠିତ ଲେଖକ ଏଥିରେ ଲେଖା ଦେଉଥିଲେ। ଲେଖିବା, କହିବା ଓ ମନୋରଞ୍ଜନ କରିବା ସତେଅବା ତାଙ୍କର ଜନ୍ମସିଦ୍ଧ ସ୍ୱଭାବ ଥିଲା। କେବଳ ଶରୀରର ସ୍ୱାସ୍ଥ୍ୟ ସେବାରେ ସୀମିତ ନରହି ସେ ଆତ୍ମକଲ୍ୟାଣ ଦିଗରେ ଆଗ୍ରହୀ ହୋଇଉଠିଲେ। ଆତ୍ମାନୁସନ୍ଧାନ ଓ ଆତ୍ମକଲ୍ୟାଣ ପାଇଁ ସେ ମାଲେସିୟା ଛାଡ଼ି ଭାରତ ଫେରି ଆସିଲେ। ବଡ଼ ଚାକିରୀ, ମୋଟା ବେତନ, ବିପୁଳ ସମ୍ମାନ ତାଙ୍କୁ ଆଉ ଆକର୍ଷଣ କରିପାରିଲା ନାହିଁ। ଦେବତାତ୍ମା ହିମାଳୟ ଓ ପତିତପାବନୀ ମା' ଗଙ୍ଗାଙ୍କ ସାନ୍ନିଧ ଲାଭ କରି ସେ ତନ୍ମୟ ହୋଇଗଲେ। ଭକ୍ତି, ଶାନ୍ତି, ଆନନ୍ଦ ଅନୁସନ୍ଧାନରେ ନିମଗ୍ନ ରହିଲେ। ଶିବାନନ୍ଦଙ୍କ ସାଧନାର ଆଧାରଶୀଳା ଆଧାତ୍ମିକତା। 'ଅଧାତ୍ମ ବିଦ୍ୟା ବିଦ୍ୟାନଂ' ଜୀବନରେ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତିର ଲକ୍ଷ୍ୟ ନେଇ ସତ୍ ଆଧାରରେ କର୍ମକୁ ଧର୍ମରେ ରୂପାନ୍ତରିତ କରିବାକୁ ହେବ। ବିଶ୍ୱରେ ପ୍ରତିଷ୍ଠିତ ସମସ୍ତ ସଭ୍ୟତା, ସଂସ୍କୃତି ଓ ଧର୍ମଧାରାର ସାରମର୍ମକୁ ଗଭୀର ଭାବେ ଅଧ୍ୟୟନ, ଅନୁଧାନ ଓ ଅଭ୍ୟାସ କରି ସେ ତତ୍ତ୍ୱ ଖୋଜିବାକୁ ଲାଗିଲେ। ସନାତନ ସଂସ୍କୃତିର ବିପୁଳ ଜ୍ଞାନ ଭଣ୍ଡାରକୁ ମନ୍ଥନ କରି ରତ୍ନାକରରୁ ରତ୍ନ ସଂଗ୍ରହ ପରି ଖୋଜି ଖୋଜି ଆତ୍ମକଲ୍ୟାଣକାରୀ ସାରରତ୍ନ ସବୁ ସଂଗ୍ରହ କଲେ। ସମସ୍ତ ଧର୍ମ, ମତ, ପନ୍ଥର ସାରମର୍ମକୁ ସେ ମାତ୍ର ଛଅଗୋଟି ଶବ୍ଦରେ ସକଳ ମାନବ ସମାଜର କଲ୍ୟାଣ ପାଇଁ ପରଷି ଦେଇଛନ୍ତି। ସେଗୁଡ଼ିକ ହେଲେ- ଝରଜଠର, ଖଡଂଠର, ଏଓଠର, ଚଟଜଓରଣ, ଗରଉଓଞଇଞର, ଜରଇଖଓଝର (ସେବା, ପ୍ରେମ, ଦାନ, ପବିତ୍ରତା, ଧାନ ଓ ଆତ୍ମାନୁଭବ) ଏହା ସକଳ ଧର୍ମ ଦର୍ଶନର ସାରକଥା। ଜୀବନରେ ଏହାର ପ୍ରୟୋଗ ଦ୍ୱାରା ସମସ୍ତ କଲ୍ୟାଣ ସମ୍ଭବ ହୋଇପାରିବ।

ସ୍ୱାମୀ ଶିବାନନ୍ଦ ସାରା ଭାରତବର୍ଷ ଭ୍ରମଣ କରି ପୁଣ୍ୟଭୂମି ଋଷିକେଶ ମା' ଗଙ୍ଗାଙ୍କ ପାବନ ତଟକୁ ଆପଣା ସାଧନା କ୍ଷେତ୍ର ଭାବରେ ସ୍ଥିର କଲେ। ଏହିଠାରେ କଠୋର ସାଧନାରେ ମଗ୍ନ ହୋଇଗଲେ। ଗଭୀର ତପସ୍ୟାରେ ଆଧାତ୍ମିକତାର ଅଜସ୍ର ଆନନ୍ଦ ତାଙ୍କୁ ପରିପୂର୍ଣ୍ଣ କରିଦେଲା। ତାଙ୍କର ତପୋଭୂମି ଆନନ୍ଦ କୁଟୀର ଛାଡ଼ି ସେ କୁଆଡ଼େ ଯାଇନାହାନ୍ତି। ନିଜର ଅନୁଭୂତିକୁ ଆଧାର କରି ସେ ଗାଇ ଉଠିଲେ - ହେ ଦିବ୍ୟ ଅମର ଆତ୍ମନ୍! ହେ ପ୍ରିୟ ଆତ୍ମସ୍ୱରୂପ ଅମୃତର ସନ୍ତାନଗଣ! ଉଠ : ଜାଗ : ଆପଣାର ଦିବ୍ୟ ସ୍ୱରୂପରେ ପ୍ରତିଷ୍ଠିତ ହୁଅ। ଭଲ ହୁଅ, ଭଲ କର। ଈର ଏକ୍ସ୍କୁୟ, ଉକ୍ଟ ଏକ୍ସ୍କୁୟ। ପଠନ, ପାଠନ ଏବଂ ଆତ୍ମନିରୀକ୍ଷଣ ଦ୍ୱାରା ନିଜକୁ ଜାଣ। ଏହି ଅନୁଭବର ଆଧାରରେ ସେ ରଚନା କରିଛନ୍ତି ୩୦୦ ତିନିଶହରୁ ଉର୍ଦ୍ଧ୍ୱ ପୁସ୍ତକ। ଇଂରାଜୀ ଭାଷାରେ ରଚିତ ତାଙ୍କର ପୁସ୍ତକ ଗୁଡ଼ିକ ଅତ୍ୟନ୍ତ ସରଳ, ସରଳ ଭାବଗମ୍ଭୀର, ହୃଦୟଗ୍ରାହୀ ଓ ସୁଖପାଠ୍ୟ। ଏହା ଅତ୍ୟନ୍ତ ପ୍ରେରଣାପ୍ରଦ। ଏହି ବିଶାଳ ସାହିତ୍ୟ ସମ୍ଭାର ବିଶ୍ୱ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିବା ଗୋଟିଏ ଗୋଟିଏ ଉପାଦେୟ ରତ୍ନ ସଦୃଶ ଅଟନ୍ତି। ଶିବାନନ୍ଦଙ୍କ ସାହିତ୍ୟର ତୁଳନା ନାହିଁ। ଗଙ୍ଗା କୂଳରେ ଅବସ୍ଥିତ ସେ ତାଙ୍କର ସାଧନ ପୀଠ ଆନନ୍ଦ କୁଟୀରରେ ରହି ଆପଣାର ଅମୃତବର୍ଷୀ ସାହିତ୍ୟ ଦ୍ୱାରା ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଛନ୍ତି। ଅମୃତମୟ ପ୍ରେରଣାପ୍ରଦ ବାଣୀଦ୍ୱାରା ମୁମୁକ୍ଷୁ ବିଦ୍ୟାର୍ଥୀମାନଙ୍କୁ ଆକର୍ଷଣ କରି ଟାଣି ଆଣିଛନ୍ତି ନିଜ ପାଖକୁ। ଶ୍ରୀମଦ୍ ଭଗବଦ୍ ଗୀତା ଯେଉଁଭଳି ସାର୍ବଜନୀନ, ସଂକୀର୍ଣ୍ଣତା ରହିତ କାଳଜୟୀ, ସେହିଭଳି ଶିବାନନ୍ଦଙ୍କ ସାହିତ୍ୟ ସମସ୍ତ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱରେ ଅସାମ୍ପ୍ରଦାୟିକ ଅଟେ। ବେଦ-ବେଦାନ୍ତ, ଗୀତା, ଭାଗବତ, ଉପନିଷଦ ଆଦି ସମସ୍ତ ଧର୍ମଶାସ୍ତ୍ରର ସାରମର୍ମକୁ ସେ ତାଙ୍କ ଆପଣା ଭାଷାରେ ରଚନା କରିଛନ୍ତି। ଜନ୍ମ ଠାରୁ ମୃତ୍ୟୁ ଏବଂ ମୃତ୍ୟୁ ପରବର୍ତ୍ତୀ ପରକାଳ ପଥେ ଜୀବର ଗତି, ଭୁକ୍ତି ଓ ମୁକ୍ତି ପର୍ଯ୍ୟନ୍ତ ସେ ତାଙ୍କ ସାହିତ୍ୟରେ ଚିତ୍ରିତ କରିଛନ୍ତି। ଜନ୍ମ, ଜୀବନ ଓ ଜଗତକୁ ନେଇ ଜୀବର ଗତି ଓ ପରିପୂର୍ତ୍ତି, ଜଗତପତିଙ୍କ ସହ ଏକୀଭୂତ ହେବାର ଅନୁଭୂତି ସବୁକିଛି ସେ ଆଧୁନିକ ମାନବ ପାଇଁ ରଚନା କରିଛନ୍ତି। ଶିଶୁଙ୍କ ପାଇଁ, କିଶୋର ଓ ଯୁବକ ମାନଙ୍କ ପାଇଁ, ଗୃହସ୍ଥ, ପ୍ରୌଢ଼, ସନ୍ନ୍ୟାସୀ ସମସ୍ତଙ୍କ ପାଇଁ ତାଙ୍କ ସାହିତ୍ୟ ସାଧନ ପଥର ପାଥେୟ ଭାବେ ଯଥାର୍ଥ ମାର୍ଗଦର୍ଶକ ଅଟେ। ଧର୍ମ, ଦର୍ଶନ, ସ୍ୱାସ୍ଥ୍ୟ, ଶିକ୍ଷା, ଚିକିତ୍ସା ବିଜ୍ଞାନ, ଜ୍ୟୋତିଷ, ସଙ୍ଗୀତ, ନୃତ୍ୟ, ସାହିତ୍ୟ, କଳା ସହିତ ଆଧୁନିକ ବିଜ୍ଞାନର ପରିବର୍ତ୍ତିତ ଜ୍ଞାନ କୌଶଳ ମଧ ତାଙ୍କ ଲେଖାରେ ଅନୁରଣିତ ହୋଇଛି। ଶଡଟଞଟଇର ରେ ଶିବାନନ୍ଦଙ୍କର ସବୁ ସାହିତ୍ୟ ଉପଲବ୍ଧ। ତାଙ୍କର ଭାଷା ଅତ୍ୟନ୍ତ ସରଳ ବୋଧଗମ୍ୟ ଓ ହୃଦୟସ୍ପର୍ଶୀ। ଏହା ଲୋକକଲ୍ୟାଣ ପାଇଁ ଅତ୍ୟନ୍ତ ଉପାଦେୟ। ତାଙ୍କ ସାହିତ୍ୟ ମାନଙ୍କୁ ସେ ଜ୍ଞାନଯଜ୍ଞ ପ୍ରସାଦ ଭାବରେ ଛପାଇ ବିତରଣ କରନ୍ତି। ଏହାଛଡ଼ା ସାଧାରଣ ପାଠକମାନେ, ଯାହାକୁ ଶିବାନନ୍ଦଙ୍କର ଯେଉଁ ପୁସ୍ତକ ହୃଦୟଗ୍ରାହୀ ହେଲା ସେମାନେ ମଧ ସେହି ପୁସ୍ତକ ବା ବାଣୀକୁ ନିଜେ ଛପାଇ ଜ୍ଞାନ ଯଜ୍ଞ ଭାବେ ବିତରଣ କରନ୍ତି।

ଲୋକମାନଙ୍କର ଆଗ୍ରହକୁ ଲକ୍ଷ୍ୟ କରି ପୂଜ୍ୟ ସ୍ୱାମିଜୀ ୧୯୩୬ ମସିହାରେ ପ୍ରତିଷ୍ଠା କରିଥିଲେ ଦିବ୍ୟଜୀବନ ସଂଘ। ଏହା ନିଛକ ଉଦାରତା ଉପରେ ପ୍ରତିଷ୍ଠିତ ଏକ ଆଧାତ୍ମିକ ଓ ସମାଜସେବୀ ଧାର୍ମିକ ଅନୁଷ୍ଠାନ। ସାରା ପୃଥିବୀରୁ ତୀର୍ଥାଟନ ଓ ପର୍ଯ୍ୟଟନରେ ଆସୁଥିବା ଆଗନ୍ତୁକ ମାନଙ୍କ ପାଇଁ ଶିବାନନ୍ଦ ଆଶ୍ରମ ଏକ ସ୍ୱାଗତ ତୋରଣ ଭଳି ଅଟେ। ଯାତ୍ରୀମାନଙ୍କର ରହିବା ଖାଇବାର ସମସ୍ତ ସୁବିଧା ଆଶ୍ରମରେ ଅଛି। ଏହା ସାଧକ, ଭକ୍ତ ଓ ତପସ୍ୱୀମାନଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥିଲେ ମଧ ପ୍ରତିଦିନ ଶହଶହ ତୀର୍ଥଯାତ୍ରୀମାନଙ୍କର ସମାଗମ ହୋଇଥାଏ। ଏଠାରେ ତୀର୍ଥ ଭ୍ରମଣ, ସାଧୁ ଦର୍ଶନ ଓ ସତ୍‌ସଙ୍ଗ ପାଇଁ ପ୍ରଶସ୍ତ ବ୍ୟବସ୍ଥା ସ୍ୱାମିଜୀ କରିଛନ୍ତି। ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଆଶ୍ରମକୁ ଆସି ସତ୍‌ସଙ୍ଗ, ସାଧୁସଙ୍ଗ ମାଧ୍ୟମରେ ଜୀବନର କଲ୍ୟାଣ ସାଧନ କରିଛନ୍ତି। ଦିବ୍ୟ ଜୀବନଯାପନ ପାଇଁ ଆଗ୍ରହୀ ସମସ୍ତ ସାଧକମାନଙ୍କ ପାଇଁ ଶିବାନନ୍ଦଙ୍କ ଆଶ୍ରମ ନିତ୍ୟ ଉନ୍ମୁକ୍ତ। ସ୍ୱାମୀ ଶିବାନନ୍ଦ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ। ସେବା, ପ୍ରେମ, ଦାନ, ଧାନ ତାଙ୍କର ନିତ୍ୟପ୍ରତ୍ୟ ସ୍ୱଭାବ ଥିଲା।

**ସ୍ୱାମୀ ଚିଦାନନ୍ଦ ବିଶ୍ୱଶାନ୍ତି ପ୍ରତିଷ୍ଠାନ**
**ମାଙ୍ଗାଲୋର, ବେଙ୍ଗାଲୁର, ଭାରତ**

# କଳୀଯୁଗ ଆସିଲା କି ?



**ଡ଼ଃ ବିଜ୍ଞାନ ମହାନ୍ତି**



ସତରେ କ'ଣ "କଳୀଯୁଗ" ଆସିଯାଇଛି ? ଯୁଆଡ଼େ ଦେଖିବ ଓ ଶୁଣିବ, ଖାଲି ଆହାକାର, ହିଂସା, ଯୁଦ୍ଧ, ହତ୍ୟା, ରାହାଜାନି, ଡ଼କାୟତି, ଧର୍ଷଣ, ଆତ୍ମହତ୍ୟା ଇତ୍ୟାଦି। ଏସବୁ ଆଗ ଅପେକ୍ଷା ବହୁତ ମାତ୍ରାରେ ଦିନକୁ ଦିନ ବଢ଼ିଚାଲିଛି। ଖବରକାଗଜର ପୃଷ୍ଠା ଓଲଟାଇ ଦେଲେ ପୁଳାପୁଳା ଖବର ସେଇ ବିଷୟରେ। ଏହିସବୁ ଘଟଣାର ଶିକାର ହେଉଛନ୍ତି ନିରୀହ ଝିଅପିଲା ଓ ମହିଳାମାନେ। କେତେବେଳେ କେଉଁଠି ନିଜ ଦେହରେ କିଏ ନିଆଁ ଲଗାଇଦେଲାଣି ତ, କାହାକୁ କେଉଁ ଦୁର୍ବୃତ୍ତ ପେଟ୍ରୋଲ ଢାଳି ଜାଳିଦେଲାଣି। ଆଉ କେଉଁଠି ବଳାତ୍କାର କରି ମାରିଦେଲେଣି। ପୁଅ, ବାପା ମାଆଙ୍କୁ ଟାଙ୍ଗିଆରେ ହାଣି ଦେଉଛି ତ ଭାଇଭାଇକୁ ମାରିଦେଉଚି। ଏମିତି କାହିଁକି ଘଟୁଛି ? ଦେଶରେ ଓ ରାଜ୍ୟରେ କ'ଣ ଆଇନ ଶୃଙ୍ଖଳା ନାହିଁ, ନା ଲୋକଙ୍କର ମାନସିକତାରେ ପରିବର୍ତ୍ତନ ଘଟିଛି। ଏଇତ ହେଲା ନିତିଦିନିଆ କଥା ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ଘଟୁଛି।

ତା' ଛଡ଼ା ବିଶ୍ୱରେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ବର୍ଷ ବର୍ଷ ଧରି ଲାଗିରହିଛି। ଯେମିତି ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଥମିବାର ନାଁ ନେଉନି। ସବୁବେଳେ ବୃହତ ରାଷ୍ଟ୍ର ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିରହିଛି। ଭାରତ ଓ ପାକିସ୍ଥାନ ମଧ୍ୟରେ ସବୁବେଳେ ଉତେଜନା, ସୀମାରେ ଆକ୍ରମଣ ଚାଲିଛି। ବାଙ୍ଗଲାଦେଶରେ ତ ଗୃହଯୁଦ୍ଧ ହୋଇ ତତ୍କାଳିନ ରାଷ୍ଟ୍ରପତିଙ୍କୁ ଦେଶରୁ ବିଦାକରିଦେଲେ। ସେ ମୃତ୍ୟୁ ଭୟରେ ରାତାରାତି ରାଷ୍ଟ୍ରଛାଡ଼ି ଲୁଚିପଳାଇ ଆସିଲେ। ଏସବୁ ଘଟୁଛି କାହିଁକି? ଲୋକମାନଙ୍କ ମଧ୍ୟରେ ଭାଇଚାରା ଆଉ ନାହିଁ। ସମସ୍ତେ ସେମାନଙ୍କର ବଡ଼ପଣ ଦେଖାଇବାରେ ବ୍ୟସ୍ତ। ଏହି ରାଷ୍ଟ୍ରମାନଙ୍କ ମଧ୍ୟରେ ଉପରେ ଉପରେ ଭାରି ଭଲ। କିନ୍ତୁ ଭିତରେ ଭିତରେ ଜଣେ ଅନ୍ୟର ଗୋଛିକାଟିବାରେ ବ୍ୟସ୍ତ। କେବେକେବେ ବାଣିଜ୍ୟିକ ବୁଝାବଣାରେ କଥା କଟାକଟି ତ କେଉଁଠି ବୈଦେଶିକ ବ୍ୟାପାରରେ, ଆଉ କେଉଁଠି ଜଳଚୁକ୍ତିକୁ ହଟାଯାଇଛି। ଏଥିରେ ଯେ ନୀରିହ ଲୋକମାନେ ହଇରାଣ ହେଉଛନ୍ତି ତାହା ରାଷ୍ଟ୍ରମୁଖ୍ୟ ମାନଙ୍କୁ ଦେଖାଯାଉନାହିଁ। ସେମାନେ ତାଙ୍କର କ୍ଷମତାକୁ ବିଶ୍ୱଦରବାରର ଉପସ୍ଥାପନ କରିବାରେ ଲାଗିପଡ଼ିଛନ୍ତି।

ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଆତଙ୍କବାଦୀର ଚେର ମାଡ଼ିମାଡ଼ି ଚାଲିଛି। ଆତଙ୍କି ଆକ୍ରମଣରେ କାଶ୍ମୀର ସ୍ଥିତ ପେହେଲ ଗାଁ ଠାରେ ପର୍ଯ୍ୟଟକ ମାନେ ବହୁମାତ୍ରାରେ ଶୀକାର ହେଲେ। କେତେ ନୀରିହଙ୍କ ଜୀବନ ଗଲା। ହିନ୍ଦୁ ମୁସଲମାନ ମଧ୍ୟରେ ଶତ୍ରୁତା ବୃଦ୍ଧିପାଇଲା। ହିନ୍ଦୁମାନଙ୍କୁ ଗଣିଗଣି କରି ହତ୍ୟା କରାଗଲା। ଏତେ ନୃଶଂସ ସେମାନେ। ସେମାନଙ୍କ ମନରେ ଦୟାଭାବ ନାହିଁ, ଖାଲି ହିଂସା ହିଁ ହିଂସା। ଏପାଖେ ପାକିସ୍ତାନ ଓ ଭାରତ ସୀମା, ନେପାଳ ଓ ଭାରତ ସୀମା, ବାଙ୍ଗଲାଦେଶ ଓ ଭାରତ ସୀମା, ଚୀନ ଓ ଭାରତ ସୀମାରେ ସଦାବେଳେ ଉତେଜନା ଲାଗିରହିଛି। ଶାସ୍ତ୍ର କହୁଛି, ଜୀବେ ଦୟା। କିନ୍ତୁ ଏଠାରେ ସବୁ ଓଲଟା। ଏ ପରା କଳୀଯୁଗ। ସବୁ ବିପରୀତ ହେବ। ତୁମେ ଯଦି ଗୋଟେ ଭଲ କଥା କହିବ ତାହା ଅନ୍ୟ ରାଷ୍ଟ୍ରକୁ ଖରାପ ଲାଗିବ। ସେ ତା'ର ବିରୋଧ ନିଶ୍ଚୟ କରିବ।

ରାଜ୍ୟ ରାଜ୍ୟ ମଧ୍ୟରେ ସୀମାରେ ମାଓବାଦୀଙ୍କର ଉପସ୍ଥିତି ମଧ ଚିନ୍ତାର ବିଷୟ। ମାଓବାଦୀଙ୍କ କାର୍ଯ୍ୟକଳାପରେ ନୀରିହ ଜନତା ଶୀକାର ହେଉଛନ୍ତି। ମାଓବାଦୀମାନେ ଭାବୁଛନ୍ତି ଗାଁ ଲୋକମାନେ ପୋଲିସର ଗୁପ୍ତଚର। ଏହି ସଂଦେହରେ ସେମାନଙ୍କୁ ହତ୍ୟା କରୁଛନ୍ତି। ଓଡ଼ିଶା ରାଜ୍ୟରେ ବହୁ ଜିଲ୍ଲା ଯଥା ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ଗଜପତି, କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼ ଇତ୍ୟାଦି ଜିଲ୍ଲାଗୁଡ଼ିକ ମାଓପ୍ରବଣ ଜିଲ୍ଲା। ଏଠାରେ ବର୍ତ୍ତମାନ ସୁଦ୍ଧା ମାଓବାଦୀମାନେ ସକ୍ରିୟ ଅଛନ୍ତି। ଏପରି ପରିସ୍ଥିତି ଯଦି ଆଗକୁ ଚାଲିବ ତେବେ ଶାନ୍ତିର ବାତାବରଣ କେବେ ଆସିବ ନାହିଁ। ସଦାବେଳେ ରାଜ୍ୟରେ ଉତେଜନା ଲାଗିରହିଥିବ। ଏସବୁ ବୋଧହୁଏ କଳୀର ପ୍ରଭାବ। ଯଦି ଏପରି ଅବସ୍ଥା ହୁଏ ତେବେ ରାଜ୍ୟରେ ନିଶ୍ଚିତ ଭାବେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ଉପୁଜିବ। ଯଦି ଉନ୍ନୟନ ମୂଳକ କାର୍ଯ୍ୟ ନ ହୁଏ ତେବେ ରାଜ୍ୟ କିମ୍ବା ଦେଶ ଆଉ ଆଗକୁ ବଢ଼ିପାରିବ ନାହିଁ। ଯାହା ୫୦ ବର୍ଷ ପୂର୍ବେ ଥିଲା ସେଇଆ ହିଁ ରହିଥିବ। ବିକାଶର ଧାରା ଠପ୍ ହୋଇଯିବ। ଗମନାଗମନର ସୁବିଧାରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଠିକାଦାର ମାନେ ଆଉ ଭୟରେ କୌଣସି କାମ ଦୁର୍ଗମ ଜଙ୍ଗଲରେ କରିବେ ନାହିଁ। ଗମନାଗମନର ଅସୁବିଧା ହେଲେ ଛାଏଁଛାଏଁ ମୌଳିକ ସାମାଜିକ ସୁବିଧାରେ ବାଧା ଉପୁଜିବ। ଯେପରି ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ପରିମଳ ବ୍ୟବସ୍ଥା ସବୁର ବିକାଶରେ ବାଧା ସୃଷ୍ଟି ହେବ। ଏସବୁ ହେଲା ଆତଙ୍କବାଦୀ ଓ ମାଓବାଦୀର ପ୍ରଭାବ।

ଏହାଛଡ଼ା ଭ୍ରଷ୍ଟାଚାର, ଚୋରୀ, ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରିବା ମଧ ଦେଶରେ ଓ ରାଜ୍ୟରେ ବଢ଼ିଯାଇଛି। ଏହି ମାସେ ଦୁଇମାସ ମଧ୍ୟରେ ଓଡ଼ିଶାରେ ଅନେକ ଉଚ୍ଚପଦସ୍ଥ ଅଫିସରଙ୍କ ଘର, କାର୍ଯ୍ୟାଳୟ ଆଦିରେ ଭିଜିଲାନ୍ସ ଚଢ଼ାଉ ଦେଉଛି। ଜଣେଜଣେ ଅଫିସରଙ୍କ ପାଖରୁ ନଗଦ କୋଟି କୋଟି ଟଙ୍କା ସାଙ୍ଗକୁ ଅନେକ ଜମିବାଡ଼ି, ଘର, ଆପାର୍ଟମେଂଟ, ବ୍ୟାଙ୍କଜମା ଇତ୍ୟାଦି ଧରାପଡୁଛି। ଯଦି ଆପଣମାନେ ହିସାବ କରିବେ, ତେବେ ଜାଣିବେ, ଏ ସବୁ ପଇସା ଆସିଲା କେଉଁଠୁ ? ଜଦି ଖାଲି ଦରମାକୁ ହିସାବ କରାଯାଏ ତେବେ ଦଶ ଜନମ ଗଲେ ବି ଏତେ ଟଙ୍କା ରୋଜଗାର କରିପାରିବେ ନାହିଁ। ଏ ସବୁ ଜନସାଧାରଙ୍କ ପଇସା। ଯାହାକି, ସରକାର ଟିକସ ଆକାରରେ ଜନସାଧାରଣଙ୍କ ଠାରୁ ଆଦାୟ କରୁଛନ୍ତି। ସେସବୁକୁ କିଛି ମୁଷ୍ଟିମେୟ ଅଫିସର ହଡ଼ପ କରିବାରେ ଲାଗିପଡ଼ିଛନ୍ତି। ଏମିତି ବି ଜଣେଜଣେ ଅଫିସର ତାଙ୍କ ଦରମାରେ କେବେ ବି ହାତ ମାରନ୍ତି ନାହିଁ। ଉପରେ ଉପରେ ଉପୁରି ପଇସାରେ ପିଲାମାନଙ୍କୁ ଭଲ ଶିକ୍ଷାନୁଷ୍ଠାନରେ ପାଠ ପଢ଼ାଉଛନ୍ତି, ସେମାନଙ୍କର ସ୍ତ୍ରୀ ମାନେ ମନଇଚ୍ଛା ଅୟସ କରୁଛନ୍ତି। କେମିତି ଏସବୁ ଭଗବାନ ସହୁଛନ୍ତି? ସହିବେ ନାହିଁ କାହିଁକି,ଏପରା "କଳୀ କାଳ"। ଏଠି ଏ ସବୁ ସଂଭବ। ସରକାରଙ୍କର ସେମାନଙ୍କ ଉପରେ ଲଗାମ ନାହିଁ। ଲଗାମ ରହିବ ବା କେମିତି, ସବୁଥିରେ ପରା ଚଉ କାରବାର ଅଛି। ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ତଳସ୍ଥ କର୍ମଚାରୀ ପର୍ଯ୍ୟନ୍ତ ଠିକାଦାରଙ୍କ ଠାରୁ ଚଉ ନେଉଛନ୍ତି। ଯାହାକି ଗଣତନ୍ତ୍ରର ପରମ୍ପରାକୁ କ୍ଷୁଣ୍ଣ କରୁଛି। ଭାରତ ସ୍ୱାଧିନ ହେବାବେଳକୁ ଯେଉଁ ରାଜନେତା ମାନେ ଥିଲେ, ସେମାନେ ନିଜକୁ ଦେଶ ସେବା ପାଇଁ ଉତ୍ସର୍ଗ କରି ଦେଇଥିଲେ। ଏମିତି ବି ସେମାନଙ୍କ ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସରକାରଙ୍କୁ ଦାନ କରିଦେଇଥିଲେ। ସେମାନେ ହାତରେ ଚରଖାରେ ସୂତାକାଟି କପଡ଼ା ତିଆରି କରି ନିଜର ପୋଷାକ କରୁଥିଲେ। ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ଦେଶ ସେବାରେ ଲାଗିପଡିଥିଲେ। ଏବେ କିନ୍ତୁ ସେ ସବୁ ସ୍ୱପ୍ନ, ଯିଏ ଥରେ ବିଧାୟକ କିମ୍ବା ସଂସଦ ହେଲା ତେବେ ସେ ତା'ର ବଉଦ ପୁରୁଷ ପାଇଁ ସମ୍ପତ୍ତି କରିଦେଉଛି। ସଙ୍ଗେସଙ୍ଗେ ଗୋଟେ ଦାମୀ ଚାରିଚକିଆ ଗାଡ଼ିରେ ନିର୍ବାଚନ ମଣ୍ଡଳୀକୁ ଯାଉଛନ୍ତି। ଏ ସବୁ ଆସିଲା କେଉଁଠୁ ? ଏ କ'ଣ ନିଜର ଅର୍ଜିତ ଅର୍ଥ ନା ଚଉର କମାଲ୍ ? ଏ ପରା କଳୀଯୁଗ। ଯିଏ ଏପରି କଲା ସେ ସବୁଠାରୁ ବଡ଼ ନେତା ବୋଲାଇଲା। ସରକାର ତ ପ୍ରତି ସଂସଦଙ୍କ ପାଇଁ ପ୍ରତିବର୍ଷ ଗୋଟିଏ ସଂସଦୀୟ କ୍ଷେତ୍ରପାଇଁ ପାଂଚକୋଟି ଟଙ୍କା ବରାଦ କରିଛନ୍ତି ନିଜ ସଂସଦୀୟ କ୍ଷେତ୍ରର ଉନ୍ନତି ପାଇଁ ଖର୍ଚ୍ଚ କରିବାକୁ। ଏସବୁର କାମ ଯେଉଁ ଠିକାଦାର କରିବ ସିଏତ ନିଶ୍ଚୟ ଉପର ଲୋକଙ୍କୁ ଚଉ ଦେବ। ଇଏତ ଗୋଟିଏ ଉପୁରି ଅର୍ଥ ଉପାର୍ଜ୍ଜନ କରିବାର ସୁବିଧା ସରକାର ଖଞ୍ଜି ଦେଇଛନ୍ତି। ତା'ଛଡ଼ା ଦେଖାଯାଉଛି, ଆଜିକାଲି ବିଧାୟକଟେ ହେବାକୁ ହେଲେ ତାର ଶିକ୍ଷାଗତ ଯୋଗ୍ୟତା ଦରକାର ନାହିଁ କି ଲୋକସେବା ଦରକାର ନାହିଁ। ଖାଲି ଦରକାର ଅର୍ଥବଳ, ଯାହାପାଖରେ ମେଂଚାଏ ଗାଡି, କିମ୍ବା ବଡ଼ ଠିକାଦାରୀ କରୁଛନ୍ତି କିମ୍ବା ବାହୁବଳ ଅଛି ସେ ଭଲ ବିଧାୟକଟେ ହୋଇପାରିବ। ପଇସା ନଥିଲେ ସେ ବିଧାୟକ ହେବାପାଇଁ କେଉଁ ଦଳରୁ ମଧ ଟିକଟ ଖଣ୍ଡିଏ ପାଇବନାହିଁ। ଏ ହେଲା ଆଜିକାର ରାଜନେତାଙ୍କ ଗୁଣ। କଳୀଯୁଗରେ ଏ ସବୁ ସମ୍ଭବ। ସବୁ ବିପରୀତ ଏଠି। ଆଗରୁ ଭୋଟ ଖଣ୍ଡିକ ପାଇଁ ନେତା ପ୍ରଜାଙ୍କ ପାଖରେ ହାତ ଯୋଡୁଥିଲେ କିନ୍ତୁ ଏବେ ପ୍ରଜାଏ ଡ଼ରିମରି ନେତାଙ୍କ ଭୟରେ, ପଇସା ଲୋଭରେ ଭୋଟ ଖଣ୍ଡିକ ବିକି ଦେଉଛନ୍ତି। ଏ ସବୁ କଳୀର ପ୍ରଭାବ।

ଏ କଳୀଯୁଗରେ ତୁମେ ଯାହାକୁ ବନ୍ଧୁ ବୋଲି ଭାବିଥିବ, ସେ ତୁମର ପରମ ଶତ୍ରୁ ହୋଇ ବାହାରିବ। ଏବେ ନିକଟରେ ଆମେରିକାର ରାଷ୍ଟ୍ରପତି ଭାରତ ଉପରେ ୫୦% ଟିକସ, ବସାଇଛନ୍ତି। ଭାରତ ସବୁବେଳେ ଆମେରିକାକୁ ତା'ର ବନ୍ଧୁ ରାଷ୍ଟ୍ରବୋଲି ଭାବେ। କିନ୍ତୁ ଆମେରିକା ତା'ର ଓଲଟା କଲା। କାରଣ ଯେହେତୁ ଭାରତ ତୈଳ ପାଇଁ ରୁଷିଆ ଉପରେ ନିର୍ଭର କରୁଛି, ସେଥିପାଇଁ ଆମେରିକା ଏପରି ପଦକ୍ଷେପ ନେଇଛି। ରୁଷ ଓ ଆମେରିକା ପରସ୍ପର ବିରୁଦ୍ଧାଚରଣ କରନ୍ତି। ଏସବୁପାଇଁ ଭାରତ ମଝିରେ ବଳି ପଡ଼ିଲା। ଏପରି ଅନେକ ଉଦାହରଣ ଆଖି ଆଗରେ ନାଚି ଉଡୁଛି। କରିବେ ବା କ'ଣ ? ଏତ କଳୀର ପ୍ରଭାବ।

କଳୀଯୁଗ ଆସିଲା ବୋଲି ଏସବୁ ତା'ର ଜ୍ୱଳନ୍ତ ଉଦାହରଣ। ମଣିଷ ସମାଜକୁ ଧିରେଧିରେ କଳୀ କବଳିତ କରୁଛି। ଯାହାକୁ ଆମେ ସମସ୍ତେ ଅନୁଭବ କରିପାରୁନେ। ଏପରି ହେଲେ, ବିଶ୍ୱ ଯୁଦ୍ଧ ହେବାରେ କେହି ରୋକି ପାରିବେ ନାହିଁ। ଏହାଦ୍ୱାରା ପୃଥିବୀ ପୃଷ୍ଠରେ କଳୀର ପ୍ରଭାବ ବଢ଼ିଯିବ। ସବୁଆଡ଼େ ଆହାକାର ପଡ଼ିଯିବ। କଳୀହିଁ ରାଜୁତି କରିବ। ଦୁଷ୍ଟ ଲୋକଙ୍କର ସ୍ଥାନ ଉପରେ ରହିବ। ଭଲ ଲୋକମାନେ ଧିରେଧିରେ ଲୋପ ପାଇବେ। ସମସ୍ତଙ୍କ ମନରେ ଗୋଟେ ପ୍ରଶ୍ନ ଉଙ୍କି ମାରିବ କଳୀଯୁଗ ଆସିଲା କି ? ଏହାକୁ ରୋକିବାକୁ ହେବ। ଜନସାଧାରଣଙ୍କ ମନରେ ବିରୁଦ୍ଧାଚରଣକୁ ଦୂର କରିବାକୁ ହେବ। ଭାତୃଭାବ ସୃଷ୍ଟି କରିବାକୁ ପଡ଼ିବ। ସରକାର ସଚେତନ ହୋଇ ଦୃଢ ପଦକ୍ଷେପ ନେବା ଉଚିତ୍।

**ମୋବାଇଲ୍: ୯୮୬୧୨୫୬୭୨୭୦**

# ଉପରାଷ୍ଟ୍ରପତି ନିର୍ବାଚନ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଦେଶର ନୂତନ ଉପ-ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ବିରୋଧିଦଳ ନିଜନିଜର ପ୍ରାର୍ଥୀ ଘୋଷଣା କରିସାରିଲେଣି, ଯାହାକି ସାଧାରଣ ନିର୍ବାଚନ ପରେ ପୁଣି ଥରେ ଉଭୟ ଶାସକ ଓ ବିରୋଧିଙ୍କ ମଧ୍ୟରେ ସାନି ମୁହାଁମୁହିଁ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ଜୁଲାଇ ମାସ ୨୧ ତାରିଖ ଦିନ ଉପ-ରାଷ୍ଟ୍ରପତି ପଦରୁ ଶ୍ରୀ ଜଗଦୀପ ଧନକରଙ୍କ ଅଚାନକ ଓ କୌତୁହଳ ଜନକ ଇସ୍ତଫା ପରେ ଖାଲି ପଡ଼ିଛି। ଏହି ନିର୍ବାଚନ କେବଳ ଉଭୟ ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନେ ମତଦାନ କରୁଥିବାରୁ ସଂଖ୍ୟାଦୃଷ୍ଟିରୁ ବିଜୟ ସ୍ପଷ୍ଟଥିବାବେଳେ ଫଳାଫଳ ନେଇ ବିସ୍ମିତ ହେବାର କିଛି ନାହିଁ। ତେବେ ଫଳାଫଳ ଯାହା ହେଉନା କାହିଁକି, ଶାସକ-ବିରୋଧିଙ୍କ ମଧ୍ୟରେ ଏହା ଏକ ଆଦର୍ଶଗତ ଲଢେଇ। ଉଭୟ ପକ୍ଷ ମଧ ଏହାକୁ ଏକ ଆଦର୍ଶଗତ ଲଢେଇ ମନେ କରନ୍ତି। ଏନଡିଏରେ ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀ ସି.ପି. ରାଧାକ୍ରିଷ୍ଣନ ତାମିଲନାଡୁର ଜଣେ ବରିଷ୍ଠ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆରଏସଏସର କର୍ମକର୍ତା ଭାବେ ଜଣାଶୁଣା। କେବଳ ଏତିକି ନୁହେଁ, ସେ ୧୯୯୮ ରୁ ୨୦୦୪ ପର୍ଯ୍ୟନ୍ତ ଦୁଇଥର ଲୋକସଭା ସଦସ୍ୟ ଭାବେ କାର୍ଯ୍ୟ କରିଥିବା ଏବେ ମହାରାଷ୍ଟ୍ରର ରାଜ୍ୟପାଳ ଥିଲେ। ଏହା ପୂର୍ବରୁ ସେ ଝାଡଖଣ୍ଡ, ଗୋଆ ଓ ପୁଡୁଚେରୀର ରାଜ୍ୟପାଳ ଭାବେ ମଧ ଦାୟିତ୍ୱ ବହନ କରିଥିଲେ। ବିଜେପିରେ ସେ ଜଣେ ବରିଷ୍ଠ ଏବଂ ଅନୁଗତ ନେତା ଭାବେ ପରିଚିତ। ସେହିପରି ବିରୋଧି ତଥା ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀ ସୁପ୍ରିମକୋର୍ଟର ଜଣେ ବିଚାରପତି ଥିଲେ। ଅବିଭକ୍ତ ଆନ୍ଧ୍ରପ୍ରଦେଶରେ



ଜନ୍ମିତ ଜଷ୍ଟିସ ରେଡ୍ଡୀ ସୁପ୍ରିମକୋର୍ଟର ବିଚାରପତି ହେବା ପୂର୍ବରୁ ରାଜ୍ୟରେ ଜଣେ ସୁନାମଧନ୍ୟ ଆଇନଜୀବୀ ଭାବେ ଜଣାଶୁଣା ଥିଲେ। ସୁପ୍ରିମକୋର୍ଟର ବିଚାରପତି ଥିବାବେଳେ କେତେକ ମାମଲାରେ ତାଙ୍କର ରାୟ ତାଙ୍କର ସୁଖ୍ୟାତି ବୃଦ୍ଧି କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ପାର୍ଲିଆମେଣ୍ଟର ଉଭୟ ଗୃହରେ ବିଜେପି ନେତୃତ୍ୱାଧୀନ ଏନଡିଏରେ ସ୍ପଷ୍ଟ ସଂଖ୍ୟା ଗରିଷ୍ଠତା ରହିଛି। ଏହା ସତ୍ତ୍ୱେ ବିଜେପି ଉଭୟ ମେଣ୍ଟଠାରୁ ଦୂରତ୍ୱ ରକ୍ଷା କରିଥିବା ଦୁଇ ଆଞ୍ଚଳିକ ଦଳ ବିଜେଡି ଏବଂ ୱାଇଏସଆର କଂଗ୍ରେସ ପାର୍ଟିର ସମର୍ଥନ ପାଇଁ ଅଭିଯାନ ଆରମ୍ଭ କରିଦେଇଛି। ଏନଡିଏର ଅଂଶୀଦାର ଟିଡିପିର ବିରୋଧି ଭାବେ ଜଣାଶୁଣା ୱାଇଏସଆର କଂଗ୍ରେସ ଇତିମଧ୍ୟରେ ଏନଡିଏ ପ୍ରାର୍ଥୀଙ୍କ ପକ୍ଷରେ ନିଜର ସମର୍ଥନ ଘୋଷଣା କରିସାରିଲାଣି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଉଭୟ ପ୍ରତିଦ୍ୱନ୍ଦୀ ନିଜ ନିଜର ଆଞ୍ଚଳିକ କ୍ରୀଡା ଆରମ୍ଭ କରିଦେଇଛନ୍ତି। ଶ୍ରୀ ରାଧାକ୍ରିଷ୍ଣନ ତାମିଲନାଡୁରେ ସକ୍ରୀୟ ଦଳଗୁଡିକର ସମର୍ଥନ ଆଶା ରଖିଥିବାବେଳେ ଜଷ୍ଟିସ ରେଡ୍ଡୀ ଉଭୟ ଆନ୍ଧ୍ର ଓ ତେଲେଙ୍ଗାନାରେ ସକ୍ରୀୟ ରାଜନୈତିକ ଦଳଗୁଡିକର ସମର୍ଥନ ଲୋଡିଛନ୍ତି। ତାମିଲନାଡୁରେ କ୍ଷମତାସୀନ ତଥା ଇଣ୍ଡିଆ'ର ଅଂଶୀଦାର ଡିଏମକେ ସମର୍ଥନ ଉପରେ ରାଧାକ୍ରିଷ୍ଣନ ଆଶା ରଖିଥିବାବେଳେ ଆନ୍ଧ୍ରରେ କ୍ଷମତାସୀନ ତଥା ଏନଡିଏର ଅଂଶୀଦାର ଟିଡିପି ଉପରେ ମଧ ଜଷ୍ଟିସ ରେଡ୍ଡୀ ଆଶା ରଖିଛନ୍ତି। ସେହିପରି ଶ୍ରୀ ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରି ବିଜେପି ଆସନ୍ତା ବିଧାନସଭା ନିର୍ବାଚନରେ ଫାଇଦା ଉଠାଇବା ପାଇଁ ଲକ୍ଷ୍ୟ ରଖିଛି। ଏହା ନିସନ୍ଦେହ ଯେ, ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ପାଇଁ ହିନ୍ଦୁତ୍ୱ ସହ ଦୀର୍ଘଦିନ ଧରି ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କ ବିଦାୟୀ ଉପ-ରାଷ୍ଟ୍ରପତି ଧନକରଙ୍କ ପରି ନୁହେଁ। ଧନକର ସଂଘପରିବାରରୁ ରାଜନୈତିକ ଜୀବନ ଆରମ୍ଭ କରିନଥିଲେ। ସେ କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ଜନତା ଦଳରୁ ବିଜେପିରେ ସାମିଲ ଥିଲେ। ସେ ମଧ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଥିଲେ। ଜଷ୍ଟିସ ରେଡ୍ଡୀ ଅବସର ପରେ ସାମାଜିକ ନ୍ୟାୟାର ଜଣେ ପ୍ରବକ୍ତା ଭାବେ ପରିଚିତ। ଯେଉଁଥିପାଇଁ କି ତେଲେଙ୍ଗାନାରେ କ୍ଷମତାସୀନ କଂଗ୍ରେସ ସରକାର ଗତ ୨୦୨୪ରେ ସାମାଜିକ ଅର୍ଥନୈତିକ, ଶିକ୍ଷା ନିଯୁକ୍ତି, ଜାତିଗତ ସର୍ଭେ ପାଇଁ ଗଠିତ ୧୧ଜଣିଆ କମିଟିର ନେତୃତ୍ୱ ନେଇଥିଲେ। ଏବେ କେବଳ ଫଳାଫଳକୁ ଅପେକ୍ଷା।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

### ରାହୁଲ-ତେଜସ୍ୱୀଙ୍କ କଟାକ୍ଷ

# ସରକାରଙ୍କ କୋଳରେ ବସିଛନ୍ତି ନିର୍ବାଚନ କମିସନ



**ପାଟନା, ୨୪।୮:** ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆରଜେଡି ନେତାମାନଙ୍କ ସହିତ ଭୋଟର ଅଧିକାର ଯାତ୍ରାର ନେତୃତ୍ୱ ନେଉଛନ୍ତି। ଆରରିଆରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ରାହୁଲ ଗାନ୍ଧୀ କହିଛନ୍ତି ଯେ, ଆମର ଯାତ୍ରା ସଫଳ ହୋଇଛି ଏବଂ ଲୋକମାନେ ଏଥିରେ ନିଜେ ସ୍ୱତଃପ୍ରବୃତ୍ତ ଭାବେ ଯୋଗ ଦେଉଛନ୍ତି। ସେ କହିଛନ୍ତି, ବିହାରର ଲୋକମାନେ ଭୋଟ ଚୋରି କଥାକୁ ବିଶ୍ୱାସ କରୁଛନ୍ତି ଏବଂ ଏହି ଜାଲିଆତି ହୋଇଛି ବୋଲି ଗ୍ରହଣ କରୁଛନ୍ତି।

ରାହୁଲ ଗାନ୍ଧୀ କହିଛନ୍ତି, ନିର୍ବାଚନ କମିସନଙ୍କର କାମ ହେଉଛି ସଠିକ୍ ଭୋଟର ତାଲିକା ପ୍ରଦାନ କରିବା। ସେମାନେ ମହାରାଷ୍ଟ୍ର, ହରିୟାଣା ଏବଂ କର୍ଣ୍ଣାଟକରେ ତାହା କରିନାହାନ୍ତି। ଆମର ସମ୍ପୂର୍ଣ୍ଣ ଚାପ ହେଉଛି ନିର୍ବାଚନ କମିସନଙ୍କର ଆଚରଣକୁ ପରିବର୍ତ୍ତନ କରିବା। ଆମେ ଏହାକୁ ଛାଡ଼ିବୁ ନାହିଁ। ଆମେ ନିର୍ବାଚନରେ ଚୋରି ହେବାକୁ ଦେବୁ ନାହିଁ। ଭୋଟ ଚୋରି ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକରେ ହୋଇଥିଲା, ଆମେ ବିହାରରେ ଏହା ହେବାକୁ ଦେବୁ ନାହିଁ।

ତେଜସ୍ୱୀ ଯାଦବ କହିଛନ୍ତି ଯେ ନିର୍ବାଚନ କମିସନ ଏବେ ସରକାରଙ୍କ କୋଳରେ ବସିଛନ୍ତି। କମିସନ ବିଜେପି କର୍ମୀ ପରି କାମ କରୁଛନ୍ତି। ଭୋଟ ଅଧିକାର ଏବଂ ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଆମେ ସମସ୍ତେ ଏହି ଯାତ୍ରା ଆରମ୍ଭ କରିଛୁ। ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ନିର୍ବାଚନ କମିସନଙ୍କ ଉପରେ ବିଶ୍ୱାସ ହରାଉଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ବୁଥରେ ୫୦ରୁ ଅଧିକ ଲୋକଙ୍କ ନାମ ବାଦ ଦିଆଯାଇଛି। ଏକ ପ୍ରଶ୍ନର ଉତ୍ତରରେ ତେଜସ୍ୱୀ କହିଛନ୍ତି, ନିର୍ବାଚନ କମିସନଙ୍କର ସ୍ଥିତି ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଉଚିତ୍। ଆମେ ସେମାନଙ୍କ ସମ୍ମୁଖରେ ତଥ୍ୟ ଉପସ୍ଥାପନ କରିଥିଲୁ କିନ୍ତୁ ସେମାନେ କୌଣସି ଉତ୍ତର ଦେଇ ନଥିଲେ। ସାମ୍ବାଦିକ ସମ୍ମିଳନୀ ସମୟରେ ହିଁ ନିର୍ବାଚନ କମିସନ କହିଥିଲେ ଯେ ମୁଁ ଏକ ସତ୍ୟପାଠ ଦାଖଲ କରିବା ଉଚିତ୍। ଯଦି ମୁଁ ତାହା ନ କରେ ତେବେ ଆମେ ଉତ୍ତର ଦେବୁ ନାହିଁ।

### ■ ଭାରତ ପରେ ସ୍ପେନ୍ ଓ ସ୍ୱିଜରଲ୍ୟାଣ୍ଡ ଦେଲେ ଆମେରିକାକୁ ଝଟକା

# ଏଫ୍-୩୫ କିଣିବାକୁ ମନାକଲେ



**ନୂଆଦିଲ୍ଲୀ, ୨୪।୮:** ଭାରତ ପରେ, ଏବେ ଆମେରିକାକୁ ମଧ୍ୟ ୟୁରୋପରୁ ଏକ ବଡ଼ ଝଟକା ଲାଗିଛି। ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡ ଆମେରିକାର ୫ମ ପିଢ଼ିର ଲଢ଼ୁଆ ବିମାନ ଏଫ-୩୫ କିଣିବାକୁ ସ୍ପଷ୍ଟ ଭାବରେ ମନା କରିବା ପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଆଶା ଧୂଳିସାତ ହୋଇଯାଇଛି। ଉଭୟ ୟୁରୋପୀୟ ଦେଶ ଅନ୍ୟ ବିକଳ୍ପଗୁଡ଼ିକୁ ପ୍ରାଧାନ୍ୟ ଦେଇ ସେମାନଙ୍କର ପ୍ରତିରକ୍ଷା ରଣନୀତିକୁ ଏକ ନୂତନ ଦିଗ ଦେଇଛନ୍ତି।

ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡ ଦ୍ୱାରା ସାମ୍ପ୍ରତିକ ନିଷ୍ପତ୍ତି ୟୁରୋପ ଆମେରିକାର ଏଫ-୩୫ ଲଢ଼ୁଆ ବିମାନ କିଣିବାଠାରୁ ନିଜକୁ ଦୂରେଇ ରଖିବାର ପଦକ୍ଷେପକୁ ଆହୁରି ସ୍ପଷ୍ଟ କରିଛି। ଏହି ପଦକ୍ଷେପ କେବଳ ମୂଲ୍ୟ ବିବାଦ ଯୋଗୁଁ ନୁହେଁ, ବରଂ ଆମେରିକାର "ସ୍ଥାୟୀ ଏକାଧିକାର" ବିଷୟରେ ମଧ୍ୟ ଚିନ୍ତା କରୁଛି, ଯେଉଁଥିରେ ଆମେରିକା ଭବିଷ୍ୟତର ସମସ୍ତ ଅପଗ୍ରେଡ୍, ସଫ୍ଟୱେର୍ ଏବଂ କାର୍ଯ୍ୟକ୍ଷମ ତଥ୍ୟକୁ ନିୟନ୍ତ୍ରଣ କରିବ। ଏହି ପରିସ୍ଥିତି ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ରଣନୈତିକ ବିପଦ ସୃଷ୍ଟି କରେ। ବାସ୍ତବରେ ସ୍ପେନ୍ ପୂର୍ବରୁ ତାର ନୌସେନାର ଜୁଆନ୍ କାର୍ଲୋସ୍ ବିମାନ ବାହକ ପାଇଁ ଏଫ-୩୫ କିଣିବା ଆଶା କରାଯାଉଥିଲା, କିନ୍ତୁ ଏହା ବର୍ତ୍ତମାନ ସେହି ଯୋଜନାକୁ ବାତିଲ କରିଦେଇଛି। ବଦଳରେ, ସ୍ପେନ୍ ୨୫ଟି ନୂତନ ୟୁରୋଫାଇଟର୍ ଟାଇଫୁନ୍ କିଣିବାକୁ ନିଷ୍ପତ୍ତି ନେଇଛି ଏବଂ ଫ୍ୟୁଚର୍ କମ୍ବାଟ୍ ଏୟାର ସିଷ୍ଟମ୍ ଉପରେ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଛି।

ଏହି ନିଷ୍ପତ୍ତି ସ୍ପେନର ନୌସେନା ଶକ୍ତିକୁ ବର୍ତ୍ତମାନ ପାଇଁ ଦୁର୍ବଳ କରିବ କାରଣ ଆଗାମୀ ଦଶ ବର୍ଷ ପାଇଁ ଏହାର ପଞ୍ଚମ ପିଢ଼ିର ବିମାନ ରହିବ ନାହିଁ। କିନ୍ତୁ ଏହା ଘରୋଇ ଶିଳ୍ପକୁ ଲାଭ ଦେବ। ଅନ୍ୟପଟେ ସ୍ୱିଜରଲ୍ୟାଣ୍ଡ ୨୦୨୨ରେ ୩୬ଟି ଏଫ-୩୫ ବିମାନ କ୍ରୟକୁ ଅନୁମୋଦନ କରିଥିଲା, ଯାହାର ମୂଲ୍ୟ ପ୍ରାୟ ୬ ବିଲିୟନ ସ୍ୱିସ୍ ଫ୍ରାଙ୍କ୍ ଥିଲା। କିନ୍ତୁ ୨୦୨୩ ଶେଷ ସୁଦ୍ଧା, ପରିସ୍ଥିତି ପରିବର୍ତ୍ତନ ହେବା ଆରମ୍ଭ ହେଲା। ଆମେରିକା ପକ୍ଷରୁ ସ୍ୱିଜରଲାଣ୍ଡ ଅଧିକାରୀମାନଙ୍କୁ କୁହାଯାଇଥିଲା ଯେ, ଚୁକ୍ତି ସମ୍ପୂର୍ଣ୍ଣ ସ୍ଥିର ହୋଇନାହିଁ ଏବଂ ସାମଗ୍ରୀ ଖର୍ଚ୍ଚ ବୃଦ୍ଧି ପାଇଲେ ମୂଲ୍ୟ ୬୫୦ ନିୟୁତ ଫ୍ରାଙ୍କ୍ କିମ୍ବା ତା'ଠାରୁ ଅଧିକ ବୃଦ୍ଧି ପାଇପାରେ। ୱାଶିଂଟନ୍ ତା'ପରେ ସ୍ୱିସ୍ ରପ୍ତାନି ଉପରେ ନୂତନ ଶୁଳ୍କ ଲାଗୁ କରିଥିଲା। ଆଉ ଏହାକୁ ନେଇ ଏବେ ସ୍ୱିଜରଲାଣ୍ଡ ମଧ୍ୟ ଏହି ବିମାନ କିଣିବାକୁ ମନା କରିଦେଇଛି।

# ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ଡ୍ରୋନ ଆକ୍ରମଣ



ମସ୍କୋ, ୨୪।୮: ରୁଷିଆ ନ୍ୟୁକ୍ଲିୟର ସାଇଟ୍ ଉପରେ ଆକ୍ରମଣ କରାଯାଇଛି। ରୁଷିଆର ପଶ୍ଚିମ କୁର୍ସ୍କ ଅଞ୍ଚଳରେ ଥିବା ଏକ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ଉପରେ ଡ୍ରୋନ ଆକ୍ରମଣ ହୋଇଛି। ଡ୍ରୋନ ଆକ୍ରମଣ ପାଇଁ ୟୁକ୍ରେନକୁ ଦାୟୀ କରିଛି ରୁଷ। ଏଥିରେ ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟିଛି । ପାୱାର ପ୍ଲାଣ୍ଟର ଟ୍ରାନ୍ସଫରମର କ୍ଷତିଗ୍ରସ୍ତ ହୋଇଛି । ତେବେ ବିକିରଣ ସ୍ତର ସାଧାରଣ ଥିବା ଏବଂ ଏଥିରେ କେହି ମୃତାହତ ହୋଇନଥିବା ରୁଷିଆର ଅଧିକାରୀମାନେ ଦାବି କରିଛନ୍ତି। ପାୱାର ପ୍ଲାଣ୍ଟର କାର୍ଯ୍ୟ ସ୍ୱାଭାବିକ ରହିଛି । ରୁଷ ଅଧିକାରୀମାନେ ଦାବି କିରିଛନ୍ତି ଯେ, ୟୁକ୍ରେନ ଡ୍ରୋନକୁ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଖସାଇ ଦିଆଯାଇଥିଲା। କିନ୍ତୁ ଏହା ଖସି ପଡ଼ିବା ସମୟରେ ବିସ୍ଫୋରଣ ହୋଇଥିଲା। ଏଥିସହ ଏଥିରେ ଟ୍ରାନ୍ସଫରମର କ୍ଷତିଗ୍ରସ୍ତ ହୋଇଛି । ୟୁକ୍ରେନ ଏହି ଆକ୍ରମଣ ସମ୍ପର୍କରେ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦେଇନାହିଁ । ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ରୁଷିଆ ଏବଂ ୟୁକ୍ରେନକୁ ନ୍ୟୁକ୍ଲିୟର ସାଇଟ ନିକଟରେ ଅତ୍ୟଧିକ ସଂଯମତା ଅବଲମ୍ବନ କରିବାକୁ ବାରମ୍ବାର ଅନୁରୋଧ କରିଛି । ତେବେ ରୁଷ -ୟୁକ୍ରେନ ମଧରେ ଶାନ୍ତି ଆଲୋଚନା ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ପରସ୍ପର ଉପରେ ବଡ଼ ହମଲା କରୁଛନ୍ତି ଦୁଇ ଦେଶ । ଏହି ଘଟଣା ରୁଷିଆ ଏବଂ ୟୁକ୍ରେନ ମଧରେ ଚାଲିଥିବା ସଂଘର୍ଷକୁ ଆହୁରି ଜଟିଳ କରିଛି ।

# ତିନିଦିନିଆ ଭାରତ ଗସ୍ତରେ ଫିଜି ପ୍ରଧାନମନ୍ତ୍ରୀ

**ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ କରିବେ ସାକ୍ଷାତ**



ନୂଆଦିଲ୍ଲୀ, ୨୪।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱର 'ବସ୍' ବୋଲି କହିଥିବା ଫିଜିର ପ୍ରଧାନମନ୍ତ୍ରୀ ସିଟିଭେନି ଲିଗାମାମାଡା ରାବୁକା ତିନିଦିନିଆ ଗସ୍ତରେ ଭାରତ ଆସିଛନ୍ତି। ଏହା ତାଙ୍କର ପ୍ରଥମ ସରକାରୀ ଭାରତ ଗସ୍ତ। ସେ ଆଜି ଦିଲ୍ଲୀରେ ପହଞ୍ଚିଛନ୍ତି, ଯେଉଁଠାରେ ତାଙ୍କୁ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ସ୍ୱାଗତ କରିଥିଲେ। ଫିଜି ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କ ପତ୍ନୀ ସୁଲୁଏତି ରାବୁକା ମଧ ଅଛନ୍ତି। ଏହି ପ୍ରତିନିଧି ମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ରାତୁ ଆଟୋନିଓ ଲାଲବାଲାଭୁ ଏବଂ ବରିଷ୍ଠ ଅଧିକାରୀମାନେ ମଧ ସାମିଲ ଅଛନ୍ତି।

ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ରାବୁକାଙ୍କ ଆଗମନ ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି, "ଫିଜିର ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକାଙ୍କୁ ତାଙ୍କର ପ୍ରଥମ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ହାର୍ଦ୍ଦିକ ସ୍ୱାଗତ। ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ରାବୁକାଙ୍କୁ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ସ୍ୱାଗତ କରିଥିଲେ। ଏହି ଗସ୍ତ ବିଭିନ୍ନ କ୍ଷେତ୍ରରେ ସହଭାଗିତାକୁ ଆହୁରି ମଜବୁତ କରିବ।"

ଭାରତ ଗସ୍ତ ସମୟରେ ଫିଜି ପ୍ରଧାନମନ୍ତ୍ରୀ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ତରଫରୁ ଫିଜି ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ମଧ୍ୟାହ୍ନ ଭୋଜନର ଆୟୋଜନ ମଧ କରାଯିବ। ଏହା ପରେ ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମତରେ, ପ୍ରଧାନମନ୍ତ୍ରୀ ରାବୁକାଙ୍କ ଏହି ଗସ୍ତ ଭାରତ ଏବଂ ଫିଜି ମଧରେ ଥିବା ଦୀର୍ଘ ଦିନର ମଜବୁତ ଓ ସ୍ଥାୟୀ ସମ୍ପର୍କକୁ ଦର୍ଶାଉଛି। ଏହି ଗସ୍ତ ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ସମସ୍ତ କ୍ଷେତ୍ରରେ ମଜବୁତ କରିବା ଏବଂ ଆମ ଲୋକଙ୍କ ମଧରେ ସମ୍ପର୍କକୁ ଆହୁରି ଗଭୀର କରିବାର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରୁଛି। ଭାରତୀୟ ପ୍ରତିନିଧି ମଣ୍ଡଳର ନେତୃତ୍ୱ ବୈଦେଶିକ ମନ୍ତ୍ରଣାଳୟର ସଚିବ ନୀନା ମଲହୋତ୍ରା ନେଇଥିବାବେଳେ ଫିଜି ପକ୍ଷରୁ ବୈଦେଶିକ ବ୍ୟାପାରର ସ୍ଥାୟୀ ସଚିବ ରାଇଜେଲି ଟାଗା ପ୍ରତିନିଧିତ୍ୱ କରିଥିଲେ। ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ଡୋଭାଲଙ୍କ ଟିମରେ ସାମିଲ ହେଲେ ଅନିଶ ଦୟାଲ




**ନୂଆଦିଲ୍ଲୀ, ୨୪।୮:** ପୂର୍ବତନ ସିଆରପିଏଫ୍ ଏବଂ ଆଇଟିବିପି ମହାନିର୍ଦ୍ଦେଶକ ଅନିଶ ଦୟାଲ ସିଂହଙ୍କୁ ଗୁରୁ ଦାୟିତ୍ୱ ମିଳିଛି। ତାଙ୍କୁ ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ବା ଡେପୁଟି ଏନଏସଏ ଭାବରେ ନିଯୁକ୍ତ କରାଯାଇଛି। ତାଙ୍କୁ ଆଭ୍ୟନ୍ତରୀଣ ବ୍ୟାପାର ଦାୟିତ୍ୱ ଦିଆଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ମଣିପୁର କ୍ୟାଡରର ୧୯୮୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅନିଶ ଦୟାଲ ସିଂହ ଡିସେମ୍ବର ୨୦୨୪ରେ ଅବସର ନେଇଥିଲେ। ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସର ନେତୃତ୍ୱ ନେବା ପୂର୍ବରୁ, ସେ ପ୍ରାୟ ୩୦ ବର୍ଷ ଧରି ଇଣ୍ଟେଲିଜେନ୍ସ ବ୍ୟୁରୋରେ କାର୍ଯ୍ୟ କରିଛନ୍ତି। ତାଙ୍କର ଏହି ଭୂମିକାରେ ବ୍ୟାପକ ଅଭିଜ୍ଞତା ଅଛି। ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବରେ, ଅନିଶ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ବିଶେଷ କରି ଜମ୍ମୁ-କାଶ୍ମୀର, ନକ୍ସଲବାଦ ଏବଂ ଉତ୍ତର-ପୂର୍ବାଞ୍ଚଳ ବିଦ୍ରୋହ ଦାୟିତ୍ୱରେ ରହିବେ। ପୂର୍ବତନ 'ର' ମୁଖ୍ୟ ରାଜିନ୍ଦର ଖାନ୍ନା ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତା, ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଟିଭି ରବିଚନ୍ଦ୍ରନ ଏବଂ ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ପବନ କପୁର ଦୁଇଜଣ ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଅଛନ୍ତି।

# ହସ୍ପିଟାଲରେ ଶ୍ରୀଲଙ୍କାର ପୂର୍ବ ରାଷ୍ଟ୍ରପତି ବିକ୍ରମସିଂଘେ



**ନୂଆଦିଲ୍ଲୀ, ୨୪।୮:** ଶ୍ରୀଲଙ୍କା ଜେଲ୍‌ରେ ଥିବା ପୂର୍ବ ରାଷ୍ଟ୍ରପତି ବିକ୍ରମସିଂଘେଙ୍କ ବିଗିଡିଲା ସ୍ୱାସ୍ଥ୍ୟାବସ୍ଥା। ଶନିବାର ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ତାଙ୍କୁ ହେପାଜତରେ ନିଆଯାଇଥିଲା। କଲମ୍ବୋ ନ୍ୟାସନାଲ ହସ୍ପିଟାଲ କହିଛି ଯେ, ସେ ଡିହାଇଡ୍ରେସନରେ ପୀଡିତ ଅଛନ୍ତି। ତାଙ୍କୁ ଡାକ୍ତରଙ୍କ ନଜର ରଖାଯାଇଛି। ବ୍ୟକ୍ତିଗତ ବିଦେଶ ଯାତ୍ରା ପାଇଁ ସରକାରୀ ପାଣ୍ଠି ବ୍ୟବହାର କରିଥିବା ବିକ୍ରମସିଙ୍ଘେଙ୍କ ବିରୋଧରେ ଅଭିଯୋଗ ରହିଛି। କଲମ୍ବୋ ଫୋର୍ଟ ମାଜିଷ୍ଟ୍ରେଟ୍ କୋର୍ଟ ୭୬ ବର୍ଷୀୟ ବିକ୍ରମସିଙ୍ଘେଙ୍କୁ ଅଗଷ୍ଟ ୨୬ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଇ ଦେଇଛନ୍ତି। ଏହା ପରେ, ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କୁ ମାଗାଜିନ୍ ରିମାଣ୍ଡ ଜେଲକୁ ସ୍ଥାନାନ୍ତର କରାଯାଇଛି। ବିକ୍ରମସିଙ୍ଘେଙ୍କ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଅଛି। ହସ୍ପିଟାଲ କହିଛି ଯେ ତାଙ୍କ ଅବସ୍ଥା ଏବେ ସ୍ଥିର ଅଛି। ରିମାଣ୍ଡ ଜେଲର ମୁଖପାତ୍ର କହିଛନ୍ତି ଯେ ଯେତେବେଳେ ତାଙ୍କ ଅବସ୍ଥା ଖରାପ ହୋଇଥିଲା, ତାଙ୍କୁ ନ୍ୟାସନାଲ ହସ୍ପିଟାଲକୁ ନିଆଯାଇଥିଲା, କାରଣ ଜେଲର ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ନଥିଲା। ବିରୋଧୀ ନେତାମାନେ ଦିନରେ ବିକ୍ରମସିଙ୍ଘେଙ୍କୁ ଭେଟିଥିଲେ। ସେ କହିଛନ୍ତି ଯେ ପୂର୍ବତନ ରାଷ୍ଟ୍ରପତି ଭଲ ଥିଲେ। ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା।

# ହାଲ୍‌କୁ ୧୨୦ ତେଜସ୍ ଅର୍ଡର ଦେଲା ଭାରତ

**ବାୟୁସେନା ଶକ୍ତିବୃଦ୍ଧି ଯୋଗୁଁ ପାକିସ୍ତାନର ଚିନ୍ତା ବଢ଼ିଲା**

**ନୂଆଦିଲ୍ଲୀ, ୨୪।୮:** ଭାରତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ସହିତ ୧୨୦ଟି ତେଜସ୍ ଏମକେ-୨ ଲଢ଼ୁଆ ବିମାନ କିଣିବା ପାଇଁ ଏକ ମେଗା ଡିଲ୍ କରିଛି। ଏହି ବିମାନଗୁଡ଼ିକୁ ସାମିଲ କରିବା ଦ୍ୱାରା ଭାରତୀୟ ବାୟୁସେନା (ଆଇଏଏଫ)ର କ୍ଷମତା ଅଧିକ ଶକ୍ତିଶାଳୀ ହେବ। ହାଲ୍ ସ୍ପଷ୍ଟ କରିଛି ଯେ, କମ୍ପାନି ପ୍ରତିବର୍ଷ ବାୟୁସେନାକୁ ୩୦ଟି ଲଢ଼ୁଆ ବିମାନ ହସ୍ତାନ୍ତର କରିବ, ଯାହା ଦ୍ୱାରା ପୁରୁଣା ପୁରୁଣା ମିଗ୍-୨୯, ମିରେଜ-୨୦୦୦ ଏବଂ ଜାଗୁଆର ବିମାନକୁ ସମୟ ଅନୁସାରେ ବଦଳାଯାଇପାରିବ। ଆକଳନ କରାଯାଉଛି ଯେ, ଭାରତୀୟ ବାୟୁସେନାର ଚୂଡ଼ାନ୍ତ ଅର୍ଡର ୨୦୦ରୁ ଅଧିକ ହୋଇପାରେ। ଏହି ପଦକ୍ଷେପକୁ ଭାରତର ସାମରିକ ଆଧୁନିକୀକରଣ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ପ୍ରମୁଖ ସଫଳତା ବୋଲି କୁହାଯାଉଛି।

ଆଗାମୀ ବର୍ଷଗୁଡ଼ିକରେ ଭାରତୀୟ ବାୟୁସେନା ଏହାର ପୁରୁଣା ଯୁଦ୍ଧ ବିମାନଗୁଡ଼ିକୁ ହଟାଇବାକୁ ଯାଉଛି। ସେଥି ମଧ୍ୟରେ ରୁଷିଆର ମିଗ୍-୨୯, ଫ୍ରାନ୍ସର ମିରେଜ-୨୦୦୦ ଏବଂ ଆଙ୍ଗ୍ଲୋ-ଫ୍ରାନ୍ସ ଜାଗୁଆର ଅନ୍ତର୍ଭୁକ୍ତ। ସେସବୁ ବିମାନ ଗୁଡ଼ିକର ମୋଟ ସଂଖ୍ୟା ପ୍ରାୟ ୨୩୦। ଏହି ବିମାନ ଗୁଡ଼ିକର ଅବସର ପରେ, ବାୟୁସେନାକୁ ନୂତନ ଆଧୁନିକ ବିମାନର ଆବଶ୍ୟକତା ପଡ଼ିବ ଏବଂ ଏହି ଆବଶ୍ୟକତା ପୂରଣ କରିବା ପାଇଁ ତେଜସ୍ ଏମକେ-୨କୁ ସାମିଲ କରାଯିବ। ଭାରତୀୟ ବାୟୁସେନା ପ୍ରଥମେ ହାଲ୍ ଠାରୁ ୧୨୦ଟି ତେଜସ୍ ଏମକେ-୨ ଅର୍ଡର କରିଛି। କିନ୍ତୁ ପୁରୁଣା ବିମାନ ସଂଖ୍ୟା ୨୩୦ ପାଖାପାଖି ରହିଛି। ତେଣୁ ଚୂଡ଼ାନ୍ତ ଅର୍ଡର ୨୦୦ରୁ ଅଧିକ ହୋଇପାରେ। ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି ହାଲ୍ ନିଜର ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଯୋଜନା କରୁଛି। ତେବେ ଏହାକୁ ନେଇ ପାକିସ୍ତାନର ଚିନ୍ତା ବଢ଼ିବାରେ ଲାଗିଛି।

# ଭାରତ ବିରୋଧରେ ଏକାଠି ହେଲେ ବାଂଲା-ପାକ୍

**ଢାକା, ୨୪।୮ :** ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇସାକ ଦାର ବାଂଲାଦେଶ ଗସ୍ତରେ ଆସିଛନ୍ତି। ଗତବର୍ଷ ଛାତ୍ର ନେତୃତ୍ୱାଧୀନ ଆନ୍ଦୋଳନ ପରେ ଶେଖ ହସିନାଙ୍କୁ ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ହଟାଇ ଦିଆଯିବା ପରେ ପ୍ରଥମ ଥର ପାଇଁ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଦାର୍ ଢାକା ଗସ୍ତ କରିଛନ୍ତି। ସେ ହେଉଛନ୍ତି ୨୦୧୨ ପରେ ବାଂଲାଦେଶ ଗସ୍ତରେ ଯାଇଥିବା ସବୁଠାରୁ ବରିଷ୍ଠ ପାକିସ୍ତାନୀ ନେତା। ବାଂଲାଦେଶର ବୈଦେଶିକ ସଚିବ ଅସଦ ଆଲାମ ସିଆମ ଢାକାର ହଜରତ ଶାହଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦାରଙ୍କୁ ସ୍ୱାଗତ କରିଥିଲେ। ଏହି ଗସ୍ତ ସମୟରେ ଦାର୍ ବାଂଲାଦେଶର ବୈଦେଶିକ ମନ୍ତ୍ରାଳୟ ଉପଦେଷ୍ଟା ତୌହିଦ୍ ହୋସେନଙ୍କୁ ସାକ୍ଷାତ କରିଥିଲେ। ପୂର୍ବରୁ ଅସଂପୂର୍ଣ୍ଣ ଥିବା ସମସ୍ତ ଦ୍ୱିପାକ୍ଷିକ ପ୍ରସଙ୍ଗର ସମାଧାନ ଲାଗି ଉଭୟ ନେତା ରାଜି ହୋଇଥିଲେ। ଦୁଇ ପକ୍ଷ ମଧରେ ଏକ ପ୍ରମୁଖ ପ୍ରସଙ୍ଗ ହେଉଛି ୧୯୭୧ରେ ପାକିସ୍ତାନ ସେନା ଦ୍ୱାରା ବାଂଲାଦେଶରେ କରାଯାଇଥିବା ଗଣହତ୍ୟା ପାଇଁ ଇସ୍ଲାମାବାଦ କ୍ଷମାମାଗୁ ବୋଲି ବାଂଲାଦେଶ ଦାବି କରିଆସୁଛି। ତେବେ ଏ ନେଇ ପାକିସ୍ତାନ ଏପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ଦେଇନାହିଁ। ସେହିପରି ପାକିସ୍ତାନରେ ଥିବା ବାଂଲାଦେଶର ସମ୍ପତ୍ତି ଫେରସ୍ତ ପ୍ରସଙ୍ଗ। ଅନ୍ୟପକ୍ଷରେ ଭାରତ ବିରୋଧୀ କଠୋରପନ୍ଥୀ ସଂଗଠନ ଜମାଏତ-ଏ-ଇସ୍ଲାମୀ ନେତାମାନଙ୍କ ସହ ସେ ଆଲୋଚନା କରିଥିଲେ। ପାକିସ୍ତାନ ଏହାକୁ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛି।

# ଭାରତରେ ଉତ୍ପାଦନ ହେବ ସେମିକଣ୍ଡକ୍ଟର ଚିପ୍



**ନୂଆଦିଲ୍ଲୀ, ୨୪।୮:** ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରଥମ ମେଡ-ଇନ-ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍ ତିଆରି ହେବ। ଏଭଳି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହା ସହ ଦେଶ ଏବେ ୬ଜି ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ମଧ୍ୟ କାର୍ଯ୍ୟ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି। ସ୍ମାର୍ଟଫୋନ୍, କମ୍ପ୍ୟୁଟର, ମେଡିକାଲ ଉପକରଣ ଭଳି ଇଲେକଟ୍ରୋନିକ୍ସ ଯନ୍ତ୍ରାଂଶରେ ସେମିକଣ୍ଡକ୍ଟର ଚିପ୍ ବ୍ୟବହାର ହୋଇଥାଏ। ଏ ପର୍ଯ୍ୟନ୍ତ ଭାରତ ଏହି ଚିପ୍‌ଗୁଡ଼ିକୁ ବିଦେଶରୁ ଆମଦାନୀ କରୁଥିଲା। ଯାହା ଦେଶର ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଏକ ବଡ଼ ନିର୍ଭରତା ସୃଷ୍ଟି କରିଥିଲା। ଏହା ଦେଶରେ ଉତ୍ପାଦନ କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ବିଶ୍ୱ ବଜାରରେ ଭାରତର ସ୍ଥାନକୁ ସୁଦୃଢ଼ କରିବ। ଏହି ଉଦ୍ୟୋଗ ସଫଳ ହେଲେ, ଭାରତ କେବଳ ପ୍ରଯୁକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବ ନାହିଁ। ବରଂ ବିଶ୍ୱରେ ଏକ ପ୍ରମୁଖ ପ୍ରଯୁକ୍ତି ଶକ୍ତି ଭାବେ ଉଭା ହେବ । ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, ଭାରତ ୬ଜି ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଛି । ୫ଜି ପ୍ରଯୁକ୍ତି ଦେଶରେ ବ୍ୟାପକ ଭାବେ ବ୍ୟବହୃତ ହେଉଥିବା ବେଳେ, ୬ଜି ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ପ୍ରଯୁକ୍ତି ଭାବେ ବିବେଚିତ ହେଉଛି । ୬ଜି ପ୍ରଯୁକ୍ତି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଅଫ ଥିଙ୍ଗ୍ସ, ଏବଂ ଅଗମେଣ୍ଟେଡ ରିଆଲିଟି ଭଳି କ୍ଷେତ୍ରଗୁଡ଼ିକରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଭାରତ ବର୍ତ୍ତମାନ ବିଶ୍ୱର ୧୦୦ଟି ଦେଶକୁ ବୈଦ୍ୟୁତିକ ଯାନ ରପ୍ତାନି କରିବାକୁ ଯାଉଛି । ଭାରତର ଅର୍ଥନୀତିକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରି କହିଛନ୍ତି ଯେ, ଆମେ ଏପରି ଲୋକ ଯେଉଁମାନେ ଦ୍ରୁତ ପ୍ରବାହିତ ଧାରାକୁ ମଧ୍ୟ ପରିବର୍ତ୍ତନ କରିପାରିବା ।

### ଭାଗଲପୁରରୁ ଆସିଲା ଏକ ଆଶ୍ଚର୍ଯ୍ୟଜନକ ଖବର

# ଭୋଟର ତାଲିକାରେ ରହିଛି ପାକିସ୍ତାନୀ ମହିଳାଙ୍କ ନାମ



**ପାଟନା, ୨୪।୮:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭାଗଲପୁରରୁ ଏକ ଆଶ୍ଚର୍ଯ୍ୟଜନକ ଖବର ଆସିଛି । ଗୃହ ମନ୍ତ୍ରଣାଳୟର ତଦନ୍ତରୁ ଜଣାପଡିଛି ଯେ ପାକିସ୍ତାନରୁ ଆସିଥିବା ଦୁଇ ମହିଳାଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକୃତ ହୋଇଥିଲା । ଏଥିସହ ସେମାନଙ୍କର ଭୋଟର ପରିଚୟପତ୍ର ମଧ୍ୟ ତିଆରି କରାଯାଇଥିଲା । ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ ପ୍ରଶାସନରେ ହଇଚଇ ସୃଷ୍ଟି ହୋଇଥିଲା । ଯେତେବେଳେ ଗୃହ ମନ୍ତ୍ରଣାଳୟ ଭିସା ଅବଧି ଶେଷ ହେବା ପରେ ମଧ୍ୟ ଭାରତରେ ରହୁଥିବା ବିଦେଶୀଙ୍କ ତଦନ୍ତ ଆରମ୍ଭ କଲା, ସେତେବେଳେ ଏହା ନିଶ୍ଚିତ ହୋଇଥିଲା ଯେ ଭାଗଲପୁରରେ ତିନି ଜଣ ପାକିସ୍ତାନୀ ନାଗରିକ ରହୁଛନ୍ତି। ସେମାନଙ୍କ ମଧ୍ୟରେ ଦୁଇ ମହିଳା ଇମ୍ରାନା ଖାନମ ଓରଫ ଇମ୍ରାନା ଖାତୁନ ଏବଂ ଫିରଦୌସିଆ ଖାନମ ଅଛନ୍ତି । ପାକିସ୍ତାନରୁ ଆସିଥିବା ଏହି ଦୁଇ ମହିଳା ଭାଗଲପୁରର ଇଶାକଚକ ଥାନା ଅଞ୍ଚଳର ଟାଙ୍କ ଲେନ୍, ଭିଖାନପୁର ଗୁମଟି ନମ୍ବର ୩ରେ ରହୁଥିଲେ। ଏହି ମାମଲାର ତଦନ୍ତରୁ ଜଣାପଡିଛି ଯେ ଭାରତରେ ଏହି ଦୁଇ ମହିଳାଙ୍କ ନାଗରିକତା କେବେ ପରିବର୍ତ୍ତନ କରାଯାଇ ନଥିଲା, ହେଲେ ସେମାନଙ୍କ ନାମ ଭୋଟର ତାଲିକାରେ ଯୋଡା ଯାଇଥିଲା। ସେମାନଙ୍କ ନାମ ଏପର୍ଯ୍ୟନ୍ତ ବାଦ ଦିଆଯାଇ ନାହିଁ, ଏହାର ତଦନ୍ତ କରାଯିବ। ସ୍ପେଶାଲ୍ ବ୍ରାଞ୍ଚର ରିପୋର୍ଟ ପରେ, ଡିଏମ୍ ଏବଂ ଏସ୍ଏସ୍‌ପିଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି । ଭାଗଲପୁର ଡିଏମ୍ ଡକ୍ଟର ନଭାଲ କିଶୋର ଚୌଧୁରୀ ନିଶ୍ଚିତ କରିଛନ୍ତି ଯେ ଭୋଟର ତାଲିକାରୁ ଉଭୟ ପାକିସ୍ତାନୀ ମହିଳାଙ୍କ ନାମ ବାଦ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ସହିତ, କାହାର ଅବହେଳା ଯୋଗୁଁ ଏତେ ଗୁରୁତର ଭୁଲ ହେଲା ତାହା ମଧ୍ୟ ଦେଖାଯାଉଛି। ସେହି ସମୟରେ, ପରିବାର ପକ୍ଷରୁ ଏକ ଭିନ୍ନ ଦାବି କରାଯାଇଛି। ଏଥିସହ ଜାଣିରଖନ୍ତୁ ଯେ, ଫିରଦୌସିଆ ଖାନମଙ୍କ ପୁଅ ମହମ୍ମଦ ଗୁଲ୍‌ଜ୍ କହିଛନ୍ତି ଯେ ତାଙ୍କ ମାଆଙ୍କ ଜନ୍ମ ୧୯୪୫ ମସିହାରେ ହୋଇଥିଲା ଏବଂ ସେ ଏଠାରେ ରହୁଛନ୍ତି । ସେ କହିଛନ୍ତି ଯେ ସମସ୍ତ ଡକ୍ୟୁମେଣ୍ଟ ଦାଖଲ କରିବା ସତ୍ତ୍ୱେ, ରିପୋର୍ଟରେ ଭୁଲ ସୂଚନା ଦିଆଯାଇଛି । ବର୍ତ୍ତମାନ, ଏହି ସମ୍ପୂର୍ଣ୍ଣ ମାମଲା ଭୋଟର ତାଲିକାର ବିଶ୍ୱସନୀୟତା ଏବଂ ସ୍ଥାନୀୟ ପ୍ରଶାସନର କାର୍ଯ୍ୟକାରିତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି ।

# ଭାରତ ଆସିବେ ଜେଲେନସ୍କି ଏବଂ ପୁଟିନ



**ନୂଆଦିଲ୍ଲୀ, ୨୪।୮:** ଟ୍ରମ୍ପଙ୍କ ସତ ଚେଷ୍ଟା ପରେ ମଧ ରୁଷ-ୟୁକ୍ରେନ୍ ଯୁଦ୍ଧରେ ପଡିପାରିନାହିଁ ପୂର୍ଣ୍ଣଚ୍ଛେଦ। ବାରମ୍ବାର ବୈଠକ ସତ୍ତ୍ୱେ ସମାଧାନ ମିଳିପାରିନାହିଁ। ଏହାରି ମଧରେ ଜେଲେନସ୍କିଙ୍କ ଭାରତ ଗସ୍ତ ଖବରକୁ ତୀବ୍ର କରିଛି। ପୁଟିନ୍ ମଧ ଚଳିତ ବର୍ଷ ଭାରତ ଗସ୍ତ କରିବାକୁ ଯାଉଛନ୍ତି। ଏପରି ପରିସ୍ଥିତିରେ ଉଭୟ ଦେଶକୁ ସମାଧାନର ରାସ୍ତା ଦିଲ୍ଲୀରୁ ମିଳିପାରିବ ବୋଲି କୁହାଯାଉଛି।

ୟୁକ୍ରେନୀୟ ରାଷ୍ଟ୍ରଦୂତ ଓଲେକଜାଣ୍ଡର ପୋଲିଶଚୁକ୍ କହିଛନ୍ତି ଯେ, ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସକି ଖୁବ୍ ଶୀଘ୍ର ଭାରତ ଗସ୍ତ କରିପାରନ୍ତି। କିନ୍ତୁ ଗସ୍ତର ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ବର୍ତ୍ତମାନ ତାରିଖ ସମ୍ପର୍କରେ ଆଲୋଚନା ଚାଲିଛି। ଗତବର୍ଷ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁକ୍ରେନ୍ ଗସ୍ତ କରି ଜେଲେନ୍ସକିଙ୍କୁ ଭେଟିଥିଲେ। ସେତେବେଳେ ସେ ତାଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ। ଜେଲେନସ୍କି ଭାରତ ଗସ୍ତ ନେଇ ତାରିଖ ଧାର୍ଯ୍ୟ ଚାଲିଥିବା ସମୟରେ ପୁଟିନ୍ ମଧ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଭାରତର ସମ୍ପର୍କ ରୁଷ ଏବଂ ୟୁକ୍ରେନ ମଧରେ ଭଲ ରହିଛି। ଯାହା ଯୁଦ୍ଧ ବନ୍ଦ କରିବାର ଏକ ରାସ୍ତା ଦେଖାଇପାରିବ।

ଅନ୍ୟପଟେ ଭାରତର ପ୍ରଧାନମନ୍ତ୍ରୀ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସକିଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ। ଉଭୟ ପକ୍ଷ ଏହା ଉପରେ କାମ କରୁଛନ୍ତି। ଆମେ ଆଶା କରୁଛୁ ଯେ ରାଷ୍ଟ୍ରପତି ଜେଲେନ୍ସକି ନିଶ୍ଚିତ ଭାବରେ ଭାରତ ଆସିବେ। ଏହା ଆମର ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଏକ ବଡ଼ ସଫଳତା ହେବ। ବର୍ତ୍ତମାନ ଆମେ ସଠିକ୍ ତାରିଖ ସ୍ଥିର କରିବାକୁ ଚେଷ୍ଟା କରୁଛୁ'। ସେ କହିଥିଲେ ଯେ, ଉଭୟ ଦେଶ ଏକାଠି ସଠିକ୍ ତାରିଖ ସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏବଂ ଜେଲେନ୍ସକି ପୂର୍ବରୁ ଅନେକ ଥର ସାକ୍ଷାତ କରିଛନ୍ତି।

# ସବୁ ଫର୍ମାଟରୁ ଅବସର ନେଲେ ପୂଜାରା



**ମୁମ୍ବାଇ, ୨୪।୮:** ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ରବିବାର ଅବସର ଘୋଷଣା କରିଛନ୍ତି ଦେଶର ଅନ୍ୟତମ ଶ୍ରେଷ୍ଠ ଟେଷ୍ଟ ଖେଳାଳି ଚେତେଶ୍ୱର ପୂଜାରା। ସୋଶାଲ ମିଡିଆରେ ଏକ ପୋଷ୍ଟ କରି ସେ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ପୂଜାରା ୨୦୨୩ରେ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୨୦୧୦ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଟେଷ୍ଟ ଡେବ୍ୟୁ କରିଥିଲେ।

ପୂଜାରା ୧୦୩ଟି ଟେଷ୍ଟ ଖେଳିଥିବା ବେଳେ ୧୭୬ଟି ଇନିଂସରୁ ୪୩.୬୦ ହାରରେ ୭,୧୯୫ ରନ୍ କରିଛନ୍ତି। ତା' ମଧ୍ୟରେ ୧୯ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ରହିଛି। ୨୦୬ ନଟ୍ ଆଉଟ୍ ହେଉଛି ତାଙ୍କର ଟେଷ୍ଟରେ ବ୍ୟକ୍ତିଗତ ସର୍ବାଧିକ ରନ୍, ଯାହା ସେ ୨୦୧୨ରେ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ କରିଥିଲେ। ୫୦୦ ମିନିଟ୍‌ରୁ ଅଧିକ ସମୟ ଧରି ସେ କ୍ରିଜ୍‌ରେ ରହି ଏହି ସ୍କୋର କରିଥିଲେ ଓ ଏହା ଭାରତର ବିଜୟରେ ବଡ଼ ସହାୟକ ହୋଇଥିଲା। ଭାରତୀୟ ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି ପୂଜାରା। ତାଙ୍କ ଉପରେ ଯଥାକ୍ରମେ ସୌରଭ ଗାଙ୍ଗୁଲି (୭୨୧୨), ବୀରେନ୍ଦ୍ର ସେହୱାଗ (୮୫୦୩), ଭିଭିଏସ୍ ଲକ୍ଷ୍ମଣ (୮୭୮୧), ବିରାଟ କୋହଲି (୯୨୩୦), ସୁନୀଲ ଗାଭାସ୍କର (୧୦,୧୨୨), ରାହୁଲ ଦ୍ରାବିଡ (୧୩,୨୬୫) ଓ ସଚିନ ତେନ୍ଦୁଲକର (୧୫,୯୨୧) ରହିଛନ୍ତି। ପୂଜାରା ଦେଶ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ୨୦୧୩ରେ ଜିମ୍ବାୱେ ବିପକ୍ଷରେ ସେ ଦିନିକିଆ ଡେବ୍ୟୁ କରିଥିଲେ। ଏହି ଫର୍ମାଟରେ ସେ ତାଙ୍କ ଶେଷ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୨୦୧୪ରେ ଖେଳିଥିଲେ। ଯେତେବେଳେ ବି ଚେତେଶ୍ୱର ପୂଜାରାଙ୍କ ସଂପର୍କରେ ଆଲୋଚନା କରାଯାଏ, ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତର ଐତିହାସିକ ପ୍ରଥମ ଟେଷ୍ଟ ସିରିଜ୍ ବିଜୟକୁ ଉଲ୍ଲେଖ କରାଯାଏ। ଭାରତୀୟ ଟେଷ୍ଟ ଟିମ୍‌ର ଏହି ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ଚେତେଶ୍ୱର ପୂଜାରା। ଏହି ସିରିଜ୍‌ରେ ସେ ୧୨୫୮ଟି ବଲ୍‌ର ସମ୍ମୁଖୀନ ହୋଇ ୫୨୧ ରନ୍ କରିଥିଲେ। ତା' ମଧ୍ୟରେ ଥିଲା ୩ଟି ଶତକ। ୨୦୨୩ ପରଠାରୁ ପୂଜାରା ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇ ରହିଯାଇଥିଲେ। କାରଣ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଜୋର ଦେଇଥିଲା। ସୋଶାଲ ମିଡିଆରେ ପୂଜାରା ଲେଖିଛନ୍ତି ଯେ, ସେ ଭାରତୀୟ କ୍ରିକେଟ ଟିମ୍‌ର ଅଂଶ ହେବାକୁ ସ୍ୱପ୍ନ ଦେଖିଥିଲେ। କିନ୍ତୁ ସେ ଜାଣି ନଥିଲେ ଯେ ଏହି ଖେଳ ତାଙ୍କୁ ଏତେ ଜିନିଷ ଦେବ। ତାଙ୍କୁ ଅମୂଲ୍ୟ ସୁଯୋଗ ମିଳିଛି। ଅଭିଜ୍ଞତା ମିଳିଛି। ଭଲ ପାଇବା ମିଳିଛି। ସବୁଠୁ ବଡ଼ କଥା ତାଙ୍କୁ ରାଜ୍ୟ ଓ ଦେଶକୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ମିଳିଛି। ଯେତେଥର ସେ ପଡ଼ିଆକୁ ଓହ୍ଲାଇଛନ୍ତି, ସବୁଥର ନିଜର ଶ୍ରେଷ୍ଠ ଦେବାକୁ ଚେଷ୍ଟା କରିଛନ୍ତି। ତେବେ ସବୁ ଭଲ ଜିନିଷର ମଧ୍ୟ ଶେଷ ଥାଏ। ପ୍ରଚୁର କୃତଜ୍ଞତାର ସହିତ ସେ ଭାରତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି।

## ବିସିସିଆଇ ଚୟନ କମିଟିରେ ସ୍ଥାନ ପାଇବେ ପ୍ରଜ୍ଞାନ



**ନୂଆଦିଲ୍ଲୀ, ୨୪।୮:** ଓଡ଼ିଆ ସ୍ପିନର ତଥା ପୂର୍ବତନ ଟେଷ୍ଟ କ୍ରିକେଟ୍ ଖେଳାଳି ପ୍ରଜ୍ଞାନ ଓଝା ବିସିସିଆଇ ଚୟନ କମିଟିରେ ସାମିଲ ହେବା ସମ୍ଭାବନା ରହିଛି। ଅଜିତ ଆଗରକର ମୁଖ୍ୟ ଥିବା ଏହି କମିଟିରେ ପ୍ରଜ୍ଞାନ ରହିବେ। ଦକ୍ଷିଣାଞ୍ଚଳ ପ୍ରତିନିଧି ଭାବେ ସେ ଏସ୍. ଶରତଙ୍କ ସ୍ଥାନରେ କମିଟିରେ ସ୍ଥାନ ପାଇବାର ସମ୍ଭାବନା ରହିଛି। କାରଣ ଶରତଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ପ୍ରଜ୍ଞାନଙ୍କ ପରେ ସେଣ୍ଟ୍ରାଲ ଜୋନରୁ ଆଉ ଜଣେ ସଦସ୍ୟ କମିଟିକୁ ଆସିବେ। କାରଣ ପୂର୍ବାଞ୍ଚଳରୁ ଦୁଇଜଣ ଶିବସୁନ୍ଦର ଦାସ ଓ ସୁବ୍ରତ ବାନାର୍ଜୀ ରହିଥିବାରୁ ଜଣକ ସ୍ଥାନରେ କେନ୍ଦ୍ରାଞ୍ଚଳରୁ ଜଣେ ପ୍ରତିନିଧି ଆସିବେ। ତେବେ ଏ ନେଇ କିଛି ସ୍ପଷ୍ଟ ସୂଚନା ମିଳି ନାହିଁ। ଯଦି ଶିବ ସୁନ୍ଦର ଓ ପ୍ରଜ୍ଞାନ ଉଭୟ ଚୟନ କମିଟିରେ ରୁହନ୍ତି, ତେବେ ଓଡ଼ିଶା ପାଇଁ ବହୁତ ବଡ଼ ଗୌରବର କଥା ହେବ। ଯଦିଓ ପ୍ରଜ୍ଞାନ ଦକ୍ଷିଣାଞ୍ଚଳ ଓ ଶିବ ସୁନ୍ଦର ପୂର୍ବାଞ୍ଚଳର ପ୍ରତିନିଧିତ୍ୱ କରିବେ। ସୂଚନା ଥାଉ କି ଓଡ଼ିଆ ଖେଳାଳି ହୋଇଥିଲେ ମଧ୍ୟ ପ୍ରଜ୍ଞାନ ହାଇଦ୍ରାବାଦ ତରଫରୁ ରଣଜୀ ଖେଳି ଭାରତୀୟ ସିନିୟର ଦଳରେ ସ୍ଥାନ ପାଇଥିଲେ। ସେ ମୋଟ୍ ୧୪୦ଟି ଅନ୍ତର୍ଜାତୀୟ ୱିକେଟ୍ ନେଇଛନ୍ତି। ସେ ମୋଟରେ ୨୪ଟି ଟେଷ୍ଟ, ୧୮ଟି ଦିନିକିଆ ଆନ୍ତର୍ଜାତିକ ଏବଂ ୬ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ୧୦୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ପ୍ରଜ୍ଞାନ ୨୦୨୦ ଫେବ୍ରୁଆରୀ ୨୧ରେ କ୍ରିକେଟରୁ ଅବସର ନେଇଥିଲେ। ଚୟନକର୍ତ୍ତା ହେବା ପାଇଁ ବିସିସିଆଇର କିଛି ନିୟମ ରହିଛି। ଯେମିତିକି ଆବେଦନକାରୀ ଅତି କମରେ ୭ଟି ଟେଷ୍ଟ, ୧୦ଟି ଦିନିକିଆ ଏବଂ ୨୦ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବେ। ପ୍ରଜ୍ଞାନ ଏହି ସବୁ ସର୍ତ୍ତକୁ ପୂରଣ କରିଛନ୍ତି।

## ବନ୍ଧୁକ ରଖିବା ମାମଲାରେ ଯୁବକ କୋର୍ଟଚାଲାଣ

**ପଟ୍ଟାମୁଣ୍ଡାଇ,୨୪।୮(ସଂଚାର ବ୍ୟୁରୋ) :** ଥାନା ସମ୍ମୁଖରୁ ସ୍କୁଟି ଭିତରୁ ବନ୍ଧୁକ ଜବତ। ଜଣେ ଗିରଫ। କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ସହର ଆଦର୍ଶ ଥାନା ସମ୍ମୁଖରୁ ଏକ ସ୍କୁଟି ଡିକି ଭିତରୁବନ୍ଧୁକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପଟ୍ଟାମୁଣ୍ଡାଇ ୧୧ ନମ୍ବର ୱାର୍ଡର ସେକ ମକସୁଦ ଅଲି। ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା କେନ୍ଦ୍ରାପଡ଼ା ସ୍ପେସାଲ ସ୍କ୍ୱାର୍ଡ ଟିମ୍। ସ୍କୁଟି ଡିକିରୁ ବନ୍ଧୁକ ଜବତ କରି ସ୍କୁଟି ମାଲିକ ମକସୁଦ ଅଲ୍ଲୀକୁ ଗିରଫ ପରିଛି ପୁଲିସ। ଅନ୍ୟପଟେ ମକସୁଦ ଅଲ୍ଲୀଙ୍କ ପରିବାର ତାଙ୍କ ଦୋକନରେ କାମ କରୁଥିବା ବ୍ୟକ୍ତି ସଇଜୁ ଖାନ୍ ନାଁରେ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଜବତ କରିଥିବା ସ୍କୁଟିକୁ ସଇଜୁ ବ୍ୟବହାର କରୁଥିବା ଏତଲାରେ ଦର୍ଶାଯାଇଛି। ପୂର୍ବରୁ ମକସୁଦଙ୍କ ସହ ସଇଜୁଙ୍କ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ର କରି ମକସୁଦକୁ ଫସାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି ପରିବାର। ଥାନାରେ ମାମଲା ପରେ ସାଇଜୁ ଖାନକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୋଲିସ। ତଦନ୍ତ ପରେ ଆଜି ପଟ୍ଟାମୁଣ୍ଡାଇ ପୁଲିସ ଅଭିଯୁକ୍ତକୁ ଆର୍ମ୍ସ ଆକ୍ଟରେ କୋର୍ଟ ଚାଲାଣ କରିଛି।

## ବୋମା ଓ ଗୁଳିମାଡ଼ କରି ସୁନା ଦୋକାନ ଲୁଟିଲେ ଦୁର୍ବୃତ୍ତ

**ଟାଙ୍ଗି,୨୪।୮(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଥାନା ଅଧୀନସ୍ଥ ଛଣଗିରି ଗ୍ରାମରେ ସାଇ ସୋନୁ ଅଳଙ୍କାର ଦୋକାନରୁ ଲୁଟ୍ ହୋଇଛି। ବୋମା ଓ ଗୁଳିମାଡ଼ କରି ଦୁର୍ବୃତ୍ତମାନେ ସୁନା ଓ ରୁପା ଗହଣା ସହ ନଗଦ ଟଙ୍କା ଲୁଟି ନେଇଥିବା ବେଳେ ଏନେଇ ଜଙ୍କିଆ ପୁଲିସ ତନାଘନା ଚଳାଇଛି। ମିଳିଥିବା ସୂଚନାନୁସାରେ, ୩ଟି ବାଇକରେ ୬ ଜଣ ଡକାୟତ ଉକ୍ତ ଅଳଙ୍କାର ଦୋକାନରେ ପହଞ୍ଚି ବୋମାମାଡ଼ କରି ଭୟଭୀତ କରାଇଥିଲେ। ପରେ ସେମାନେ ଦୋକାନ ଭିତରେ ପଶି ଗୁଳି ଚଳାଇଥିଲେ। ପରେ ସେମାନେ ଲୁଟ୍ କରି ଫେରାର୍ ହୋଇଯାଇଥିଲେ। ତେବେ ବୋମାମାଡ଼ରେ ଜଣେ ଲୋକ ଆହତ ହୋଇଛନ୍ତି। ଏଥିସହ ପୁଲିସ୍ ଘଟଣାସ୍ଥଳରୁ ୨ଟି ଖୋକା ଜବତ କରିଛି। ଲୁଟ୍ ସମୟରେ ଦୁର୍ବୃତ୍ତମାନେ ହେଲମେଟ୍ ପିନ୍ଧିଥିବାରୁ ଚିହ୍ନଟ ସମସ୍ୟା ହେଉଛି। କିନ୍ତୁ ପୁଲିସ୍ ସିସିଟିଭି ଯାଞ୍ଚ କରି ସେମାନଙ୍କୁ ଠାବ ପାଇଁ ଉଦ୍ୟମ ଚଳାଇଛି।

## ହସ୍ପିଟାଲ ଛାତରୁ ଖସିଲା ପ୍ଲାଷ୍ଟର, ଅଳ୍ପକେ ବର୍ତ୍ତିଲେ ରୋଗୀ

**ବାରିପଦା,୨୪।୮ (ସଂଚାର ବ୍ୟୁରୋ):** ପିଆରଏମ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ରକ୍ଷଣାବେକ୍ଷଣ ଅଭାବରୁ ହସ୍ପିଟାଲର ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିବା ବେଳେ ଚିକିତ୍ସିତ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜିଲ୍ଲାର ସଦର ମହକୁମା ବାରିପଦା ସ୍ଥିତ ପଣ୍ଡିତ୍ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ପୁରୁଷ ସର୍ଜିକାଲ ୱାର୍ଡରେ ଉକ୍ତ ଘଟଣା ଘଟିଛି। ଶଶଧର ବାରିକ ନାମକ ବ୍ୟକ୍ତି ଜଣକ ଅସ୍ତ୍ରୋପଚାର ହୋଇଥିବା ବେଳେ ୱାର୍ଡର ୮ନମ୍ବର ବେଡରେ ଥିଲେ। ରବିବାର ପୂର୍ବାହ୍ନ ସମୟରେ ହଠାତ ହସ୍ପିଟାଲ ଛାତରୁ ପ୍ଲାଷ୍ଟର ଖସିପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ପ୍ଲାଷ୍ଟର ଖଣ୍ଡଟି ରୋଗୀଙ୍କ ବେଡ ଉପରେ ପଡ଼ିଥିବା ବେଳେ ରୋଗୀ ଜଣକ ଅଳ୍ପକେ ବର୍ତ୍ତିଯାଇଥିଲେ। କର୍ତ୍ତୃପକ୍ଷ ସଠିକ ଭାବେ ରକ୍ଷଣାବେକ୍ଷଣା କରୁନଥିବାରୁ ବାରମ୍ବାର ଏଭଳି ଅଘଟଣ ଘଟୁଥିବା ଶ୍ରୀ ବାରିକ କହିଛନ୍ତି।

## 'ସୁସ୍ଥ ସମାଜ ଗଠନରେ ଯୁବ ଛାତ୍ରର ଭୂମିକା' ଆଲୋଚନାଚକ୍ର




**ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ଯୁଥ୍ ଫର ଭଲ୍ୟୁଣ୍ଟାରି ୱାର୍କ ଓ ସବୁଜ ଭାରତର ମିଳିତ ଆୟୋଜନରେ ଦେଶ ନିର୍ମାଣରେ ଯୁବ ଛାତ୍ରଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଓ ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସମାଜସେବୀ ସବ୍‌ଦର ହାସିମ୍, ଜାତୀୟ ସେବା ଯୋଜନାର ଖୋର୍ଦ୍ଧା ଜିଲ୍ଲା ପ୍ରୋଗ୍ରାମ ଅଫିସର ଡ. ଜୟଶ୍ରୀବାଳା ମଲ୍ଲିକ, ବିଶିଷ୍ଟ ପରିବେଶବିତ୍ ଡ. ସୁଧାଂଶୁ ଶେଖର ବିଶ୍ୱାଳ, ସମାଜସେବୀ ନୀଳିମା ଦାସ ଯୋଗଦେଇ ଯୁବ ଛାତ୍ରଙ୍କ ଭୂମିକା ନେଇ ଆଲୋଚନା କରିଥିଲେ। ଯୁବପିଢ଼ି ଚାହିଁଲେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ଡ. ଶ୍ରୀଚନ୍ଦନ କହିଥିବା ବେଳେ ଯୁବ ଓ ଛାତ୍ର ଗୋଷ୍ଠୀ ଦେଶର ମେରୁଦଣ୍ଡ ସୁଦୃଢ଼ ଓ ସଠିକ୍ ବାଟରେ ରହିଲେ, ଦେଶ ନିଶ୍ଚିତ ଭାବରେ ପ୍ରଗତି ପଥରେ ଆଗେଇପାରିବ ବୋଲି ବିଧାୟକ ଶ୍ରୀ ଜେନା ବକହିଥିଲେ। ସେହିପରି ଯୁବକମାନଙ୍କୁ ଦେଶର ବିଭିନ୍ନ ସମସ୍ୟା, ଅନ୍ୟାୟ, ଅନୀତି ଓ ଦୁର୍ନିତୀକୁ ମୂଳପୋଛ କରିବା ନିମନ୍ତେ ଆଗେଇ ଆସିବାକୁ ଶ୍ରୀ ହାସ୍‌ମି ଆହ୍ୱାନ ଦେଇଥିଲେ। ସମାଜ ସେବାକୁ ଯୁବ ଛାତ୍ରମାନେ ବ୍ରତ ଭାବେ ଗ୍ରହଣ କରିବାକୁ ଡ. ମଲ୍ଲିକ ପରାମର୍ଶ ଦେଇଥିବା ବେଳେ ଯୁବ ଓ ଛାତ୍ର ସମାଜ ଅହଂକାରଠାରୁ ଦୂରରେ ରହି ଆତ୍ମସନ୍ତୋଷ ପାଇଁ ସମାଜସେବା କରିବାକୁ ଡ. ବିଶ୍ୱାଳ ଆହ୍ୱାନ ଦେଇଥିଲେ। ଏହାଛଡ଼ା ସକାରାତ୍ମକ କାର୍ଯ୍ୟ ମାଧ୍ୟମରେ ଜଣେ ଯୁବକ ଅନ୍ୟ ପାଇଁ ପ୍ରେରଣା ହୋଇପାରିବ ବୋଲି ଶ୍ରୀମତୀ ଦାସ କହିଥିଲେ। କାର୍ଯ୍ୟକ୍ରମରେ ଯୁବ ପ୍ରତିଭା ସମ୍ମାନ ମନସ୍ତୁପ୍ତି ମହାପାତ୍ର, ମୋନାଲିସା ମଲ, ଦେବରାୟ କଲେଜର ଯୁଥ୍ ରେଡ୍‌କ୍ରସ୍ ଟିମ୍, ବିଜେବି କଲେଜର ଏନ୍ଏସ୍ଏସ୍ ଟିମ୍, ବ୍ଲଡ ହିରୋ ସଂଗଠନ, ସଙ୍ଗୀନ ଫାଉଣ୍ଡେସନ୍ ଓ 'ଆସକ୍ତ' ଚଳଚ୍ଚିତ୍ର ଟିମ୍‌ଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସତ୍ୟବ୍ରତ ଜେନା, ମନୋଜ କୁମାର ସାହୁ, ଲକ୍ଷ୍ମୀପ୍ରିୟା ନାୟକ, କ୍ଷୀରୋଦ କୁମାର ଜେନା, ଯଶୋସ୍ମିତା ପ୍ରଧାନ, ତାପସ ଦେ, ଜଗନ୍ନାଥ ସାହୁ, ଲକ୍ଷ୍ମୀଧର ସାହୁ ପରିଚାଳନା କରିଥିଲେ।

## ଭୁବନେଶ୍ୱରର ସବୁ ଥାନାରୁ ହଟିବ ଜବତ ଗାଡ଼ି



**ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ) :** ଭୁବନେଶ୍ୱର ସବୁ ଥାନାରୁ ଜବତ ଅବ୍ୟବହୃତ ଓ ଅଚଳ ଗାଡ଼ି ହଟିବ। ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି। ଜବତ ଗାଡ଼ି ପଡ଼ି ରହିବା ଯୋଗୁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଗାଡ଼ି ହଟିଲେ ଜାଗା ସଫା ହେବ, ରାଜସ୍ୱ ବଢ଼ିବ ବୋଲି ସେ କହିଛନ୍ତି। ଏନେଇ ପୋଲିସ କମିଶନରଙ୍କୁ ଭୁବନେଶ୍ୱର ମହାନଗର ନିଗମ ଚିଠି କରିବ। ଥାନା ସହ ବିଏମସିର ଅବ୍ୟବହୃତ ଓ ଅଚଳ ଗାଡ଼ି ସ୍କ୍ରାବ ହେବ ବୋଲି ମେୟର କହିଛନ୍ତି।

## କ୍ୟାପିଟାଲ ହାଇସ୍କୁଲ୍‌ରେ କ୍ୱିଜ୍ ପ୍ରତିଯୋଗିତା



**ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲଠାରେ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଦ୍ୱାରା ଗଠିତ ସିଏଚ୍ଏସ୍୮୩ ୱେଲ୍‌ଫେୟାର୍ ସୋସାଇଟି ପକ୍ଷରୁ ଏକ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜୁନିୟର ଗ୍ରୁପରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଏବଂ ସିନିୟର୍ ଗ୍ରୁପରେ ନବମ ଓ ଦଶମ ଶ୍ରେଣୀର ମୋଟ ୭୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ପ୍ରତିବର୍ଷ ଆୟୋଜିତ ହୋଇଆସୁଥିବା ବେଳେ ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ଶିକ୍ଷା ଓ ସାଧାରଣ ଜ୍ଞାନର ମାନ ବୃଦ୍ଧି କରିବା ସହ ସେମାନଙ୍କର ଦକ୍ଷତାକୁ ସୁଦୃଢ଼ କରିବାର ଏକ ପ୍ରୟାସ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ପ୍ରତିଯୋଗିତାକୁ ସୋସାଇଟି ପକ୍ଷରୁ ଦେବାଶିଷ ପାଢ଼ୀ ପରିଚାଳନା କରିଥିବା ବେଳେ ଅନ୍ୟ ପୁରାତନ ଛାତ୍ର, ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ ଓ ଅଭିଭାବକ ଏଥିରେ ସହଯୋଗ କରିଥିଲେ। ତେଣୁ ସମସ୍ତଙ୍କୁ ସୋସାଇଟି ପକ୍ଷରୁ ସଭାପତି ବିଜୟ ପାତ୍ର ଓ ସମ୍ପାଦକ ପୁଲିନ ସାହୁ ସାଧୁବାଦ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁକ୍ତିକାନ୍ତଙ୍କ...

ଅଭିଯୋଗ କରିଛନ୍ତି। ଏଥିସହ ମୁକ୍ତିକାନ୍ତଙ୍କ ଧମକ ପାଇଥିବା ଯନ୍ତ୍ରୀମାନେ ଖୁବଶୀଘ୍ର ସଂଘରେ ଫେରାଦ ହେବେ ବୋଲି ମଧ୍ୟ କହୁଛନ୍ତି। ସଂଘ ଜରିଆରେ ସେମାନେ ମୁକ୍ତିକାନ୍ତଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କୁ ଜଣାଇବାକୁ ପ୍ରସ୍ତୁତି କରୁଛନ୍ତି। କାରଣ ଏବେଠୁ ଅଭିଯୋଗ ନକଲେ ଆଗାମୀ ଦିନରେ ଏହି କୁଜି ନେତାଙ୍କ ପାଇଁ ସରକାର ଓ ଦଳ ବଦନାମ ମୁଣ୍ଡାଇବାର ଯଥେଷ୍ଟ ଆଶଙ୍କା ରହିଛି।

### ଆଇଏଡିଡବ୍ଲ୍ୟୁଏସ୍‌ର...

କ୍ଷେପଣାସ୍ତ୍ର ଓ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଆଧାରିତ ଲକ୍ଷ୍ୟଭେଦକାରୀଶକ୍ତିଶାଳୀଯୁଦ୍ଧାସ୍ତ୍ର(ଡିଇଡବ୍ଲୁ) ବିଖଞ୍ଜା ହୋଇଛି। ଏହି କାର୍ଯ୍ୟକ୍ରମର ଅଗ୍ରଣୀ ପ୍ରୟୋଗଶାଳା ରୂପେ ମାନ୍ୟତା ଲାଭ କରିଥିବା ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରୟୋଗଶାଳା ଦ୍ୱାରା ବିକଶିତ ଏକ ସମନ୍ୱିତ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ଅସ୍ତ୍ର ପ୍ରଣାଳୀର ସବୁ ଉପକରଣକୁ ସମନ୍ୱିତ ପରିଚାଳନା ଓ ନିୟନ୍ତ୍ରିତ କରାଯାଇପାରିବ। ଭିଏସଏଚଓଆରଏଡିଏସକୁ ରିସର୍ଚ୍ଚ ସେଣ୍ଟର ଇମାରତ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଡିଇଡବ୍ଲ୍ୟୁକୁ ସେଣ୍ଟର ଫର୍ ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସେସ୍ ଦ୍ୱାର ବିକଶିତ କରାଯାଇଛି। ଆକାଶମାର୍ଗ ପରୀକ୍ଷଣ ସମୟରେ ଦୁଇଟି ଉଚ୍ଚ ଗତିଶୀଳ ଫିକ୍ସଡ୍ ୱିଙ୍ଗ ମାନବବିହୀନ ଆକାଶମାର୍ଗର ଲକ୍ଷ୍ୟ ଓ ଗୋଟିଏ ମଲ୍ଟି କ୍ୟାପ୍ଟର ଡ୍ରୋନ୍ ସମେତ ୩ଟି ଭିନ୍ନଭିନ୍ନ ଲକ୍ଷ୍ୟକୁ ଏକ ସଙ୍ଗେ ଟାର୍ଗେଟ୍ କରାଯାଇଥିଲା। କ୍ୟୁଆରଏସଏମ, ଭିଏସଏଚଓଆରଏଡିଏସ ଓ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଅସ୍ତ୍ର ପ୍ରଣାଳୀ ଦ୍ୱାରା ଭିନ୍ନ ଭିନ୍ନ ଦୂରତା ଓ ଉଚ୍ଚତାରେ ଏକକାଳୀନ ଏଗୁଡ଼ିକୁ ଟାର୍ଗେଟ୍ କରାଯାଇ ସଫଳତାପୂର୍ବକ ଧ୍ୱଂସ କରାଯାଇପାରିଥିଲା। କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଚିହ୍ନଟ ଓ ଧ୍ୱଂସ ପ୍ରଣାଳୀ, ଅସ୍ତ୍ର ପ୍ରଣାଳୀର କମାଣ୍ଡ ଏବଂ ନିୟନ୍ତ୍ରଣ ସମେତ ଯୋଗାଯୋଗ ଓ ରାଡାର ଆଦିକୁ ନେଇ ସମ୍ପୂର୍ଣ୍ଣ ଅସ୍ତ୍ର ପ୍ରଣାଳୀ ଉପକରଣ ତ୍ରୁଟିଶୂନ୍ୟ ପ୍ରଦର୍ଶନ କରିଥିଲା। ଫ୍ଲାଇଟ୍ ତଥ୍ୟ ନିରୀକ୍ଷଣ ଲାଗି ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି ଦ୍ୱାରା ନିୟୋଜିତ ହୋଇଥିବା ରେଞ୍ଜ ଉପକରଣଗୁଡ଼ିକ ଅସ୍ତ୍ର ପ୍ରଣାଳୀର ସଠିକ୍ ପ୍ରଦର୍ଶନକୁ ପ୍ରମାଣିତ କରିଥିଲା। ଡିଆରଡିଓର ବରିଷ୍ଠ ବୈଜ୍ଞାନିକ ଓ ସେନାବାହିନୀର ପ୍ରତିନିଧିମାନେ ଏହି ପରୀକ୍ଷଣ ସମୟରେ ଉପସ୍ଥିତ ଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଆଇଏଡିଡବ୍ଲ୍ୟୁଏସର ସଫଳ ପରୀକ୍ଷଣ ନେଇ ଡିଆରଡିଓ, ସେନାବାହିନୀ ଓ ଶିଳ୍ପ ଅଂଶୀଦାରମାନଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଏହି ଅଭିନବ ଉଡ଼ାଣ-ପରୀକ୍ଷଣ ଦେଶର ବହୁସ୍ତରୀୟ ବାୟୁ-ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିଛି। ଏହା ଆକାଶମାର୍ଗରୁ ଆସୁଥିବା ଶତ୍ରୁ ପକ୍ଷର ଆକ୍ରମଣକୁ ଅକାମୀ କରିବାରେ ଦେଶର ପ୍ରତିରକ୍ଷା କ୍ଷମତାକୁ ମଜବୁତ କରିବ। ପ୍ରତିରକ୍ଷା ବିଭାଗ ଗବେଷଣା ଓ ବିକାଶ ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ସଫଳ ଉଡ଼ାଣ-ପରୀକ୍ଷଣରେ ସାମିଲ ପ୍ରତିଟି ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

### ଓଜେଇଇ ...

ବିଚାରପତି ମାନସ ରଞ୍ଜନ ପାଠକ ଓ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ସଂଶୋଧିତ ଢାଞ୍ଚା ଅନୁଯାୟୀ ପ୍ରଦାନ କରାଯାଇଥିବା ଯେକୌଣସି ଫି' ରିଟ୍ ଆବେଦନର ଚୂଡ଼ାନ୍ତ ଫଳାଫଳ ଉପରେ ନିର୍ଭର କରିବ ବୋଲି କହିଛନ୍ତି। ଏଥିସହ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ ତାରିଖରେ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

### ଆକ୍ରମଣରେ...

ମଧ୍ୟ ଚାଲିଯାଇଥିଲା। ଏହାଛଡ଼ା କୁକୁର ଆକ୍ରମଣରେ ଉକ୍ତ ଗ୍ରାମର ୯ଟି ଛେଳି ଓ ୨ଟି ମେଣ୍ଢା ମଧ୍ୟ ପ୍ରାଣ ହରାଇଛନ୍ତି। ଏବେ ତୁଷୁରାରେ କୁକୁର ଆକ୍ରମଣରେ ୩ ଜଣ ଆହତ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସକାଶେ ସେମାନେ ଦାବି କରିଛନ୍ତି।

### ପୂଜା ପରେ...

ନାହିଁ। ମୁଣ୍ଡ ଉପରେ ପୌର ଓ ପଞ୍ଚାୟତ ନିର୍ବାଚନ ଥିବାରୁ ଦଳ ତୁରନ୍ତ ତୃଣମୂଳ ସ୍ତରରେ ପହଞ୍ଚିବାକୁ କସରତ କରୁଥିଲେ ମଧ୍ୟ ତାହା ଏତେଟା ସହଜ ହୋଇପାରୁନାହିଁ। ରାଜ୍ୟର ସବୁଠାରୁ ବଡ଼ ପର୍ବ ଦଶହରାକୁ ହାତରେ ମାସଟିଏ ଥିବାରୁ ଏହା ଭିତରେ ତିନି ଦଳରେ ସେଭଳି କିଛି ପରିବର୍ତ୍ତନ ଲକ୍ଷ୍ୟ କରାଯାଉନାହିଁ। ବରଂ ପୂଜା ଛୁଟିରେ ନେତାମାନେ ଏକାଠି ହୋଇ ନିଷ୍ପତ୍ତି ନେବା ସହଜ ହେବ ବୋଲି ଆଲୋଚନା ହେଉଛି। ତେଣୁ ମୋଟାମୋଟି ଭାବେ ପୂଜା ପରେ ତିନି ଦଳରେ ନବକଳେବର ହେବା ସହ ସେମାନେ ପଞ୍ଚାୟତମୁହାଁ ହେବେ ବୋଲି ରାଜନୈତିକ ବିଶ୍ଳେଷକମାନେ ଆକଳନ କରୁଛନ୍ତି।

### ନନ୍ଦନକାନନରେ ...

୨୮କୁ ହ୍ରାସ ପାଇଛି। ଏଥିରେ ୧୭ଟି ପୁରୁଷ ଓ ୧୧ଟି ମାଈ ବାଘ ରହିଛନ୍ତି। ପ୍ରାଣୀ ଉଦ୍ୟାନର ୨୮ ନଂ ଫିଡିଙ୍ଗ୍ ଚାମ୍ବରରେ ରହୁଥିବା ୯ବର୍ଷିଆ 'ମୌସୁମୀ' ଗତ ଜୁନ ୭ ତାରିଖ ରାତିରେ ଦୁଇ ଘଣ୍ଟା ଅନ୍ତରରେ ଦୁଇଟି ଶାବକଙ୍କୁ ଜନ୍ମ ଦେଇଥିଲା। ଖୁଆଡ଼ରେ ଲାଗିଥିବା ସିସିଟିଭି ମାଧ୍ୟମରେ ତା' ଉପରେ ପ୍ରାଣୀ ଉଦ୍ୟାନର ଚିକିତ୍ସକମାନେ ନଜର ରଖିଥିଲେ। ମୌସୁମୀ ଛୁଆମାନଙ୍କର ଯତ୍ନ ନେବା ସହ ଠିକ୍ ଭାବେ କ୍ଷୀରପାନ କରାଉଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗତ ଜୁନ ୧୧ରେ ଧଳା ଛୁଆଟି ଅସୁସ୍ଥ ଥିବା ନେଇ ସିସିଟିଭିରେ ଦେଖାଯାଇଥିଲା। ଏଥିସହ ମୌସୁମୀ ଦୁଇ ଶାବକଙ୍କୁ ବି ପାଖରେ ପୂରାଇ ଦେଇନଥିଲା। ତେଣୁ ଦୁଇ ଶାବକଙ୍କୁ ବଞ୍ଚାଇବା ପାଇଁ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ଉକ୍ତ ସନ୍ଧ୍ୟାରେ ମା'ଠାରୁ ଦୁଇ ଶାବକଙ୍କୁ ଅଲଗା କରିବା ସହ ଶିଶୁ ଲାଳନ ପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଧଳା ଅଣ୍ଡିରା ବାଘ ଶାବକ ଓଜନ କମ୍ ଥିବା ବେଳେ ସେ ଗୁରୁତର ହୋଇଯାଇଥିଲା। ତେଣୁ ତାକୁ ଇନକ୍ୟୁବେଟରରେ ରଖାଯାଇ ତା'ର ସ୍ୱାସ୍ଥ୍ୟାବସ୍ଥା ଉପରେ ଉପରେ ନଜର ରଖାଯାଇଥିଲା କିନ୍ତୁ ଚିକିତ୍ସିତ ହେଉଥିବା ସମୟରେ ଗତକାଲି ସକାଳୁ ତା'ର ମୃତ୍ୟୁ ଘଟିଥିବା ପ୍ରାଣୀ ଉଦ୍ୟାନ ପକ୍ଷରୁ ସୂଚନା ଦିଆଯାଇଛି।

### ଖୁବ୍‌ଶୀଘ୍ର...

ଖୁବ୍‌ଶୀଘ୍ର ଏକ ଟିମ୍ ସ୍ଥାନ ପରିଦର୍ଶନ କରିବ। ସେହିପରି ଖୁବ୍‌ଶୀଘ୍ର ରାଜ୍ୟର ଅନ୍ୟ ୩ଟି ଜିଲ୍ଲାରେ କୃଷି ଏବଂ ମତ୍ସ୍ୟ ଓ ପଶୁସମ୍ପଦ ମହାବିଦ୍ୟାଳୟ ଖୋଲିବ। ତାଙ୍କ ଘୋଷଣା ଅନୁସାରେ, ମୟୂରଭଞ୍ଜ ଓ ବ୍ରହ୍ମପୁରରେ କୃଷି ମହାବିଦ୍ୟାଳୟ ଏବଂ ସୋନପୁରରେ ମତ୍ସ୍ୟ ଓ ପଶୁସମ୍ପଦ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ସକାଶେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ନିମନ୍ତେ ବ୍ୟୟ ଆକଳନ, ଜମି ଓ ବିଦ୍ୟୁତର ଆବଶ୍ୟକତା, ଆୟ ଆକଳନ ଏବଂ ବିଭିନ୍ନ ସବ୍‌ସିଡି ଯୋଜନା ସମ୍ପର୍କରେ ତଥ୍ୟ ରଖି ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବାକୁ ଓୟୁଏଟି କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏପରି ପ୍ରକଳ୍ପ ପ୍ରୋଫାଇଲ୍ ଛାତ୍ରଛାତ୍ରୀ ଓ କୃଷକମାନଙ୍କ ସକାଶେ କୃଷିଭିତ୍ତିକ ଉଦ୍ୟୋଗର ଆର୍ଥିକ ସମ୍ଭାବନା ବୁଝିବାରେ ସହାୟକ ହେବ। ଏହି ଅବସରରେ ରାଜ୍ୟପାଳ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ପରିଦର୍ଶନ କରିଥିବା କୃଷି ବିଜ୍ଞାନ କେନ୍ଦ୍ର ସମ୍ପର୍କରେ ମଧ୍ୟ ତାଙ୍କର ଉପଲବ୍ଧି ଅବତାରଣା କରିଥିଲେ। ସେ କହିଥିଲେ ଯେ ଭାରତରେ ଆମ ଦେଶରେ କୃଷି ଏକ ବୃତ୍ତି ନୁହେଁ, ବରଂ ସଂସ୍କୃତିର ଏକ ଅଂଶ। ଏହା ପରିବାର ସହ ଅର୍ଥନୀତିକୁ ପ୍ରତିପାଳନ କରିଆସିଛି। ଓୟୁଏଟି ଭଳି ପ୍ରତିଷ୍ଠାନଗୁଡ଼ିକ ଦକ୍ଷ ମାନବ ସମ୍ବଳ ଏବଂ ଅଭିନବ ସମାଧାନ କୌଶଳର ବିକାଶ କରିବା ସହିତ ଜଳବାୟୁ ପରିବର୍ତ୍ତନ, ବଜାରର ହ୍ରାସ-ବୃଦ୍ଧି ଭଳି ଆହ୍ୱାନକୁ ମୁକାବିଲା କରିବାରେ ସହାୟକ ହେବେ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ହାତକୁ ନେଇଥିବା ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଏବଂ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମଧ୍ୟ ବକ୍ତବ୍ୟ ଦେଇଥିଲେ। ଡିନ୍ (ସମ୍ପ୍ରସାରଣ ଶିକ୍ଷା) ଡ. ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଜିଷ୍ଟ୍ରାର ପ୍ରତିଭା ଦୋରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମାର୍ଟ ଚାଷୀ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ, ଅଧିକାରୀ, କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

### ବିପଦସଂକେତ...

ଅଞ୍ଚଳକୁ ଜଳାର୍ଣ୍ଣବ କରିଛି। ପ୍ରବଳ ବର୍ଷା ଫଳରେ ବୈତରଣୀ ଓ ଏହାର ଶାଖା ନଦୀ କୋଚିଲା, ଗେଙ୍ଗୁଟିରେ ବନ୍ୟା ଆସିଛି। ବୈତରଣୀ ନଦୀର କଣ୍ଟି ଘାଇ ଏସ କେପ ଯୋଗେ ପାଣି ଗାଁ ଭିତରକୁ ପଶିଛି। ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତେଇପୁର ଠାରେ ଥିବା ମଲ୍ଲିମାହାରା, ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଯୋଗେ ବୈତରଣୀର ବନ୍ୟା ଜଳ ଜନବସତି ଭିତରକୁ ପ୍ରବେଶ କରିଛି। ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପ୍ ଯୋଗେ ପାଣି ପଶିବାରୁ ଖଡ଼ିପଦା, କରଦା ଓ ସୋହଡ଼ା ପଞ୍ଚାୟତ ଜଳାର୍ଣ୍ଣବ ହୋଇଛି। ଏହାସହ ଶହ ଶହ ଏକର ଜମି ପାଣିରେ ବୁଡ଼ି ରହିଛି। ପନିପରିବା ଚାଷ ବି ପାଣିରେ ବୁଡ଼ିଥିବାରୁ ନଷ୍ଟ ହେବା ଆଶଙ୍କା ରହିଛି। ସେପଟେ ପଧାନି ପଞ୍ଚାୟତର ସଇଲୋରେ କୋଚିଲା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ଧସି ଥିବାରୁ ଜଳ ସମ୍ପଦ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକେ ବାଉଁଶ, ବାଲିବସ୍ତା, ଟିଣ ଚଦର ଓ କାଠ ବଲା ଦେଇ ବନ୍ଧକୁ ସୁରକ୍ଷା ଦେଇଛନ୍ତି। ଅର୍ଜୁନପୁର ପଞ୍ଚାୟତ ସଇଲୋ ଠାରେ କୋଚିଲା ନଦୀରୁ ବଡ଼ ଘଳିଆ ପଡ଼ିଥିଲା। ତେବେ ତାକୁ ବାଲିବସ୍ତ ପକାଇ ତୁରନ୍ତ ମରାମତି କରାଯାଇଛି। ବନ୍ୟା ଯୋଗୁଁ ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତରେ ସ୍ଥିତି ସଂଗୀନ ହେବାରେ ଲାଗିଛି। ହସନାବାଦ, ଗୋପବନ୍ଧୁନଗର, ଅସ୍ତକ, ବାଲିପାଟନା ଗାଁ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଲୋକଙ୍କ ଘର ଭିତରେ ପାଣି ପଶିଯିବାରୁ ଖୁବ ହିନସ୍ତା ହେଉଛନ୍ତି ଲୋକେ। ରବିବାର ଦିନ ଭଦ୍ରକ ଜିଲ୍ଲାପାଳ ଦିଲିପ କୁମାର ରାଉତ ରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଧାମନଗର ବିଡ଼ିଓ ବନବିହାରୀ ଦିନ୍ଦା ପ୍ରମୁଖ ଧାମନଗର ବନ୍ୟା ଅଞ୍ଚଳ ବୁଲି ଦେଖୁଛନ୍ତି। ତେବେ ତଳିଆ ଅଞ୍ଚଳ ଅଧିକ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଥିବାରୁ ଧାମନଗର ବ୍ଲକ ର ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତ ର ସମସ୍ତ ଅଙ୍ଗନବାଡ଼ି ଓ ବିଦ୍ୟାଳୟକୁ ସୋମବାର ଓ ମଙ୍ଗଳବାର ଦୁଇ ଦିନ ବନ୍ଦ ପାଇଁ ଭଦ୍ରକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଧ୍ୟାରେ ଜିଲ୍ଲାପାଳ ଧାମନଗର ପଞ୍ଚାୟତ ସମିତି ରେ ବନ୍ୟା ସମୀକ୍ଷା କରିଥିଲେ। ସମସ୍ତ ସରକାରୀ ଅଧିକାରୀ ମାନେ ବିଭିନ୍ନ ପଞ୍ଚାୟତ ରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବ୍ରାହ୍ମଣୀ ନାଳ ପୋଲ ଉପରେ ୭ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ କେନ୍ଦୁଝର ଜିଲ୍ଲା ଅଁରାରୁ ରାଇଗୋଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳସ୍ୱରୂପ ରାସ୍ତା କଡ଼ରେ ଅଟକି ରହିଛି ଶତାଧିକ ଯାନବାହନ। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକରେ ଗତ ୩ ଦିନ ହେବ ଲାଗି ରହିଛି ବର୍ଷା। ଲଘୁଚାପ ଜନିତ ଲଗାଣ ବର୍ଷାରେ ବୈତରଣୀ ନଦୀ, ମଳଦା, ବ୍ରାହ୍ମଣୀ, ବଇଙ୍ଗା ଆଦି ନାଳରେ ଜଳସ୍ତର ବୃଦ୍ଧି ପାଇବା ସହ ବନ୍ୟାଜଳ ପ୍ରବାହିତ ହେଉଛି। ବୈତରଣୀ ଓ ମଳଦା ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କେନ୍ଦୁଘଟି, ହଳଡିହି ଆଦି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି ଲୋକେ। ସେହିପରି ଅଁରା ବ୍ରାହ୍ମଣୀ ନାଳ ପୋଲ ଉପରେ ୭ ଫୁଟର ବନ୍ୟାଜଳ। ଫଳରେ ରାଇଗୋଡା ଠାରୁ ଅଁରା,ବିନିଦା, ଆମୁଣି ସମେତ ୧୦ ରୁ ଅଧିକ ଗାଁକୁ ଗତ ୩ ଦିନ ହେବ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ରାସ୍ତାର ଦୁଇ ପାଶ୍ୱର୍ରେ ଶତାଧିକ ଗାଡ଼ି ମୋଟର ଅଟକି ରହିଥିବା ଦେଖିବାକୁ ମିଳିଛି।

### ହୀରାକୁଦର...

ଅପରାହ୍ଣରେ ଆଉ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୨୧ ଫୁଟ ଥିଲା। ଏହି ସମୟରେ ଜଳଭଣ୍ଡାରକୁ ୨,୧୩,୧୩୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିଲା ବେଳେ ୧,୬୧,୬୯୪ କ୍ୟୁସେକ୍ ଜଳ ଜଳଭଣ୍ଡାରରୁ ନିଷ୍କାସିତ ହେଉଥିଲା। ସେଥିରୁ ୧,୨୬,୧୨୦ କ୍ୟୁସେକ୍ ଜଳ ସ୍ପିଲ୍‌ୱେ ଏବଂ ୩୨,୩୨୧ କ୍ୟୁସେକ୍ ଜଳ ପାୱାର ଚାନେଲ ଦେଇ ମହାନଦୀରେ ନିଷ୍କାସିତ ହେଉଛି। ଶିଳ୍ପାନୁଷ୍ଠାନଗୁଡ଼ିକ ୨୧୪ କ୍ୟୁସେକ୍ ପାଣି ଟାଣୁଥିଲେ। ଜଳସେଚନ ପାଇଁ ବରଗଡ଼ ମୁଖ୍ୟ କେନାଲରେ ୨୬୯୩ କ୍ୟୁସେକ୍, ଶାସନ ମୁଖ୍ୟ କେନାଲରେ ୩୦୦ କ୍ୟୁସେକ୍ ଓ ସମ୍ବଲପୁର ଶାଖା କେନାଲରେ ୪୬ କ୍ୟୁସେକ୍ ପାଣି ଛଡ଼ାଯାଇଥିଲା।

### ଜାମୁଗଛ...

ସୁରୁବାଲି ଯୋରରେ ଦେଖିବାକୁ ମିଳିଛି।। ଗାଧୋଇବାକୁ ଯୋରକୁ ଯାଇଥିବା ସମୟରେ ପ୍ରବଳ ସ୍ରୋତରେ ନଦୀ ମଝିରେ ଫସିଯାଇଥିଲେ ସାନକିରାଶିରା ଗ୍ରାମର ଆଦର୍ଶ ପଧାନ। ସେ ସମୟରେ ଆଦର୍ଶଙ୍କଙ୍କ ସହ ଆହୁରି ୫ ଜଣ ଗାଧୋଉଥିଲେ ମଧ୍ୟ ସେମାନେ ପହଁରି ପହଁରୁ କୂଳକୁ ଚାଲିଆସି ନିଜ ଜୀବନ ବଞ୍ଚାଇଥିଲେ। କିନ୍ତୁ ଆଦର୍ଶ ସେଠାରେ ଫସିରହିଥିଲେ। ବର୍ତ୍ତିଯାଇଥିବା ଯୁବକମାନେ ଘଟଣା ସମ୍ପର୍କରେ ତୁରନ୍ତ ସୁବଳୟା ପୁଲିସ ଓ ବୀରାମହରାଜପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ସୁବଳୟା ପୁଲିସର ଏକ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆଦର୍ଶଙ୍କୁ ସୁରକ୍ଷିତ ଭାବେ ବନ୍ୟା ପାଣିରୁ ଉଦ୍ଧାର କରିଥିଲା। ରିପୋର୍ଟ ଲେଖାଯିବା ବେଳକୁ ଯୁବକ ଜଣଙ୍କ ସୁସ୍ଥ ଓ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ପୁଲିସ୍-ଦମକଳ ବାହିନୀର କର୍ମଚାରୀମାନଙ୍କ ପାଇଁ ଆଦର୍ଶ ଆଜି ନୂଆ ଜୀବନ ପାଇଛନ୍ତି ବୋଲି ସ୍ଥାନୀୟ ଲୋକେ ମତ ଦେଉଛନ୍ତି।

### ପୁଲିସ୍...

ଏକ ଘଟଣା ଘଟିଛି, ଯେଉଁଥିରେ ଜଣେ ଟ୍ରାକ୍ଟର ଚାଳକ ୩ ଜଣ ପୁଲିସ୍ କର୍ମୀଙ୍କୁ ଟ୍ରାକ୍ଟର ଚଢ଼ାଇ ହତ୍ୟା କରିବା କରିବାକୁ ଉଦ୍ୟମ କରିଛି। ଅବଶ୍ୟ ସୌଭାଗ୍ୟକ୍ରମେ ଉକ୍ତ ୩ ପୁଲିସ୍ କୌଣସି ମତେ ନିଜ ଜୀବନ ବଞ୍ଚାଇପାରିଛନ୍ତି। କିନ୍ତୁ ଉକ୍ତ ଟ୍ରାକ୍ଟରକୁ ଜବତ କରିବାକୁ ଯାଇ କେତେକ ପୁଲିସ୍ କର୍ମୀ ଆହତ ହୋଇଛନ୍ତି। କିନ୍ତୁ ପୁଲିସ୍ ଉକ୍ତ ଗାଡ଼ିକୁ ଜବତ କରିଥିଲେ ହେଁ ଚାଳକ ଜଣଙ୍କ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛି। କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା ଗ୍ରାମରେ ଏହି ଘଟଣାଟି ଘଟିଛି।ମିଳିଥିବା ସୂଚନାନୁସାରେ, ବିଶେଷ ସୂତ୍ରରୁ ଚୋରା ବାଲି ଚାଲାଣ ନେଇ ଖବର ପାଇବା ପରେ ସଦର ଥାନା ପୁଲିସ କାଜିପାଟଣା ଗାଁରେ ପହଞ୍ଚିଥିଲା। ସେଠାରେ ବାଲି ଚାଲାଣ କରୁଥିବା ଗାଡ଼ିକୁ ଅଟକାଇବା ସକାଶେ ପୁଲିସ୍ ଚେଷ୍ଟା କରିଥିଲା। ତେବେ ଆଲୋଚ୍ୟ ଟ୍ରାକ୍ଟର ଚାଳକ ଜଣଙ୍କ ପୁଲିସ୍‌କୁ ଡରିବା ପରିବର୍ତ୍ତେ ଧମକ ଦେଇଥିଲା। ପୁଲିସ୍ ଗାଡ଼ି ଆଗରୁ ନ ହଟିଲେ ସେ ଗାଡ଼ି ଚଢ଼ାଇଦେବ ବୋଲି ଧମକ ଦେଇଥିଲା। କିନ୍ତୁ ପୁଲିସ୍ କର୍ମୀମାନେ ତାକୁ ଆତ୍ମସମର୍ପଣ କରିବାକୁ କହିଥିଲେ। ଏଥିରେ ଟ୍ରାକ୍ଟର ଚାଳକ ଜଣଙ୍କ କ୍ରୋଧିତ ହୋଇ ତୀବ୍ର ଗତିରେ ଟ୍ରାକ୍ଟର ଚଳାଇ ସେମାନଙ୍କ ଉପରେ ଚଢ଼ାଇଦେବାକୁ ଉଦ୍ୟମ କରିଥିଲା। ତେବେ ଗାଡ଼ି ଆଗରୁ ଠିକ୍ ସମୟରେ ଅପସରି ଯାଇ ଉକ୍ତ ତିନି ପୁଲିସ୍ କର୍ମୀ ସେମାନଙ୍କ ଜୀବନ ବଞ୍ଚାଇଥିଲେ। କିନ୍ତୁ ଅନ୍ୟ କିଛି ପୁଲିସ୍ କର୍ମୀଙ୍କ ସହାୟତାରେ ସେମାନେ ଉକ୍ତ ଟ୍ରାକ୍ଟରକୁ ଅନୁସରଣ କରି ଶେଷରେ ଧରିଥିଲେ। କିନ୍ତୁ ଗାଡ଼ି ଚାଳକ ଜଣଙ୍କ ସେଠାରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲା। ପୁଲିସ୍ ଉକ୍ତ ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିବା ବେଳେ କିଛିଦିନ ତଳେ ଉକ୍ତ ଟ୍ରାକ୍ଟରଟି ବାଲି ଚୋରି ମାମଲାରେ ଥାନାରେ ଅଟକ ଥିଲା ବୋଲି ଜଣାପଡ଼ିଛି। ସମ୍ପ୍ରତି ବର୍ଷା ଦିନ ଚାଲିଥିବା ବେଳେ ବିଭିନ୍ନ ନଦୀଘାଟରେ ବାଲି ଚାଲାଣ ଉପରେ ପ୍ରଶାସନ ପକ୍ଷରୁ ରୋକ ଲାଗିଛି। କିନ୍ତୁ ମୁନାଫା କମାଇବା ଉଦ୍ଦେଶ୍ୟରେ ମାଫିଆମାନେ ପ୍ରଶାସନ ନିୟମକୁ ଫୁ' କରି ମନଇଚ୍ଛା ବାଲି ଉଠାଣ କରୁଛନ୍ତି। ବିଶେଷକରି ଏବେ ବର୍ଷା ଦିନ ଥିବାରୁ ଲୋକମାନେ ଅଧିକ ଦାମ୍ ଦେଇ ବାଲି ନେଉଛନ୍ତି। ତେଣୁ ଏହାକୁ ଏକ ସୁଯୋଗ ଭାବି ମାଫିଆମାନେ କୌଣସି ପ୍ରକାର କଟକଣାକୁ ଖାତିର୍ ନ କରି ସେମାନଙ୍କ ବେଆଇନ୍ କାର୍ଯ୍ୟ ଚଳାଉଥିବା ପରିଲକ୍ଷିତ ହେଉଛି।

# ପ୍ରଶାସନର ନାଲିଫିତା ତଳେ କାକଟପୁର ଏନ୍ଏସି




**କାକଟପୁର/ଅସ୍ତରଙ୍ଗ,୨୪।୮ (ସଂଚାର ବ୍ୟୁରୋ):** ପୂର୍ବ ସରକାର ରାଜ୍ୟରେ ନୂଆ ଏନଏସି ଘୋଷଣା କରିଥିବା ବେଳେ ପୁରୀ ଜିଲ୍ଲା କାକଟପୁର ମଧ ପ୍ରସ୍ତାବିତ ଏନଏସି ଘୋଷଣାରେ ରହିଥିଲା। ୨୦୨୪ଫେବୃଆରୀ ୨୯ତାରିଖରୁ କାକଟପୁର ଅଞ୍ଚଳ ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ଯୁବବନ୍ଧୁମାନେ କାକଟପୁରକୁ ଏନଏସି ଘୋଷଣା ପାଇଁ କାକଟପୁରରୁ ଭୁବନେଶ୍ୱର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏହା ସହ ବିଭିନ୍ନ ରାଜନୈତିକ ଦଳ ତରଫରୁ ଏନଏସି ଘୋଷଣା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଯାହାଫଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାକଟପୁରକୁ ଏନଏସି ଭାବେ ଘୋଷଣା ମଧ କରିଥିଲେ। ଘୋଷଣା ପରେ ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବାର ସୂଚନା ମିଳିଥିଲା।

ମାତ୍ର ରାଜ୍ୟରେ ସାଧାରଣ ନିର୍ବାଚନ ଘୋଷଣା ଯୋଗୁଁ କାର୍ଯ୍ୟ ବନ୍ଦ ରହିଥିଲା। ନୂତନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଏନଏସି ପ୍ରସଙ୍ଗ କାର୍ଯ୍ୟକାରୀ ହେବାକୁ ଯାଉଛି। କିନ୍ତୁ ସ୍ଥାନୀୟ ପ୍ରଶାସନର ଉଦାସୀନତା ମନୋଭାବ ପାଇଁ ଆଜି ପର୍ଯ୍ୟନ୍ତ ଉକ୍ତ ପ୍ରସଙ୍ଗରେ କୌଣସି ଅଗ୍ରଗତି ହେଉନଥିବାରୁ ଏହା ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ ପନ୍ଥା ଉପରେ ଅଙ୍ଗୁଳି ନର୍ଦ୍ଦେଶ କରୁଛି। ସ୍ଥାନୀୟ ବାସିନ୍ଦା ଦାବୀ କରିଛନ୍ତି କାକଟପୁର ଅଞ୍ଚଳ ବିଡ଼ିଓ ଓ ତହସିଲଦାର ତତ୍ପରତା ସହ ରୂପରେଖ ପ୍ରସ୍ତୁତକରି ଜିଲ୍ଲାପାଳ ଙ୍କୁ ଦାଖଲ କରିବା ସହ ଜିଲ୍ଲା ପ୍ରଶାସନ ଗୁରୁତ୍ୱସହ ନେଇ କାକଟପୁର ଏନ ଏ ସି ପାଇଁ ସର୍ଭେ କାର୍ଯ୍ୟକ୍ଷମ ଆରମ୍ଭ କରିବାକୁ।

## ମହିଳାଙ୍କୁ ବିଭତ୍ସ ହତ୍ୟା

**ବାରିପଦା,୨୪।୮ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ସିମାନ୍ତ ତିରିଂ ଥାନା ଅନ୍ତର୍ଗତ ଦେଓଗାଁରେ ଶନିବାର ରାତିରେ ଜଣେ ମହିଳାଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଦେଓଗାଁର ମୋଠାଇ ଗୋଇପାଇ ଅପରାହ୍ନରେ ଗାଁ ପାଖକୁ ଫୁଟବଲ ଖେଳ ଦେଖିବାକୁ ଯାଇଥିଲେ। ରାତି ଆଠଟା ପାଖାପାଖି ସମୟରେ ଫୁଟବଲ ଖେଳ ଦେଖି ସାରି ଘରକୁ ଫେରି ଦେଖନ୍ତି ତ ଚୁଲି ପାଖରେ ତାଙ୍କ ପତ୍ନୀ ସୁହାଗି ଗୋଇପାଇ (୩୫)ର ମୁଣ୍ଡରୁ ଗଣ୍ଡି ଅଲଗା ହୋଇଥିବା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶବ ପଡି ରହିଥିଲା । ଚୁଲି ପାଖରେ ରୋଷେଇ କରୁଥିବା ସମୟରେ ସଇତାନ ଏକ ଧାରୁଆ ଅସ୍ତ୍ରରେ ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲା। ମହିଳାଙ୍କର ହାତରେ ରୋଷେଇ ଖୋଷୁଣୀ ଥିଲା। ରକ୍ତ ରଞ୍ଜିତ ହୋଇଥିଲା ଚଟାଣ। ଘରେ ଏକୁଟିଆ ଥିବା ଦେଖି ମହିଳାଙ୍କୁ କେହି ହତ୍ୟା କରି ପାରିଥାନ୍ତି । ଆଜି ସୋମବାର ଦିନ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯଦୁନାଥ ଯେନା, ଏସଡିପିଓ ଗୋକୁଳାନନ୍ଦ ସାହୁ, ତିରିଂ ଥାନାଧିକାରୀ ପ୍ରଶାନ୍ତ ଜେନା ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରି ଦେଇଛନ୍ତି ।

## ମାଥମେଟିକାଲ ନୋଟସନ ପ୍ରଦର୍ଶନୀରେ ତୃତୀୟ ସ୍ଥାନରେ ଆନନ୍ଦିନୀ ପଣ୍ଡା



**ଛତ୍ରପୁର,୨୪।୮ (ସଂଚାର ବ୍ୟୁରୋ):** ଫୁଲବାଣୀ ଠାରେ ଅନୁଷ୍ଠିତ ଅନ୍ତଜିଲ୍ଲା ଜ୍ଞାନ-ବିଜ୍ଞାନ ମେଳାରେ ଗଞ୍ଜାମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟମ ଶ୍ରେଣୀର ଛାତ୍ରୀ ଆନନ୍ଦିନୀ ପଣ୍ଡା କୃତିତ୍ୱ ଅର୍ଜନ କରିଛନ୍ତି। ମାଥମେଟିକାଲ ନୋଟସନ ଉପରେ ଆଧାରିତ ପ୍ରଦର୍ଶନୀରେ ସେ ଗାଣିତିକ ଅଙ୍କ, ଚିହ୍ନ ଓ ସୂତ୍ର ସମ୍ପର୍କରେ ସୁନ୍ଦର ଉପସ୍ଥାପନା କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ବିଦ୍ୟାଳୟ ସହିତ ସମଗ୍ର ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି। ଆନନ୍ଦିନୀ ଦୁର୍ଗାଦେବୀ ସାହିର ବାସିନ୍ଦା, ମହେନ୍ଦ୍ର ପଣ୍ଡା ଓ ସସ୍ମିତା ପଣ୍ଡାଙ୍କ କନିଷ୍ଠ କନ୍ୟା। ପିଲାଦିନୁ ପାଠପଢାରେ ରୁଚି ରଖୁଥିବା ଆନନ୍ଦିନୀ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି। ଅନୁଷ୍ଠାନରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସଫଳତାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟିଛି।

## ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ



**ନୟାଗଡ଼,୨୪।୮ (ସଂଚାର ବ୍ୟୁରୋ):** ଜାତୀୟ ମହାକାଶ ଦିବସ ଅବସରରେ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ମହାକାଶ ଦିବସ ଉତ୍ସାହର ସହିତ ପାଳନ କରାଯାଇଛି । ଗାଇଡ୍ ଶିକ୍ଷୟିତ୍ରୀ ତଥା ବିଜ୍ଞାନ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ରାଉତ ଓ ତ୍ରିପୁରା ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଚନ୍ଦ୍ରପୃଷ୍ଠ, ଚନ୍ଦ୍ରୟାନ -୩, ବିକ୍ରମ , ପ୍ରଜ୍ଞାନ ଓ ରକେଟର ସୁନ୍ଦର ସୁନ୍ଦର ମଡେଲ ପ୍ରସ୍ତୁତ କରିଥିବା ବେଳେ ମହାକାଶକୁ ରକେଟ୍ ପ୍ରକ୍ଷେପଣ କିପରି ହୁଏ ପରୀକ୍ଷାକରି ଦେଖାଇଥିଲେ । ଏ ସମସ୍ତ ମହାକାଶ ସମ୍ବନ୍ଧୀୟ ତଥ୍ୟକୁ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରାଉତ ପୁଙ୍ଖାନୁପୁଙ୍ଖ ଭାବରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ଏହି ବିଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ ମାର୍ଗଦର୍ଶନ ଦେଇଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଜ୍ଞାନକୌଶଳକୁ ଭୂୟସୀ ପ୍ରଶଂସା କରିଥିଲେ । ପରିଶେଷରେ ଏପରି ସମୟ ସାପେକ୍ଷ କାର୍ଯ୍ୟକ୍ରମକୁ ଦିନକ ମଧରେ ପ୍ରସ୍ତୁତକରି ପ୍ରଦର୍ଶିତ କରିଥିବାରୁ ଛାତ୍ରଛାତ୍ରୀ ଓ ଦୁଇ ଗାଇଡ ଶିକ୍ଷୟିତ୍ରୀଙ୍କୁ ବରିଷ୍ଠ ଶିକ୍ଷକ ସଭିଙ୍କୁ ଧନ୍ୟବାଦ ଦେଇଥିଲେ।

## ବି. ମଧୁସ୍ମିତା ସାହୁଙ୍କ 'ରାଧା ଚନ୍ଦ୍ରିକା' ଉନ୍ମୋଚିତ




**ବ୍ରହ୍ମପୁର,୨୪।୮ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋକର୍ଣେଶ୍ୱର ମନ୍ଦିର ସମ୍ମିଳନୀ କକ୍ଷରେ କବି ମଧୁସ୍ମିତା ସାହୁଙ୍କ କବିତା ସଂକଳନ 'ରାଧା ଚନ୍ଦ୍ରିକା'ର ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସାହିତ୍ୟ ପରିଷଦ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଉନ୍ମୋଚନ ପର୍ବରେ ବିଶିଷ୍ଟ ନାଟ୍ୟକାର ଇଂ ଯାମିନୀକାନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିତା ଅନୁଭବ ଓ ଅନୁଭୂତିକୁ ନେଇ ଗତି କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ । କବି ବିଦେଶୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସାହିତ୍ୟ ସର୍ବଦା ସମାଜକୁ ସକ୍ରିୟ ଓ ସୃଜନ କ୍ଷମ କରିଥାଏ ଏବଂ ପ୍ରକାଶିତ 'ରାଧା ଚନ୍ଦ୍ରିକା' ସମାଜ ପାଇଁ ଏକ ଅନନ୍ୟ ଉପହାର ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସୁଲେଖକ ଡ ରାଜେନ୍ଦ୍ର ବେହେରା ଓ ଶିକ୍ଷାବିତ୍ ଜ୍ୟୋସ୍ନା ପାଣି ଉପସ୍ଥିତ ରହି ରାଧା ଚନ୍ଦ୍ରିକା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ ।

### ଲୁଟେରାଙ୍କ ନଜରରେ ମନ୍ଦିର

## ସୁଦର୍ଶନ ମନ୍ଦିରରୁ ବିଲମ୍ବିତ ରାତିରେ ଚୋରି

**କାକଟପୁର/ଅସ୍ତରଙ୍ଗ,୨୪।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଂଚଳରେ ମାତିଛନ୍ତି ଲୁଟେରା। ସିଧାସଳଖ ଟାର୍ଗେଟ କରୁଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିର। ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବ ପତ୍ର, କେଉଁଠି ଟଙ୍କା ଓ ସୁନା। ଶନିବାର ବିଲମ୍ବିତ ରାତ୍ର ରେ ଅସ୍ତରଙ୍ଗ ବ୍ଲକ ସରିପୁର ସ୍ଥିତ ସୁଦର୍ଶନ ମନ୍ଦିରରୁ ଲୁଟେରା ମନ୍ଦିର ହୁଣ୍ଡୀ ଭାଙ୍ଗି ଚୋରି କରି ନେଇଛନ୍ତି। ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସରିପୁର ସ୍ଥିତ ଚକ୍ରରାଜ ସୁଦର୍ଶନ ମନ୍ଦିରରୁ ଶନିବାର ବିଲମ୍ବିତ ରାତ୍ରରେ ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ହୁଣ୍ଡୀର ତାଲା ଭାଙ୍ଗି ସମ୍ପୂର୍ଣ୍ଣ ଟଙ୍କା ନେଇ ଯାଇଛନ୍ତି ଦୁର୍ବୃତ୍ତ। ଯାହା ସନ୍ଦେହ କରାଯାଉଛି ସ୍ଥାନୀୟ ଅଞ୍ଚଳ ନିଶା ଶକ୍ତ ଯୁବକ ଏଭଳି ଚୋରି କରିପାରିଥାନ୍ତି। ବର୍ତ୍ତମାନ ଏଭଳି ଦିନକୁ ଦିନ ଲୁଟେରା ଙ୍କ ପାଦୁଭାବଅଂଚଳରେ ଚର୍ଚ୍ଚାର ବିଷୟ ହୋଇଯାଇଛି। ତେବେ ପେସାଦାର ଲୁଟେରା ନାଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନାଁ କୌଣସି ଗ୍ୟାଙ୍ଗ ଏ କାମ କରୁଛି ତାହା ପୁଲିସକୁ ଚ୍ୟାଲେଞ୍ଜକରୁଛି ଲୁଟେରା ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି।

# ଟିମ୍ କ୍ଲିନ୍ ସିଟିର ପୋଷ୍ଟର ଚିରା ଅଭିଯାନ ଜାରି



**ବ୍ରହ୍ମପୁର,୨୪।୮ (ସଂଚାର ବ୍ୟୁରୋ):** ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଦିଗରେ ନିଜ ଉଦ୍ୟମ ଜାରି ରଖିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଟିମ୍ କ୍ଲିନ୍ ସିଟି। ପ୍ରତି ରବିବାର ଭଳି ଆଜି ମଧ ଟିମ୍ ପକ୍ଷରୁ ପୋଷ୍ଟର ଚିରା ଅଭିଯାନ କରାଯାଇଥିଲା। ପ୍ରଥମେ ସମସ୍ତ ସଦସ୍ୟ ସ୍ଥାନୀୟ ଏମକେସିଜି

**ସାମିଲ ହେଲେ ଡେପୁଟି କମିଶନର**

ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହୋଇଥିଲେ। ପରେ ଉକ୍ତ ସ୍ଥାନ ଠାରୁ ଖୋଡାସିଙ୍ଗି ପର୍ଯ୍ୟନ୍ତ କାନ୍ଥ ଓ ଗଛ ଗୁଡିକରେ ଲାଗିଥିବା ପୋଷ୍ଟର, ବ୍ୟାନର ଆଦିକୁ ବାହାର କରିଥିଲେ ସଦସ୍ୟଗଣ। ଏହି ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର କଲ୍ୟାଣି ସଂଘମିତ୍ରା ଦେବୀ ସାମିଲ ହୋଇ ଇଞ୍ଜିନିୟର ସ୍କୁଲ ଛକ ସ୍ଥିତ ବସ୍ ଷ୍ଟପ୍‌ରେ ଲାଗିଥିବା ପୋଷ୍ଟର ଗୁଡ଼ିକୁ ଚିରିବା ସହ ଅଳିଆ ଆବର୍ଜନାକୁ ସଦସ୍ୟଙ୍କ ସହ ମିଶି ଝାଡୁ ଜରିଆରେ ସଫେଇ କରିଥିଲେ। ରେଶମ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭାବେ ଗଢି ତୋଳିବାକୁ ଟିମ୍‌ର ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି କହି ଆଗାମୀ ଦିନରେ ଏହାକୁ ଜାରି ରଖିବାକୁ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ।

ପୋଷ୍ଟର ବାହାର କରାଯିବା ପରେ ପଡୁଥିବା ଅଳିଆ ଆବର୍ଜନାକୁ ମହାନଗର ନିଗମ ପକ୍ଷରୁ କିଭଳି ସଫେଇ କରାଯିବ ସେନେଇ ଗୁରୁତ୍ୱ ଦେବାକୁ ସାମିଲ ସଦସ୍ୟମାନେ ଡେପୁଟି କମିଶନରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଟି.ସି.ସିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବରୁ ଟିମ୍ କ୍ଲିନ୍ ସିଟିର ଏହି କାର୍ଯ୍ୟକୁ ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଖୁବ୍ ପ୍ରଶଂସା କରିଥିଲେ।

# ଅସରାଏ ବର୍ଷାରେ ଧୋଇଗଲା ରାସ୍ତା

### କ୍ରସର ଡଷ୍ଟ୍‌ରେ ବାଲି ମିଶାଇ ମରାମତି କରି ପ୍ରଶାସନ ଓ ଠିକାଦାର ମାଲାମାଲ



**ନାଉଗାଁ,୨୪।୮ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗ ଅଧୀନରେ ଥିବା ନାଉଗାଁ ବ୍ଲକର ବାଲିଭଉଁରୀ-ଶିଖରଘାଟ ରାସ୍ତା ନାଉଗାଁର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏବେ ଏହି ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଠାକୁ ଠା ଖାଲଖମାରେ ଉକ୍ତ ରାସ୍ତା ପରିପୂର୍ଣ୍ଣ ହୋଇଥିବା ସ୍ଥଳେ ଉକ୍ତ ରାସ୍ତାର ଖାଲଖମାକୁ ମଙ୍ଗଳବାର ଠାରୁ ମରାମତି ଚାଲିଛି। ଉକ୍ତ ରାସ୍ତା ମରାମତି ପାଇଁ ଖାଲ ସ୍ଥାନରେ ପଥର(ମେଟାଲ୍) ସହ କ୍ରସର ଡଷ୍ଟ ମିଶାଇ ଖାଲରେ ମରାମତି କରିବାର ନିୟମ ଥିବାବେଳେ ମେଟାଲ ସହିତ ବାଲି ଦିଆଯାଇ ରାସ୍ତାର ଖାଲଖମାରେ ମରାମତି କରାଯିବାର ଦେଖିବାକୁ ମିଳିଛି। ନିମ୍ନମାନର ରାସ୍ତା ମରାମତି ହେଉଥିବା ସ୍ଥଳେ ପ୍ରଶାସନ ସହ ବିଭାଗୀର ଅଧିକାରୀମାନେ କଣ ପାଇଁ ଚୁପ୍ ବସିଛନ୍ତି ତାହା ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି।

ବାରମ୍ବାର ଏସମ୍ପର୍କରେ ଖବର ପ୍ରସାରଣ ହେଉଥିଲେ ମଧ ଜେ.ଇ କୌଣସି ପ୍ରତିକାର କିମ୍ବା ପ୍ରତିକ୍ରିୟା ନନେବାର କାରଣ କଣ ହୋଇପାରେ ବୋଲି ନବନିର୍ମାଣ କୃଷକ ସଂଗଠନର ଜଗତସିଂହପୁର ଜିଲ୍ଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ରାସ୍ତା କାମର ଉପଯୁକ୍ତ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାଉଗାଁ ଜନସ୍ୱାର୍ଥ ସୁରକ୍ଷା କମିଟିର ସମ୍ପାଦକ କମ୍ରେଡ ସୁବାସ ସ୍ୱାଇଁ କ୍ଷୋଭ ବ୍ୟକ୍ତ କରିଛନ୍ତି। ଶାସକ ଦଳ ଓ ପ୍ରଶାସକ ମିଶି ବିଭିନ୍ନ କାମରେ ସାଧାରଣ ଜନତାଙ୍କୁ ଏକ ପ୍ରକାର ଲୁଟ୍ କରୁଥିବାର ନାଉଗାଁ ବ୍ଲକରେ ଦେଖିବାକୁ ମିଳୁଛି। ମରାମତି ଆଳରେ କୋଟି କୋଟି ଟଙ୍କାକୁ ମିଳିମିଶି ଚଳୁ କରିବା ସହ ପ୍ରଶାସନ ଏଥିରେ ସ୍ଥାଣୁ ପାଲଟିବା ପ୍ରଶାସନର ନିର୍ମଳ ଭାବମୂର୍ତ୍ତିକୁ ପଦାକୁ ଆଣିଛି।

ବାରମ୍ବାର ଉକ୍ତ ରାସ୍ତା ମରାମତି ଖବର ବିଭିନ୍ନ ଗଣମାଧମରେ ପ୍ରସାରିତ ହେଉଥିଲେ ମଧ ପ୍ରଶାସନ କଣ ପାଇଁ କୌଣସି ପଦକ୍ଷପ ନେଉନାହାନ୍ତି ବୋଲି ଛାତ୍ର ନେତା ସୁନିଲ କୁମାର ମାଟିଆ ମତ ରଖି କହିଛନ୍ତି। ଜଗତସିଂହପୁର ବିଧାୟକ ସ୍କୁଲ କଲେଜ ଅପେକ୍ଷା ଟିକେ ନାଉଗାଁ ମୁଖ୍ୟ ରାସ୍ତାକୁ ସ୍ଥାୟୀ ସମାଧାନ କରି ନିମ୍ନମାନର ମରାମତି କରାଯାଉଥିବା କାମରେ ଦୃଷ୍ଟି ଦେବାପାଇଁ ଅନୁରୋଧ।

## ଅଲାରପୁର ପ୍ରଜାପିତା ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ମେଗା ରକ୍ତଦାନ ଶିବିର



**ବାଲିଅନ୍ତା,୨୪।୮ (ସଂଚାର ବ୍ୟୁରୋ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଶାସିକା ସ୍ୱର୍ଗତ ରାଜ ଯୋଗିନୀ ଡ. ପ୍ରକାଶମଣିଙ୍କ ୧୮ତମ ସ୍ମୃତି ଦିବସ (ବିଶ୍ୱ ବନ୍ଧୁତ୍ୱ ଦିବସ) ଉପଲକ୍ଷେ, ବ୍ରହ୍ମାକୁମାରୀ, ବିଜେବି ନଗର ଭୁବନେଶ୍ୱର ଆନୁକୂଲ୍ୟରେ ଅଲାରପୁର ସେବା କେନ୍ଦ୍ରର ଶିବ ସନ୍ଦେଶ ଭବନରେ ଆଜି ଆୟୋଜିତ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିରରୁ ମୋଟ ୫୨ ୟୁନିଟ ରକ୍ତ ସଂଗ୍ରହୀତ ହୋଇଛି । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଶୁଭାରମ୍ଭ କରିଥିଲେ। ସେ ବ୍ରହ୍ମାକୁମାରୀ ସଂସ୍ଥା ସହିତ ଦୀର୍ଘଦିନର ସ୍ନେହ ସମ୍ପର୍କର ସ୍ମୃତି, ଦିବ୍ୟାନୁଭବ ଓ ଈଶ୍ୱରଙ୍କ ଅପୂର୍ବ କୃପାକୁ ଅଭିବ୍ୟକ୍ତ କରିଥିଲେ। ବିଜେବି ନଗର ସେବାକେନ୍ଦ୍ରର ମୁଖ୍ୟ ପରିଚାଳିକା ବି.କେ.ତପସ୍ୱିନୀ ଦାଦୀ ପ୍ରକାଶମଣିଙ୍କ ଦିବ୍ୟତା, ମାତୃ ସ୍ୱରୂପୀ ସେବା ଓ ଦିନଚିର ଆତ୍ମିକ ମହତ୍ୱ ପ୍ରତିପାଦନ କରିଥିଲେ। ସିଫାର ପ୍ରମୁଖ ବୈଜ୍ଞାନିକ ଡ.ପ୍ରିୟବ୍ରତ ସ୍ୱାଇଁ, ସମିତି ସଭ୍ୟ ରଞ୍ଜନ ମହାପାତ୍ର, ଯୁବନେତା ପ୍ରଦୀପ୍ତ ମହାନ୍ତି,ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର, ଅର୍ଜୁନ ଜେନାମଣି, ସଂଜୀବ ସାମନ୍ତରାୟ, ଶିକ୍ଷାବିତ ନିଶିକାନ୍ତ ପଣ୍ଡା, ସମାଜସେବୀ କୃଷ୍ଣ ଚନ୍ଦ୍ର ବେହେରା, ଶ୍ରୀକାନ୍ତ ନନ୍ଦ,ସାମ୍ବାଦିକ ପ୍ରକାଶ ବାରିକ ଏବଂ ଗୋପାଳ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ବ୍ରହ୍ମପୁର ପୁଲିସ୍‌ର 'ସଣ୍ଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମ

**ବ୍ରହ୍ମପୁର,୨୪।୮ (ସଂଚାର ବ୍ୟୁରୋ):** ଫିଟ୍ ଇଣ୍ଡିଆ ଅଭିଯାନର ଏକ ଅଂଶ ଭାବେ ଆଜି ବ୍ରହ୍ମପୁର ପୁଲିସ୍ ପକ୍ଷରୁ 'ସଣ୍ଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ସବୁ ରାଜ୍ୟର ପୋଲିସ୍ ବିଭାଗକୁ ଫିଟ୍ ଇଣ୍ଡିଆ ମିଶନ ଅଭିଯାନରେ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନିଜ ମନ୍ କି ବାତ୍ ର ୧୧୭ ତମ ଅଧ୍ୟାୟରେ ଶାରୀରିକ କାର୍ଯ୍ୟକଳାପ ମାଧମରେ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଫିଟ୍ ଇଣ୍ଡିଆ ମିଶନ ୨୪ ଅଗଷ୍ଟ ୨୦୨୫ରେ 'ସଣ୍ଡେ ଅନ୍ ସାଇକେଲ'ର ଏକ ସ୍ୱତନ୍ତ୍ର ସଂସ୍କରଣ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଯାହା ଦ୍ୱାରା ସାରା ଦେଶର ରାଜ୍ୟ ପୋଲିସର ସହଯୋଗରେ "ଫିଟନେସ୍ କି ଡୋଜ୍, ଆଧା ଘଣ୍ଟା ରୋଜ୍" ଅଭିଯାନର ବାର୍ତ୍ତାକୁ ପ୍ରସାର କରିବାରେ ସହାୟକ ହେବ। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ୍ ଏହି କାର୍ଯ୍ୟକ୍ରମ ଆୟୋଜିତ କରିଥିଲା। ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ବ୍ରହ୍ମପୁର ଏସପି ସର୍ବଣା ବିବେକ୍ ଏମ୍‌ଙ୍କ ସମେତ ୩୦ ଜଣ ପୋଲିସ୍ କର୍ମଚାରୀ ସାଇକେଲରେ ଏସପିଙ୍କ କାର୍ଯ୍ୟାଳୟ ଠାରୁ ବାହାରି ଗୋପାଳପୁର ଯାଇ ପୁଣି କମଳାପୁର ଓ ଆଙ୍କୁଲି ଦେଇ ବ୍ରହ୍ମପୁରରେ ପହଁଚିଥିଲେ।



## ଫ୍ୟାନରେ ଝୁଲୁଛି ଯୁବକଙ୍କ ଶବ

**ନବରଙ୍ଗପୁର,୨୪।୮ (ସଂଚାର ବ୍ୟୁରୋ):** ଘର ଭିତରେ ଫ୍ୟାନରେ ବେଡ଼ସିଟ ବନ୍ଧା ଅବସ୍ଥାରେ ଝୁଲୁଛି ଯୁବକର ଶବ। ନିଜକୁ ଓଏଏସ୍ ପ୍ରବେଶନର ଅଧିକାରୀ ପରିଚୟ ଦେଇ ଆପାର୍ମେଣ୍ଟରେ ରହୁଥିଲେ। ଘଟଣା ଘଟିଛି ନବରଙ୍ଗପୁର ଟାଉନ ଥାନା ଅଧିନସ୍ଥ ମୀରା ଅଟୋ ଛକ ନିକଟରେ ଥିବା ଶୁଭମ ଆପାର୍ଟମେଣ୍ଟରେ। ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଗ୍ରାମର ଦୀପ୍ତି ରଞ୍ଜନ ପତି ନିଜକୁ ଓଏଏସ୍ ଅଧିକାରୀ କହି ପ୍ରାୟ ୨ ମାସ ତଳେ ଶୁଭମ ଆପାର୍ଟମେଣ୍ଟର ୧୪ ନମ୍ବର ଘରେ ଭଡାରେ ରହୁଥିଲେ। ଆଜି ଦୀପ୍ତିଙ୍କ ବାପା ପୁଅକୁ ଫୋନ କରିଥିଲେ ମଧ୍ୟ ଦୀପ୍ତିଙ୍କ ଫୋନ ବନ୍ଦ ଥିବାରୁ ଆପାର୍ଟମେଣ୍ଟ ମାଲିକକୁ ଜଣାଇଥିଲେ। ଫଳରେ ମାଲିକ ଆପାର୍ଟମେଣ୍ଟର ଗାର୍ଡ଼କୁ ଯାଇ ଦେଖିବାକୁ କହିଥିଲେ। ଗାର୍ଡ ଜଣକ ଘରକୁ ଯାଇ ଦେଖିଲା ବେଳକୁ ଦୀପ୍ତି ଫ୍ୟାନରେ ଝୁଲୁଥିଲେ। ତୁରନ୍ତ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇଁ ନବରଙ୍ଗପୁର ପୁଲିସ ଓ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

### ● ନୟାଗଡ଼ ବ୍ଲକ କଂଗ୍ରେସ କମିଟିର ସାଂଗଠନିକ ବୈଠକ

## ୱାର୍ଡସ୍ତରରେ ସଂଗଠନ ମଜଭୂତ କରିବାକୁ ଆହ୍ୱାନ




**ନୟାଗଡ଼,୨୪।୮ (ସଂଚାର ବ୍ୟୁରୋ):** ନୟାଗଡ଼ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ପୂର୍ବତନ ବ୍ଲକ କଂଗ୍ରେସ୍ ସଭାପତି ଫକୀର ଚରଣ ମଲ୍ଲଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ଅଖିଳ ଭାରତ କଂଗ୍ରେସ କମିଟି କିସାନ୍ କଂଗ୍ରେସ୍ ଜାତୀୟ ସଂଯୋଜକ ଅମିୟ ପଟ୍ଟନାୟକ ଯୋଗଦେଇ ନୟାଗଡ ବ୍ଲକ କଂଗ୍ରେସ ସଂଗଠନକୁ କ୍ରିୟାସିଳ କରିବା ପାଇଁ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ବରିଷ୍ଠ ନେତୃମଣ୍ଡଳୀ ଗ୍ରାମ ପଂଚାୟତକୁ ଯାଇ ସଂଗଠନକୁ କ୍ରିୟାଶୀଳ କରିବାପାଇଁ ଉପସ୍ଥିତ କାର୍ଯ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ । ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକ ଯୋଗଦେଇ କହିଥିଲେ ଆଗାମୀ ଦିନରେ ନୟାଗଡ ବ୍ଲକ କଂଗ୍ରେସର କର୍ମକର୍ତ୍ତା ଏକତ୍ରିତ ହୋଇ କେନ୍ଦ୍ରର ବିଜେପି ସରକାର ଓ ଓଡ଼ିଶାର ମୋହନ ସରକାର ୧୧ ମାସ ଶାସନରେ କେବଳ ପ୍ରତାରଣା, ଗ୍ରାମ୍ୟ ଉନ୍ନୟନ ବିଭାଗରେ ହଉଥିବା ଦୁର୍ନୀତି ଓ ପ୍ରଶାସନ ସ୍ଥାଣୁତା ବିରୋଧରେ ନୟାଗଡ ଜିଲ୍ଲା କଂଗ୍ରେସ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ। ଆଜି ଏହି ସାଙ୍ଗଠନିକ ବୈଠକରେ ସଂଗଠନକୁ କ୍ରିୟାଶୀଳ ଓ ସୁସଂଗଠିତ କରିବାପାଇଁ ଉପସ୍ଥିତ ନେତୃମଣ୍ଡଳୀ ମତାମତ ପ୍ରଦାନ କରିଥିଲେ। ଏହି ବୈଠକରେ ସ୍ଥିର କରାଗଲା। ଏହି ବୈଠକରେ ପୂର୍ବତନ ସଭାପତି ରଣଜିତ ଦାଶ, ବରିଷ୍ଟ ନେତା ହୁସେନ ଖାନଙ୍କ ସମେମ ବହୁ କଂଗ୍ରେସ୍ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ବରିଷ୍ଠ ସେବାଦଳ କାର୍ଯ୍ୟକର୍ତ୍ତା ବିଜୟ ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

**କୃଷି ବିଭାଗରେ କର୍ମଚାରୀ ମରୁଡ଼ି**

# କୃଷି ସମ୍ପର୍କୀୟ ପରାମର୍ଶ ନ ପାଇ ଚାଷୀ ନିରାଶ

**କାକଟପୁର/ଅସ୍ତରଙ୍ଗ,୨୪।୮ (ସଂଚାର ବ୍ୟୁରୋ):** କୃଷି ପ୍ରାଧାନ୍ୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କୃଷି ବିଭାଗରେ କର୍ମଚାରୀ ମରୁଡି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦଗୁଡିକ ଖାଲି ପଡିଥିବାରୁ କ୍ଷେତ୍ରରେ କୃଷି କର୍ମଚାରୀଙ୍କ ପାଦ ପଡୁନି।

ଅନ୍ୟପଟେ କୃଷି ବିଭାଗର ମାନବ ସମ୍ବଳ ଅଭାବରୁ ଜଣେ କର୍ମଚାରୀ ଏକାଧିକ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ନିର୍ଦ୍ଦିଷ୍ଟ ଫସଲ ସମୟରେ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ମିଳିପାରୁନି। ଏମିତିକି ଅସ୍ତରଙ୍ଗ ବ୍ଲକର ହଜାର ହଜାର ଏକର ଜମି ପରିଦର୍ଶନ କରିବା ସମ୍ଭବ ହୋଇପାରୁନି। ଯଦ୍ୱାରା ଚାଷୀ ମାନେ ବାଧ ହୋଇ ବେସରକାରୀ କୀଟନାଶକ ଓ ସାର ଦୋକାନୀଙ୍କ ଉପରେ ଭରସା କରି କ୍ଷତି ସହୁଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ଚାଷୀ ଈଶ୍ୱର ମହାରଣା ସମୀର ପରିଡା କହିଛନ୍ତି ସରକାରୀ ସହାୟତା ମିଳୁନଥିବାରୁ ସେମାନେ ବେସରକାରୀ ବିହନ, କୀଟନାଶକ ଓ ସାର କିଣିବାକୁ ବାଧ ହେଉଛନ୍ତି। କେଉଁ ବିହନକୁ କେଉଁ ପ୍ରଣାଳୀରେ ଚାଷ କରାଯିବ ଦୋକାନୀଙ୍କ ଠାରୁ ପରାମର୍ଶ ନେଇ ଚାଷ କରୁଛନ୍ତି। ଉପଯୁକ୍ତ ପରାମର୍ଶ ଅଭାବରୁ ଅସ୍ତରଙ୍ଗ ବ୍ଲକର ଅଧିକାଂଶ ଚାଷୀ ଫସଲରେ ବ୍ୟାପକ କ୍ଷତି ସହୁଛନ୍ତି। ବିହନ କମ୍ପାନୀ ଗୁଡିକ ଚାଷୀଙ୍କୁ ଉତ୍ତମ ବିହନ ଦେଇ ପାରୁନଥିବାରୁ ଫସଲ କ୍ଷତିକୁ ନେଇ କାଁଭାଁ ଜଣେ ଅଧେ ସଚେତନ ଚାଷୀ ଖାଉଟି ଅଦାଲତ ଦ୍ୱାରସ୍ତ ହେଉଛନ୍ତି। ବାସ୍ତବରେ ଅଧିକାଂଶ ଚାଷୀ ସଚେତନତା ଅଭାବରୁ ଫସଲ କ୍ଷତିପୂରଣ ମଧ ପାଇପାରୁନାହାନ୍ତି।



ଗ୍ରାମ୍ୟ କୃଷି କର୍ମଚାରୀ ୫ଟି ପଦ ଖାଲି ଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ ପଦବୀ ଖାଲି ପଡିଛି। ତେଣୁ କୃଷି ବିଭାଗରେ ଆବଶ୍ୟକ ଖାଲି ପଡ଼ିଥିବା କୃଷି କର୍ମଚାରୀ ପଦଗୁଡିକ ତୁରନ୍ତ ପୂରଣ କରିବାକୁ ଦାବୀ କରିଛନ୍ତି ସ୍ଥାନୀୟ ଲୋକେ।

## ଲିଓ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ଆଇନ ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର,୨୪।୮ (ସଂଚାର ବ୍ୟୁରୋ):** ଲିଓ କ୍ଲବ୍ ବ୍ରହ୍ମପୁର ଗୋଲ୍ଡର ଗଠନ ସଭା ସହିତ ଆଇନ ସଚେତନତା କାର୍ଯ୍ୟକ୍ରମ ଗଞ୍ଜାମ ବାର୍ ଆସୋସିଏସନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବାର୍ ଆସୋସିଏସନର ସମ୍ପାଦକ ଟି. ୱେଙ୍କଟ୍ ରାଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଲାୟନ୍ ଲୋକନାଥ ପତ୍ର, ଲାୟନ୍ ଅଧିବକ୍ତା ଡା. ସୁବ୍ରତ କୁମାର ସାହୁ, ଲାୟନ୍ ସ୍ମୃତୀ ଜ୍ୟୋସ୍ନାମୟୀ ପ୍ରଧାନ, ଓ ଲାୟନ୍ ସୁରେଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପରେ ଜ୍ୟୋସ୍ନାମୟୀ ପ୍ରଧାନ ଓ ଶ୍ରୀ ସିବପ୍ରସାଦ ସାହୁ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରୁଦ୍ର ନାରାୟଣ ନାୟକ ସଂଚାଳନ କରିଥିଲେ। ଲାୟନ୍ ଲୋକନାଥ ପାତ୍ର ଏକ ପାୱାର ପଏଣ୍ଟ୍ ପ୍ରଜେକ୍ଟେସନ୍ ମାଧମରେ ଲିଓ କ୍ଲବ୍‌ର ଇତିହାସ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ୧୦୦ରୁ ଅଧିକ ଅଂଶଗ୍ରହୀ, ଛାତ୍ରଛାତ୍ରୀ, ବୃତ୍ତିଜୀବୀ ଓ ମାଧମକର୍ମୀ ଏଥିରେ ଯୋଗଦେଇଥିଲେ।






## ଗୁଲିଆଙ୍କୁ ନବୀନଙ୍କ ପାନେ

ବିଜେଡିରେ ଏବେ ଗୁଲିଆ ନେତାଙ୍କର ଅଭାବ ନାହିଁ। ନିକଟରେ ଖୋଦ୍ ବିଜେଡି ମୁଖିଆ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଏହି ଗୁଲିଆମାନେ ନୂଆ ନୂଆ ଖବର ବଜାରକୁ ଛାଡିଲେ। ପୂରା ଆକାଶରୁ ତୋଳିଆଣିଲେ। ସେମାନଙ୍କ ମୁଖନିସୃତ ବାଣୀକୁ ବି କିଛି ଗଣମାଧ୍ୟମ ପ୍ରତିଯୋଗିତା ଭିତ୍ତିରେ ଛାପିଲେ। ଏହି ଗୁଲିଆଙ୍କ ଲକ୍ଷ୍ୟଥିଲା ମଉକା ଦେଖି ପାଣ୍ଡିଆନଙ୍କୁ ବଦନାମ କରିଦେବା। ଗୁଲି ଛାଡି ନିଇତି ହିସାବ କଲେ କେତେ ଲୋକ ସେମାନଙ୍କ ଗୁଲି ଶୁଣି ପାଣ୍ଡିଆନଙ୍କୁ ବିରୋଧ କରୁଛନ୍ତି। ହେଲେ ଗୁଲି ଟିକେ ଅତି ରଞ୍ଜିତ ହୋଇଯିବାରୁ ଲୋକେ ତ ଏହାକୁ ବିଶ୍ୱାସ କଲେନାହିଁ, ବରଂ ଭକ୍ତ ଦାସଙ୍କ ଭଳି ନେତା ଗଣମାଧ୍ୟମରେ ଏଭଳି ଗୁଲି ଖବରକୁ ବାଏଁ ବାଏଁ ଉଡାଇ ଦେଲେ। ତଥାପି ବିଜେଡିର ଏହି ଗୁଲିଆ ନେତାମାନେ ସେମାନଙ୍କ କାମରେ ଲାଗିଥିଲେ। ହେଲେ ନବୀନ ଯେଉଁଦିନ ଡାକ୍ତରଖାନାରୁ ପାଣ୍ଡିଆନଙ୍କ ହାତ ଧରି ବାହାରିଲେ ସେବେଠାରୁ ଏମାନଙ୍କ ମୁହଁ କୁଆଡେ କଳାକାଠ ପଡିଥିବା ନେଇ ଦଳରେ ଚର୍ଚ୍ଚା ଚାଲିଛି। ଏପରକି ନବୀନ ବେଳ କାଳ ଉଣ୍ଡି ଏଭଳି ଗୁଲିଆ ନେତାଙ୍କୁ ପାନେ ଦେଇଥିବାରୁ ଅନେକ ଖୁସି ହେଉଛନ୍ତି। ଏହି ନେତାଙ୍କର କିଛି ପାଖଲୋକ ଏବେ କହୁଛନ୍ତି, ଯାହାଙ୍କୁ ବଦନାମ ପାଇଁ ରାତି ଅନିଦ୍ରା ହୋଇ ଗୁଲି ଛାଡିଥିଲେ ସେହି ଗୁଲି ଏବେ ତାଙ୍କ ପାଇଁ ଆର୍ଶୀବାଦ ହୋଇଛି। ତିନି ଚାରିଦିନ ଧରି ନବୀନଙ୍କ ଚିକିତ୍ସା ଖବର ସହିତ ପାଣ୍ଡିଆନଙ୍କ ପ୍ରଭାବ ବି ଜୋରଦାର ପ୍ରଚାରିତ ହୋଇଛି।



## ଓଏସଡିଙ୍କ କାଖରେ ଚାକିରି ତାଲିକା

ଜନୈକ ମନ୍ତ୍ରୀଙ୍କ ଓଏଏସ୍‌ଡି କାଖରେ କୁଆଡେ ଚାକିରି ତାଲିକା ରହିଛି। ଖାରବେଳ ଭବନରେ କିଛି କର୍ମଚାରୀ ଏଭଳି ଆଲୋଚନା କରିବା ସମୟରେ ଆମ କାନରେ ପଡିଲା। କର୍ମଚାରୀମାନେ କହୁଥିଲେ ଯେ ଖୁବ୍‌ଶୀଘ୍ର ଏହି ବିଭାଗରେ କିଛି ଠିକା ନିଯୁକ୍ତି ହେବ। କାରଣ ପୁରୁଣା ଠିକା କର୍ମଚାରୀଙ୍କୁ ବିଦା କରାଯିବା ପରେ କୌଣସି ଯୋଜନା ଆଉ ଆଗେଇ ପାରୁନାହିଁ। ତେଣୁ ନୂଆ ଠିକା କର୍ମଚାରୀ ନିଯୁକ୍ତି ପାଇଁ ସଂସ୍ଥା ଚୟନ ହୋଇଛି। ଖାଲି ରାଜିନାମାକୁ ଅପେକ୍ଷା। ଦରମା ଓ କମିଶନକୁ ନେଇ କୁଆଡେ ଅଙ୍କ ଛିଡୁନାହିଁ। ହେଲେ ଯେବେଠାରୁ ନୂଆ ଠିକା ନିଯୁକ୍ତି ହେବ ବୋଲି ସୂଚନା ମିଳିଲାଣି ସେବେଠାରୁ ଓଏସ୍‌ଡି ଜଣଙ୍କ ପୁରା ଦମ୍‌ରେ ସକ୍ରିୟ ହୋଇ ଉଠିଛନ୍ତି। ଯୁଆଡେ ଯାଉଛନ୍ତି କାଖରେ ବିଡାଏ କାଗଜ ଜାକି ବୁଲୁଛନ୍ତି। ପଚାରିଲେ ଅତି ସତର୍କତାର ସହ ତାଲିକା ବୋଲି ଠାରରେ କହୁଛନ୍ତି। ତାଙ୍କର ଏମନ୍ତ ଆଚରଣ ଦେଖି ଏବେ ଅନେକ ଯୋଗାଯୋଗରେ ରହିଛନ୍ତି। କେଉଁ ବାହା ବାଟ ଦେଇ ଆସିଲେ ଏହି କାଗଜ ବିଡାରେ ନିଜକୁ ସ୍ଥାନିତ କରିହେବ ତାହାକୁ ନେଇ ଖାରବେଳଭବନରୁ ମନ୍ତ୍ରୀଙ୍କ ବାସଭବନ ଯାଏ ହିସାବ ନିକାସ ଚାଲିଛି। ତେବେ ଓଏସଡି ଜଣଙ୍କ ଅତି ଚତୁର ହୋଇଥିବାରୁ ଏହି କାଗଜବିଡା ଉପରେ ବହୁ କର୍ମଚାରୀ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଏ ସଂକ୍ରାନ୍ତରେ ଆମେ ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ କହିଲେ, ବୁଝିଲେ ଆଜ୍ଞା, କଥାଟା କେବଳ ଓଏସଡିଙ୍କ ପାଖରେ ଅଛି, ସଚିବଙ୍କ କାନକୁ ଆସିନାହିଁ, ସଚିବଙ୍କ କାନକୁ ଆସିଲା ମାତ୍ରେ ଓଏସଡି ବଳିପଡିଯିବା ଟା ଏକ ପ୍ରକାର ଥୟ।




## କଫିର ଦାମ୍ ୧୮,୦୦୦ ଟଙ୍କା




ବାବୁ ପିଉଛନ୍ତି ୧୮ହଜାର ଟଙ୍କିଆ କଫି। ଜୟଦେବ ବିହାର ଅଞ୍ଚଳରେ ଥିବା ଗୋଟିଏ ନାମୀ ଦାମୀ ହୋଟେଲରୁ ଏହି କଫି ଯାଉଛି। ବାବୁଙ୍କର ଏହି କଫିପିଆ ଖବର ତାଙ୍କର ଅଫିସର ଚାରିକାନ୍ଥ ଡେଇଁ ଶକ୍ତି ବିଭାଗରେ ପହଞ୍ଚିବାପରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଆଲୋଚନା ଅନୁଯାୟୀ ଶକ୍ତି ଉତ୍ପାଦନ କରୁଥିବା ସଂସ୍ଥାର ଶକ୍ତିମାନ ବାବୁଙ୍କର ଏହି କଫି ଭାରି ପସନ୍ଦ। ଅବଶ୍ୟ ବାବୁ ଅଫିସ ଆସିବାପରେ ଏହି କଫି ପିଉଛନ୍ତି। କଫି ସହିତ ବାବୁ ଧୂମପାନ ମଧ କରନ୍ତି। ହେଲେ ତାହା ନିଜ ପକେଟରୁ ହୋଇଥିବାରୁ କର୍ମଚାରୀମାନେ ତାହା ଉପରେ ସେତେଟା ଆଲୋଚନା କରନ୍ତି ନାହିଁ। ପୂର୍ବରୁ ଏହି ଅଫିସର ବାବୁମାନେ ବରା ଖାଇ ହଜାର ହଜାର ଟଙ୍କା ବିଲ୍ କରି ଚର୍ଚ୍ଚାରେ ଥିଲେ। ନୂଆ ବାବୁ କିନ୍ତୁ ଏବେ ତାଙ୍କର କଫିପିଆ ପାଇଁ ଚର୍ଚ୍ଚାରେ। ବାବୁ ଏହି ସଂସ୍ଥାରେ ଯୋଗଦେଲା ପରେ କର୍ମଚାରୀମାନେ ଭାବିଥିଲେ ପୂର୍ବ ଅଭିଜ୍ଞତା ଓ ଅନୁଭୂତିକୁ କାମରେ ଲଗାଇ ଶକ୍ତି ଉତ୍ପାଦନ ସଂସ୍ଥାର ଶକ୍ତି ବୃଦ୍ଧି କରିବେ। ହେଲେ ଫଳ ଏବେ ଓଲଟା। ବାବୁ ସଂସ୍ଥାର ଶକ୍ତି ବୃଦ୍ଧି କରିବା ବଦଳରେ ଦାମୀ କଫି ପିଇ ନିଜର ଶକ୍ତି ବଢାଇବାରେ ଲାଗିଛନ୍ତି। ତେବେ ବାବୁଙ୍କ ପାଇଁ ତାଙ୍କର କିଛି ପାଖଲୋକଙ୍କ ପାଟିରେ ୧୮ହଜାର ଟଙ୍କିଆ କଫି ବାଜୁଥିବାରୁ ସେମାନେ କଥାଟାକୁ କିଛିଦିନ ହେଲା ଚାପିବାରେ ସଫଳ ହୋଇଥିଲେ।

## ବିଜେପି ଯିବାକୁ ସିଗ୍ନାଲ ମିଳିଲାନି



ରାଜ୍ୟର ଜଣେ ବରିଷ୍ଠ ନେତା ନିଜର ଓ ନିଜ ପୁଅର ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଜେପିକୁ ଡେଇଁବାକୁ ଯୋଜନା କରିଥିଲେ। ଏଥିପାଇଁ ବନ୍ଧୁ ମିଳନର ବି ଆୟୋଜନ ହୋଇଥିଲା। ଖାନା ପିନା ବେଶ୍ ଜମିଥିଲା। ବିଜେପି ଶିବିରକୁ ଖବର ଦେଇଥିଲେ ମୁଁ ଯିବା ସହିତ ସାଙ୍ଗରେ କିଛି ସମଗୋତ୍ରୀ ନେତାଙ୍କୁ ବି ନେବି। ଯେହେତୁ ଏହି ବରିଷ୍ଠ ଜଣଙ୍କ ଜଣେ ପୂର୍ବତନ ମନ୍ତ୍ରୀ ତେଣୁ ତାଙ୍କ ଆଗମନରେ ବିଜେପି ଉପକୃତ ହେବ ବୋଲି ବିଜେପିର କିଛି ନେତା ଭାବିଥିଲେ। ହେଲେ ଶେଷ ମୂହୂର୍ତ୍ତରେ ସବୁ କିଛି ଗଡବଡ ହୋଇଗଲା। ମିଳିଥିବା ସୂଚନା ଅନୁଯାୟୀ ବିଜେପିର ରାଜ୍ୟ ମୁଖିଆ ଏଥିପାଇଁ ସବୁଜ ସଙ୍କେତ ଦେଲେ ନାହିଁ। ବିଜେପି ଯିବାକୁ ଗୋଡ ଟେକି ବସିଥିବା ନେତା ଜଣଙ୍କ ପୁଅ କଥା ଉଠାଇବାରୁ ଏଭଳି ଅବସ୍ଥା ହୋଇଥିଲା। ନିର୍ବାଚନରେ ହାରିଥିବା ଏହି ନେତା ଜଣଙ୍କ ଆସନରେ ଏବେ ବିଜେପି ବିଧାୟକ ଅଛନ୍ତି। ଦଳ ପକ୍ଷରୁ ତାଙ୍କୁ ସଶକ୍ତ ପାଇଁ ପଦକ୍ଷେପ ନିଆଯାଉଛି। ତେଣୁ ସେଠାରେ ଏହି ନେତାଙ୍କ ପୁଅଙ୍କୁ ଥଇଥାନ କରିବା ସମ୍ଭବପର ନୁହେଁ। ଶେଷରେ ନେତାଙ୍କୁ ସବୁଜ ସଙ୍କେତ ମିଳିଲାନି। ନେତା ଜଣଙ୍କ ଏବେ ମନମରା ହୋଇ ବୁଲୁଛନ୍ତି। କେଉଁଠିକୁ ଯିବେ ବୁଝିପାରୁ ନାହାନ୍ତି। ଯେଉଁଠି ବଳବାନ୍ ହୋଇଥିଲେ ସେଠାରେ ଆଉ ସ୍ଥାନ ନାହିଁ। କଂଗ୍ରେସରେ ବି ବିଜେପି ଭଳି ଅବସ୍ଥା। ତେଣୁ ଭୋଜିଭାତ ପଇସା ପାଣିରେ ପଡିଗଲା। ଏବେ କିଛି ଦିନ ମୁହଁମାଡି ରହିବା ଉଚିତ୍ ହେବ ବୋଲି ବନ୍ଧୁମାନେ ପରାମର୍ଶ ଦେବାପରେ ନେତା ଜଣଙ୍କ ଚୁପ୍ ହୋଇ ରହିଛି।

## ପୁଣି ବାବା ବାହାରିଲେ

ଓଡିଶା ରାଜନୀତିର ଚର୍ଚ୍ଚିତ ବାବା ପୁଣି ଦେଖା ଦେଇଛନ୍ତି। ଦୀର୍ଘଦିନର ଅଦୃଶ୍ୟତା ପରେ ବାବା ପ୍ରସନ୍ନ ପାଟ୍ଟଶାଣୀଙ୍କ ଉପସ୍ଥିତି ନେଇ ଚର୍ଚ୍ଚା। ଏଥର ବାବା କୁଆଡେ ମେଳିରେ ଯୋଗ ଦେଇଥିଲେ ବୋଲି ଆଲୋଚନା। ଏହି ମେଳି ବିଜେଡି ବିରୁଦ୍ଧରେ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ହେଲେ ବାବା କିନ୍ତୁ ମୁହଁ ଖୋଲୁ ନାହାନ୍ତି। ବିଜେଡି ସରକାର ଥିବା ସମୟରେ ବାବାଙ୍କୁ ଲୋକସଭା ଟିକଟ ମିଳିଲା ନାହିଁ। ଏହାପରେ ବାବା ରାଜ୍ୟସଭା ଯିବେ ବୋଲି ଚର୍ଚ୍ଚା ଚାଲିଲା। ଯେତେଥର ରାଜ୍ୟସଭା ନିର୍ବାଚନ ହେଲା ବାବା ଚାତକ ଭଳି ଚାହିଁ ରହିଲେ। ହେଲେ କେହି ପଚାରିଲେ ନାହିଁ। ବାବା ମଉକା ଦେଖି ବିଜେଡି ବିରୁଦ୍ଧରେ ବିଷ ଓଗାଳିଲେ। ବିଜେଡି କ୍ଷମତାରୁ ଯିବାପରେ ବାବା ଏକ ପ୍ରକାର ଅର୍ନ୍ତଧାନ ହୋଇଯାଇଥିଲେ। ହାତ ଗଣତି କିଛି ଲୋକଙ୍କୁ ଛାଡିଦେଲେ ଅନ୍ୟ କାହା ପାଖରେ କିଛି ଖବର ନଥିଲା। କିନ୍ତୁ ନବୀନ ଡାକ୍ତରଖାନାରେ ପଡିବା ସମୟରେ ହଠାତ୍ ବାବା ଦେଖାଦେଲେ। ସମସ୍ତ ଭାବିଥିଲେ ବାବା ବୋଧେ ନବୀନଙ୍କୁ ଦେଖିବାକୁ ଆସିଛନ୍ତି। ହେଲେ ସମସ୍ତଙ୍କ ଅଙ୍କକୁ ଗୋଳମାଳ କରି ବାବୁ ବିରୋଧିଙ୍କ ମେଳିରେ ଯୋଗଦେଲେ। କିନ୍ତୁ ଯାହା ଜଣାପଡୁଛି ଏହି ମେଳି ଧୂଳି ଭଳି ଉଡିଯାଇଛି। ବାବାଙ୍କର କିଛି ପୁରୁଣା ପାଖଲୋକଙ୍କ କହିବା ଅନୁଯାୟୀ ବାବାଙ୍କ ବାଡିରେ ଆଉ ଶକ୍ତି ନାହିଁ। ଶକ୍ତିହୀନତା ଯୋଗୁଁ ବାବା ଯୁଆଡେ ଯାଉଛନ୍ତି ସିଆଡେ ସବୁକିଛି ଗଡବଡ ହୋଇଯାଉଛି। ତେବେ ବାବା ଏବେ ସକ୍ରିୟ ରହିବେ ନା ପୁଣିଥରେ ବାଡି ଧରି ଅଦୃଶ୍ୟ ହୋଇଯିବେ ତାହା ଉପରେ ସମସ୍ତଙ୍କ ନଜର।



### ୨୮ରେ ନବାନ୍ନ ଅର୍ପଣ ନିମନ୍ତେ ଲଗ୍ନଧାର୍ଯ୍ୟ

# ସମଲେଇ ମନ୍ଦିରକୁ ଆଜି ଆସିଲା ନୂଆ ଧାନ

**ସମ୍ବଲପୁର,୨୪।୮(ସଂଚାର ବ୍ୟୁରୋ):** ନୂଆଁଖାଇ ପାଇଁ ସମଲେଇ ମନ୍ଦିରକୁ ଆସିଲା ନୂଆ ଧାନ। ବଲବସପୁରର ସୁବାଷ ବେହେରା ସପରିବାର ନୂଆଁ ସାରିଆ ଧାନ ଆଣି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ଦେଇଥିଲେ।

ପ୍ରଚଳିତ ପରମ୍ପରା ଅନୁସାରେ ନନ୍ଦୋତ୍ସବ ତିଥିରେ ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନଧାର୍ଯ୍ୟ ହୋଇଥିଲା। ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତୁଳା ଲଗ୍ନରେ ଅଗଷ୍ଟ ୨୮ (ଗୁରୁବାର) ପୂର୍ବାହ୍ଣ ୧୦ଟା ୩୩ରୁ ୧୦ଟା ୫୫ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ ନିମନ୍ତେ ଲଗ୍ନଧାର୍ଯ୍ୟ କରାଯାଇଛି।



ରାଜା ରାଜୁଡ଼ା ଅମଳରୁ ଚାଲିଆସୁଥିବା ପରମ୍ପରା ଅନୁସାରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶନିବାର ପଣ୍ଡିତମାନଙ୍କୁ ଲଗ୍ନ ନିର୍ଦ୍ଧାରଣ ନିମନ୍ତେ ନିମନ୍ତ୍ରଣ କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କଠାରେ ପୂଜକ ସନ୍ତୋଷ ପଣ୍ଡା ଓ କୈଳାସ ପଣ୍ଡାଙ୍କ ପୂଜାର୍ଚ୍ଚନା ପରେ ପଣ୍ଡିତମଣ୍ଡଳୀଙ୍କ ଦ୍ୱାରା ଲଗ୍ନ ବାହାର କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କଠାରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ପଣ୍ଡିତ ମହେଶ୍ୱର ନାୟକ, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜା ଶଙ୍କର ପଣ୍ଡା, ଝସକେତନ ହୋତା, ରବିନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ, ଜିତେନ୍ଦ୍ର ନନ୍ଦ, ଆଶୁତୋଷ ପାଣିଗ୍ରାହୀ ଓ ଗୋପୀନାଥ ପଣ୍ଡା ପ୍ରମୁଖ ପଣ୍ଡିତମଣ୍ଡଳୀ ଦ୍ୱାରା ଲଗ୍ନ ଧାର୍ଯ୍ୟ ହୋଇଥିଲା। ଏହା ପରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟର ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପ୍ରାଣରଞ୍ଜନ ପଣ୍ଡା, ପାର୍ଥସାରଥି ମିଶ୍ର, ଅମରନାଥ ସୂପକାର, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ମନୋଜ ମିଶ୍ର, ସ୍ୱପ୍ନେନ୍ଦ୍ର ପଣ୍ଡା, ମିଲୁ ପାଣିଗ୍ରାହୀ ଓ ଅଭିଷେକ ମିଶ୍ର ପ୍ରମୁଖ ମା’ ସମଲେଶ୍ୱରୀ ମନ୍ଦିରକୁ ଯାଇ ମା’ ସମେଲଶ୍ୱରୀଙ୍କ ନିକଟରେ ଲଗ୍ନ ସମର୍ପଣ କରିଥିଲେ। ଏହି ଅବସରରେ ସମଲେଶ୍ୱରୀ ମନ୍ଦିରର ଟ୍ରଷ୍ଟବୋର୍ଡ ସଭାପତି ସଂଜୟ ବାବୁ, ସଦସ୍ୟ ପ୍ରଫୁଲ୍ଲ ହୋତା, ମୁଖ୍ୟ ପୂଜକ ଅମ୍ବିକା ରାୟ, ପୂଜକ ପ୍ରତାପ ରାୟ, କ୍ରିଷ୍ଣା ରାୟ ଉପସ୍ଥିତ ଥିଲେ।

## ଏନ୍‌ଆଇଟି ୱାରାଙ୍ଗଲ ଏବଂ ବିପିୟୁଟି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ରାଉରକେଲା,୨୪।୮(ସଂଚାର ବ୍ୟୁରୋ):** ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନଆଇଟି ) ୱାରାଙ୍ଗଲ ଏବଂ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ରାଉରକେଲାରେ ଶୈକ୍ଷିକ ସହଯୋଗ ଏବଂ ସହଯୋଗକୁ ବୃଦ୍ଧି କରିବା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏନଆଇଟି ୱାରାଙ୍ଗଲର ନିର୍ଦ୍ଦେଶକ ପ୍ରଫେସର ବିଦ୍ୟାଧର ସୁବୁଦ୍ଧି ଏବଂ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ସହଭାଗୀତା ମିଳିତ ଶୈକ୍ଷିକ ପଦକ୍ଷେପ, ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଉଭୟ ଅନୁଷ୍ଠାନର ଛାତ୍ର ଏବଂ ଅଧ୍ୟାପକଙ୍କୁ ଲାଭ ପହଞ୍ଚାଇବ। ଏହି ସହଯୋଗ ମିଳିତ ଗବେଷଣା ପ୍ରକଳ୍ପ ଏବଂ ପ୍ରକାଶନ, ଅଧ୍ୟାପକ ବିନିମୟ କାର୍ଯ୍ୟକ୍ରମ, ଛାତ୍ର ବିନିମୟ କାର୍ଯ୍ୟକ୍ରମ, ମିଳିତ ଶୈକ୍ଷିକ କାର୍ଯ୍ୟକ୍ରମ ଏବଂ କର୍ମଶାଳା, ସମ୍ବଳ ଏବଂ ବିଶେଷଜ୍ଞତାର ଆଦାନପ୍ରଦାନକୁ ସହଜ କରିବ। ଏହି ବୁଝାମଣାପତ୍ର ଏନଆଇଟି ୱାରାଙ୍ଗଲ ଏବଂ ବିପିୟୁଟି ମଧ୍ୟରେ ଶୈକ୍ଷିକ ସମ୍ପର୍କକୁ ମଜବୁତ କରିବା, ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ଏବଂ ଅଞ୍ଚଳରେ ନବସୃଜନକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉଭୟ ଅନୁଷ୍ଠାନ ଏକ ଫଳପ୍ରଦ ସହଭାଗୀତା ପାଇଁ ଅପେକ୍ଷା କରିଛନ୍ତି, ଶିକ୍ଷା ଏବଂ ଗବେଷଣାରେ ଉତ୍କର୍ଷତା ହାସଲ କରିବା ପାଇଁ ପରସ୍ପରର ଶକ୍ତିକୁ ବ୍ୟବହାର କରୁଛନ୍ତି।



## ଡକାୟତି ଯୋଜନା ପଣ୍ଡ: ୫ ଗିରଫ



**ରାଉରକେଲା,୨୪।୮(ସଂଚାର ବ୍ୟୁରୋ):** ରାଉରକେଲା ପୁଲିସ ଏକ ବଡ଼ଧରଣର ଡକାୟତି ଯୋଜନା ପଣ୍ଡ କରିଛି। ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଡକାୟତି ପାଇଁ ଯୋଜନା କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରୋହିତ ସିଂହ (୨୨), ଅଭୟ ଚୌଧୁରୀ (୨୬), ଶମ୍ଭୁ ରାମ (୨୪), ଏସ୍.କେ ତାଜ୍ (୧୯) ଓ ନୀତେଶ କୁମାର ସାହୁ (୨୦)।

ପ୍ଲାଣ୍ଟସାଇଟ୍ ଥାନା ପୁଲିସ କହିଛି, ଶନିବାର-ରବିବାର ମଧ୍ୟରାତ୍ରୀରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ସ୍ୱାମିଲ ଅଞ୍ଚଳସ୍ଥିତ କଂଗ୍ରେସ ଭବନ ପଛପଟରେ ଡକାୟତମାନେ ଡକାୟତି ପାଇଁ ଉଦ୍ୟମ କରୁଛନ୍ତି। ଏହି ସୂଚନା ଆଧାରରେ ଏସ୍ଆଇ ବି.ବି ଖିଟେଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ପୁଲିସ ଟିମ୍‌କୁ ଘଟଣାସ୍ଥଳରୁ ଭୁଜାଲି, ଛୁରୀ, ଲୁହାରଡ ମିଳିଥିଲା। ଏହି ମାରଣାସ୍ତ୍ର ସହାୟତାରେ ଡକାୟତମାନେ ସମ୍ଭବତଃ ନିକଟସ୍ଥ ଘର, ଦୋକାନ, ପେଟ୍ରୋଲ ପମ୍ପରୁ ଡକାୟତି କରିଥାନ୍ତେ। ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କର ଘର ରାଉରକେଲା ଭିତରେ ହୋଇଥିବା ପୁଲିସ ଗଣମାଧ୍ୟମକୁ ସୂଚନା ଦେଇଛି।



## ମାଓ ଡମ୍ପ ଠାବ, ଜଣେ ନକ୍ସଲ ଗିରଫ

### ବିପୁଳ ବିସ୍ଫୋରକ-ବନ୍ଧୁକ ଜବତ

**ମାଲକାନଗିରି,୨୪।୮(ସଂଚାର ବ୍ୟୁରୋ):** ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସକୁ ବଡ଼ ସଫଳତା ମିଳିଛି। ପୁଲିସ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ମାଓ ଡମ୍ପକୁ ଠାବ କରିଛି। ଏହି ମାଓ ଡମ୍ପରୁ ବହୁ ପରିମାଣର ବିସ୍ଫୋରକ, ବିସ୍ଫୋରକ, ହତିଆର ଇତ୍ୟାଦି ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନ ବୋଟିଲଙ୍କା, ଇରାପାଲ୍ଲୀ, କୋଇମେଟା ଜଂଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ କୋଇମେଟା ଜଂଗଲରେ ନକ୍ସଲ ଏକ ଡମ୍ପ କରି ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ଗଚ୍ଛିତ କରି ରଖିଥିଲେ। ଏହି ହତିଆର ଓ ବିସ୍ଫୋରକଗୁଡିକ ଆଗାମୀ ଦିନରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଗଚ୍ଛିତ କରି ରଖାଯାଇଥିବା ପୁଲିସ କହିଛି। ସୁକମା ଜିଲ୍ଲା ପୁଲିସ, କୋବ୍ରା ଯବାନ, ସିଆରପିଏଫ ଯବାନ ବୋଟିଲଙ୍କା, ଇରାପାଲ୍ଲୀ, କୋଇମେଟା ଜଂଗଲରେ ସର୍ଚ୍ଚ ଅପରେସନ କରୁଥିଲେ। ତେବେ କୋଇମେଟା ଜଂଗଲରେ ନକ୍ସଲ ଏକ ଡମ୍ପ କରି ସେଥିରେ ବିପୁଳ ପରିମାଣର ଦେଶୀ ବନ୍ଧୁକ ସହ ବିସ୍ଫୋରକ ଗଚ୍ଛିତ କରି ରଖିଥିଲେ। ସେହିପରି ନାରାୟଣପୁର ଜିଲ୍ଲାର ମାରକାବେଡା ଜଂଗଲରେ ଆଇଟିବିପି ଓ ଡିଆରଜି ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡି ପଳାଇବାକୁ ଚେଷ୍ଟା କରୁଥିଲା। ତୁରନ୍ତ ଯବାନ ଜଂଗଲକୁ ଘେରି ସେହି ବ୍ୟକ୍ତିକୁ ଗିରଫ କରିଥିଲେ। ବ୍ୟକ୍ତି ଜଣକ ହେଲେ ଇନ୍ଦ୍ରାବତୀ ମାଓ ଡିଭିଜନର ସଦସ୍ୟ ମଡ୍ଡା କୁହଡ଼ାମ। ମଡ୍ଡା କୁଡ଼ାମକୁ ଧରିବା ପରେ ପଚରାଉଚରା କରିଥିଲେ। ଗିରଫ ନକ୍ସଲ ନିକଟରୁ ବନ୍ଧୁକ ଓ ବିସ୍ଫୋଟକ ଜବତ କରାଯାଇଛି। ଗିରଫ ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଜଙ୍ଗଲରେ ଲ୍ୟାଣ୍ଡମାଇନ ଖଞ୍ଜୁ ଥିଲା। ପୁଲିସ ଗିରଫ ନକ୍ସଲକୁ କୋର୍ଟ ଚାଲାଣ କରିଥିବା କହିଛି।

● ଭଲ ରାସ୍ତା ନଥିବାରୁ ଗାଁକୁ ଗଲାନି ଆମ୍ବୁଲାନ୍ସ

## ଆଣ୍ଠୁଏ ପାଣିରେ ପଶି ଆସିଲେ ଗର୍ଭବତୀ

**ଘଟଗାଁ,୨୪।୮(ସଂଚାର ବ୍ୟୁରୋ):** ଗାଁକୁ ଭଲ ରାସ୍ତା ନଥିବାରୁ ଚାଲି ଚାଲି ଆଣ୍ଠୁଏ ପାଣି ଭିତରେ ପଶି ଆମ୍ବୁଲାନ୍ସ ନିକଟକୁ ଗଲେ ଗର୍ଭବତୀ ମହିଳା। କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତର ମେଣ୍ଟାମୁଣ୍ଡି ସାହିର ଜନାର୍ଦ୍ଦନ ମୁଣ୍ଡାଙ୍କ ପତ୍ନୀ ଶାନ୍ତି ମୁଣ୍ଡାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ହେଲେ ଗାଁକୁ ଭଲ ରାସ୍ତା ନଥିବାରୁ ଗାଁ ମୁଣ୍ଡରେ ଆମ୍ବୁଲାନ୍ସ ଅଟକି ରହିଲା । ଶେଷରେ ଜନାର୍ଦ୍ଦନ ନିଜ ପତ୍ନୀକୁ ଧରି ଚାଲି ଚାଲି ଆମ୍ବୁଲାନ୍ସ ନିକଟରେ ପହଁଚିଥିଲେ ଓ ସେଠାରୁ କେନ୍ଦୁଝର ମେଡିକାଲ ଯାଇଥିବା ସୂଚନା ମିଳିଛି । ରାସ୍ତା ନଥିବାରୁ ଗାଁକୁ ପହଁଚି ପାରୁନି ଜରୁରୀକାଳିନ ସେବା । ଯଦି ପ୍ରଶାସନ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପକ୍କା ରାସ୍ତା ସଂଯୋଗ କରିପାରନ୍ତା ତେବେ ଲୋକମାନେ ସରକାରଙ୍କ ସମସ୍ତ ଜନହିତକର ଯୋଜନାର ଲାଭ ପାଇପାରନ୍ତେ ।




## ଶୁଣିଲାନି ପ୍ରଶାସନ ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କଲେ ଗ୍ରାମବାସୀ

**ବୈପାରିଗୁଡ଼ା,୨୪।୮(ସଂଚାର ବ୍ୟୁରୋ):** ଏକ କିଲୋମିଟର ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାରୁ ଯାତାୟାତ ସମୟରେ ୩ ଖଣ୍ଡ ଗ୍ରାମର ଗ୍ରାମବାସୀ ହଇରାଣ ହେଉଥିଲେ। ରାସ୍ତା ମରାମତି ପାଇଁ ବହୁବାର ଗୁହାରି କରିବା ପରେ ମଧ୍ୟ ପ୍ରଶାସନ ଶୁଣିଲାନି। ଏହି ଶୋଚନୀୟ ରାସ୍ତାର ତଦାରଖ କରିବା ପରେ ଅତିଶୀଘ୍ର ନୂତନ ରାସ୍ତା ନିର୍ମାଣ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାପରେ ମଧ୍ୟ କିଛି ସୁଫଳ ନମିଳିବାରୁ ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ରାସ୍ତା ମରାମତି କରିଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକର କୋଲାର ପଞ୍ଚାୟତରେ।



ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଖୁଡ଼ିଗୁଡ଼ା ଠାରୁ ମାଲିଆଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ଏକ କିଲୋମିଟର ବହୁ ଦିନ ହେଲା ଶୋଚନୀୟ ଅବସ୍ଥାରେ ରହିଛି। ଏହି ରାସ୍ତା ଉପରେ ଖୁଡିଗୁଡ଼ା, ମାଲିଆଗୁଡା ଏବଂ ଗାଦବାଗୁଡ଼ା ସହ ଆଖପାଖ ଗାଁର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ରାସ୍ତାର ଅବସ୍ଥା ଭଲ ନଥିବାରୁ ପଞ୍ଚାୟତ ଓ ବ୍ଲକ ସଦର ମହକୁମାକୁ ବିଭିନ୍ନ କାମରେ ଯିବା ସମୟରେ ଅଞ୍ଚଳବାସୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ବିଶେଷ କରି ବର୍ଷା ଦିନେ ରାସ୍ତା କାଦୁଅ ପଚପଚ ହେଉଥିବାରୁ ଯାତାୟାତ କରିବା ଏକପ୍ରକାର ଅସମ୍ଭବ ହୋଇ ପଡୁଛି। ତେଣୁ କଂକ୍ରିଟ କିମ୍ବା ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ବହୁବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇ ଆସୁଛନ୍ତି। କିନ୍ତୁ ଏଥିପ୍ରତି କାହାର ଦୃଷ୍ଟି ପଡି ପାରୁନି। ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ଶେଷରେ ମାଲିଆଗୁଡ଼ା ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚ ତଥା ଉଦ୍ୟମରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏସଂପର୍କରେ କୋଲାର ପଞ୍ଚାୟତ ସରପଞ୍ଚ ଜୟନ୍ତୀ ନାୟକଙ୍କୁ ପଚାରିବାରୁ ରାସ୍ତା କାମ ମଞ୍ଜୁର ହୋଇସାରିଛି। କେବଳ ବର୍ଷା ଯୋଗୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଦଶହରା ବେଳକୁ ମନରେଗା ଯୋଜନାରେ ମେଟାଲ ମୋରମ ରାସ୍ତା କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ବିଶ୍ୱ ଅର୍ଥନୀତିରେ ଭାରତ ଦେବ ୨୦% ଯୋଗଦାନ

# ୧୦୦ ରାଷ୍ଟ୍ରକୁ ରପ୍ତାନି କରିବ ଇ-ଯାନ

ନୂଆଦିଲ୍ଲୀ, ୨୪।୮: ଭାରତ ଏହାର ସ୍ଥିରତା ଯୋଗୁଁ ବିଶ୍ୱ ପାଇଁ ଆଶା ସଞ୍ଚାର କରିଛି। ବିଶେଷଜ୍ଞଙ୍କ ଅନୁମାନ, ବିଶ୍ୱ ଅର୍ଥନୀତିକୁ ଭାରତର ଯୋଗଦାନ ଖୁବ୍‌ଶୀଘ୍ର ୨୦%କୁ ବୃଦ୍ଧି ପାଇବ। ଶନିବାର ଇକୋନୋମିକ୍ ଟାଇମ୍ସ ୱାର୍ଲଡ ଲିଡର୍ସ ଫୋରମ୍‌ରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ଏ ଅବସରରେ ପ୍ରଧାନମନ୍ତ୍ରୀ ଚିପ୍, ମହାକାଶ ଏବଂ ଇ-ଯାନ କ୍ଷେତ୍ରରେ ଭାରତର ଲକ୍ଷ୍ୟଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ମୋଦି କହିଲେ ଯେ, ବର୍ଷ ଶେଷ ସୁଦ୍ଧା ଆସିବ ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍। ମହାକାଶ କ୍ଷେତ୍ରରେ ଭାରତର ଲକ୍ଷ୍ୟକୁ ନେଇ ସେ କହିଲେ ଯେ, ଆଗାମୀ ଦିନରେ ଅନେକ ମହାକାଶ ଅଭିଯାନ ପାଇପ୍‌ଲାଇନ୍‌ରେ ଅଛି। ଚଳିତବର୍ଷ ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଭାରତ ସରକାର ୧୦୦୦ କୋଟି ଟଙ୍କାର ଏକ ଭେଞ୍ଚର୍ କ୍ୟାପିଟାଲ ଫଣ୍ଡ୍



କରିଛନ୍ତି। ସମ୍ପ୍ରତି ଭାରତରେ ରହିଛି ୩୦୦ରୁ ଅଧିକ ସ୍ପେସ୍ ଷ୍ଟାର୍ଟଅପ୍, ଯାହାକି ୨୦୧୪ରେ ଥିଲା ମାତ୍ର ୧।

ମୋଦି କହିଲେ ଯେ, ସେ ଦିନ ଦୂର ନୁହେଁ, ଯେବେ ଭାରତର ନିଜସ୍ୱ ସ୍ପେସ୍ ଷ୍ଟେସନ୍ ଥିବ। ତେବେ ୧୦୦ରୁ ଊର୍ଦ୍ଧ୍ୱ ଦେଶକୁ ଇ-ଯାନ ରପ୍ତାନି କରିବାକୁ ଭାରତ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦି କହିଲେ ଯେ, କୋଭିଡ୍-୧୯ ମହାମାରୀ ପରେ ବି ଭାରତୀୟ ଅର୍ଥନୀତି ସ୍ଥିରତା ବଜାୟ ରଖିଛି। ମାକ୍ରୋ ଅର୍ଥନୈତିକ ସ୍ଥିରତା ଯୋଗୁ ଦେଶର ଅଭିବୃଦ୍ଧି ଜାରି ରହିଛି। ବିଭିନ୍ନ ପ୍ରକାର ମାପକରୁ ଜଣାପଡୁଛି ଯେ, ଭାରତୀୟ ଅର୍ଥବ୍ୟବସ୍ଥା ମଜଭୁତ ରହିଛି। ପୂର୍ବ ତୁଳନାରେ ଭାରତୀୟ ବ୍ୟାଙ୍କଗୁଡ଼ିକ ଅଧିକ ଦୃଢ଼ ହୋଇଛନ୍ତି। ମୁଦ୍ରାସ୍ଫୀତି ଏବଂ ସୁଧ ହାର କମ୍ ରହିଛି। ଚଳନ୍ତି ଖାତା ନିଅଣ୍ଟ(ସିଏଡି) ନିୟନ୍ତ୍ରଣରେ ଅଛି। ଏହାସହିତ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ବି ମଜଭୁତ ରହିଛି। ଯେତେବେଳେ ଭାରତର ଅର୍ଥନୈତିକ ଢାଞ୍ଚା ମଜଭୁତ ଅଛି, ମୂଳଦୁଆ ଦୃଢ଼ ରହିଛି, ପ୍ରଭାବ ମଧ ମଜଭୁତ ରହିବା ସ୍ୱାଭାବିକ। ୨୦୧୭ ପରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ସର୍ବନିମ୍ନ ଅଛି। ବୈଦେଶିକ ମୁଦ୍ରା ଭଣ୍ଡାର ରେକର୍ଡ ସ୍ତରରେ ପହଞ୍ଚିଥିବା ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଲେ, ଯେତେବେଳେ ବିଶ୍ୱ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇଥିଲା ସରକାର ଭାରତ ନିର୍ମାଣ ଆରମ୍ଭ କଲେ ଏବଂ ଆଜି 'ଆତ୍ମନିର୍ଭର ଭାରତ' ରେକର୍ଡ ରପ୍ତାନି କରୁଛି। ଗତ ବର୍ଷକରେ ବିଶ୍ୱରେ ୮୦୦ କୋଟି ଟିକା ଉତ୍ପାଦନ ହୋଇଥିଲା। ଏଥିମଧ୍ୟରୁ ଭାରତ ୪୦୦ କୋଟି ଉତ୍ପାଦନ କରିଛି। ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ସଂସ୍କାରଗୁଡ଼ିକ ଉପରେ ବିବରଣୀ ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ, ୬୦ ବର୍ଷ ପରେ ସରକାର ଆୟକର ବିଲ୍‌ରେ ସଂସ୍କାର ଆଣିଛନ୍ତି। ଦେଶର ସାଧାରଣ ଜନତାଙ୍କ ପାଇଁ ଏଥିରେ ଭାଷାଗୁଡ଼ିକୁ ସରଳ କରାଯାଇଛି। ପୂର୍ବରୁ ଥିବା ବିଲ୍‌ରେ ଯେଉଁ ଭାଷାର ବ୍ୟବହାର ହୋଇଥିଲା, ତାହାକୁ କେବଳ ଜଣେ ଓକିଲ କିମ୍ବା ସିଏ ବୁଝିପାରୁଥିଲେ। ଦିପାବଳୀ ସୁଦ୍ଧା ଜିଏସ୍‌ଟି ବ୍ୟବସ୍ଥାରେ ଆସିବାକୁ ଥିବା ବଡ଼ ପରିବର୍ତ୍ତନ ଟିକସ ଢାଞ୍ଚାକୁ ଆହୁରି ସରଳ କରିବ। ଏହାଦ୍ୱାରା ବିନିର୍ମାଣ ଏବଂ ଚାହିଦା ବଢ଼ିବ। ଏହା ସହିତ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍‌ରେ ସୁଧାର ଆସିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୧, ୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୩,୧୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୩, ୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୧୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୭୭୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୩୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୬୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ହଜାର ୧୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୬୨୦ ଓ ୯୩ ହଜାର ୧୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୦,୦୦୦ ଟଙ୍କା ହୋଇଛି।

# ଓସିପିଏଲ୍‌କୁ ମିଳିଲା ବାଣିଜ୍ୟଭିତ୍ତିକ କୋଇଲା ଖଣି

**ଭୁବନେଶ୍ୱର, ୨୪।୮(ସଂଚାର ବ୍ୟୁରୋ):** କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା କୋଲ୍ ଏଣ୍ଡ ପାୱାର୍ ଲିମିଟେଡ୍(ଓସିପିଏଲ୍)କୁ ବାଣିଜ୍ୟ ଭିତ୍ତିକ ଟାଙ୍ଗିରିଡିହି ନର୍ଥ କୋଲ୍ ବ୍ଲକ୍ ପ୍ରଦାନ କରାଯାଇଛି। କୋଇଲା ମନ୍ତ୍ରଣାଳୟର ଦ୍ୱାଦଶ ପର୍ଯ୍ୟାୟ ନିଲାମ ପ୍ରକ୍ରିୟାରେ ଓସିପିଏଲ୍ ଏହି ଖଣି ହାସଲ କରିଛି। ରାଜ୍ୟରେ କେବଳ ଏମ୍‌ସିଏଲ୍ କୋଇଲା କାରବାର କରୁଥିଲା। ଏଣୁ ଏହା ରାଜ୍ୟ ସରକାରଙ୍କର ପ୍ରଥମ ବାଣିଜ୍ୟଭିତ୍ତିକ କୋଇଲା ଖଣି। ସୂଚନାଯୋଗ୍ୟ ଓସିପିଏଲ୍ ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲାର ମନୋହରପୁର ଏବଂ ଡିପ୍-ସାଇଡ୍ ଅଫ୍ ମନୋହରପୁର କୋଲ୍ ବ୍ଲକ୍ ପାଇଥିଲା। କିନ୍ତୁ ଏହି ଦୁଇଟି ଖଣି ଓପିଜିସି ପାଇଁ ସୁଲଭ ମୂଲ୍ୟରେ କୋଇଲା ଯୋଗାଣ ପାଇଁ ଉଦ୍ଦିଷ୍ଟ। ଓସିପିଏଲ୍‌ର ସିଓଓ

OCPL Odisha Coal and Power Limited

**ରାଜ୍ୟରେ ପ୍ରଥମ**

ଅୟସକାନ୍ତ କାନୁନଗୋ କହିଛନ୍ତି ଟାଙ୍ଗିରିଡିହି ନର୍ଥ ବ୍ଲକ୍‌ରୁ ଭବିଷ୍ୟତରେ ବହୁ ପରିମାଣର କୋଇଲା ଉତ୍ପାଦନ ହେବ, ଯାହା ରାଜ୍ୟର ତାପଜ ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକୁ ଇନ୍ଧନ ଯୋଗାଇବ। ଟାଙ୍ଗିରିଡିହି କୋଇଲା ଖଣିରେ ଗ୍ରେଡ୍-୧୩ ମାନର ପ୍ରାୟ ୧୧୦୦ ନିୟୁତ ଟନ୍ କୋଇଲା ଅଛି। ମାଟିର ପ୍ରାୟ ୪୧୦ ମିଟର ଗଭୀର ମଧରେ ୪୦୦ନିୟୁତ ଟନ୍ ଉଚ୍ଚମାନର କୋଇଲା ଗଚ୍ଛିତ ଅଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଓସିପିଏଲ୍ ପାଇଁ ଏହା ଏକ ବଡ଼ ସଫଳତା। ଏହି ବାଣିଜ୍ୟିକ କୋଇଲା ଖଣି ବର୍ଷକୁ ପ୍ରାୟ ୩୦୦୦କୋଟି ଟଙ୍କାର ବ୍ୟବସାୟ କରିବ ଏବଂ ପ୍ରାୟ ୨୫୦୦ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ କର୍ମ ନିଯୁକ୍ତି ଯୋଗାଇ ଦେଇପାରିବ। ପରୋକ୍ଷ ଭାବରେ ପ୍ରାୟ ୩୦୦୦ ଲୋକଙ୍କୁ ଜୀବିକା ମିଳିପାରିବ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଶକ୍ତି ସଚିବ ବିଶାଲ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଇଲା ମନ୍ତ୍ରଣାଳୟର ନିଲାମ ପ୍ରକ୍ରିୟାରେ ଓସିପିଏଲ୍ ଭାଗ ନେଇଥିଲା। ଏହା ରାଜ୍ୟ ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଓସିପିଏଲ୍‌ର କୋଇଲା ଉତ୍ପାଦନ ରାଜ୍ୟ ତଥା ଦେଶର ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ତାପଜ ବିଦ୍ୟୁତ ଶକ୍ତି ଉତ୍ପାଦନରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି।

# ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଏମଣ୍ଡ୍ ସୋ'ରୁମ୍‌ରେ ଆନିଭର୍ସାରି ଅଫର୍

ଭୁବନେଶ୍ୱର, ୨୪।୮: ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଏମଣ୍ଡ୍ ସୋ'ରୁମ୍ ଆନିଭର୍ସାରି ଉପଲକ୍ଷେ ଏହାର ଖୋର୍ଦ୍ଧା ଜଟଣୀ, ଭୁବନେଶ୍ୱର ଓ କଟକର ସମସ୍ତ ସୋ'ରୁମ୍‌ରେ ଗ୍ରାହକଙ୍କ ନିମନ୍ତେ ସ୍ୱତନ୍ତ୍ର ଅଫର୍ ବ୍ୟବସ୍ଥା କରାଯାଇଛି। ଏଥିରେ ଗ୍ରାହକମାନେ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନା ଗହଣା ଗଢ଼ା ମଜୁରି ଗ୍ରାମ୍ ପ୍ରତି ଫ୍ଲାଟ୍ ୫୯୯ଟଙ୍କା ଓ ଏଚ୍‌ୟୁଆଇଡି ହଲ୍‌ମାର୍କ ଡିଜାଇନର୍ ସୁନା ଗହଣା ଗଢ଼ା ମଜୁରି ଫ୍ଲାଟ୍ ୭୯୯ ଟଙ୍କା ରହିଛି। ସେହିଭଳି ଗ୍ରାହକମାନେ ହୀରା ଗହଣା ଗଢ଼ା ମଜୁରି ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଓ ରୁପା ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୫ ପ୍ରତିଶତ ରିହାତି ପାଇପାରିବେ। ଏହା ସହିତ ୧୫୦୦୦ ଟଙ୍କାରୁ ଅଧିକ କ୍ରୟ ଉପରେ ଗ୍ରାହକମାନେ ଲକି ଡ୍ରରେ ଭାଗ ନେଇପାରିବେ। ଏହି ଲକି ଡ୍ର ମାଧମରେ ଭାଗ୍ୟଶାଳୀ ବିଜେତାଙ୍କୁ ପ୍ରଥମ ପୁରସ୍କାର ଭାବେ




୧୦ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା, କାର୍, ମୋଟରସାଇକଲ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ।

ଏବେ ବର୍ଦ୍ଧିତ ସୁନା ଦର ଯୋଗୁଁ ସମାନ ଢାଞ୍ଚା ଓ ଡିଜାଇନ୍‌ରେ ଗ୍ରାହକଙ୍କ ପକେଟ୍‌କୁ ସୁହାଇଲା ଭଳି କମ୍ ଓଜନର ବଛା ବଛା ଡିଜାଇନ୍‌ର ଗହଣା ଏଠାରେ ଉପଲବ୍ଧ ହେଉଛି। ବର୍ତ୍ତମାନ ସମୟରେ ସବୁଠାରୁ ବୁଦ୍ଧିମାନ ସଞ୍ଚୟ ଭାବେ ସୁନା କିଣିବା ଅଧିକ ନିରାପଦ ବୋଲି କମ୍ପାନିର ମ୍ୟାନେଜିଂ ଡାଇରେକ୍ଟର ପ୍ରବୀଣ ଅଗ୍ରୱାଲ୍ ପ୍ରକାଶ କରିଛନ୍ତି। ଷ୍ଟୋର୍‌ରେ ୧୦୦ ପ୍ରତିଶତ ବିଆଇଏସ୍ ହଲ୍‌ମାର୍କ ଓ ଏଚ୍‌ୟୁଆଇଡି ଗହଣା, ୧୦୦ପ୍ରତିଶତ ଆଇଜିଆଇ ହୀରା ଗହଣା ସହିତ ୧୦୦ ପ୍ରତିଶତ ବାଏ ବ୍ୟାକ୍ ଓ ଲାଇଫ୍ ଟାଇମ୍ ମେଣ୍ଟେନାନ୍ସ ସୁବିଧା ରହିଛି। ଗ୍ରାହକଙ୍କ ନିମନ୍ତେ ପାର୍ବଣକୁ ଦୃଷ୍ଟିରେ ରଖି ସୋ'ରୁମ୍ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଆନିଭର୍ସାରି ସ୍ୱତନ୍ତ୍ର ଅଫର୍‌ର ଲାଭ ଉଠାଇବାକୁ ଶ୍ରୀ ଅଗ୍ରୱାଲ୍ ମତବ୍ୟକ୍ତ କରିଛନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ।

# ଏସ୍‌ବିଆଇ ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲଗାଇଲା ବଡ଼ ଅଭିଯୋଗ

ନୂଆଦିଲ୍ଲୀ: ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ମଧ ଋଣଗ୍ରସ୍ତ ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ଏବଂ ଏହାର ପୂର୍ବତନ ନିର୍ଦ୍ଦେଶକ ଅନିଲ ଅମ୍ବାନୀଙ୍କ ଆକାଉଣ୍ଟକୁ 'ଫ୍ରଡ୍' ଘୋଷଣା କରିଛି। ବ୍ୟାଙ୍କ ଅଭିଯୋଗ କରିଛି ଯେ, କମ୍ପାନି ୨୦୧୬ରେ ନେଇଥିବା ଋଣରେ ହେରଫେର କରିବା ସହ ଏହାକୁ ଅନ୍ୟତ୍ର ବ୍ୟବହାର କରିଥିଲା। ସୂଚନା ଅନୁଯାୟୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ ୨୦୧୬ ଅଗଷ୍ଟରେ ଆର୍‌କମ୍‌କୁ ୭୦୦ କୋଟି ଟଙ୍କାର ଋଣ ଦେଇଥିଲା। ଏଥିରୁ ୨୦୧୬ ଅକ୍ଟୋବରରେ ଜାରି ହୋଇଥିବା ଅର୍ଥରାଶିର ଅଧାରୁ ଅଧିକ ଟଙ୍କାକୁ କମ୍ପାନି ସ୍ଥାୟୀ ଜମା ବା ଫିକ୍ସ ଡିପୋଜିଟ୍ ଭାବରେ ରଖିଥିଲା। ଯାହା ନେଇଥିବା ଋଣର ସର୍ତ୍ତ ବିରୁଦ୍ଧ। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ଏକ ଫାଇଲିଂରେ ଆରକମ୍ କହିଛି, ଅଗଷ୍ଟ ୨୨ ତାରିଖରେ କମ୍ପାନିକୁ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ଏକ ଚିଠି ମିଳିଥିଲା। ଯେଉଁଥିରେ କମ୍ପାନି, ଅନିଲ ଧୀରଜଲାଲ ଅମ୍ବାନୀ (ପୂର୍ବ ନିର୍ଦ୍ଦେଶକ) ଏବଂ ମଞ୍ଜରୀ ଅଶୋକ କକ୍କର (ପୂର୍ବ ନିର୍ଦ୍ଦେଶକ)ଙ୍କ ଆକାଉଣ୍ଟକୁ 'ଫ୍ରଡ୍' ଘୋଷଣା କରାଯାଥିବା ସୂଚନା ରହିଥିଲା।

BOI Relationship beyond banking

ଏହା ପୂର୍ବରୁ ଜୁନ୍ ମାସରେ ଏସ୍‌ବିଆଇ ମଧ ଆର୍‌କମ୍ ଏବଂ ଅନିଲ ଅମ୍ବାନୀଙ୍କ ଆକାଉଣ୍ଟକୁ ଫ୍ରଡ ଘୋଷଣା କରିଥିଲା। ଏହି ଅଭିଯୋଗ ପରେ ଶନିବାର ସିବିଆଇ ଅମ୍ବାନୀଙ୍କ ଘର ଏବଂ ଆର୍‌କମ୍ ସହ ଜଡ଼ିତ କିଛି ସ୍ଥାନରେ ଚଢ଼ାଉ କରିଥିଲା। ଏସ୍‌ବିଆଇ କହିଛି ପାଣ୍ଠିର ଅପବ୍ୟବହାର ଯୋଗୁ ବ୍ୟାଙ୍କକୁ ୨, ୯୨୯ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ସେହିଭଳି ବ୍ୟାଙ୍କ ଅଫ୍ ଇଣ୍ଡିଆ କହିଛି ଆର୍‌କମ୍‌ର ଆକାଉଣ୍ଟ ୨୦୧୭ ଜୁନ୍ ୩୦ରେ ଏନପିଏ ହୋଇଯାଇଥିଲା। ଏଥିରେ ୭୨୪.୭୮ କୋଟି ଟଙ୍କା ବକେୟା ରହିଛି। ସେପଟେ ଅନିଲ ଅମ୍ବାନୀଙ୍କ ମୁଖପାତ୍ର ସବୁ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଏହା ୧୦ ବର୍ଷରୁ ଅଧିକ ପୁରୁଣା ମାମଲା। ସେ ସମୟରେ ଅମ୍ବାନୀ ଜଣେ ଅଣ-କାର୍ଯ୍ୟକାରୀ ନିର୍ଦ୍ଦେଶକ ଥିଲେ। ତାଙ୍କର କମ୍ପାନିର ଦୈନନ୍ଦିନ କାର୍ଯ୍ୟ ସହିତ କୌଣସି ସମ୍ପର୍କ ନଥିଲା। ସେ ଅଭିଯୋଗ କରିଛନ୍ତି ଯେ, ଅନିଲ ଅମ୍ବାନୀଙ୍କୁ "ଜାଣିଶୁଣି ଟାର୍ଗେଟ" କରାଯାଇଛି। ଆର୍‌କମ୍ କହିଛି ଯେ, ଏହାର ସହଯୋଗୀ କମ୍ପାନୀ ରିଲାଏନ୍ସ ଟେଲିକମ୍ ଲିମିଟେଡକୁ ମଧ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସମାନ ନୋଟିସ ଜାରି କରାଯାଇଛି। ଆର୍‌କମ୍ ବର୍ତ୍ତମାନ ମୋଟ ୪୦ ହଜାର କୋଟି ଟଙ୍କାର ଋଣରେ ବୁଡ଼ି ରହିଛି ଏବଂ ଦେବାଳିଆ ପ୍ରକ୍ରିୟା ଅଧୀନରେ କ୍ରେଡିଟର୍ସ କମିଟି ଏବଂ ରିଜୋଲ୍ୟୁସନ୍ ପ୍ରଫେସନାଲ୍ସ କମ୍ପାନୀର କାର୍ଯ୍ୟ ଦେଖାଶୁଣା କରୁଛନ୍ତି।

## ଏଆଇ ଦ୍ୱାରା ବ୍ୟାଙ୍କ ପରିଚାଳନାରେ ୪୬% ଉନ୍ନତି ହୋଇପାରିବ: ରିଜର୍ଭ ବ୍ୟାଙ୍କ ରିପୋର୍ଟ

ଭୁବନେଶ୍ୱର, ୨୪।୮: ଜେନେରେଟିଭ୍ ଏଆଇ ବ୍ୟାଙ୍କ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାର ସମ୍ଭାବନା ରହିଛି। ଏହାର ଉପଯୋଗ ଦ୍ୱାରା ବ୍ୟାଙ୍କ କାର୍ଯ୍ୟରେ ୪୬% ଉନ୍ନତି ଆସିବ ବୋଲି ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି ଯେ ଏଆଇ ଗ୍ରାହକଙ୍କ ବ୍ୟବହାରକୁ ଭଲଭାବରେ ବୁଝିପାରିବ, ଦକ୍ଷତା ବଢ଼ାଇବ ଓ ଗ୍ରାହକଙ୍କୁ ବ୍ୟକ୍ତି ଅନୁକୂଳ ସର୍ଭିସ ପ୍ରଦାନ କରିବ। ତେବେ ଏଆଇର ଉପଯୋଗ ଦ୍ୱାରା କେତେକ ବିପଦର ଆଶଙ୍କା ରହିଥିବା ରିପୋର୍ଟରେ କୁହାଯାଇଛି। ଏଆଇ ମଡେଲଗୁଡ଼ିକର ଫଳାଫଳ ଆଲଗୋରିଦିମ ଦ୍ୱାରା ପରିଚାଳିତ। ଆଲଗୋରିଦିମ ହିଁ ଏଆଇ ମଡେଲର ଫଳାଫଳ ନିର୍ଦ୍ଧାରଣ କରେ। କିନ୍ତୁ ଯଦି ଫଳାଫଳ ଅଲଗୋରିଦିମରୁ ଅଲଗା ବାହାରେ ତେବେ ତାହା ବ୍ୟାଙ୍କ ଓ ଗ୍ରାହକ ଉଭୟଙ୍କୁ କ୍ଷତିରେ ପକାଇବ। ଏପରି ବାରମ୍ବାର ହେଲେ ତାହା ବ୍ୟାଙ୍କ ଉପରୁ ଗ୍ରାହକଙ୍କ ଭରସା ତୁଟିଯିବ। ଏଆଇ ମଡେଲଗୁଡିକର ଢାଞ୍ଚା ସାଧାରଣତଃ ଅସ୍ୱଚ୍ଛ ଥାଏ, ଫଳରେ ସେଗୁଡ଼ିକର ନିଷ୍ପତ୍ତି ଓ ଫଳାଫଳ ସଂପର୍କରେ ପୂର୍ବାନୁମାନ କରିବା କଷ୍ଟକର ହୋଇଥାଏ। ଏହାଛଡ଼ା ଡାଟାରେ ତ୍ରୁଟି, ଆଲଗୋରିଦିମରେ ତ୍ରୁଟି ଫଳାଫଳକୁ ପ୍ରଭାବିତ କରିପାରିବ।

## ୟେସବ୍ୟାଙ୍କର ୨୪.୯୯% ଅଂଶଧନ କିଣିବ ଜାପାନର ଏସଏମବିସି







ମୁମ୍ବାଇ, ୨୪।୮: ଜାପାନର ସୁମିତୋମୋ ମିତ୍ସୁଇ ବ୍ୟାଙ୍କିଂ କର୍ପୋରେସନ (ଏସଏମବିସି)କୁ ୟେସ୍ ବ୍ୟାଙ୍କର ୨୪.୯୯ ପ୍ରତିଶତ ଅଂଶଧନ କିଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଠାରୁ ଅନୁମୋଦନ ମିଳିଛି। ଏହା ସହିତ, ସୋମବାର ୟେସ୍ ବ୍ୟାଙ୍କର ଅଂଶଧନ ଫୋକସରେ ରହିବ। ଗତ ଶୁକ୍ରବାର ଅର୍ଥାତ୍ ଗତ ସପ୍ତାହର ଶେଷ ବ୍ୟବସାୟ ଦିବସରେ, ଏନଏସଇରେ ବ୍ୟାଙ୍କର ଅଂଶଧନ ୦.୭୭ପ୍ରତିଶତ ହ୍ରାସ ପାଇ ୧୯.୨୮ଟଙ୍କା ହୋଇଥିଲା। ୟେସ୍ ବ୍ୟାଙ୍କ ୯ ଜୁଲାଇ, ୨୦୨୫ ରେ ସୂଚନା ଦେଇଥିଲା ଯେ ଏସଏମବିସି ସେକେଣ୍ଡାରୀ ବଜାର ମାଧମରେ ବ୍ୟାଙ୍କରେ ଅଂଶଧନ କିଣିବାକୁ ପ୍ରସ୍ତାବ ଦେଇଛି। ଏହା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆଠାରୁ ୧୩.୧୯ ପ୍ରତିଶତ ଅଂଶଧନ କିଣିବ। ଯେତେବେଳେ ଅନ୍ୟ ସାତ ଜଣ ଅଂଶଧନଦାତାଙ୍କଠାରୁ ୬.୮୧ ପ୍ରତିଶତ ଅଂଶଧନ କିଣାଯିବ। ୟେସ ବ୍ୟାଙ୍କର ଅନ୍ୟାନ୍ୟ ଅଂଶଧନକାରୀଙ୍କ ମଧରେ ଆକ୍ସିସ୍ ବ୍ୟାଙ୍କ, ବନ୍ଧନ ବ୍ୟାଙ୍କ, ଫେଡେରାଲ୍ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଏବଂ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଅନ୍ତର୍ଭୁକ୍ତ।

## ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୨୪।୮: ଟାଟା ପାଓ୍ୱାରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ନୂତନ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟିପି ନଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ଗ୍ରାହକ ସେବାକୁ ସରଳୀକରଣ କରିବା ସହ ଡିସ୍‌କମ୍ ମଧରେ ଥିବା ସମ୍ପର୍କରେ ମଧ ବ୍ୟାପକ ଉନ୍ନତି ଆଣିଛନ୍ତି। ଏପରିକି ଡିଜିଟାଲ ପ୍ଲାଟ୍‌ଫର୍ମର ବ୍ୟାପକ ନେଟ୍‌ୱର୍କ, ଗ୍ରାହକ ସେବା କେନ୍ଦ୍ର, ଗ୍ରାମୀଣ ଯୋଗାଯୋଗ ଅଭିଯାନ ଏବଂ ଗୋଷ୍ଠୀ ପରିଚାଳିତ ମଡେଲ ଭଳି ବ୍ୟବସ୍ଥା ସାଙ୍ଗକୁ ଡିସ୍‌କମ୍‌ଗୁଡ଼ିକ ବିଦ୍ୟୁତ୍ ସେବାକୁ ପ୍ରାୟ ୧୦ ଲକ୍ଷ ବିଦ୍ୟୁତ୍ ଗ୍ରାହକଙ୍କ ନିକଟତର କରିବା ସହ ସ୍ୱଚ୍ଛ ଓ ଗ୍ରାହକ କୈନ୍ଦ୍ରିକ କରିପାରିଛନ୍ତି। ବିଦ୍ୟୁତ୍ ସେବାକୁ ଯେକୌଣସି ସମୟରେ ଯେକୌଣସିଠାରେ ଉପଲବ୍ଧ କରିବା ଲାଗି ଗତ ୫ ବର୍ଷ ମଧରେ ଡିସ୍‌କମ୍‌ଗୁଡ଼ିକ ବହୁ ସଂଖ୍ୟକ ପ୍ରଯୁକ୍ତି ଆଧାରିତ ଗ୍ରାହକ ସମାଧାନ ଆରମ୍ଭ କରିଛନ୍ତି। ଗ୍ରାହକମାନେ ନୂଆ ବିଦ୍ୟୁତ୍ ସଂଯୋଗ ହାସଲକରିବା ଲାଗି ଅନ୍‌ଲାଇନ କିମ୍ବା କେବଳ ଏକ ମିସ୍‌ଡ କଲ୍ ସେବା ଜରିଆରେ ଆବେଦନ କରିପାରୁଛନ୍ତି। ଫଳରେ ଡିସ୍‌କମ୍‌ଗୁଡିକର କାର୍ଯ୍ୟାଳୟ ପରିଦର୍ଶନ ଓ କାଗଜପତ୍ର କାମ ଆବଶ୍ୟକତା ଦୂରହୋଇପାରିଛି। ପେମେଣ୍ଟ, ସେବା ଅନୁରୋଧ, ବିଲିଂ ହିଷ୍ଟ୍ରି ଓ ବାସ୍ତବ ସମୟ ଅପଡେଟ୍ ପାଇଁ ମାଇଁ ଟାଟା ପାୱାର ଆପ୍ ଏକ ସିଙ୍ଗଲ ୱିଣ୍ଡୋ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି। ଓଡ଼ିଶାର ଉଭୟ ଗ୍ରାମୀଣ ଓ ସହରାଞ୍ଚଳ ଗ୍ରାହକଙ୍କୁ ସହାୟତା ପ୍ରଦାନ କରିବା ଲାଗି ଟାଟା ପାୱାର ପକ୍ଷରୁ ପ୍ରତ୍ୟକ୍ଷ ଟଚ୍ ପଏଣ୍ଟରେ ବ୍ୟାପକ ନିବେଶ କରାଯାଇଛି।





## ଚିତ୍ରଲେଖା

ଡ. ଶୁଭେନ୍ଦୁ ମେହେର

ସହର ରୁ ଅନେକ ଦୂରେ......!
ଖାଲ ଖମାର ପଥୁରିଆ ରାସ୍ତା ଦେଇ
ପାହାଡ଼ ସେପଟେ
ଚିତ୍ରଲେଖାର ଗାଁ ।

ଚିତ୍ରଲେଖା.......!
ଯୌବନ ଢେଉରେ କୁଳ ଖାଉଥିବା
ପୂର୍ଣ୍ଣଗର୍ଭା ନଈଟିଏ ।
ସବୁଜ ଧାନ କ୍ଷେତରେ
ଖୁଣ୍ଟି ଖାଉଥିବା ଶାଗୁଆ ଶାରୀ ଟିଏ ।
ଆକାଶ ଭର୍ତ୍ତି ମେଘମାଳା କେବେ ତ' !
ଅଙ୍କା ବଙ୍କା ହୋଇ
ପାହାଡ଼ ଦେହରୁ ଝରି ଯାଉଥିବା
ନିରୀହ ନିର୍ଝରିଣୀ ଟିଏ।
ତା' ରୂପ ଯୌବନ ଆଗରେ
ଆତ୍ମହତ୍ୟା କରନ୍ତି ପ୍ରକୃତି ସମଗ୍ର ।
ଦିଗବଳୟର ରଙ୍ଗୀନ ଇନ୍ଦ୍ରଧନୁ ବି'
ଲାଜେଇ ଯାଏ ।
ବେଳେବେଳେ ତା' ଚାରୁ ଚର୍ଚ୍ଚିତ
ଚିତ୍ରକଳ୍ପରେ
ଚୋରା ଚୈତାଳିର ମତିଭ୍ରମ ହୁଏ ।
ଚିତ୍ରଲେଖା....!
ଶ୍ୟାମଳ ଅଙ୍ଗବସ୍ତ୍ରର
ପରିପାଟୀ ରେ ଶୋଭାପାଏ
କୋମଳ ତନୁରେ ତା'ର
ସୁଢଳ ଯୌବନ ଲହଡି ଭାଙ୍ଗେ ।
କଳାମେଘର ମତିଭ୍ରମ କରୁଥିବା
ତା' ଘନ କେଶରାଶି ହୃଦୟ କିଣେ ।

ଚିତ୍ରଲେଖା,
ନିଇତି ଆସେ ତୁଠକୁ !
ସେଇ ଦୁର୍ଗମ ଅନାବନା ରାସ୍ତାରେ
ହଲି ଝୁଲି ।
ତା'ର ଆବର୍ତ୍ତନ ରେ
ଲବଙ୍ଗ ଦ୍ୱୀପର ମନ୍ଦ ମଳୟ
ଅଳସ ଭାଙ୍ଗେ
କଇଁ କଇଁ କାନ୍ଦେ
କାମନାର ଲୁବ୍ଧ ନୀଳକଇଁ
ମହ ମହ ମଧୁମାଳତୀର ଗଜରା ନାଇ
ଥରାଇ ଦିଏ ଜୁଆନ ଛାତି।
ମାଟି ଶୀତଳ ହୁଏ
କମିଯାଏ ତାତି ।
ଆଲୁଅର ଆବେଗରେ
ଉଭାନ ହୁଏ ରାତି।
ତା' ସ୍ମୃତିକୁ ଖୋଜି ଖୋଜି
ବୁଲିଛି ମୁଁ ପାହାଡ଼ ଡଙ୍ଗର,
ଅନେକ ଖୋଜିଲା ପରେ
ଯେବେ ମୋତେ ଲାଗେ ଏକା ।
ପଥରେ ପଥରରେ
ଗଗନରେ ଆଉ ପବନରେ
ଅନୁଭବ କରିଛି ତା'
ଯୌବନର ଦିଗବଳୟ ରେଖା,
ରୂପ ଗୁଣେ ଅନନ୍ୟା ମୋ
ଚାରୁ ଚିତ୍ରଲେଖା ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪



ପବିତ୍ର ବେହେରା





## ଶେଷ ବୁନ୍ଦା

ସକାଳର ପ୍ରଥମ କିରଣ କ୍ଷେତ ଉପରେ ପଡ଼ି ଚାଷଜମି, ଜମି ଅପେକ୍ଷା ଏକ ଫାଟିଯାଇଥିବା ମାଟି ହାଣ୍ଡି ପରି ଦିଶୁଥିଲା। ବୀରେନ ତାଙ୍କ ଜମି ମଝିରେ ବସିଥିଲେ, ଭଙ୍ଗୁର ଧାନକେଣ୍ଡା ଦେଇ ତାଙ୍କ ଆଙ୍ଗୁଳି ଚଳାଇଥିଲେ। ସେଗୁଡ଼ିକ ଶୁଖିଲା ଡାଳି ଭଳି ଛିଣ୍ଡି ପଡ଼ିଲା। ଆର୍ଦ୍ର ମାଟିର ପରିଚିତ, ଆରାମଦାୟକ ସୁଗନ୍ଧ ପରିବର୍ତ୍ତେ ତାଙ୍କ ହାତରୁ ଧୂଳି ଗନ୍ଧ ଆସୁଥିଲା।

"ଗୋଟିଏ ବର୍ଷା... କେବଳ ଗୋଟିଏ", ଖାଲି ଆକାଶ ଉପରକୁ ଦେଖି ଗୁଣୁଗୁଣୁ ହେଉଥାଏ। କିନ୍ତୁ ଚଳିତ ବର୍ଷ ମେଘ ଗାଁକୁ ଆସି ନଥିଲା। ମୌସୁମୀ ତରତର ହୋଇ ଜଣେ ଅପରିଚିତ ବ୍ୟକ୍ତିଙ୍କ ଭଳି ଆସି ପଳେଇଯାଇଥିଲା। ଏକ ସପ୍ତାହ ପୂର୍ବରୁ, ବୀରେନ ତାଙ୍କର ଶେଷ ସଞ୍ଚୟ ଦୁଇ ହଜାର ଚାଳିଶ ଟଙ୍କା, ସବୁ ଖଣ୍ଡିତ ନୋଟ୍ ଏବଂ ମୁଦ୍ରା ଗଣି ଦେଇଥିଲେ ବୋରୱେଲ୍ ମାଲିକ ମଙ୍ଗଳ ଙ୍କ କଳଙ୍କିତ ହାତରେ।

"କାଲି ସକାଳେ", ମଙ୍ଗଳ ପ୍ରତିଜ୍ଞା କରିଥିଲା। "ଆପଣଙ୍କ କ୍ଷେତ ପାଣି ପିଇବ। ଚିନ୍ତା କରିବାର କିଛି ନାହିଁ" କାଲି ଆସିଗଲା କିନ୍ତୁ ପମ୍ପଟି ନୀରବ ଥିଲା। ଯେତେବେଳେ ବୀରେନ ପଚାରିବାକୁ ଗଲେ, ମଙ୍ଗଳ ତା 'ଚିବୁକରେ ଖୋଳ ପକାଇ କହିଲା, "ଆରେ... ଆଜି ଡିଜେଲ ନାହିଁ। ଦୁଇ ଦିନ ଭିତରେ ଆସିଯିବ।

ଦୁଇ ଦିନ ପରେ, ଆଉ ଏକ ବାହାନା ଥିଲା "ମୋଟର ସମସ୍ୟା "। ବଡ଼ ଗ୍ରାହକଙ୍କ କ୍ଷେତକୁ ପ୍ରଥମେ ପାଣିର ଆବଶ୍ୟକତା ରହିଛି। ତୃତୀୟ ଥର ଆସିବା ବେଳକୁ ବୀରେନଙ୍କ ସ୍ୱର ଭାଙ୍ଗିଯାଇଥିଲା। "ମଙ୍ଗଳ ଭାଇ, ମୋର ଫସଲ ମରିଯାଉଛି।"

"ତ ଯାଅ ବର୍ଷା ପାଇଁ ପ୍ରାର୍ଥନା କର", ଉତ୍ତର ଆସିଲା। ଘରେ, ତାଙ୍କ ପତ୍ନୀ ସୀତା ଶେଷ ମୁଠାଏ ଚାଉଳ ସିଝାଇଲେ। ସେ ଛୋଟ ଛୋଟ ପାତ୍ରରେ ପିଲାମାନଙ୍କୁ ପରଷିଥିଲେ, ବାକି ପାଣିଆ କରିଦେଲେ। ପିଲାମାନେ ଅଭିଯୋଗ କରିନଥିଲେ, କିନ୍ତୁ ସେମାନଙ୍କ ଆଖି ସତ କଥା କହୁଥିଲା। "ସ୍କୁଲର ଖାଦ୍ୟ ଏବେ କେବଳ ପାଣି ଡାଲି କାହିଁକି ? ଆଉ ଅଣ୍ଡା ନାହିଁ ?" ତାଙ୍କ ପୁଅ ପଚାରିଲା। ବୀରେନ ଜୋରରେ ହସି କହିଲେ "କାରଣ କୁକୁଡ଼ାମାନେ ନିଶ୍ଚୟ କ୍ଳାନ୍ତ ହୋଇଯାଇଥିବେ"।

ଏକ ସପ୍ତାହ ପରେ, ଗାଁର ଚତୁଃପାର୍ଶ୍ୱରେ ଥିବା ବଟବୃକ୍ଷଟି ଶାନ୍ତ, ଉତ୍ତେଜନାପୂର୍ଣ୍ଣ ସ୍ୱରରେ ପରିପୂର୍ଣ୍ଣ ହୋଇଗଲା। ପ୍ରତ୍ୟେକ କୃଷକଙ୍କର ସମାନ କାହାଣୀ ଥିଲା ମଲା ଫସଲ, ବର୍ଷା ନାହିଁ, ଖାଲି ପ୍ରତିଶୃତି। ଗୁଜବରେ କୁହାଯାଇଛି ଯେ ସରକାର ମରୁଡ଼ି ରିଲିଫ୍ ଘୋଷଣା କରିଛନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କେହି ଗୋଟିଏ ଟଙ୍କା ମଧ୍ୟ ଦେଖିନାହାନ୍ତି। କେହିଜଣେ ପାଟି କଲେ, "ମଙ୍ଗଳଙ୍କ ପଛରେ ସରକାରୀ ଲୋକ ଅଛନ୍ତି। ଆମେ ତାଙ୍କୁ ଛୁଇଁ ପାରିବୁ ନାହିଁ"।

ଅନ୍ୟ ଜଣେ, "ଅଧିକାରୀମାନେ କେବଳ ଭୋଟ୍ ପାଇଁ ଆସନ୍ତି, ପାଣି ପାଇଁ ନୁହେଁ।"

ଦିନେ ସକାଳେ, ଖବର ବ୍ୟାପିଗଲା ସରକାରୀ ଅଧିକାରୀଙ୍କ ଏକ ଦଳ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରୁଥିଲେ। ବୀରେନ ଭୋର ହେବା ପୂର୍ବରୁ ଉଠିଲେ, ମୃତ ଚାଉଳ କାଣ୍ଡକୁ ଏକ ବଣ୍ଡିଲରେ ବାନ୍ଧି ସାତ କିଲୋମିଟର ଖାଲି ପାଦରେ ଚାଲିଗଲେ।

କାର୍ଯ୍ୟାଳୟ ବାହାରେ ଥିବା ଜନତା ଅସ୍ଥିର ଥିଲେ। ଯେତେବେଳେ ବୀରେନଙ୍କ ପାଳି ଆସିଲା, ସେ ଆଗକୁ ପାଦ ପକାଇ ଏକ ଧଳା ସାର୍ଟ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କ ପାଦରେ ବଣ୍ଡଲ୍ ପକାଇଲେ। "ଏଇଆ ମୋର ଫସଲ", ବୀରେନ କହିଲା, ସ୍ୱର ସ୍ଥିର, କିନ୍ତୁ ଭିତରେ ଥରିଉଠିଲା। "ଏହା ହିଁ ଆପଣଙ୍କର ପ୍ରତିଶ୍ରୁତିର ଫଳ ପାଇଛି।"

କେହିଜଣେ ମୋବାଇଲ ଫୋନ ବାହାର କରି ରେକର୍ଡିଂ କରିବା ଆରମ୍ଭ କଲେ। ସଂଧ୍ୟା ସୁଦ୍ଧା, ବୀରେନଙ୍କ କାର୍ଯ୍ୟର ଭିଡିଓ ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲରେ ଥିଲା, ଯାହା କ୍ୟାପସନ୍ ସହିତ ସେୟାର କରାଯାଇଥିଲା "କୃଷକ ଅଧିକାରୀମାନଙ୍କୁ ମରୁଡ଼ିର ସତ୍ୟତା ଦେଖାନ୍ତି"।

ଦୁଇ ଦିନ ପରେ ପାଣି ଟ୍ୟାଙ୍କରଗୁଡ଼ିକ ଗାଁ ଭିତରକୁ ପଶିଲା। ପ୍ରଶାସନ ଜରୁରୀକାଳୀନ ରିଲିଫ ପାଣ୍ଠି ଘୋଷଣା କରିଥିଲା। କିନ୍ତୁ ସେତେବେଳକୁ ଋତୁ ଶେଷ ହୋଇସାରିଥିଲା। ଶସ୍ୟ ମରିଗଲା। ଋଣଗୁଡ଼ିକ ସେମିତି ରହିଗଲା।

ତଥାପି, କିଛି ପରିବର୍ତ୍ତନ ହୋଇଥିଲା। ବ୍ୟବହାର ଓ ବ୍ୟବହାର ଉପରେ ନଜର ରଖିବା ପାଇଁ କୃଷକମାନେ ଏକ ଜଳ କମିଟି ଗଠନ କରିଥିଲେ। କେହି ଆଉ ଏକାକୀ ବୋରୱେଲ୍ ମାଲିକ କିମ୍ବା ସରକାରଙ୍କ ସମ୍ମୁଖୀନ ହେବେ ନାହିଁ।

ଏକ ମାସ ପରେ, ବୀରେନ ପୁଣି ଥରେ ନିଜ କ୍ଷେତରେ ଠିଆ ହେଲେ ଏବେ ଖାଲି, ମାଟି ଓଲଟି ପଡ଼ିଲା, ଅପେକ୍ଷା କଲା। ତାଙ୍କ ପୁଅ ତାଙ୍କ ପାଖରେ ଠିଆ ହୋଇ ଚିନ୍ତିତ ଦିଶୁଥିଲା।

ପିଲାଟି ପଚାରିଲା, "ଆସନ୍ତା ବର୍ଷ ଆମେ କ" ଣ କରିବା ? " ବୀରେନ ତାଙ୍କ କାନ୍ଧରେ ଏକ ହାତ ରଖିଲେ। "ଆମେ ପୁଣି ଗଛ ଲଗାଇବୁ। କିନ୍ତୁ ଏଥର ଆମେ ଆମ ସ୍ୱର ସହିତ ମଧ୍ୟ ରୋପଣ କରିବୁ। ଫସଲ ନୀରବରେ ମରିଯାଏ, ପୁଅ। କିନ୍ତୁ ଲୋକମାନେ... ଲୋକମାନେ କଥା କହିବା ସମୟରେ ବଞ୍ଚିଯାନ୍ତି। ସେମାନଙ୍କ ଉପର ଦେଇ, ଏକ ମେଘ ଖଣ୍ଡେ ଭାସିଗଲା ସୂର୍ଯ୍ୟଙ୍କ ଉପର ଦେଇ। ବର୍ଷା ହେଲା ନାହିଁ, ଏଯାଏଁ ହେଲା ନାହିଁ; କିନ୍ତୁ ବୀରେନ ପଛକୁ ଚାହିଁଲେ ନାହିଁ। ସିଏ ଚାଲିଥାନ୍ତି ଆଗକୁ ଆଉ ଆଗକୁ।

ସମ୍ବଲପୁର , ମୋବାଇଲ୍: ୭୭୫୧୦୭୫୩୫୦



## ଅଧୁରା ସ୍ୱପ୍ନ

ସ୍ୱାଗତିକା ସାହୁ

ମୁଁ ପ୍ରତିଥର ନିରୁତ୍ତର ରୁହେ
ତୁମ ବୋଧତତ୍ତ୍ୱର ପରିଭାଷା ଜାଣି
ଛଳ ଛଳ ନିରୀହ ଆଖି ପାଖରେ...
ଅନୁରାଗ ବୁଣା ଅନେକ ସ୍ୱପ୍ନର ମହଲ
ଯେପରି ଠିଆ ହୋଇଛି,
ତୁମ ଓ ମୋ ମଝା ମଝିରେ ...
ମୋ ବୈରାଗ୍ୟ ଓ ତୁମ ପ୍ରାପ୍ତିର
ମଝିରେ...!
ଦୁଇଟି ନିଟୋଳ ଆଖି...
ଆଉ ଆପଦ ମସ୍ତକରେ ବୁଡି
ରହିଛି
ପାଇବାର ଢେର୍ ଜିଜ୍ଞାସା...!
ଗ୍ରହ୍ୟସ୍ଥ୍ୟର ମହାଆନନ୍ଦ...

କିନ୍ତୁ, ଅଟଳ ମୁଁ !
ଏ ଐଶୂର୍ଯ୍ୟମୟ ପ୍ରେମ ଅଟ୍ଟାଳିକା
ଯେମିତି ପ୍ରତିବନ୍ଧକ ନସାଜୁ...
ମୋ ସମ୍ମାନର ଆଉ କ୍ୟାରିୟର୍‌ର....!
ଜାଣେ ତୁମେ ନିର୍ମାଣ କରିପାର
ସୁଖ ସ୍ୱଚ୍ଛନ୍ଦର ରାଜ ପ୍ରସାଦ
ସଂସାରର ତମାମ ସୁଖକୁ ଗଣ୍ଠି ପକାଇ
ଦେଇପାର ମୋ ଆଞ୍ଜୁଳୀରେ....
ଯାବତ କଳୁଷର ଜଞ୍ଜାଳକୁ ସହିପାର
ଆଜୀବନ ତୃଷାର୍ତ୍ତ ମାନଙ୍କ ପରି
ଏମିତି ଘୁରି ବୁଲ ମୋ ଆଗ ପଛରେ...
ଏଇଟା କଣ ତୁମର ଶପଥ ?

ଅପହଞ୍ଚ ବଉଦ ଖଣ୍ଡେଟେ ମୁଁ....
ଏ ସଂସାର ଆକାଶରେ ଭାସମାନ
କର୍ତ୍ତବ୍ୟ,ସମାଜ,ନୀତିନିୟମ ରେ ବନ୍ଧା
ତଥାପି ....
ଟୋପେ ବାରିଧାରା ପାଇଁ
ତୁମ ଆବେଗର ଦିଗ୍ ବଳୟ
ହୋଇଯାଏ ଲାଲ ଟହ ଟହ....!
ଅନ୍ତର୍ମନରେ ଅନେକ ସ୍‌ବପ୍ନର
ଜ୍‌ବଳନ
ପ୍ରତିଥର ଉଦାସ ଗୋଧୂଳିରେ
ନ ହେଉ ତୁମ ସ୍ୱପ୍ନ ଅଧୁରା....
ମୁଁ ରୁହେ ସେମିତି ନିରୁତ୍ତର
ଚୁପ୍ ଚାପ୍ ଅସହାୟପଣରେ
ଆବୋରି ନିଏ ସମସ୍ତ
ଦିନଚର୍ଯ୍ୟା...
ବାରଂବାର ପଛକୁ ଚାହେଁ
କିନ୍ତୁ ପାଏ ଏକ ପରିତୃପ୍ତିର
ଚେନାଏ ହସ....
ଏକ ପ୍ରାପ୍ତି ଅପେକ୍ଷାର
ଅନ୍ତଃସ୍‌ବର...!!

ଉମରକୋଟ, ନବରଙ୍ଗପୁର





ଅନୁପମା ବିଶ୍ୱାଳ

## ନୂଆଁଖାଇ



ଶାସ୍ତ୍ର କହେ, ଅନ୍ନ ହିଁ ବ୍ରହ୍ମ ଅଟେ।ସେଇ ବ୍ରହ୍ମକୁ ପରଂବ୍ରହ୍ମଙ୍କ ପାଖରେ ସମର୍ପଣ କରିବା ନୂଆଁଖାଇ ଅଟେ।ଏହାର ଅନ୍ୟନାମ ନବାନ୍ନ ଭକ୍ଷଣ।ମାଟି ମା ସମସ୍ତଙ୍କୁ ଅନ୍ନ ଯୋଗାଏ।ତା ପ୍ରତି କୃତଜ୍ଞତା ଜଣାଏ ନୂଆଁଖାଇ ପର୍ବ।ପଶ୍ଚିମ ଓଡିଶାର ଏହା ଏକ ପାରମ୍ପରିକ ତଥା ଗଣ ପର୍ବ।ଦେବତା ଓ ପିତୃ ପୁରୁଷଙ୍କୁ ଶଙ୍ଖୁଳିବାର ଏକ ଅମୃତ ଅବସର ସହିତ ଆମ ସଂସ୍କୃତି ଓ ଜୀବନଧାରାର ଏକ ସମନ୍ୱିତ ରୂପ ଅଟେ।ଜାତି,ବର୍ଣ୍ଣ,ଧର୍ମ,ଲିଙ୍ଗ ମଧରେ ଭିନ୍ନତାକୁ ଦୂରେଇ ସମତା ରକ୍ଷା କରେ ଏହି ପର୍ବ।ଗ୍ରାମଠୁ ସହର,ଗରିବ ଠୁ ଧନୀ,ରାଜାଠୁ ପ୍ରଜା ସମସ୍ତଙ୍କୁ ଏକାକାର କରେ ନୂଆଁଖାଇ।କ୍ଷେତରେ ପ୍ରଥମ ଫସଲକୁ ନିଜର କୁଳଦେବୀ,ଇଷ୍ଟଦେବୀ ଓ ଗ୍ରାମଦେବୀଙ୍କୁ ଅର୍ପଣ କରିବା ସହିତ ଅନ୍ନ ଉତ୍ପାଦନର ଉଲ୍ଲାସକୁ ପାର୍ବଣ ରୂପେ ପାଳନ କରିବା ଏହି ପର୍ବର ଏକମାତ୍ର ଉଦ୍ଦେଶ୍ୟ।

ଆଗକାଳର ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଁଖାଇବର ଲଗ୍ନ ଧାର୍ଯ୍ୟ କରି କର୍ତ୍ତୃତ୍ୱ ଜାହିର ରଖିଥିଲେ ୧୯୯୧ ପର୍ଯ୍ୟନ୍ତ।ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଁ ଖାଇବାର ସୁବ୍ୟବସ୍ଥା କରି ସର୍ବସମ୍ମତିକ୍ରମେ ଗଣେଶ ପୂଜା ପରଦିନକୁ ଅର୍ଥାତ ଋଷି ପଞ୍ଚମୀକୁ ଛୁଟି ଘୋଷଣା କରି ନୂଆଁଖାଇ ପାଇଁ ଦିନଟି ସ୍ଥିର କରିଥିଲେ।ସମଗ୍ର ପଶ୍ଚିମାଞ୍ଚଳରେ ଦିନ ତିଥି ବିଧି ସମାନତା ଅଞ୍ଚଳର ଏକତାର ସୂଚନା ଦିଏ।

ଭାଇ ଭାଇ ଭିତରେ ଥିବା ସମ୍ପର୍କକୁ ଆହରି ଗାଢ଼ ଲେପଦିଏ ନୂଆଁଖାଇ।ଯେତେ ମନୋମାଳିନ୍ୟ ଥିଲେ ମଧ ଭାଇଟିଏ ଭାଇ ପାଖକୁ ଧାଇଁ ଆସେ ଏହି ପର୍ବରେ ସାମିଲ ହେବାପାଇଁ।ସ୍ନେହ,ସମ୍ମାନ, ବିଶ୍ୱାସ ଓ ଭରସା ସୃଷ୍ଟି କରି ଟାଣିଆଣେ ଦେଶ ବିଦେଶରୁ ଏ ମାଟିର ସନ୍ତାନକୁ ମାଟି ମା କୋଳରେ କିଛି ସମୟ ଲୋଟିବାକୁ।ପୁଅଟି ମଧ ଅବାଧ ନହୋଇ ଖୁସି ମନରେ ଧାଇଁ ଆସେ ନିଜ ଭିଟାମାଟିକୁ।ଗୋଟିଏ ଦିନ ପାଇଁ ବରଂ ହେଉ ,ନିଜ ସଂସ୍କୃତିରେ ହଜି ଯାଇ ଭୁଲିଯାଏ ସେ ରାକ୍ଷସ କବଳିତ ଜୀବନ ଜଞ୍ଜାଳକୁ।

ଭାଦ୍ରବ ଆରମ୍ଭରୁ ଘରେ ଘରେ ଏହାର ପ୍ରସ୍ତୁତି ଆରମ୍ଭ ହୁଏ।ସଂଗ୍ରହ ହୁଏ କୁରେ ପତ୍ର,କରଡି,ନୂଆଁ ଧାନ ଓ ନୂଆଁ ଚୁଡା।

ଘରର ମୁଖିଆଙ୍କୁ ସମ୍ମାନ ଦିଏ ଏହି ପର୍ବ।ଇଷ୍ଟ ପୂଜନ,ମାଟି ପୂଜନ ,ନବାନ୍ନ ବଣ୍ଟନ ସବୁ ତାଙ୍କରି ହାତରେ ହୁଏ। ରନ୍ଧା ଖାଦ୍ୟ,ଖିରିପିଠା ଯାହା ହୋଇଥାଏ ସମସ୍ତେ ଏକତ୍ର ଭୋଜନ କରିବା ଏବଂ ଖାଇ ସାରିବା ପରେ ସାନମାନେ ବଡ଼ ମାନଙ୍କୁ ମୁଣ୍ଡିଆ ମାରିବା ବିଧି ଏହି ପର୍ବର ବିଶେଷତ୍ୱ।

ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାରମ୍ପରିକ ଲୋକ ଗୀତ, ଲୋକ ନୃତ୍ୟ ,ଲୋକ ବାଦ୍ୟ ପରିବେଶ କୁ ଆହୁରି ଆନନ୍ଦ ମୁଖରିତ କରେ।

ପରଦିନ ହୁଏ ନୂଆଁଖାଇ ବାସି।ପ୍ରାୟତଃ ଏହିଦିନେ ଆମିଷ ଭକ୍ଷଣ କରିଥାନ୍ତି।ଆଦିବାସୀ ମାନେ ଢୋଲ ,ମାନ୍ଦଳ ବଜାଇ ପାରମ୍ପରିକ ରୀତିନୀତିରେ ହଜି ଯାଆନ୍ତି।

ଲୋକେ କହନ୍ତି ,ଭଲେ ଥିଲେ ଆର ବଚ୍ଛର୍କେ ଭେଟ ପଡମା।

ନୂଆଁଖାଇ ପର୍ବକୁ ଅନାଦର ନକରି ହସଖୁସି ରେ ପାଳନ କଲେ ମାଆଙ୍କ କୃପାବାରି ମିଳିଥାଏ।

ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

## ପ୍ରତାରଣା କହେ ତୁମେ...




ଜୀବନ ନଦୀ ପରି। ନଦୀ ତାର ଗତିପଥରେ ଅନେକ ଶାଖା ନଦୀକୁ ଜନ୍ମ ଦିଏ। ଅନେକ ଉପନଦୀ ମଧ ତାକୁ ଜଳ ଦାନ କରି ତାର ପ୍ରବାହକୁ ତ୍ୱରାନ୍ୱିତ କରନ୍ତି। ମାତ୍ର ନଦୀକୁ ତାର ଗତିପଥ ନିଜେ ହିଁ ସ୍ଥିର କରିବାକୁ ହୋଇଥାଏ। ଆରମ୍ଭ ଓ ଶେଷ ମଧ। ତାହା ହିଁ ଅବଧାରିତ ନିୟତି। ଜୀବନର ନଦୀ ମଧ କେତେ ବାଙ୍କରେ ଗତି କରି କେତେ ପ୍ରତିବନ୍ଧକ ଡେଇଁ ଲକ୍ଷ୍ୟ ସ୍ଥଳରେ ପହଞ୍ଚେ। ବିଶାଳ ସାଗର ହିଁ ତାର ଲକ୍ଷ୍ୟ। ଏହାକୁ ଆମେ ମହାସ୍ରୋତ ବୋଲି କହୁ। ତେବେ, ପ୍ରତିବନ୍ଧକକୁ ପାର କରିବା ହିଁ ସ୍ୱାଭାବିକ ପ୍ରବୃତ୍ତି। ପ୍ରବାହ ଖଣ୍ଡିତ ହେଲେ ସ୍ରୋତ ଶୁଖି ଯାଇ ମରୁ ନଈ ପାଲଟେ। ତେବେ ଚିରନ୍ତନ ପ୍ରବାହକୁ ପ୍ରେମ ତ୍ୱରାନ୍ୱିତ କଲାବେଳେ ପ୍ରତାରଣା କରେ ପ୍ରତିହତ।ବିବାହ ପୂର୍ବର ପ୍ରେମ ଓ ବିବାହ ପରବର୍ତ୍ତୀ ସମୟରେ ବାସ୍ତବତାରେ ଏହାର ହଜି ଯାଇଥିବା ସ୍ୱରୂପ, ଆଧୁନିକ ଜୀବନ ଶୈଳୀର ପ୍ରକୃତ ରୂପ। ତେବେ, ପ୍ରେମରେ ମିଳୁଥିବା ଧୋକା, ବିଶ୍ୱାସହୀନତା ମଣିଷ ଭିତରେ ତିଆରି କରୁଥିବା ହତାଶବୋଧ ଯୁଗ ଯୁଗର। ପ୍ରେମ ହୁଏତ ଥାଏ। ବା ନଥାଏ। ବୁଝେଇ, ପ୍ରଭାବିତ କରି ବା ଭୟଭୀତ କରି ପ୍ରେମ ପ୍ରାପ୍ତ ହୁଏ ନାହିଁ। ପ୍ରେମ ପାଇଁ, ସମ୍ପର୍କ ପାଇଁ ତୁମେ ଯେତେ ବ୍ୟସ୍ତ ହେବ, ସେ ତୁମକୁ ସେତେ ବ୍ୟସ୍ତ କରିବ। ଯେଉଁ ବ୍ୟକ୍ତି ତାର ଶ୍ରମ, ସମୟ ଓ ଶ୍ରଦ୍ଧାର ସଠିକ୍ ବିନିଯୋଗ କରିପାରେ ନାହିଁ, ସେ ଚିରକାଳ ଅସହାୟବୋଧତାର ଯନ୍ତ୍ରଣାରୁ ନିଷ୍କ୍ରମିତ ହୋଇ ପାରେ ନାହିଁ।

ଭାରତରେ ମାନବିକ ଭାବନାକୁ ଅନେକ ଗୁରୁତ୍ୱ ଦିଆଯାଏ ଓ ଭାବନତ୍ମକ ଭାବରେ ଅନେଗୁଡ଼ିଏ ସାମାଜିକ ସମ୍ପର୍କ ମଧ ଗଢ଼ି ଉଠି ଥାଏ।ଅନ୍ୟ ଦେଶମାନଙ୍କରେ ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶ ତାର ବୁଦ୍ଧିର ପରିମାପକ ଉପରେ ନିର୍ଭରଶୀଳ ହୋଇ ଥିବା ବେଳେ ଭାରତରେ ବ୍ୟକ୍ତିର ଆଚାର ବ୍ୟବହାର, ସଂସ୍କାର ଓ ଧର୍ମୀୟ ବିଶ୍ୱାସ ଆଦିକୁ ନେଇ ତାକୁ ବିକଶିତ ବା ଅବିକଶିତ ବୋଲି ବିଚାର କରାଯାଏ। ମଣିଷର ଉଚ୍ଚ ଆକାଂକ୍ଷା ଓ ମାନବୀୟ ମୂଲ୍ୟବୋଧ ମଧରେ ସଂଘଟିତ ଉତ୍ତରଣ ଓ ଅବରୋହଣର ରାସ୍ତା ଟି ବୋଧହୁଏ ମାନସିକ ବିକାଶର ଲକ୍ଷ୍ୟ ସାଧନ କରେ।

ଆମେମାନେ ପିଲାବେଳୁ ଏକ ଭାବନାତ୍ମକ ସୂତ୍ରରେ ପରିବାର ସହ ବନ୍ଧା ହୋଇ ଥାଆନ୍ତି। ପରିବାରରେ ଯେପରି ପିତାମାତା ତାଙ୍କର ବ୍ୟକ୍ତିଗତ ସୁଖ ସୁବିଧାକୁ ପଛରେ ପକାଇ ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧାକୁ ଅଗ୍ରାଧିକାର ଦିଅନ୍ତି ତାହା ଅନ୍ୟ ଦେଶରେ ଦେଖିବାକୁ ମିଳେ ନାହିଁ। ଅନ୍ୟ ଦେଶରେ ତେର ଚଉଦ ବର୍ଷ ହେଲା ବେଳକୁ ପିଲାଟି ନିଜ ଶିକ୍ଷାର ଭାର ନିଜହାତକୁ ନେଇ ଯାଏ। କର୍ମରେ ଛୋଟ ବଡ଼ର ବିଚାର ନଥାଏ। ଗୋଟିଏ ଆତ୍ମନିର୍ଭରଶୀଳ ପିଲା ତାର ପଢ଼ା ଖର୍ଚ୍ଚ, ଘର ଭଡ଼ା ଆଦିର ବ୍ୟବସ୍ଥା ନିଜେ କରେ। ଭରତୀୟ ପରିବାରରେ ତେଇଶ ଚବିଶ ବର୍ଷ ଯାଏଁ ପିଲା ଆତ୍ମନିର୍ଭରଶୀଳ ହୁଅନ୍ତି ନାହିଁ। ଯେଉଁ ପିତାମାତା ପିଲା ପଛରେ ସମସ୍ତେ ଶ୍ରମ, ସମୟ ଓ ପୁଞ୍ଜି ବିନିଯୋଗ କରି ଥାଆନ୍ତି, ସେମାନେ ଏବେ ପିଲାଠାରୁ ଆଶା ରଖନ୍ତି ଯେ ସେ ଘରର ଦାୟିତ୍ୱ ନେବ। ତାର ରୋଜଗାର ମଧ ଏହି ଭାବରେ ବାଣ୍ଟି ହୁଏ ଏବଂ ଏହା ଚକ୍ରବତ୍ ଜାରି ରହେ। ଏହା ଏକ ସମ୍ପୂର୍ଣ୍ଣ ଭାବନାତ୍ମକ ପରିମାପକ, ଯାହା ଗୋଟିଏ ପରିବାରର ସଦସ୍ୟଙ୍କୁ ବିକଶିତ ବା ଅବିକଶିତ ଭାବେ ପରିଚିତି ଦିଏ। ମାତ୍ର ଅଧିକାଂଶ ସମୟରେ ଏହି ପ୍ରକ୍ରିୟା ଅନ୍ୟ ବିକାଶରେ ବାଧା ସୃଷ୍ଟି କରେ। ଯେପରି ସାମାଜିକ ଦାୟିତ୍ୱବୋଧତା ଓ କର୍ମ କୁଶଳତା । ଜଣେ ଭାବନାତ୍ମକ ଭାବରେ ଅପରିପକ୍ୱ ବ୍ୟକ୍ତି ପାରିବାରିକ ବିକାଶରେ ସହାୟକ ହୋଇ ପାରେ ନାହିଁ। ଏହି ସମସ୍ୟାରେ ପୁଣି ଯୋଡ଼ା ହୋଇ ଥାଏ ବିବାହ ପରି ସାମାଜିକ ବ୍ୟବସ୍ଥା। ସଂପୂର୍ଣ୍ଣ ଅନୁଷ୍ଠାନଟି ପାରିବାରିକ ଆବେଗ ଓ ଭାବନା ଉପରେ ପର୍ଯ୍ୟବେସିତ। ଏଥିରେ ରହି ଥାଏ, ଭୋଜିଭାତ, ଉପହାର, ଯୌତୁକ ପରି ଖର୍ଚ୍ଚବହୁଳ ବିଧି ବିଧାନ। ବିବାହ ଅନୁଷ୍ଠାନର ଚାକଚକ୍ୟ ପରବର୍ତ୍ତୀ ଅସୁବିଧା ବା ଅବୁଝାମଣାରେ କିଛି ସହାୟତା କରି ପାରେ ନାହିଁ। ଏବେ ଏବେ ସାରା ବିଶ୍ୱ ମହାକୁମ୍ଭରେ ପାପକ୍ଷାଳନରେ ଲାଗି ପଡ଼ିଥିବା ବେଳେ ଅନେକ ଉଚ୍ଚ ଶିକ୍ଷିତ ଓ ପଦାଧିକାରୀ ନିଜର ସାଂସାରିକ ଜୀବନ ପରିତ୍ୟାଗ କରି ଆଧାତ୍ମ୍ୟ ଜ୍ଞାନ ପାଇଁ ଆସିଥିବାର ଦେଖିବାକୁ ମିଳିଥିଲା। ଆକଳନ ଅନୁସାରେ ସାଧୁମାନଙ୍କର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଥିବାର କାରଣ ପାରିବାରିକ ଓ ସାମାଜିକ ଅସଫଳତାକୁ ଧରା ଯାଉଛି। ଏହା ମଧ ପ୍ରମାଣ କରୁଛି କି



ମଣିଷକୁ ଭାବନାତ୍ମକ ଭାବରେ ମଧ ବୁଦ୍ଧିମାନ ହେବାକୁ ପଡ଼ିବ। ପ୍ରଥମତଃ ନିଜ ବିଷୟରେ ସଚେତନ ହେବା। ଆମେ କଣ ଚାହୁଁ ଏବଂ ଆମର ସେହି ଇଚ୍ଛା ଗୁଡ଼ିକ ଆମ ଚାରି ପାଖର ଲୋକଙ୍କୁ କିପରି ପ୍ରଭାବିତ କରୁଚି। ଏହି ଭାବନାରୁ ଜନ୍ମ ନିଏ ସମ୍ବେଦନଶୀଳତା । ଏହା ତ ସମସ୍ତେ ଜାଣନ୍ତି ଯେ ଆମେ ମାନେ ପରସ୍ପର ପ୍ରତି ସମ୍ବେଦନଶୀଳ ନୁହନ୍ତି। ଗୋଟିଏ ଜାଗାରେ ଅନ୍ୟାୟ ହେଉ ଥିବାର ଦେଖିଲେ ମଧ ଆମେ ପ୍ରତିରୋଧ କରନ୍ତି ନାହିଁ। ବାଟରେ ଦୁର୍ଘଟଣା ଦେଖିଲେ ଆମେ ବାଟ ଭାଙ୍ଗି ଚାଲି ଯାଆନ୍ତି। ଆମେ ଏଠି ନିଜସ୍ୱ ଭାବନାକୁ ଅଗ୍ରାଧିକାର ଦେଲେ ଓ ବିକଶିତ ବୁଦ୍ଧିର ପ୍ରୟୋଗ କଲେ ନାହିଁ। ତେଣୁ ଆମେ ମଧ କେଉଁଠି ନା କେଉଁଠି ଅନ୍ୟଠାରୁ ସାହାଯ୍ୟର ଆଶା କରି ପାରିଲେ ନାହିଁ। ଅନେକ ସମୟରେ ଆବେଗ ପ୍ରବଣ ହୋଇ ଆମେ ଭୁଲ୍ ନିଷ୍ପତ୍ତି ନିଅନ୍ତି ଓ ଏହାର ପରିଣାମ ଆମର ମାନସିକ ଅସ୍ଥିରତାର କାରଣ ହୁଏ। ବର୍ତ୍ତମାନର ଯୁବ ପୀଢ଼ି ଅତ୍ୟନ୍ତ ଭାବପ୍ରବଣ ମାତ୍ର ସମ୍ବେଦନଶିଳ ନୁହନ୍ତି। ମତେ ପ୍ରେମ ଦରକାର ମାତ୍ର ବଦଳରେ ମୁଁ କିଛି କରିବି ନାହିଁ, ଏହି ପରି ମାନସିକତାରେ ଜଡିତ ବ୍ୟକ୍ତି ପ୍ରତ୍ୟେକ ବିସଂଗତିକୁ ପ୍ରତାରଣା ବୋଲି ଭାବି ନିଏ। ଉଚ୍ଚ ଶିକ୍ଷିତ ହେଉ ବା ଅଶିକ୍ଷିତ, ପ୍ରେମକୁ ଏକ ଶାରୀରିକ ଆବଶ୍ୟକତା ବୋଲି ହିଁ ଧରି ନିଅନ୍ତି। ପ୍ରେମ କେବେ ଆତ୍ମିକ ସ୍ତରକୁ ଉତ୍ତରିତ ହୋଇ ପାରେ ନାହିଁ। ଆଗରୁ କର୍ତ୍ତବ୍ୟ ବୋଲି ବିଚାର କରା ଯାଉଥିବା କାର୍ଯ୍ୟ ଏବେ ନିର୍ଯାତନା ବୋଲି ବିବେଚିତ ହେଲାଣି। ଆମେ ନିଜେ ମଧ ଜାଣି ପାରୁ ନାହାଁନ୍ତି ଆମେ ପ୍ରକୃତରେ ଚାହାଁନ୍ତି କଣ। କୌଣସି ସମ୍ପର୍କ ଗଢ଼ି ଉଠିବା ମାତ୍ରେ ଲାଭ କ୍ଷତିର ହିସାବ ଲାଗି ଯାଉଛି। ପ୍ରକୃତରେ ପ୍ରତାରଣା ଆମେ ନିଜେ ନିଜକୁ ଦେଉଛେ। ବିନା ପରିଶ୍ରମରେ ଫଳ ପ୍ରାପ୍ତି, ବିନା କର୍ତ୍ତବ୍ୟରେ ଅଧିକାର ସାବ୍ୟସ୍ତ ଏହି ପର୍ଯ୍ୟାୟରେ ଅନ୍ତ । ଅନ୍ୟକୁ ଦୋଷ ଦେଇ ଆମେ ମାନସିକ ସନ୍ତୋଷ ପାଆନ୍ତି ସିନା ହୃଦୟ କେବେ ଶାନ୍ତି ଲାଭ କରି ପାରେ ନାହିଁ। ନିଜର ଅଧିକାର ଠାରୁ କର୍ତ୍ତବ୍ୟ ପ୍ରତି ଅଧିକ ସଜାଗ ହେଲେ ପ୍ରତାରଣାର ଭାବନା ଆମକୁ ସ୍ପର୍ଶ କରି ପାରିବ ନାହିଁ।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪






# ବିଳମ୍ବରେ ଫ୍ରିଜ୍ ଖାଦ୍ୟ ଗ୍ରହଣ

## ସ୍ୱାସ୍ଥ୍ୟ ପାଇଁ ଚିନ୍ତାଜନକ

ଆଧୁନିକ ଚଳଣିରେ ଅନେକଙ୍କ ଘରେ ଫ୍ରିଜ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ତେବେ ଲୋକ ବଳକା ଥିବା ଖାଦ୍ୟକୁ ଫ୍ରିଜ୍ରେ ଷ୍ଟୋର କରି ରଖିଦିଅନ୍ତି। ଗରମ ଦିନେ ପ୍ରାୟ ସମସ୍ତେ ଫ୍ରିଜ୍ରେ ଖାଦ୍ୟକୁ ରଖି ଖାଇଥାନ୍ତି। ଅଧିକାଂଶ ସହରବାସିନ୍ଦା କାର୍ଯ୍ୟବ୍ୟସ୍ତତା ଯୋଗୁଁ ଥରେ ରାନ୍ଧି ଏହାକୁ ଫ୍ରିଜ୍ରେ ରଖି ନିଜ ସୁବିଧା ଅନୁସାରେ ଗରମ କରି ଖାଆନ୍ତି। ହେଲେ ଫ୍ରିଜ୍ରେ ଅଧିକ ସମୟ ଯାଏଁ ରଖାଯାଉଥିବା ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହୋଇପାରେ। ତେଣୁ ଏପରି କିଛି ଖାଦ୍ୟ ରହିଛି, ଯାହାକୁ ଫ୍ରିଜ୍ରେ ରଖିବାର ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନଖାଇଲେ ଏହା ବିଭିନ୍ନ ରୋଗ ଯଥା- ପାଚନତନ୍ତ୍ର ଦୁର୍ବଳ, ଫୁଡ୍ ପଏଜନିଂ ରୋଗପ୍ରତିରୋଧକ କ୍ଷମତା ପ୍ରଭାବିତ ହୋଇଥାଏ। ତେଣୁ ଫ୍ରିଜ୍ରେ ରଖାଯାଉଥିବା ଖାଦ୍ୟ କେତେ ସମୟ ମଧ୍ୟରେ ଖାଇବା ସ୍ୱାସ୍ଥ୍ୟପ୍ରଦ ଜାଣନ୍ତୁ।

**ଭାତ:** ଫ୍ରିଜ୍ରେ ରଖାଯାଉଥିବା ବଳକା ଭାତକୁ ଦୁଇଦିନ ମଧ୍ୟରେ ଖାଇବା ଉଚିତ। ଅଧିକ ସମୟ ଭାତ ରଖି ଖାଇବା ଦ୍ୱାରା ଏହାର ପୌଷ୍ଟିକ ତତ୍ତ୍ୱ ନଷ୍ଟ ହୋଇ ପାଚନ ତନ୍ତ୍ରକୁ ଖରାପ କରିଥାଏ। ତେଣୁ ଫ୍ରିଜ୍ରୁ ଭାତକୁ କାଢ଼ି କିଛି ସମୟ ପରେ ଏହାକୁ ଭଲ ଭାବେ ଗରମ କରି ଖାଇବା ଉଚିତ। ଠିକ୍ ସେହିପରି ତରକାରି, ଭଜା ଆଦି ରନ୍ଧା ଖାଦ୍ୟକୁ ଫ୍ରିଜ୍ରେ ରଖୁଥିଲେ, ୨୪ ଘଣ୍ଟା ମଧ୍ୟରେ ଏହାକୁ ଖାଇବା ଉଚିତ। ତେବେ ସବୁବେଳେ ରନ୍ଧା ଯାଇଥିବା ଖାଦ୍ୟ ଓ କଞ୍ଚା ପରିବାକୁ ଏକାଠି ରଖିବା ଅନୁଚିତ। କାରଣ କଞ୍ଚା ପରିବା ଓ ଫଳରେ ଥିବା ବ୍ୟାକ୍ଟେରିଆ ରନ୍ଧା ଖାଦ୍ୟକୁ ଦୂଷିତ କରେ। ତେଣୁ ଯେତେବେଳେ ବି ଫ୍ରିଜ୍ରେ କିଛି ଖାଦ୍ୟ ରଖୁଛନ୍ତି, ଏହାକୁ ସର୍ବଦା ଘୋଡ଼ଣୀରେ ଘୋଡ଼ାଇ ରଖିବା ଉଚିତ। ଡାଲି: ରନ୍ଧା ଡାଲିକୁ ଫ୍ରିଜ୍ରେ ରଖିଥିଲେ, ଏହାକୁ ଦୁଇ ଦିନରେ ଖାଇବା ଜରୁରି। ଏହା ଠାରୁ ଅଧିକ ଦିନ ଫ୍ରିଜ୍ରେ ଡାଲି ରଖିଲେ ଏାର ପୌଷ୍ଟିକତା କମିଯାଇଥାଏ।

**ରୁଟି:** ଫ୍ରିଜ୍ରେ ରୁଟିକୁ ୩ରୁ ୪ ଦିନ ପର୍ଯ୍ୟନ୍ତ ରଖାଯାଇପାରିବ। ଖାଇବା ପୂର୍ବରୁ ରୁଟିକୁ ଗରମ କରି ଏହା ଉପରେ ଘିଅ କିମ୍ବା ମଖନ ମାରି ଖାଇବା ଭଲ। ତେବେ ଅଧିକ ସମୟ ଧରି ଫ୍ରିଜ୍ରେ ରୁଟି ରଖି ଖାଇବା ଦ୍ୱାରା ଏହାର ପୋଷକତତ୍ତ୍ୱ ନଷ୍ଟ ହେବା ସହ ପେଟ ଯନ୍ତ୍ରଣା ହୋଇଥାଏ।

**କଟାଫଳ:** ତଟକା ଫଳ ଶରୀର ପାଇଁ ହିତକର। ହେଲେ କଟାଫଳ କ୍ଷତିକାରକ। ତେଣୁ ଫ୍ରିଜ୍ରେ ରଖାଯାଇଥିବା କଟା ଫଳକୁ ଦିନକ ମଧ୍ୟରେ ଖାଇବା ଜରୁରି। ଏଥିରୁ ଅଧିକ ପୋଷଣ ପାଇବା ପାଇଁ କଟା ଫଳକୁ ୫ରୁ ୬ଘଣ୍ଟା ମଧ୍ୟରେ ଖାଇବା ଜରୁରି। ବିଳମ୍ବରେ କଟା ଫଳ ସେବନ କରିବା ଦ୍ୱାରା ଏହା ବିଭିନ୍ନ ରୋଗ ସୃଷ୍ଟି କରେ।

# ଓରାଲ୍ ସନ୍ସ୍କ୍ରିନ୍




ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଅଧିକାଂଶ ଖରାଦିନେ ସନ୍ସ୍କ୍ରିନ୍ ଲୋଶନ ଲଗାଇଥାନ୍ତି। କ୍ଷତିକାରକ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବାରେ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦିଓ ସନ୍ସ୍କ୍ରିନ୍ କ୍ରିମ୍, ଜେଲ୍, ପାଉଡର ଏବଂ ସ୍ପ୍ରେ ଆକାରରେ ଉପଲବ୍ଧ ରହିଛି। ଏବେ କିନ୍ତୁ ଓରାଲ ସନ୍ସ୍କ୍ରିନ୍କୁ ନେଇ ସବୁଠି ଚର୍ଚ୍ଚା। ତେବେ ବର୍ତ୍ତମାନ ସୁଦ୍ଧା ଥିବା ସନସ୍କ୍ରିନ୍ ତ୍ୱଚାରେ ଲଗାଯାଉଥିବାବେଳେ ଓରାଲ ସନସ୍କ୍ରିନ୍ ଏକ ପ୍ରକାର ସପ୍ଲିମେଣ୍ଟ। ଯାହାକୁ ସେବନ କରିବା ଦ୍ୱାରା ଶରୀର ସୂର୍ଯ୍ୟଙ୍କ ହାନିକାରକ କିରଣ ପ୍ରଭାବରୁ ସୁରକ୍ଷିତ ରଖିପାରେ। ଓରାଲ ସନ୍ସ୍କ୍ରିନ୍ ସପ୍ଲିମେଣ୍ଟ ଆଣ୍ଟି ଅକ୍ସିଡେଣ୍ଟ, ଭିଟାମିନ୍ ଏବଂ ଉଦ୍ଭିଦ ଅର୍କରୁ ତିଆରି ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ସାଧାରଣ ସନ୍ସ୍କ୍ରିନ୍ କ୍ରିମ୍, ପାଉଡର ସ୍ପ୍ରେ ସନସ୍କ୍ରିନ୍କୁ ଦିନରେ ବାରମ୍ବାର ଲଗାଯାଉଥିବାବେଳେ ଓରାଲ ସନ୍ସ୍କ୍ରିନ୍କୁ ଦିନରେ କେବଳ ଥରେ ଲଗାଇବାକୁ ହୁଏ। ଓରାଲ ସନ୍ସ୍କ୍ରିନ୍ରେ ହାଇଡ୍ରେଶନ, ଆଣ୍ଟି-ଇନ୍ଫ୍ଲେମେଟରୀ ଗୁଣ ଥିବାରୁ ଏହା ତ୍ୱଚା ପାଇଁ ଅଧିକ ଲାଭପ୍ରଦ। ଯଦିଓ ଏହି ପ୍ରକାର ସନ୍ସ୍କ୍ରିନ୍ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଅଧିକ ଗବେଷଣା କରୁଛନ୍ତି, ତେବେ ତ୍ୱଚାର ପ୍ରକାର, ଆହାର ଏବଂ ସୁସ୍ଥତାକୁ ଧ୍ୟାନ ଦେଇ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶରେ ନିଜ ଦିନଚର୍ଯ୍ୟାରେ ଓରାଲ ସନ୍ସ୍କ୍ରିନ୍ ସାମିଲ କରିପାରିବେ। ତେବେ ସାଧାରଣ ସନ୍ସ୍କ୍ରିନ୍ ବ୍ୟବହାର କରିବା ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବାକୁ ହୁଏ।

# ମୁଖସ୍ୱାସ୍ଥ୍ୟ ପାଇଁ ସର୍ବୋତ୍ତମ ଅଭ୍ୟାସ



ଖରାପ ଦନ୍ତ ସ୍ୱାସ୍ଥ୍ୟ ହୃଦ୍‌ରୋଗ ଏବଂ ମଧୁମେହ ଭଳି ଅବସ୍ଥା ସହିତ ଜଡ଼ିତ। କାରଣ ପାଟିରେ ଖାଦ୍ୟାଂଶ ରହିଲେ, ଦାନ୍ତ ପୋକ ଲାଗିଲେ, ମୁଖ ଦୁର୍ଗନ୍ଧ ହୁଏ। ମୁଖ ଦୁର୍ଗନ୍ଧ ହିଁ ଅସୁସ୍ଥତାର ସଙ୍କେତ ଦେଇଥାଏ। ମୌଖିକ ସ୍ୱଚ୍ଛତା କେବଳ ଦାନ୍ତ ଏବଂ ମାଢ଼ିକୁ ସୁସ୍ଥ ରଖେ ତାହା ନୁହେଁ, ଏହା ମନୁଷ୍ୟ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ତେଣୁ ଦୈନିକ ସଠିକ୍ ବ୍ରସ କରିବା କୌଶଳ, ଆୟୁର୍ବେଦିକ ସମାଧାନ ଗ୍ରହଣ କରି ଦୀର୍ଘସ୍ଥାୟୀ ଦନ୍ତ ସ୍ୱାସ୍ଥ୍ୟ ନିଶ୍ଚିତ କରାଯାଇପାରିବ ବୋଲି ଦନ୍ତ ବିଶେଷଜ୍ଞ ଡଃ ସୋନିଆ ଦତ୍ତା ପରାମର୍ଶ ଦିଅନ୍ତି। ମୁଖ ସ୍ୱଚ୍ଛତା ପାଇଁ ଦିନରେ ଦୁଇଥର ଡାବର ରେଡ୍ ଟୁଥପେଷ୍ଟ ବ୍ୟବହାର କରିବା ଆବଶ୍ୟକ। ଏହାଦ୍ୱାରା ପ୍ଲାକ୍ ଏବଂ ବ୍ୟାକ୍ଟେରିଆ ଦୂର ସହିତ ମାଢ଼ିକୁ ମଜଭୁତ କରେ। ଜୀବାଣୁ ନାଶକ ମାଉଥ୍ ୱାଶ୍ ବ୍ୟବହାର ଆବଶ୍ୟକ। ପୁଦିନା ଏବଂ ଲବଙ୍ଗ ଭଳି ଆୟୁର୍ବେଦିକ ଉପାଦାନ ଯୁକ୍ତ ଏକ ମାଉଥୱାଶ୍ ମୁଖ ଗହ୍ୱରର ଜୀବାଣୁକୁ ନିୟନ୍ତ୍ରଣ ସହ ସତେଜ ଶ୍ୱାସ ପ୍ରଦାନ କରିଥାଏ।

**ହାଇଡ୍ରେଟେଡ୍ ରହିବା:** ଦିନସାରା ପାଣି ପିଇବା ଏକ ଭଲ ଅଭ୍ୟାସ। ଏହା ଦ୍ୱାରା ଖାଦ୍ୟ କଣିକାକୁ ଧୋଇ ଏହା ଲାଳ ଉତ୍ପାଦନରେ ସାହାଯ୍ୟ କରୁଥିବାରୁ ପ୍ରାକୃତିକ ଭାବେ ଦାନ୍ତକୁ ସୁରକ୍ଷା ଦେଇଥାଏ। ସେହିପରି ବ୍ରସ କରିବା ଉତ୍ତମ ମୁଖସ୍ୱାସ୍ଥ୍ୟର ମୂଳଦୁଆ। ଏହାକୁ କିନ୍ତୁ ଭୁଲ ଭାବେ କରିବା ଦ୍ୱାରା ପ୍ଲାକ୍ (ଜୀବାଣୁ) ଛାଡିଦେଇପାରେ କିମ୍ବା ମାଢ଼ି ନଷ୍ଟ କରିପାରେ। ତେଣୁ ମସୃଣ ବ୍ରିଷ୍ଟେଡ୍ ଟୁଥବ୍ରଶ୍ ବ୍ୟବହାର କରି ମାଢ଼ିର ଜଳନକୁ ପ୍ରତିରୋଧ କରିହେବ। ଅତିକମ୍‌ରେ ଦୁଇ ମିନିଟ୍ ପାଇଁ ବ୍ରସ କରିବା, ଜିଭ ସହିତ ସମସ୍ତ ଦାନ୍ତ ପୃଷ୍ଠକୁ ଧୋଇବା ସହ ପ୍ରତି ୨-୩ ମାସରେ ଟୁଥବ୍ରଶ୍ ବଦଳାଇବା ଆବଶ୍ୟକ।

**ସନ୍ତୁଳିତ ଖାଦ୍ୟ:** ସନ୍ତୁଳିତ ଖାଦ୍ୟ ଦନ୍ତ ସ୍ୱାସ୍ଥ୍ୟକୁ ସିଧାସଳଖ ପ୍ରଭାବିତ କରେ। କେତେକ ଖାଦ୍ୟ ଦାନ୍ତକୁ ମଜଭୁତ କରୁଥିବାବେଳେ ଆଉ କିଛି ଦନ୍ତ କ୍ଷୟ କରିଥାଏ। ଉଦାହରଣ ସ୍ୱରୂପ ଦୁଗ୍ଧ, ପତ୍ରଯୁକ୍ତ ଶାଗ, ଏବଂ ଆଲମଣ୍ଡ ଭଳି କ୍ୟାଲସିୟମ୍ ଯୁକ୍ତ ଖାଦ୍ୟ, ସେଓ, ଗାଜର, ଶାଗ ସବ୍ଜି ଦାନ୍ତକୁ ପ୍ରାକୃତିକ ଭାବେ ପରିଷ୍କାର କରିବାରେ ସହାୟକ ହୁଏ। ଅନ୍ୟ ପକ୍ଷରେ, ଚିନି ଯୁକ୍ତ ସ୍ନାକ୍ସ, ଷ୍ଟିକି କ୍ୟାଣ୍ଡି, ଏବଂ କାର୍ବୋନେଟେଡ୍ ପାନୀୟ ହାନିକାରକ ବ୍ୟାକ୍ଟେରିଆକୁ ବୃଦ୍ଧି କରି କ୍ୟାଭିଟି ସୃଷ୍ଟି କରେ। ସାଇଟ୍ରସ୍ ଫଳ ଏବଂ ସୋଡା ଭଳି ଏସିଡି ଜାତୀୟ ଖାଦ୍ୟ ଏନାମେଲକୁ ଦୁର୍ବଳ କରିବାର ଆଶଙ୍କା ଥିବାରୁ ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦେବା ଜରୁରି।

**ଆୟୁର୍ବେଦ ଉପାୟ:** ଲବଙ୍ଗରେ ଜୀବାଣୁନାଶକ ଏବଂ ଯନ୍ତ୍ରଣା ନିବାରକ ଗୁଣ ଥାଏ। ଏହା ମାଢ଼ି ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟକର। ପୁଦିନା ଶ୍ୱାସକୁ ସତେଜ ସହ ମୁଖସ୍ୱାସ୍ଥ୍ୟକୁ ସୁସ୍ଥ ରଖେ, ଅଦାର ଜଳନ ନାଶକ ଗୁଣ ମାଢ଼ି ଶାନ୍ତ କରେ ଏବଂ ସମୁଦାୟ ମୁଖସ୍ୱାସ୍ଥ୍ୟକୁ ଉନ୍ନତି ଆଣିଥାଏ। ତେଣୁ ଦୈନିକ ନିୟମ ପାଳନ, ସଠିକ୍ ବ୍ରସ କରିବା କୌଶଳ ଏବଂ ଆୟୁର୍ବେଦିକ ସମାଧାନ ଗ୍ରହଣ କରି ଦୀର୍ଘସ୍ଥାୟୀ ଦନ୍ତ ସ୍ୱାସ୍ଥ୍ୟ ନିଶ୍ଚିତ କରିପାରିବେ।

# କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ୍



ମହାମାରୀ ସମୟରୁ ୱାର୍କ ଫ୍ରମ୍ ହୋମ୍ କାର୍ଯ୍ୟଧାରା ଆରମ୍ଭ ହୋଇଥିଲା। ସେବେଠୁ ଲୋକେ ଫୋନ୍, ଲାପ୍ଟପ୍ ତଥା କମ୍ପ୍ୟୁଟର ସ୍କ୍ରିନ୍ରେ ଅଧିକ ସମୟ କାମ କରିବା ଆରମ୍ଭ କରିଥିଲେ। ଘଣ୍ଟା ଘଣ୍ଟା ମୋବାଇଲ୍ ଫୋନ୍ ବ୍ୟବହାର ଦ୍ୱାରା ଅନେକ ଲୋକଙ୍କ ଠାରେ ଏବେ 'କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ' ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ସମୟ ପୂର୍ବରୁ ଏହାର ଚିକିତ୍ସା କରାଇବା ନିହାତି ଆବଶ୍ୟକ। ଦୈନିକ ୮ରୁ ୧୨ ଘଣ୍ଟା କମ୍ପ୍ୟୁଟର ସାମ୍ନାରେ ବସିବା ଦ୍ୱାରା ଆଖି ଉପରେ ପ୍ରଭାବ ପଡ଼େ। ସ୍ପଷ୍ଟ ନ ଦିଶିବା, ଆଖି ଶୁଖିଯିବା, ଲାଲ୍ ପଡ଼ି କୁଣ୍ଡାଇ ହେବା, ପାଣି ଗଡ଼ିବା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଯେକୌଣସି ସ୍କ୍ରିନ୍ରେ କାମ ସମୟରେ ଆଣ୍ଟିଗ୍ଲେୟର ଲେନ୍ସ ବ୍ୟବହାର କରନ୍ତୁ। ଅନ୍ୟଥା କମ୍ପ୍ୟୁଟର କିମ୍ବା ଲାପ୍ଟପ୍ ସ୍କ୍ରିନ୍ରେ ଆଣ୍ଟିଗ୍ଲେୟର ସୀସା ଲଗାଇପାରିବେ। କାମରୁ ୫ରୁ ୧୦ ମିନିଟ୍ ବ୍ରେକ୍ ନେଇ ଆଖିକୁ ସୁରକ୍ଷିତ ରଖିପାରିବେ। ବ୍ୟାୟାମ: ଆଖି ପାଇଁ ଷ୍ଟ୍ରେଚିଂ ବ୍ୟାୟାମ କରନ୍ତୁ। ସ୍କ୍ରିନ, ବଲ୍ବ, ଟ୍ୟୁବ୍‌ଲାଇଟ୍ର ଆଲୋକ ଯେପରି ଆଖି ଉପରେ ନ ପଡ଼ିବ ସେଥିପ୍ରତି ସଚେତନ ରୁହନ୍ତୁ। କମ୍ପ୍ୟୁଟର କିମ୍ବା ଲାପ୍ଟପ୍ରେ କାମ କରିବା ସମୟରେ ଲାଇଟ୍ ଲିଭାନ୍ତୁନି। ଆଖି ସମସ୍ୟା ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ଚଷମା ଲଗାନ୍ତୁ। ଡେସ୍କଟପ୍, ଲାପଟପ୍, ମୋବାଇଲ୍କୁ ଆଖିଠାରୁ ଦେଢ଼ଫୁଟ ଦୂରରେ ରଖନ୍ତୁ। ଆଖି ଶୁଖିଲା ଲାଗିଲେ, ଆଇଡ୍ରପ୍ ପକାନ୍ତୁ। ଅଧ ଘଣ୍ଟାରେ କମ୍ପ୍ୟୁଟର ପାଖରୁ ଉଠି ଆଖିକୁ ଦୁଇ ମିନିଟ୍ ବନ୍ଦ କରିବା ଦ୍ୱାରା ଏପରି ସମସ୍ୟାରୁ ଆରାମ ପାଇପାରିବେ।

# ଅଫିସ୍ କର୍ମଚାରୀଙ୍କ ପାଇଁ ଚେୟାର ଯୋଗ



ବ୍ୟସ୍ତଜୀବନଶୈଳୀ ଯୋଗୁଁ ପ୍ରାୟତଃ ଦୈନିକ ବ୍ୟାୟାମ ତଥା ସୁସ୍ଥ ଖାଦ୍ୟପେୟ ଶୈଳୀରୁ ବଞ୍ଚିତ ରୁହନ୍ତି। ଏପରି ଜୀବନଚର୍ଯ୍ୟାର ପ୍ରଭାବ ଉଭୟ ଶରୀର ଓ ମନ ଉପର ପଡ଼ିଥାଏ। ତେବେ ଅଫିସ୍ରେ ଘଣ୍ଟା ଘଣ୍ଟା ବସି କାମ କରିବା ଯୋଗୁଁ ଅନେକ ଆଳସ୍ୟ ଅନୁଭବ କରନ୍ତି। ତା ସହ ମନ ଅସ୍ଥିର ହୋଇଥାଏ। ଫଳରେ କାମରେ ମନ ଲାଗିନଥାଏ। ତେଣୁ ଅଫିସ୍ ଆସିଲା ପରେ ପ୍ରାୟ ଅଧଘଣ୍ଟା ଧରି ପ୍ରାଣାୟାମ ଏବଂ ଧ୍ୟାନ ଦ୍ୱାରା ନିଜ ମନକୁ ନିୟନ୍ତ୍ରଣ କରିପାରିବେ। ସେଥିପାଇଁ ଅଧିକ ସମୟ କାମ କରୁଥିବା ବ୍ୟକ୍ତି ସୁସ୍ଥ ରହିବା ପାଇଁ ନିୟମିତ ଅଫିସ୍ ଚେୟାର ଯୋଗ, ପ୍ରାଣାୟମ ଓ ଧ୍ୟାନ କରିପାରିବେ। ଚେୟାରରେ ବସି କରି ଏହି ଯୋଗ କରାଯାଇଥାଏ। ଚେୟାରର ହାତକୁ ବ୍ୟବହାର କରି ପାର୍ଶ୍ୱଚକ୍ରାସନ କରିପାରିବେ। ଏହାଦ୍ୱାରା ଅଣ୍ଟାଚର୍ବି ହ୍ରାସ ପାଇବାରେ ସହାୟକ ହୁଏ। ଟ୍ରେନ୍, ବସ୍, ଅଫିସ୍, ବିମାନ, କାର୍ ଯାତ୍ରା ତଥା ଯେକୌଣସି ସ୍ଥାନରେ ଚେୟାରରେ ବସି ଏହି ଯୋଗ କରାଯାଇପାରେ। ସାଧାରଣତଃ ବୟସ୍କବ୍ୟକ୍ତି ତଥା ଦିବ୍ୟାଙ୍ଗ ବ୍ୟକ୍ତି ଚଟାଣରେ ବସି ଯୋଗ କରିପାରନ୍ତିନି, ସେମାନଙ୍କ ପାଇଁ ଏହା ବିଶେଷ ଲାଭଦାୟକ। ଏହାଦ୍ୱାରା କେବଳ ହାତକୁ ଆରାମ ମିଳିଥାଏ ତାହା ନୁହେଁ, କାନ୍ଧ ଯନ୍ତ୍ରଣା ଦୂର ହୁଏ। ମୁଣ୍ଡ, ଗଳା, ହାତରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ହାତ, ବାହୁ, ପଞ୍ଜରା ହାଡ଼ ସମ୍ପ୍ରସାରଣ ହୋଇଥାଏ। ପାଚନତନ୍ତ୍ରକୁ ଉତ୍ତେଜିତ କରିବା ସହ ଶରୀରକୁ ଶକ୍ତି ଯୋଗାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ। ଅନ୍ୟପଟେ ପ୍ରାୟତଃ କମ୍ପ୍ୟୁଟର ସାମ୍ନାରେ ଲଗାତାର ବସି କାମ କରିବା ଦ୍ୱାରା ସର୍ଭିକାଲ ସ୍ପଣ୍ଡିଲାଇଜେସନ୍ର ଶିକାର ହୋଇଥାନ୍ତି, ଏହି ରୋଗ ଦୂର କରିବାକୁ ହେଲେ, ଅଫିସ୍ରେ ବସି ମଧ ଗ୍ରୀବା ସଞ୍ଚାଳନ ଦ୍ୱାରା ଏହି ରୋଗକୁ ଦୂରକରିପାରିବେ ବୋଲି ଯୋଗଗୁରୁ ଗଣେଶ୍ୱର ଗୋଚ୍ଛିକର କୁହନ୍ତି। ସେହିପରି ଚେୟାର ଉପରେ ବସିକରି ଅନୁଲୋପ ବିଲୋମ କରିବା ଦ୍ୱାରା ମନ ସ୍ଥିର ହୋଇଥାଏ। କାମରେ ମନ ଲାଗିଥାଏ। ଏହି ପ୍ରାଣାୟମକୁ ୧୦ଟି ରାଉଣ୍ଡ କରି ତିନିଟି ସେଟ୍ରେ କରିପାରିବେ।



# ଏନ୍‌ଜିଟି ନିର୍ଦ୍ଦେଶକୁ ବାଲି ବ୍ୟବସାୟୀଙ୍କ ଫୁଁ’

**କଟକଣା ସତ୍ତ୍ୱେ ଚାଲିଛି ବାଲି ଉତ୍ତୋଳନ**

**ନୀରବଦ୍ରଷ୍ଟା ସାଜିଛି ଲଘୁ ଖଣିଜ ବିଭାଗ**



**ବିଞ୍ଝାରପୁର,୨୪।୮ (ସଂଚାର ବ୍ୟୁରୋ):** ସାରା ଭାରତରେ ବର୍ଷା ଦିନେ ଅର୍ଥାତ ଜୁଲାଇ ୧୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ନଦୀ ଗର୍ଭରୁ ବାଲି ଉତ୍ତୋଳନ ଉପରେ କଟକଣା ଲଗାଇଛି ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଅର୍ଥାତ ଏନଜିଟି। ନଦୀ ଗର୍ଭର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଜ୍ଞପ୍ତି ପ୍ରକାଶ ପାଇଛି। କିନ୍ତୁ ବିଜ୍ଞପ୍ତି କେବଳ କାଗଜ କଲମରେ ରହି ଯାଇଛି। ସବୁ ନିର୍ଦ୍ଦେଶକୁ ଆଖି ଠାର ମାରି ଚାଲିଛି ବାଲି ଉତ୍ତୋଳନ।

ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲ ଅଧୀନରେ ଥିବା ବିଭିନ୍ନ ସରକାରୀ ବାଲି ଘାଟରୁ ବାରଣ ସତ୍ତ୍ୱେ ଚାଲିଛି ଅବାଧ ବାଲି ଚାଲାଣ। ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଭିନ୍ନ ଯନ୍ତ୍ର ଲଗାଇ ନଦୀ ଗର୍ଭରୁ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି। ଏଭଳି ହେବା ଦ୍ୱାରା ଖରସ୍ରୋତା ନଦୀ ଗର୍ଭ ପ୍ରତି ବିପଦ ଘନେଇବାରେ ଲାଗିଛି। ତହସିଲ୍ ପକ୍ଷରୁ ଯେତେବେଳେ ମାନୁଆଲ୍ ମାଇନିଂ ଲିଜର ଅନୁମତି ଦିଆଯାଉଛି ସେତେବେଳେ ଲିଜ ଧାରୀ ମାନେ ମେସିନ୍ ଲଗାଇ ଉଠାଉଛନ୍ତି ବାଲି। ଉଚ୍ଚ କ୍ଷମତା ସମ୍ପନ୍ନ ଯନ୍ତ୍ର ବ୍ୟବହାର କରାଯିବା ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ବାଲି ଉତ୍ତୋଳନ ହେଉଛି। ଏନଜିଟି, ଟାସ୍କ ଫୋର୍ସ କମିଟି ସବୁକିଛି ଆଇନକୁ ବେଆଇନରେ ପରିଣତ କରି ବାଲି ବ୍ୟବସାୟୀ ନିଜର ମୁନାଫା ପାଇଁ ବାଲି ଉତ୍ତୋଳନ କରିବା ବନ୍ଦ କରୁନାହାଁନ୍ତି। ନମ୍ବର ବିହୀନ ଗାଡ଼ିରେ ଜିଲ୍ଲା ବାହାରକୁ ହେଉଛି ବାଲି ଚାଲାଣ।

ବାଲି ଉତ୍ତୋଳନ ଯୋଗୁଁ କେବଳ ଯେ ରାଜସ୍ୱ ହାନି ହେଉଛି ତାହା ନୁହେଁ ନଦୀର ପ୍ରାକୃତିକ ସମତୁଳ ପ୍ରକ୍ରିୟା ମଧ୍ୟ ବ୍ୟାହତ ହେବାରେ ଲାଗିଛି। ଖାଲି ସେତିକି ନୁହଁ ନଦୀ ବନ୍ଧ କ୍ଷତି ଗ୍ରସ୍ତ ହେବା ସହିତ ନଦୀ କୂଳିଆ ବାସିନ୍ଦାଙ୍କ ଜୀବନଚର୍ଯ୍ୟା ପ୍ରତି ନକରାତ୍ମକ ପ୍ରଭାବ ସୃଷ୍ଟି କରୁଛି। କିଛି ଦିନ ତଳେ ସିଂହପୁର ବଜାରରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଏକ ବାଲି ଗାଡ଼ିକୁ ଜବତ କରି ମଧ୍ୟ ଥାନାର ଜିମା ଦିଆଯାଇଥିଲା। ତେବେ ଏନେଇ ଯାଜପୁର ଲଘୁ ଖଣିଜ ଉପନିର୍ଦ୍ଦେଶକ ଅବଗତ ଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

**ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟାଜଳ**

# ବିପଦସଙ୍କେତ ଉପରେ ପ୍ରବାହିତ



**ବାଲିଆପାଳ,୨୪।୮ (ସଂଚାର ବ୍ୟୁରୋ):** ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡିହ ବ୍ୟାରେଜରୁ ୧୩ଟି ଗେଟ ଖୋଲାଯିବା ସହ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ଷଷ୍ଠ ବନ୍ୟାଜଳ ଆସିଛି। ଯାହାଫଳରେ ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ଶନିବାର ରାତ୍ରିରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଥିଲା ବେଳେ ରବିବାର ସକାଳ ବେଳକୁ କୂଳ ଲଂଘି ବାଲିଆପାଳ ବ୍ଲକର କିଛି ଗ୍ରାମକୁ ପ୍ରବେଶ କରିଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୦.୭୮ ମିଟରରେ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଖିରା, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଞ୍ଚାୟତବାସୀ ଆଶଂକା ଭିତରେ ରହିଛନ୍ତି। ଚଡପାଳ ପଡା, ତଳ ଧାନଦା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଗମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉର୍ଦ୍ଧ୍ୱରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚର୍ଡ, ନଖପାଳ, ପ୍ରଭୃତି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିବାରେ ଲାଗିଛି।

ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପକାଇବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ବନ୍ୟା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ରହିଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି। ତେବେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

## ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ



**ବାଲିପାଟଣା,୨୪।୮ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ସାରା ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ସଙ୍ଗର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ପୂର୍ଣ୍ଣ ଅନୁଦାନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଗତ ୧୬ ତାରିଖଠାରୁ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସି ରହିଛନ୍ତି ଆନ୍ଦୋଳନକାରୀ ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଅନ୍ୟ କର୍ମଚାରୀ। ଫଳରେ କଲେଜରେ ଶିକ୍ଷାଦାନ ସହିତ ଅନ୍ୟାନ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଦେଖିବାକୁ ମିଳୁଛି। ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ୨୦୦୮ରୁ ୨୦୧୮ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲା। ତେବେ ସରକାର ନୂତନ ଅନୁଦାନ ନୀତି ଘୋଷଣା ନକରିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୮୦ ବର୍ଷୀୟା ବୃଦ୍ଧାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା ଟଙ୍କା

**ଫିରିଙ୍ଗିଆ,୨୪।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗାଁର ବାଲମତି ପ୍ରଧାନଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା । ବୃଦ୍ଧାଙ୍କୁ ୮୦ ବର୍ଷ ବୋଲି ଭଟର ତାଲିକାରେ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି ବାଲମତି ପ୍ରଧାନ । ଏହି ଭଳି ପ୍ରତିକ୍ରିୟା ଦେବା ପରେ ବାଲମତି ପ୍ରଧାନଙ୍କର ପୁଅ ଆଖିରେ ଲୁହ ଆସିଯାଇଥିଲା । ବୃଦ୍ଧା ମାଆଙ୍କର ବର୍ଦ୍ଧିତ ଭତ୍ତା ପାଇଁ ପଞ୍ଚାୟତରେ ଆବେଦନ କରିଥିଲେ ମଧ୍ୟ ମିଳି ନଥିବା କହିଛନ୍ତି ବାଲମତିଙ୍କ ପୁଅ ଚୌଧୁରୀ ପ୍ରଧାନ । ସମ୍ବଳ ଅଭାବରୁ ମୁଁ ବୃଦ୍ଧା ମାଆଙ୍କୁ ଧରି ବିଡ଼ିଓ ଓ ଜିଲାପାଳ ଓ ଉପଜିଲ୍ଲାପାଳଙ୍କୁ ଦେଖା କରିବାକୁ ଯାଇପାରୁ ନାହିଁ ବୋଲି କୋହଭରା କଣ୍ଠରେ କହିଛନ୍ତି ବାଲମତି ପ୍ରଧାନଙ୍କ ପୁଅ। ପଞ୍ଚାୟତ କାର୍ଯ୍ୟାଳୟ ରେ ବର୍ଦ୍ଧିତ ଭତ୍ତା ଆବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନି ବୋଲି କହିଛନ୍ତି ଗ୍ରାମବାସୀ । ୮୦ ବର୍ଷ ବୃଦ୍ଧା ଙ୍କୁ ସରକାରୀ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବା ପାଇଁ ପରିବାର ତରଫରୁ ଦାବି କରିଛନ୍ତି ।



**ଗବେଷଣାକୁ ୯ବର୍ଷ ବିତିଲା**

# ଜାତୀୟ ମାନ୍ୟତା ଅପେକ୍ଷାରେ ରାଇଘର ଛେଳି



**ନବରଙ୍ଗପୁର/ରାଇଘର,୨୪।୮ (ସଂଚାର ବ୍ୟୁରୋ):** ଜାତୀୟ ମାନ୍ୟତା ଅପେକ୍ଷାରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ନିଆରା ବେଶ ଛେଳି। ଏହି ଛେଳି ଉପରେ ଗବେଷଣାକୁ ୯ ବର୍ଷ ବିତିଯାଇଛି। ତଥାପି ମିଳିପାରିନି ଜାତୀୟ ମାନ୍ୟତା । ଉନ୍ନତମାନର ଛେଳି ହୋଇଥିବାରୁ ଏହାର ବିକ୍ରିକୁ ମାନ୍ୟତା ଦେବାକୁ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୀର୍ଘବର୍ଷ ଧରି ଉଦ୍ୟମ ଜାରି ରହିଛି ।

ଗବେଷଣାକୁ ଜଣାପଡିଛି ଯେ, ରାଇଘର ବ୍ଲକରେ ଏକ ସ୍ୱତନ୍ତ୍ର ତଥା ଦେଶୀ ପ୍ରଜାତିର ଛେଳି ଅଛନ୍ତି । କେବଳ ନବରଙ୍ଗପୁର ଜିଲ୍ଲା ନୁହେଁ, ପଡୋଶୀ କଳାହାଣ୍ଡି, ନୂଆପଡା, ଛତିଶଗଡର ଗରିଆବନ୍ଧ ଓ ଦେଓଭୋଗ ଅଞ୍ଚଳରେ ମଧ୍ୟ ଦେଖାଯାଆନ୍ତି । କଳା ଓ ଧଳାରଙ୍ଗ ମିଶା ଧୂସର ରଙ୍ଗର ଏହି ଛେଳିର ରୋଗ ପ୍ରତିରୋଧକ ଶକ୍ତି ଅନ୍ୟ ଛେଳି ତୁଳନାରେ ବେଶ୍ ଅଧିକ। ଏହା କମ୍ ରୋଗାକ୍ରାନ୍ତ ହୁଅନ୍ତି ବୋଲି ପ୍ରାଣୀବିଶେଷଜ୍ଞ ଓ ତଥା ସହକାରୀ ଜିଲ୍ଲାପ୍ରାଣୀ ଚିକିତ୍ସକ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଏହାକୁ ପାଳନ କରିବା ଲାଗି ଖୁବ୍ କମ୍ ଖର୍ଚ୍ଚ ଲାଗୁଛି । ଜଙ୍ଗଲି ଘାସପତ୍ର ଏମାନଙ୍କ ମୁଖ୍ୟ ଖାଦ୍ୟ । ଆଦିବାସୀ ସଂପ୍ରଦାୟ ଗଣ୍ଡ, ଭତ୍ରା ଓ ଗୌଡ ପରିବାର ପୁରୁଷ ପୁରୁଷ ଧରିଏହି ଛେଳି ପାଳନ କରି ଆସୁଛନ୍ତି। ବିଶେଷ କରି ଜମୀହୀନ ଗରିବ ଆଦିବାସୀଙ୍କ ଜୀବିକା ଏମାନଙ୍କ ଉପରେ ନିର୍ଭର କରୁଛି। ୯ରୁ ୧୦ ମାସ ହେବା ପରେ ଛେଳିଙ୍କ ଶରୀରରେ ପରିପକ୍ୱତା ଆରମ୍ଭ ହୋଇଥାଏ। ବଡ଼ ଛେଳିର ଓଜନ ପ୍ରାୟ ୩୨ କେଜି ପର୍ଯ୍ୟନ୍ତ ରହୁଛି। ମାଈ ଛେଳି ଦୈନିକ ଅଧା ଲିଟରରୁ ଏକ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଉଛନ୍ତି। ଓଜନର ପ୍ରାୟ ୪୮ ପ୍ରତିଶତ ଖାଇବାଯୋଗ୍ୟ ମାଂସ ମିଳୁଛି। ଗୋଟିଏ ଛେଳି ବର୍ଷକୁ ୨୦୦ କେଜି ଇଣ୍ଡି (ମଳ) ଦେଉଛି। ଗୋବରଠାରୁ ଏହା ଅଢେଇ ଗୁଣ ଅଧିକ ଶକ୍ତିଶାଳୀ ଖତ ପ୍ରସ୍ତୁତ କରୁଛି । ତେଣୁ ଏ ପ୍ରକାର ଛେଳିକୁ ଜାତୀୟମାନ୍ୟତା ପାଇଁ ଉଦ୍ୟମ ଜାରି ରହିଥିବା ଡାକ୍ତର ସାମଲ କହିଛନ୍ତି ।

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲା ନାଗରିକ ମଞ୍ଚ



**ବୋରିଗୁମ୍ମା,୨୪।୮ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାସ୍ତରୀୟ କୌଣସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦିନିକିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସିଥିଲେ ଓଡିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବୋରିଗୁମ୍ମା ସୂର୍ଯ୍ୟଭାନୁ ପାଠାଗାର ସମ୍ମୁଖରେ ବୋରିଗୁମ୍ମା ନାଗରିକ ମଞ୍ଚ ଓ ଶତାଧିକ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମେ ଦୁଇ ମନ୍ତ୍ରୀ ବୋରିଗୁମ୍ମାର ତ୍ରିନାଥ ମନ୍ଦିର ରେ ପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେ ବୋରିଗୁମ୍ମା ନାଗରିକ ମଞ୍ଚ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବୋରିଗୁମ୍ମାକୁ ଏନଏସି ମାନ୍ୟତା ଦାବି ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଦାବିପତ୍ର ଗ୍ରହଣ କରି ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି। ରାଜ୍ୟ ସରକାର ଏଦିଗରେ ନିଶ୍ଚୟ ଦୃଷ୍ଟି ଦେବେ ଏବଂ ବୋରିଗୁମ୍ମା ଏନଏସି ପାଇଁ ସମସ୍ତ ମାପଦଣ୍ଡ ପୂରଣ କରୁଥିଲେ ଆମ ଲୋକଙ୍କ ସରକାର ବୋରିଗୁମ୍ମାକୁ ଏନଏସି ଘୋଷଣା କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ପୂର୍ବରୁ ବୋରିଗୁମ୍ମାକୁ ଏନଏସି ମାନ୍ୟତା ଦାବି ନେଇ ଦୁଇ ଦିନ ପୂର୍ବରୁ ଅର୍ଥାତ ୨୨ ତାରିଖ ଶୁକ୍ରବାର ବୋରିଗୁମ୍ମାରେ ୧୨ ଘାଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହି ଅବସରରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜୟପୁର ବିଧାୟକ ପାର୍ଥ ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟଦୁର୍ଗା ହାଇସ୍କୁଲରେ ଜାତୀୟ ମହାକାଶ ଦିବସ



**ନର୍ଲା,୨୪।୮ (ସଂଚାର ବ୍ୟୁରୋ):** ନର୍ଲାରୋଡ ସ୍ଥିତ ଜୟଦୁର୍ଗା ହାଇସ୍କୁଲ ଠାରେ ପ୍ରବଳ ଉତ୍ସାହ ଉଦ୍ଦୀପନା ସହ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତର ମହାକାଶ ଅଭିଯାନ ସମ୍ପର୍କିତ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଚନ୍ଦ୍ରଯାନ ତଥା ଇସ୍ରୋର ବିଭିନ୍ନ ମିଶନକୁ ଲୋକାଭିମୁଖୀ କରିବା ପାଇଁ ଆଲୋଚନା ମଧ୍ୟ କରାଯାଇଥିଲା। ଇସ୍ରୋର ସଫଳତାକୁ ସ୍ମରଣ କରି ଚନ୍ଦ୍ରାୟନ-୩ ମିଶନର ଐତିହାସିକ ସଫଳତା ଭାରତକୁ ବିଶ୍ୱ ମହାକାଶ ଗବେଷଣା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ମିଳିଛି ବୋଲି ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ। ପ୍ରଧାନଶିକ୍ଷକ ବିଶ୍ୱମ୍ବର ଭୋଇ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଦାଦନ ଖଟିବାକୁ ଯାଇ ଶବ ହୋଇ ଘରକୁ ଫେରିଲେ ଯୁବକ

**ବୈଶିଙ୍ଗା,୨୪।୮(ସଂଚାର ବ୍ୟୁରୋ):** ସରକାର ପରେ ସରକାର ବଦଳୁଥିବା ସତ୍ତ୍ୱେ ବଦଳୁ ନାହିଁ ଦାଦନର ବିକଳ ଚିତ୍ର। ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ଥାନା ଅର୍ନ୍ତଗତ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମର ଦିଲିପ ସିଂ ଆଖପାଖ ଅଞ୍ଚଳର ଅନ୍ୟ କିଛି ଲୋକଙ୍କ ସହ ଗତ ମାସ ୨୪ ତାରିଖ ଦିନ କାମ ଖୋଜିବାକୁ ସୁଦୂର ତାମିଲନାଡୁ ଯାଇଥିଲେ। ତାମିଲନାଡୁର ଅଙ୍ଗୁର ନାମକ ଏକ ସ୍ଥାନରେ ଜଣେ ଠିକାଦାର ପାଖରେ ରହି ଜଳସେଚନ ପ୍ରକଳ୍ପରେ କାମ କରୁଥିଲେ। ହେଲେ ଚଳିତ ମାସ ୧୭ ତାରିଖ ଦିନ ନିକଟସ୍ଥ ସାଲେମ ଅଞ୍ଚଳରେ ଚାକିରି କରୁଥିବା ତାଙ୍କ ପୁଅ କହ୍ନେଇ ପାଖକୁ ବାପା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନେଇ ଖବର ଆସିଥିଲା। ତତକ୍ଷଣାତ୍ କହ୍ନେଇ ସାଲେମ ଯାଇ ଡାକ୍ତରଖାନାରେ ପହଞ୍ଚିଥିଲେ ଓ ସେଠାରେ ଥିବା କମ୍ପାନୀ କର୍ମଚାରୀ ଦିଲିପ କୌଣସି କାରଣ ବଶତଃ ନିଜେ ଧାରୁଆ ଅସ୍ତ୍ରରେ ନିଜ ବେକ କାଟି ଦେଇଥିବା ସୂଚନା ଦେଇଥିଲେ। ତେବେ କହ୍ନେଇ ଏହାକୁ ସହଜରେ ବିଶ୍ୱାସ କରି ପାରିନଥିଲେ ଓ ସ୍ଥାନୀୟ ଥାନାରେ ବାପାଙ୍କୁ ହତ୍ୟା କରାଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। କିଛି ସାଙ୍ଗସାଥୀ ମାନଙ୍କ ଠାରୁ ଆର୍ଥିକ ସାହାଯ୍ୟ ପାଇ ଶବ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ରବିବାର ଅପରାହ୍ନରେ ଦିଲ୍ଲୀପଙ୍କ ଶବ ଗାଁରେ ପହଞ୍ଚିବା ପରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦିଲିପ୍‌ର ସ୍ତ୍ରୀ ଓ ଝିଅ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ବୈଶିଙ୍ଗା ପୋଲିସ ନିକଟରେ ଏହାକୁ ନେଇ କୌଣସି ସୂଚନା ନଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



## ଆରୋଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ତନ୍ତ୍ରମନ୍ତ୍ର ପୂଜାପାଠ ନେଇ ଉତ୍ତେଜନା

**କଣାସ,୨୪।୮ (ସଂଚାର ବ୍ୟୁରୋ):** କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତର ସାହାସପୁର ଆରୋଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆଜି ତନ୍ତ୍ରମନ୍ତ୍ର, ପୂଜାପାଠ ହେଉଥିବା ଖବର ପାଇ ଗ୍ରାମ୍ୟ କମିଟିର ଜପୁ ସାହୁ, ଜାଗର ସାହୁ, ଲିଙ୍ଗରାଜ ପ୍ରଧାନ, କାଳିଆ ପ୍ରଧାନ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ମଞ୍ଜୁଲତା ମହାରଣାଙ୍କୁ ତନ୍ତ୍ରମନ୍ତ୍ର ପୂଜାପାଠ ସମ୍ପର୍କରେ ପଚାରିବାରୁ ଶ୍ରୀମତୀ ମହାରଣା ଗ୍ରାମ୍ୟ କମିଟିର ବ୍ୟକ୍ତିମାନଙ୍କୁ ଭୁଲ ମାଗିଥିଲେ। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ମୋ ପାଖରେ ଅଭିଯୋଗ ହୋଇଛି ମୁଁ ତଦନ୍ତ କରୁଛି। ଏ ସମ୍ପର୍କରେ ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମହାରଣାଙ୍କୁ ପଚାରିବାରୁ ସେକୁହନ୍ତି ମୋର କେତେକ ସମ୍ପର୍କୀୟ ଲୋକ ଆସିଥିଲେ। ଗ୍ରାମର କେତେକ ବ୍ୟକ୍ତି ଏହାକୁ ଅତିରଞ୍ଜିତ କରିଛନ୍ତି। ପ୍ରକାଶଥାଉକି ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମହାରଣା ନିରବଚ୍ଛିନ୍ନ ଭାବେ ୧୦୪ମହିଳାଙ୍କୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସବ କରାଇଥିବାରୁ କିଛି ଦିନ ତଳେ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ପାଇଥିଲେ।

## ବିଜେପି ପକ୍ଷରୁ ମଣ୍ଡଳସ୍ତରୀୟ ଉପସଭାପତି ଓ ସମ୍ପାଦକ ଚୟନ

**ବାଲିପାଟଣା,୨୪।୮ (ସଂଚାର ବ୍ୟୁରୋ):** ଜୟଦେବ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ବାଲିପାଟଣା ମଣ୍ଡଳସ୍ତରୀୟ ଉପସଭାପତି ଓ ସମ୍ପାଦକ ନାମ ଘୋଷଣା କରିଛନ୍ତି ଭୂବନେଶ୍ୱର ସଂଗଠନ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର। ମଣ୍ଡଳ ସଭାପତି ଗିରିଶ ପ୍ରଧାନଙ୍କ ନେତୃତ୍ୱରେ ଘୋଷଣା କରାଯାଇଥିବା ପଦବୀ ତାଲିକାରେ ଉପସଭାପତି ଭାବେ ବସନ୍ତ ଭୋଇ ,ବାଲୁଙ୍କି ଜେନା ,ପ୍ରତାପ କୁମାର ସାହୁ , ରାନୁ ଜେନା ,ରଞ୍ଜିତ ସାହୁ , ଶ୍ରୀଦେବୀ ଭୋଇ । ସାଧାରଣ ସମ୍ପାଦକ ଭାବେ ସୁକାନ୍ତ କୁମାର ନାୟକ , ଚିରଞ୍ଜିବୀ ଜେନା ମନୋନୀତ ହୋଇଥିବା ବେଳେ ସମ୍ପାଦକ ଭାବେ ସୁକାନ୍ତ ମହାନ୍ତି, କାହ୍ନୁଚରଣ ପ୍ରହରାଜ , ପ୍ରଦୀପ କୁମାର ସ୍ୱାଇଁ, ପ୍ରଦୋଷ କୁମାର ସେନାପତି, ରଶ୍ମିରଞ୍ଜନ ପଣ୍ଡା , ଦେବକି ରାଉତ ଏବଂ କୋଷାଧ୍ୟକ୍ଷ ଭାବେ ବିବେକାନନ୍ଦ ସାହୁଙ୍କ ନାମ ଘୋଷଣା କରାଯାଇଛି। ଏହାଦ୍ୱାରା ବାଲିପାଟଣା ମଣ୍ଡଳ ବିଜେପିରେ ଖୁସିର ଲହରି ଖେଳିଯାଇଥିବାବେଳେ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ପଦବୀ ପାଇଥିବା ସଦସ୍ୟ ମାନେ କାମ କରିବେ ବୋଲି ସେମାନେ ମତପୋଷଣ କରିଛନ୍ତି।

## ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ବାସ୍ତୁବିତ



**ଜଗତସିଂହପୁର,୨୪।୮ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା,ବାଲିକୁଦା-ସୋମପୁର ଗ୍ରାମ ନିବାଶି ଜ୍ୟୋତିଷ ଦିପ୍ତି ରଞ୍ଜନ ଦାସଙ୍କୁ ଅଙ୍କ-ଜ୍ୟୋତିଷ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ବାରାଣସୀ ଏବଂ କାଶୀ ସଂସ୍ଥାନ ଦ୍ୱାରା ୨୦.୦୮.୨୫ରେ ବିଭିନ୍ନ ପଦ୍ଧତି ଯଥା ଅଙ୍କଜ୍ୟୋତିଷଶାସ୍ତ୍ର ସଫଳତା ପୁରସ୍କାରରେ ସମ୍ମାନିତ କରାଯାଇଛି। ସେ କେ ଏନ୍ ଉଡୁପା ଅଡିଟୋରିୟମ୍, ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ, ବିଏଚ୍ୟୁ, ବାରାଣସୀ ରେ ସମ୍ମାନିତ ହୋଇଛନ୍ତି। ଆନ୍ତର୍ଜାତୀୟ ଜ୍ୟୋତିଷ ଦିପ୍ତି ରଞ୍ଜନ ଦାସ ପ୍ରତିଷ୍ଠିତ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଠାରୁ ଏପରି ପ୍ରଶଂସା ପାଇ ଧନ୍ୟ ଏବଂ ଗର୍ବିତ ଅନୁଭବ କରୁଛନ୍ତି। ଡିନ୍ ଡକ୍ଟର ପ୍ରଫେସର ପି କେ ଗୋସ୍ୱାମୀ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡକ୍ଟର ଏସ୍ ଏନ୍ ଶଙ୍ଖୱାର ସଂଯୋଜକ ପ୍ରଫେସର ଡକ୍ଟର ସି ଏସ୍ ପାଣ୍ଡେ ଆଇଏମ୍ଏସ୍ (ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସ)ର ଆୟୋଜକ ଅଧ୍ୟକ୍ଷ ବିଭାଗ ନିର୍ଦ୍ଦେଶକ ଡକ୍ଟର ପ୍ରଫେସରଙ୍କୁ ଅନେକ ଧନ୍ୟବାଦ ଏବଂ ସମ୍ମାନ। ଅନିଲ କୁମାର ସିଂହ, ଆୟୋଜକ କମିଟି ନିର୍ଦ୍ଦେଶକ ଏବଂ ଦ୍ରବ୍ୟଗୁଣ ଆୟୁର୍ବେଦ ଫ୍ୟାକଲ୍ଟି ଆଇଏମଏସ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଜସମିତ ସିଂହ ଜୀ, କାର୍ଯ୍ୟକ୍ରମ ସଂଯୋଜକ ନିର୍ଦ୍ଦେଶକ ଡକ୍ଟର ଶ୍ରୀ ଅଞ୍ଜନ ଜୀ ଏବଂ ସାରା ବିଶ୍ୱରୁ ଆସିଥିବା ଅନ୍ୟ ସମସ୍ତ ପ୍ରତିନିଧି ଉପସ୍ଥିତ ଥିଲେ।

# ଧଳା ଜହର କବଳରେ ଜଗତସିଂହପୁର ଜିଲ୍ଲା

**ପାରାଦୀପ,୨୪।୮ (ସଂଚାର ବ୍ୟୁରୋ):** ବ୍ରାଉନ ସୁଗାର ଅବା ଧଳା ଜହର ଏବେ ସମଗ୍ର ଜଗତସିଂହପୁର ଜିଲ୍ଲାକୁ ଗ୍ରାସ କରି ସାରିଲାଣି। ଯୁବପିଢ଼ି ଏହି ନିଶା ପ୍ରତି ବେଶ ଆକର୍ଷିତ। ସୁବିଧାରେ ସବୁ ଜାଗାରେ ଏହି ଜିନିଷ ମିଳି ଯାଉଥିବା ବେଳେ ଏହାକୁ ସେବନ କରିବାକୁ ଏବେ ଏକରକମ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଅନେକ ମହିଳା ମଧ୍ୟ ଏହି ବ୍ୟବସାୟରେ ସଂପୃକ୍ତ ରହି ଗିରଫ ମଧ୍ୟ ହୋଇ ସାରିଲେଣି। କାରଣ ଜିଲ୍ଲାରୁ ଚଳିତ ଆର୍ଥିକ ବର୍ଷରେ ଅନ୍ୟ ନିଶା ଦ୍ରବ୍ୟ ସହ ଜବତ ହୋଇଛି ବାସ୍ତରୀ ଲକ୍ଷ ଷାଠିଏ ହଜାର ଟଙ୍କାର ଧଳା ଜହର। ପୁଲିସ ଓ ଅବକାରୀ ବିଭାଗ ଏହି ଧଳା ଜହର ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇଥିବା ବେଳେ ଅତ୍ୟନ୍ତ ଚତୁରତାର ସହ ଏହି ନିଶା ଚୋରା ବ୍ୟବସାୟୀମାନେ ଜିଲ୍ଲାର ବିଭିନ୍ନ ଗଳିକନ୍ଦିରେ ଆଣି ପହଞ୍ଚାଇବାରେ ସକ୍ଷମ ହେଉଛନ୍ତି।

ଜଗତସିଂହପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢାଉ କରି ବିପୁଳ ପରିମାଣର ବ୍ରାଉନସୁଗାର ଓ ଗଞ୍ଜେଇ ସମେତ ୨୧ ଗୋଟି ଦୁଇଚାକିଆ ଯାନ ଜବତ କରିବାରେ ସକ୍ଷମ ହୋଇପାରିଛନ୍ତି। ଜଗତସିଂହପୁର ସ୍ଥିତ ଯୋଗଧରୀ ନୂଆ ବସଷ୍ଟାଣ୍ଡ ପାଖରୁ ୭୬ ଗ୍ରାମ୍ ବ୍ରାଉନସୁଗାର, ପିପିଏଲ ଛକ ପାରାଦୀପ ଠାରେ ୪୫ ଗ୍ରାମ୍ ବ୍ରାଉନସୁଗାର୍,ମାଣିତିରି ଗ୍ରାମର ଉତ୍ତରସାହି ଛକ ବିରିଡ଼ି ଠାରେ ୨ କିଗ୍ରା ୩୦୦ ଗ୍ରାମ ଗଞ୍ଜେଇ,ଚାନ୍ଦୋଳ ଛକ, ଜଗତସିଂହପୁର ରୁ ୭୮ ଗ୍ରାମ୍ ବ୍ରାଉନସୁଗାର୍,ବେରହିମ୍ ପୁର ଛକ, ଜଗତସିଂହପୁର ରୁ ୧୧୦ ଗ୍ରାମ୍ ବ୍ରାଉନସୁଗାର୍,ତାଳପଡା ଛକ, ତିର୍ତ୍ତୋଲ ୧୧କିଗ୍ରା ୬୦୦ ଗ୍ରାମ ଗଞ୍ଜେଇ,ବାଉରିଆପାଳନ୍ଦା ଛକ ପାରାଦୀପରୁ ୧୮୦ ଗ୍ରାମ୍ ବ୍ରାଉନସୁଗାର୍ ସହ ଏକ ଦୁଇ ଚକିଆ ଯାନ, ସିର୍ଙ୍ଗଟଳି ଛକ, ବାଲିକୁଦାରୁ ୫୫ଗ୍ରାମ୍ ବ୍ରାଉନସୁଗାର୍ ସହ ଏକ ଦୁଇ ଚକିଆ ଯାନ,ସାଇ ମନ୍ଦିର ଛକ, ଗୋପାଳସାଗର, ଜଗତସିଂହପୁର ୬୨ ଗ୍ରାମ୍ ବ୍ରାଉନସୁଗାର୍,ପାରାଦୀପଗଡ ବଜାର,ପାରାଦୀପରୁ ୧୨୦ ଗ୍ରାମ୍ ବ୍ରାଉନସୁଗାର୍ ଜବତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବମୋଟ ୭୨୬ ଗ୍ରାମ୍ ବ୍ରାଉନସୁଗାର୍ ଯାହାର ମୂଲ୍ୟ ପ୍ରାୟ ୭୨୬୦୦୦୦ ଟଙ୍କା, ଯାହା ଜଗତସିଂହପୁର ଜିଲ୍ଲାରେ ରେକର୍ଡ ସୃଷ୍ଟି କରିଛି। ଜିଲ୍ଲାରେ ଏତେ ପରିମାଣରେ ବ୍ରାଉନ ସୁଗାର ସରକାରୀ ଭାବେ ଜବତ ହୋଇଥିବା ବେଳେ ବେସରକାରୀ ଭାବେ ଏହାର ମାତ୍ର ଢେର ଅଧିକ।



ଜିଲ୍ଲାର ସହର ବଜାର କଥା ଛାଡ଼ନ୍ତୁ ଏବେ ଗାଁ ଗହଳିରେ ଏହି ନିଶା ମିଳୁଥିବାର କୁହାଯାଉଛି। ଏହାକୁ ସେବନ କରିବା ପାଇଁ ଯୁବପିଢ଼ି ଚୋରି ଡକାୟତି ଭଳି ଅପରାଧ ଘଟାଇବାକୁ ମଧ୍ୟ ପଛାଉ ନାହାନ୍ତି। ବିଶେଷକରି ଗାଁ ରେ ଥିବା ମନ୍ଦିର, ସ୍କୁଲ ବାଡ଼ି, ମସାଣି, ବରଗଛ ତଳେ, ଏହି ନିଶାକୁ ନେଇ ଯୁବ ପୀଢ଼ି ସେବନ କରୁଥିବା ବେଳେ ବନ୍ଦର ନଗରୀ ପାରାଦୀପ, ଏବଂ ଏହାର ଆଖ ପାଖ ଅଂଚଳ ବର୍ତ୍ତମାନ ନିଶାର ହବ ପାଲଟିଥିବା ଆଲୋଚନା ହେଉଛି। ଯଦି ଏଭଳି ଅବସ୍ଥା ଆଗକୁ ଲାଗିରହେ ତେବେ ଜିଲ୍ଲା ପାଇଁ ଆଗକୁ ଏହି ଧଳା ଜହର ଢେର ବିପଦ ସୃଷ୍ଟି କରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ। ତୁରନ୍ତ ଏକ ସ୍ୱତନ୍ତ୍ର ଟିମ କରି ଏହି ନିଶା କାରବାରକୁ ଜିଲ୍ଲାରୁ ମୂଳପୋଛ କରିବାକୁ ସାଧାରଣରେ ଦାବି ହେଉଛି।

## ଘର ଭିତରୁ କବାଟ ବନ୍ଦ କରି ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା

**ବାଲିଆପାଳ,୨୪।୮ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବସ୍ତା ତହସିଲ ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ହିମାଂଶୁ ପଣ୍ଡାଙ୍କ ଘର ଭଡା ନେଇ ବାଲିଆପାଳ ଥାନା ଅଧୀନ ହାସିମପୁର ଗ୍ରାମର ମନ୍ମଥ ଜେନାଙ୍କ ୪୦ ବର୍ଷର ପୁଅ ସନ୍ୟାସି ଜେନା ରହୁଥିଲେ। ସେହି ଘର ଉପରେ ରହୁଥିବା ଭଡା ଲୋକଙ୍କୁ ଆଜି ପଚା ଗନ୍ଧ ହେବାରୁ ଘର ମାଲିକଙ୍କୁ ଜଣାଇଥିଲେ। ଘର ମାଲିକ ସିଂଲା ଥାନାକୁ ଖବର ଦେଇଥିଲେ। ପରେ ସିଂଲା ଥାନା ଅଧିକାରୀ ଓ ବସ୍ତା ତହସିଲଦାର ପହଁଚିଥିଲେ ତହସିଲଦାର, ଥାନା ଅଧିକାରୀ, ମୃତ ବ୍ୟକ୍ତିଙ୍କ ସାନ ଭାଇ, ବାପା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗା ହେବା ପରେ ଝୁଲନ୍ତା ଅବସ୍ଥାରେ ସାନ୍ୟାସି ଜେନାଙ୍କ ମୃତ ଶରୀର ଦେଖିବାକୁ ମିଳିଥିଲା